# ଧରିତ୍ରୀ
DHARITRI

ସମ୍ବଲପୁର, ବୁଧବାର, ଅଗଷ୍ଟ ୨୯/୨୦୧୮ (୨୦ ପୃଷ୍ଠା) Sambalpur, Wednesday, August 29/ 2018 | ★★

୧୪ଶ ଭାଗ ୨୫୨ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୪/-



FIH HOCKEY INDIA ODISHA INDIA'S BEST KEPT SECRET.

ଓଡ଼ିଶାରେ ବିଶ୍ୱର ସର୍ବବୃହତ୍ ହକି
ଟୁର୍ଣ୍ଣାମେଣ୍ଟର ଆୟୋଜନ, ଆଉ ରହିଲା 90 ଦିନ।

ଷ୍ଟିକ୍ କହିବ କଥା। ଆଉ ଝୁମିବ ସାରା ଇଣ୍ଡିଆ।

Ab, Bas Hockey!

କାଉଣ୍ଟଡ଼ାଉନ୍ ଆରମ୍ଭ ହୋଇଯାଇଛି। ହକି କ୍ୟାଲେଣ୍ଡରରେ ସର୍ବବୃହତ୍ ଖେଳ **ଓଡ଼ିଶା ହକି ପୁରୁଷ ବିଶ୍ୱ କପ୍, ଭୁବନେଶ୍ୱର 2018** ଆରମ୍ଭ ହେବ ଏଠାରେ। ୧୬ଟି ଦେଶର ଖେଳାଳୀ ତାଙ୍କ ଷ୍ଟିକ୍‌ର ଯାଦୁକରୀ ପ୍ରଦର୍ଶନରେ ୩ ସପ୍ତାହ ଧରି ବାଂଧି ରଖିବେ। ଏବେ ଆସନ୍ତୁ, ଭାରତୀୟ ହକି ଟିମ୍‌କୁ ଆମ ଭଲପାଇବା ଏବଂ ପ୍ରେରଣାରେ ପ୍ରତି ମୁହୂର୍ତ୍ତରେ ଉତ୍ସାହିତ କରିବା। କାରଣ, ଭାରତକୁ ପୁଣି ଥରେ ବିଶ୍ୱ କପ୍ ବିଜେତା କରାଇବାର ଏହା ହିଁ ହେଉଛି ପ୍ରକୃଷ୍ଟ ସମୟ।

#AbBasHockey
28th Nov - 16th Dec

ODISHA INDIA'S BEST KEPT SECRET.

ODISHA HOCKEY MEN'S WORLD CUP BHUBANESWAR 2018

ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ
ମାନ୍ୟବର ମୁଖ୍ୟମନ୍ତ୍ରୀ, ଓଡ଼ିଶା

DSPL-138

BEATS FOR HOCKEY

କଣ ହକି ପାଇଁ ଆପଣଙ୍କର ହାର୍ଟ୍ ବିଟ୍ ହେଉଛି?
ଆପଣଙ୍କ ହାର୍ଟ୍‌ବିଟ୍‌ସକୁ ଏଥିରେ ଶେୟର୍ କରନ୍ତୁ /heartbeatsforhockey

29001/13/0014/1819

୨୦୧୯ ଲୋକ ସଭା ନିର୍ବାଚନରେ ଭାଜପା ପୂରା ସଫା ହୋଇଯିବ। କାହିଁକିନା ଗୈରିକ ଦଳର ପ୍ରଦର୍ଶନ ଏବେଠାରୁ ଜଣାପଡ଼ିଗଲାଣି। ତେବେ ଜାତୀୟ ନାଗରିକ ପଞ୍ଜୀକରଣ (ଏନ୍‌ଆରସି) ବ୍ୟବସ୍ଥା ପଶ୍ଚିମବଙ୍ଗରେ ଲାଗୁ କରିବାକୁ କେନ୍ଦ୍ରକୁ ଅନୁମତି ଦେବୁ ନାହିଁ।
-ମମତା ବାନାର୍ଜୀ, ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ



## ସଂକ୍ଷେପରେ

### ଉତ୍ତରାଧିକାରୀଙ୍କ ନାମ ସୁପାରିସ ପାଇଁ ସିଜେଆଇଙ୍କୁ ପରାମର୍ଶ

**ନୂଆଦିଲ୍ଲୀ, ୨୮।୮(ପି.ଟି.):** ସୁପ୍ରିମକୋର୍ଟ ପ୍ରଧାନ ବିଚାରପତି (ସିଜେଆଇ) ଦୀପକ ମିଶ୍ରଙ୍କ କାର୍ଯ୍ୟକାଳ ଅକ୍ଟୋବର ୨ରେ ଶେଷ ହେବାକୁ ଯାଉଛି। ଏବେଠାରୁ ତାଙ୍କୁ ଉତ୍ତରାଧିକାରୀ ଚୟନ କରିବା ଲାଗି କେନ୍ଦ୍ର ସରକାର କହିଛନ୍ତି। ନୂଆ ସିଜେଆଇଙ୍କ ନାମ ସୁପାରିସ କରିବା ଲାଗି ଜଷ୍ଟିସ୍ ମିଶ୍ରଙ୍କୁ କେନ୍ଦ୍ର ଆଇନମନ୍ତ୍ରୀ ରବିଶଙ୍କର ପ୍ରସାଦ କହିଥିବା ଜଣାପଡ଼ିଛି। ମିଳିଥିବା ସୂଚନା ମୁତାବକ ଏନେଇ ଜଷ୍ଟିସ୍ ମିଶ୍ରଙ୍କ ପାଖକୁ ନିକଟରେ ଏକ ପତ୍ର ପଠାଯାଇଛି। ଉଚ୍ଚ ନ୍ୟାୟାଳୟରେ ନିଯୁକ୍ତି ପ୍ରକ୍ରିୟା ପରିଚାଳନା ନିମିତ୍ତ ଥିବା ମେମୋରେଣ୍ଡମ୍ ଅଫ୍ ପ୍ରୋସିଜ୍ୟର୍ ଅନୁଯାୟୀ ସୁପ୍ରିମକୋର୍ଟର ବରିଷ୍ଠତମ ବିଚାରପତି ସିଜେଆଇ ହୋଇପାରିବେ। ଏବେ ସୁଦ୍ଧା ସିଜେଆଇ ମିଶ୍ରଙ୍କ ପରେ ସର୍ବୋଚ୍ଚ ଅଦାଲତର ବରିଷ୍ଠତମ ବିଚାରପତି ହେଲେ ଜଷ୍ଟିସ୍ ରଞ୍ଜନ ଗୋଗୋଇ। ତେଣୁ ତାଙ୍କ ନାମ ସୁପାରିସ ହୋଇପାରେ ବୋଲି ଚର୍ଚ୍ଚା ଜୋର୍ ଧରିଛି।

### ଇତିହାସର ଆଇନାରେ

**ଅଗଷ୍ଟ ୨୯ର ପ୍ରମୁଖ ଘଟଣା**

୧୯୪୪ ଅଗଷ୍ଟ ୨୯ରେ ନାଜି ବିରୋଧରେ ଜାତୀୟ ବିଦ୍ରୋହ ଆରମ୍ଭ ହୋଇଥିଲା। ବନ୍‌ସ୍କା ବିସ୍ତ୍ରିକାଠାରୁ ଏହି ବିଦ୍ରୋହ ଆରମ୍ଭ ହୋଇଥିଲା ଏବଂ ସ୍ଲୋଭାକ୍ ରାଜ୍ୟ ଯୋଜେଫ୍ ଟିସୋ ଦଖଲ କରିବା ଥିଲା ମୁଖ୍ୟ ଉଦ୍ଦେଶ୍ୟ। ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ଏହା ଥିଲା ନାଜି ବିପକ୍ଷରେ ସ୍ଲୋଭାକ୍ ନାଗରିକଙ୍କ ସଶସ୍ତ୍ର ବିଦ୍ରୋହ।

୨୦୦୫ ଅଗଷ୍ଟ ୨୯ରେ ଆମେରିକା ଉପସାଗର ଉପକୂଳରେ ସାମୁଦ୍ରିକ ଝଡ଼ କ୍ୟାଟ୍ରିନାର ତାଣ୍ଡବ ଦେଖିବାକୁ ମିଳିଥିଲା। ସମଗ୍ର ଲୁଇଜିଆନାଠାରୁ ଫ୍ଲୋରିଡା ପାନହାଣ୍ଡେଲ ପର୍ଯ୍ୟନ୍ତ ଉପକୂଳ ଅଞ୍ଚଳ ଛାରଖାର ହୋଇଯାଇଥିଲା।

## ରାଫେଲ୍ ଯୁଦ୍ଧବିମାନକୁ ନେଇ କଂଗ୍ରେସର ସାନି ଆକ୍ରମଣ

# ମୋଦି-ଅମ୍ବାନୀ ପ୍ରତ୍ୟକ୍ଷ ଚୁକ୍ତି

**ନୂଆଦିଲ୍ଲୀ, ୨୮।୮(ପି.ଟି.)**

**ପ୍ରଧାନମନ୍ତ୍ରୀ ମଧ୍ୟଯୁଗୀୟ ଶାସକଙ୍କ ଭଳି କାର୍ଯ୍ୟ କରୁଛନ୍ତି**

ରାଫେଲ୍ ଚୁକ୍ତିକୁ ନେଇ ପୁଣି ସରଗରମ ହୋଇଛି ଜାତୀୟ ରାଜନୀତି। ଯୁଦ୍ଧବିମାନ କ୍ରୟ ଲାଗି ଫ୍ରାନ୍ସ ସହ ଚୁକ୍ତି କରିବାବେଳେ ବ୍ୟାପକ ଦୁର୍ନୀତି ହୋଇଥିବା ଅଭିଯୋଗ ଆଣି ମଙ୍ଗଳବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ଶିଳ୍ପପତି ଅନିଲ ଅମ୍ବାନୀଙ୍କୁ ଆକ୍ରମଣ କରିଛି ବିରୋଧୀ କଂଗ୍ରେସ। ମୋଦି ଏବଂ ଅମ୍ବାନୀଙ୍କ ମଧ୍ୟରେ ପ୍ରତ୍ୟକ୍ଷ ଚୁକ୍ତି ହୋଇଛି। ପ୍ରଧାନମନ୍ତ୍ରୀ ବିଧିବଦ୍ଧ ନିୟମ ପାଳନ ନ କରି ମଧ୍ୟଯୁଗୀୟ ଶାସକଙ୍କ ଭଳି ମନମୁଖୀ ଭାବେ ରାଫେଲ୍ ଚୁକ୍ତି କରିଛନ୍ତି ବୋଲି କଂଗ୍ରେସ କହିଛି।

ଯୁଦ୍ଧବିମାନ ଚୁକ୍ତିରେ ଦୁର୍ନୀତି ଗନ୍ଧ ବାରି ସାନି ସ୍ୱର ଉଠାଇବା ସହ କଂଗ୍ରେସ କହିଛି ଯେ, ଦଳ ଆଣୁଥିବା ଅଭିଯୋଗରେ ସତ୍ୟତା ରହିଛି। ଯଦି ସତ୍‌ସାହସ ଅଛି କେନ୍ଦ୍ର ସରକାର କୋର୍ଟକୁ ଯାଇ ଅଭିଯୋଗ ମିଛ ବୋଲି ପ୍ରମାଣ କରିଦିଅନ୍ତୁ। ଖାଲି ସେତିକି ନୁହେଁ, ରାଫେଲ୍ ଚୁକ୍ତି ସମ୍ପର୍କରେ ସରକାର ତଥ୍ୟ ଲୁଚାଉଛନ୍ତି। ଏସବୁକୁ ପ୍ରଘଟ କରିବା ଲାଗି ସରକାରଙ୍କୁ ଏକପ୍ରକାର ବାଧ୍ୟ କରିଦିଆଯିବ। କିନ୍ତୁ ସରକାର ଅଭିଯୋଗକୁ ଖଣ୍ଡନ କରିଛନ୍ତି। ସେହିପରି କଂଗ୍ରେସର ଅନେକ ନେତା ବିବାଦୀୟ ମନ୍ତବ୍ୟ ଦେଇଥିବାରୁ ରାଲାଏନ୍ସ ଗ୍ରୁପ୍ ମୁଖ୍ୟ ଅନିଲ ଅମ୍ବାନୀ ସେମାନଙ୍କୁ ନୋଟିସ ପଠାଇ ପାଟି ବନ୍ଦ କରିବାକୁ କହିଛନ୍ତି। ମିଥ୍ୟା ତଥା ମାନହାନିଜନକ କଥାରୁ ବିରତ ନ ରହିଲେ ଆଇନଗତ କାର୍ଯ୍ୟାନୁଷ୍ଠାନର ସାମ୍ନା କରିବେ ବୋଲି କଂଗ୍ରେସ ନେତାଙ୍କୁ ଅମ୍ବାନୀ ଚେତାବନୀ ଦେଇଛନ୍ତି।

ଅନେକ ଦୁର୍ନୀତି ସାମ୍ନାକୁ ଆସିବା ପରେ ୨୦୧୪ରେ ଧରାଶାୟୀ ହୋଇଥିଲା କଂଗ୍ରେସ ନେତୃତ୍ୱାଧୀନ ଉପା। ଏହାପରେ ଭାଜପା ନେତୃତ୍ୱାଧୀନ ଏନ୍‌ଡିଏ ଶାସନ ମଙ୍ଗ ଧରିଲା। ଚାରିବର୍ଷରୁ ଊର୍ଦ୍ଧ୍ୱ ବିତିଯାଇଥିଲେ ସୁଦ୍ଧା ମୋଦି ସରକାର ସେଭଳି କୌଣସି ଦୁର୍ନୀତି ମାମଲା ପାଇଁ ଅଡୁଆରେ ପଡ଼ି ନାହାନ୍ତି। ଆଗକୁ ୨୦୧୯ ନିର୍ବାଚନ ଆସୁଥିବାରୁ କଂଗ୍ରେସ ରାଫେଲ ଯୁଦ୍ଧବିମାନ କିଣାରେ ଦୁର୍ନୀତି ହୋଇଥିବା ଦର୍ଶାଇ ବାରମ୍ବାର କେନ୍ଦ୍ରକୁ ଟାର୍ଗେଟ କରୁଛି। ସଦ୍ୟ ଆକ୍ରମଣ କରି କଂଗ୍ରେସ ମୁଖପାତ୍ର ଜୟପାଲ ରେଡ୍ଡୀ କହିଛନ୍ତି ଯେ, ନିଜ ଶିଳ୍ପପତି ବନ୍ଧୁଙ୍କୁ ଫାଇଦା ଦେବା ପାଇଁ ପ୍ରଧାନମନ୍ତ୍ରୀ ରାଫେଲ୍ ଚୁକ୍ତିରେ ନିୟମ ଉଲ୍ଲଂଘନ କରିଛନ୍ତି। ଚୁକ୍ତି ବାବଦରେ ମୋଦିଙ୍କ ବାଦ୍ ଅମ୍ବାନୀଙ୍କୁ ହିଁ ଜଣା। ସପ୍ତଦଶ ଶତାବ୍ଦୀର ଫ୍ରାନ୍ସର ଏକଚ୍ଛତ୍ରବାଦୀ ଶାସକ ଲୁଇସ୍ ଚତୁର୍ଦ୍ଦଶଙ୍କ ସହିତ ସେ ପ୍ରଧାନମନ୍ତ୍ରୀଙ୍କୁ ତୁଳନା କରିଛନ୍ତି। ଦାସଲ୍ଟ କମ୍ପାନୀ ତୁଳନାରେ ୨୦ ପ୍ରତିଶତ କମ୍ ମୂଲ୍ୟରେ ରାଫେଲ୍ ଯୁଦ୍ଧବିମାନ ଯୋଗାଇଦେବା ଲାଗି ୨୦୧୫ ଜୁଲାଇ ୧୪ରେ ୟୁରୋ ଫାଇଟର୍ସ କମ୍ପାନୀ କେନ୍ଦ୍ରକୁ ଚିଠି ଲେଖିଥିଲା। କିନ୍ତୁ ସରକାର ଏହା ଉପରେ ଥରେ ଚିନ୍ତା ମଧ୍ୟ କଲେ ନାହିଁ ବୋଲି ରେଡ୍ଡୀ କହିଛନ୍ତି।

## ଅପରାଧ ସହ ଜଡ଼ିତ ଆଇନପ୍ରଣେତାଙ୍କୁ ଅଯୋଗ୍ୟ ଘୋଷଣା

# ସୁପ୍ରିମକୋର୍ଟରେ ରାୟ ସଂରକ୍ଷିତ

**ନୂଆଦିଲ୍ଲୀ, ୨୮।୮(ପି.ଟି.)**

ଆପରାଧିକ ମାମଲାରେ ଅଭିଯୁକ୍ତ ଥିବା ଏମ୍‌ପି ଓ ଏମ୍‌ଏଲଏଙ୍କୁ ଦୋଷୀ ସାବ୍ୟସ୍ତ ହେବା ପୂର୍ବରୁ ଅଯୋଗ୍ୟ ଘୋଷଣା କରାଯାଉ ବୋଲି ଦାବି ହେଉଛି। ଏ ସଂକ୍ରାନ୍ତରେ ସୁପ୍ରିମକୋର୍ଟରେ ଏକାଧିକ ପିଟିଶନ ଦାଏର ହୋଇଛି। ମଙ୍ଗଳବାର ଏସବୁର ଶୁଣାଣି ଶେଷ କରି ଦାଗୀ ଆଇନପ୍ରଣେତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେଇ ରାୟ ସଂରକ୍ଷିତ ରଖିଛନ୍ତି ସର୍ବୋଚ୍ଚ ଅଦାଲତ।

ନିର୍ବାଚନ କମିଶନ (ଇସି) ଏବଂ କେନ୍ଦ୍ର ସରକାରଙ୍କ ଯୁକ୍ତି ଶୁଣିବା ପରେ ପ୍ରଧାନ ବିଚାରପତି ଦୀପକ ମିଶ୍ର ଅଧ୍ୟକ୍ଷତା କରୁଥିବା ପାଞ୍ଚଜଣିଆ ସାମ୍ବିଧାନିକ ଖଣ୍ଡପୀଠ ଏ ମାମଲାରେ ରାୟ ସଂରକ୍ଷିତ ରଖିଛନ୍ତି। ରାଜନୈତିକ ବ୍ୟବସ୍ଥାକୁ ସ୍ୱଚ୍ଛ କରିବା ପାଇଁ ସୁପ୍ରିମକୋର୍ଟଙ୍କ ଆଭିମୁଖ୍ୟକୁ କେନ୍ଦ୍ର ପକ୍ଷରୁ ମାମଲା ପରିଚାଳନା କରୁଥିବା ଆଟର୍ନି ଜେନେରାଲ (ଏଜି) କେ.କେ. ବେଣୁଗୋପାଳ ପ୍ରଶଂସା କରିଛନ୍ତି। ଆଇନପ୍ରଣୟନ କ୍ଷେତ୍ରରେ ନ୍ୟାୟପାଳିକା ପ୍ରବେଶ କରିପାରିବ ନାହିଁ ବୋଲି ଖଣ୍ଡପୀଠଙ୍କୁ ସେ କହିଛନ୍ତି।

# ଷ୍ଟାଲିନ୍ ଡିଏମ୍‌କେ ସଭାପତି ନିର୍ବାଚିତ

**ଚେନ୍ନାଇ,୨୮।୮(ପି.ଟି.)**

**ପ୍ରଥମ ଉଦ୍‌ବୋଧନରେ ମୋଦି ସରକାରଙ୍କୁ ଟାର୍ଗେଟ**

ନିର୍ଦ୍ୱନ୍ଦ୍ୱରେ ଡିଏମ୍‌କେ ସଭାପତି ନିର୍ବାଚିତ ହେଲେ ଦଳର କାର୍ଯ୍ୟକାରୀ ସଭାପତି ଏମ୍.କେ. ଷ୍ଟାଲିନ୍। ପିତା ଏମ୍. କରୁଣାନିଧିଙ୍କ ପରଲୋକ ପରେ ତାମିଲନାଡୁ ବିଧାନସଭାର ମୁଖ୍ୟ ବିରୋଧୀ ଦଳର ସର୍ବେସର୍ବା ପାଲଟିଛନ୍ତି ଷ୍ଟାଲିନ୍। ଦୀର୍ଘ ୫ ଦଶନ୍ଧି ଧରି ଡିଏମ୍‌କେ ମଙ୍ଗ କରୁଣାନିଧିଙ୍କ ହାତରେ ଥିଲା। ମଙ୍ଗଳବାର ଏଠାରେ ଅନୁଷ୍ଠିତ ଡିଏମ୍‌କେ ସାଧାରଣ ପରିଷଦ ବୈଠକରେ ଷ୍ଟାଲିନ୍‌ଙ୍କୁ ସର୍ବସମ୍ମତିକ୍ରମେ ଦଳର ସଭାପତି ଭାବେ ପଦୋନ୍ନତି ମିଳିଛି। ଷ୍ଟାଲିନ୍‌ଙ୍କ ନିର୍ବାଚନ ପରେ ଦଳର କାର୍ଯ୍ୟକାରୀ ସଭାପତି ପଦକୁ ମଧ୍ୟ ଉଚ୍ଛେଦ କରିଦିଆଯାଇଛି।। 'ଥଲାପାଥି'ଙ୍କ ପଦୋନ୍ନତି ପରେ ଦଳୀୟ ନେତା ଓ କର୍ମୀଙ୍କ ମଧ୍ୟରେ ଅଭିନବ ଉତ୍ସାହ ଦେଖିବାକୁ ମିଳିଥିଲା। ଦଳରେ ଆଉ ଏକ ସୂର୍ଯ୍ୟୋଦୟ ଘଟିଥିବା ପ୍ରକାଶ ପାଇଛି। ଷ୍ଟାଲିନ୍‌ଙ୍କ ନିଯୁକ୍ତିକୁ ନେଇ ବିଦ୍ରୋହ ମୁଦ୍ରାକୁ ଚାଲି ଆସିଛନ୍ତି ବଡ଼ଭାଇ ଏମ୍.କେ. ଆଲାଗିରି। ଭାଇ-ଭାଇ ସମ୍ଭାବ୍ୟ କଳିର ସମାଧାନ ପାଇଁ ଜୀବଦ୍ଦଶାରେ ସାନପୁଅ ଷ୍ଟାଲିନ୍‌ଙ୍କୁ ଦଳର କାର୍ଯ୍ୟକାରୀ ସଭାପତି ନିଯୁକ୍ତ କରି ନିଜର ଉତ୍ତରାଧିକାରୀ ଘୋଷଣା କରିଥିଲେ କରୁଣାନିଧି। ପ୍ରକାଶ ଯେ, ଅଗଷ୍ଟ ୭ରେ କରୁଣାନିଧିଙ୍କ ପରଲୋକ ପରେ ଆଲାଗିରି ନିଜକୁ ପ୍ରକୃତ ଉତ୍ତରାଧିକାରୀ ବୋଲି ଦାବି କରୁଥିଲେ। ପୂର୍ବତନ କେନ୍ଦ୍ରମନ୍ତ୍ରୀ ଆଲାଗିରିଙ୍କୁ ୨୦୧୪ରେ ନିଜେ କରୁଣାନିଧି ଦଳରୁ ନିଲମ୍ବନ କରିଥିଲେ। 'କଲାଇଗ୍‌ନାର' (କରୁଣାନିଧି) ଏବେ ଦଳରେ ନାହାନ୍ତି ଏବଂ ତାଙ୍କୁ ଦଳରେ ସାମିଲ କରାଯାଉ ବୋଲି ସେ ଦାବି କରୁଛନ୍ତି। ଯଦି ତାଙ୍କୁ ପୁଣିଥରେ ଦଳରେ ସାମିଲ କରା ନ ଯାଏ, ତା'ହେଲେ ଡିଏମ୍‌କେ ଏହାର ପରିଣାମ ଭୋଗିବ ବୋଲି ସେ ସୋମବାର ଧମକ ଦେଇଥିଲେ। ଡିଏମ୍‌କେ ସଭାପତି ନିର୍ବାଚିତ ହେବା ପରେ ଦଳୀୟ ନେତା ଓ କର୍ମୀଙ୍କୁ ଉଦ୍‌ବୋଧନ ଦେଇ ଷ୍ଟାଲିନ୍ ଭାଜପାକୁ ଟାର୍ଗେଟ୍ କରିଛନ୍ତି। ଭାଜପା ନେତୃତ୍ୱାଧୀନ ଏନ୍‌ଡିଏ ସରକାରଙ୍କୁ ଉଚିତ ଶିକ୍ଷାଦେବା ଲାଗି ଆହ୍ୱାନ ଦେଇଛନ୍ତି। ସରକାର ଦେଶର ଧ୍ରୁବୀକରଣ କରୁଥିବା ସେ ଅଭିଯୋଗ ଆଣିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସରକାର ଦେଶକୁ ଗୈରିକ ରଙ୍ଗରେ ରଙ୍ଗିବାକୁ ଉଦ୍ୟମ କରୁଥିବା ସେ କହିଛନ୍ତି। ୨୦୧୯ ନିର୍ବାଚନ ପାଇଁ ଡିଏମ୍‌କେ ଏବଂ ଭାଜପା ମଧ୍ୟରେ ଘନିଷ୍ଠତା ବଢ଼ିବାରେ ଲାଗିଛି ବୋଲି ହେଉଥିବା ଚର୍ଚ୍ଚାକୁ ମଧ୍ୟ ଖଣ୍ଡନ କରିଛନ୍ତି ଷ୍ଟାଲିନ୍। ସେହିପରି ତାମିଲନାଡୁର ଜରାଜୀର୍ଣ୍ଣ ଏଆଇଏଡିଏମ୍‌କେ ସରକାରଙ୍କୁ ଫିଙ୍ଗି ଫୋପାଡ଼ିବାର ବେଳ ଆସିଛି ବୋଲି ଷ୍ଟାଲିନ୍ କହିଛନ୍ତି।

ସେ ଆହୁରି କହିଛନ୍ତି, ଡିଏମ୍‌କେ ସଭାପତି ହେବେ ବୋଲି ସେ କେବେ ଚିନ୍ତା କରି ନ ଥିଲେ। ଦଳର ପ୍ରତିଟି ସଦସ୍ୟ ସମାନ ବୋଲି ସେ ବିଶ୍ୱାସ କରନ୍ତି। ଭବିଷ୍ୟତରେ ସେ ନିଜେ ଯଦି କିଛି ଭୁଲ କରନ୍ତି, ତା'ହେଲେ ତୁରନ୍ତ ସେ ବିଷୟରେ ସତର୍କ କରିବା ଲାଗି ଦଳୀୟ ନେତା ଓ କର୍ମୀଙ୍କୁ 'ଥଲାପାଥି' ନିବେଦନ କରିଛନ୍ତି। ସଭାପତି ନିର୍ବାଚିତ ହେବା ପରେ ଷ୍ଟାଲିନ୍‌ଙ୍କ ନିକଟକୁ ଛୁଟିଛି ଚାରିଆଡୁ ଅଭିନନ୍ଦନର ସୁଅ। କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ, ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ, ବିଏସ୍‌ପି ସୁପ୍ରିମୋ ମାୟାବତୀ, ଏମ୍‌ଡିଏମ୍‌କେ ପ୍ରତିଷ୍ଠାତା ଭାଇକୋଙ୍କ ସମେତ ବହୁ ବିଶିଷ୍ଟବ୍ୟକ୍ତି ଶୁଭେଚ୍ଛା ଜଣାଇଛନ୍ତି।

## ଫୁର୍‌ସତ

# ୨୦୨୨ରେ ଭାରତ ପଠାଇବ 'ଗଗନଯାନ'

**ନୂଆଦିଲ୍ଲୀ**

୨୦୨୨ରେ ଭାରତ ପ୍ରଥମକରି ମାନବଯୁକ୍ତ ମହାକାଶଯାନ-'ଗଗନଯାନ' ମହାକାଶକୁ ପଠାଇବ। ଏଥିରେ ଜଣେ ମହିଳାଙ୍କ ସମେତ ଦୁଇ ପୁରୁଷ ମହାକାଶକୁ ଯିବେ। ଉକ୍ତ ସ୍ପେସ୍‌କ୍ରାଫ୍ଟକୁ ପୃଥିବୀର କକ୍ଷପଥଠାରୁ ୩୦୦ରୁ ୪୦୦କିଲୋମିଟର ତଳେ ଅବସ୍ଥାନ କରାଯିବ। ଏଠାରେ ଏକ ଖବରଦାତା ସମ୍ମିଳନୀରେ ବିସ୍ତୃତ ବିବରଣୀ ଦେଇ ଆଣବିକ ଶକ୍ତି ଓ ମହାକାଶ ଗବେଷଣା ରାଷ୍ଟ୍ରମନ୍ତ୍ରୀ ଜିତେନ୍ଦ୍ର ସିଂ କହିଲେ, ଜିଏସ୍‌ଏଲ୍‌ଭି ଏମ୍‌କେ-୩ ରକେଟ୍ ଦ୍ୱାରା ଗଗନଯାନ ମହାକାଶକୁ ଛଡାଯିବ। ତେବେ ମହାକାଶକୁ ମାନବ ପଠାଇବା ପୂର୍ବରୁ ଦୁଇଟି ମାନବବିହୀନ ମହାକାଶଯାନ ପରୀକ୍ଷାମୂଳକ ଭାବରେ ପ୍ରେରଣ କରାଯିବ। 'ଇସ୍ରୋ' କାର୍ଯ୍ୟସୂଚୀ ଅନୁଯାୟୀ, ୨୦୧୮ ଅଗଷ୍ଟରୁ ଆରମ୍ଭ କରି ୩୦ ଓ ୩୬ ମାସ ମଧ୍ୟରେ ଯଥାକ୍ରମେ ପ୍ରଥମ ଓ ଦ୍ୱିତୀୟ ମାନବବିହୀନ ସ୍ପେସ୍‌କ୍ରାଫ୍ଟ ମହାକାଶକୁ ପଠାଯିବ। ତୃତୀୟ ତଥା ମାନବଯୁକ୍ତ ମହାକାଶଯାନ ୪୦ମାସ ମଧ୍ୟରେ ଅର୍ଥାତ୍ ୨୦୨୧ ଡିସେମ୍ବର ଅଥବା ୨୦୨୨ ଜାନୁୟାରୀରେ ପ୍ରେରଣ କରାଯିବ। ଉଭୟ ସର୍ଭିସ ମଡ୍ୟୁଲ୍ ଏବଂ କ୍ରିଉ ମଡ୍ୟୁଲ୍‌କୁ ନେଇ ଗଠିତ ଗଗନଯାନର ଓଜନ ୭ ଟନ୍। ୩ ମାନବ ଧାରଣ କରୁଥିବା କ୍ରିଉ ମଡେଲ୍‌ର ବ୍ୟାସ ୩.୭ ମିଟର ଏବଂ ଉଚ୍ଚତା ୭ ମିଟର।

ଏହି କାର୍ଯ୍ୟକ୍ରମ ପାଇଁ ପାଖାପାଖି ୧୦,୦୦୦କୋଟି ଟଙ୍କା ବ୍ୟୟ ହେବ ବୋଲି ସିଂ ପ୍ରକାଶ କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସ୍ୱାଧୀନତା ଦିବସରେ ଉଦ୍‌ବୋଧନ ଦେବା ବେଳେ ଗଗନଯାନ ମିଶନ୍ ବିଷୟରେ ଘୋଷଣା କରିଥିଲେ। ୨୦୨୨ କିମ୍ବା ତା' ପୂର୍ବରୁ କେତେକ ତରୁଣ ଭାରତୀୟ ମହାକାଶରେ ତ୍ରିରଙ୍ଗା ଉଡାଇବେ ବୋଲି ସେ ପ୍ରକାଶ କରିଥିଲେ। ଏଭଳି ଏକ ବ୍ୟୟବହୁଳ କାର୍ଯ୍ୟକ୍ରମ ପାଇଁ ଭାରତ ପ୍ରୟାସ କରିଥିବାରୁ ଏଥିରେ ଇସ୍ରୋ ସମେତ କେତେକ ସରକାରୀ ଏବଂ ବେସରକାରୀ ସଂସ୍ଥା ଅଂଶୀଦାର ରହିବେ। ଏହାଦ୍ୱାରା ଭାରତ ମହାକାଶକୁ ମାନବ ପଠାଇବା କ୍ଷେତ୍ରରେ ବିଶ୍ୱରେ ଚତୁର୍ଥ ରାଷ୍ଟ୍ରରେ ପରିଗଣିତ ହୋଇପାରିବ। ଉକ୍ତ କାର୍ଯ୍ୟକ୍ରମକୁ ଆଗେଇ ନେବା ପାଇଁ ଇସ୍ରୋ କେତେକ ବନ୍ଧୁରାଷ୍ଟ୍ରର ମହାକାଶ ଗବେଷଣା ସଂସ୍ଥାର ସହଯୋଗ ନେବାକୁ ବିଚାର କରୁଛି। ୨୦୦୪ ଠାରୁ ଉକ୍ତ ପ୍ରକଳ୍ପ ଉପରେ କାର୍ଯ୍ୟ ଚାଲିଛି ଏବଂ ୨୦୨୨ରେ ୭୫ତମ ସ୍ୱାଧୀନତା ଦିବସ ପୂର୍ବରୁ ଏହା ସମ୍ପୂର୍ଣ୍ଣ ହୋଇଯିବ ବୋଲି ଇସ୍ରୋ ଅଧ୍ୟକ୍ଷ କେ. ଶିବନ୍ ଆଶାପ୍ରକାଶ କରିଛନ୍ତି।

## କେମିତି ରହିବ ଆଜିର ପାଗ

**ରାଜ୍ୟ**–ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ଅଧିକାଂଶ ସ୍ଥାନରେ ଘଡ଼ଘଡ଼ି ସହ ବର୍ଷା ହେବାର ସମ୍ଭାବନା ରହିଛି।

**ସ୍ଥାନୀୟ ଅଞ୍ଚଳ**– ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆକାଶ ମେଘାଚ୍ଛନ୍ନ ରହିବ। ଘଡ଼ଘଡ଼ି ସହ ବର୍ଷା ମଧ୍ୟ ହୋଇପାରେ। ବୁଧବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୨ ଡିଗ୍ରୀ ଏବଂ ସର୍ବନିମ୍ନ ୨୬ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ପୂର୍ବାନୁମାନ କରାଯାଇଛି। ମଙ୍ଗଳବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୨.୨ | ୨୪.୫ |
| ଚାନ୍ଦବାଲି | ୩୧.୬ | ୨୫.୩ |
| କଟକ | ୩୨.୨ | ୨୪.୨ |
| ପାରାଦ୍ୱୀପ | ୩୦.୧ | ୨୬.୨ |
| ଭୁବନେଶ୍ୱର | ୩୧.୪ | ୨୫.୫ |
| ଗୋପାଳପୁର | ୩୨.୫ | ୨୫.୮ |
| ପୁରୀ | ୩୧.୮ | ୨୫.୦ |
| ଅନୁଗୋଳ | ୩୦.୬ | ୨୩.୦ |
| ବାରିପଦା | ୩୧.୮ | ୨୬.୬ |
| ଝାରସୁଗୁଡ଼ା | ୨୮.୦ | ୨୪.୮ |
| କେନ୍ଦୁଝର | ୩୦.୯ | ୨୪.୬ |
| ସମ୍ବଲପୁର | ୨୮.୬ | ୨୨.୩ |
| ସୁନ୍ଦରଗଡ଼ | --- | ୧୮.୦ |
| ହୀରାକୁଦ | ୨୯.୩ | ୨୩.୪ |
| ତାଲଚେର | ୩୧.୧ | ୨୫.୦ |
| ଭବାନୀପାଟଣା | --- | ୨୩.୪ |
| ବଲାଙ୍ଗୀର | ୨୯.୫ | 

# ଧରିତ୍ରୀ
DHARITRI

ସମ୍ବଲପୁର, ବୁଧବାର, ଅଗଷ୍ଟ ୨୯/୨୦୧୮ Sambalpur, Wednesday, August 29/ 2018

## ମୁଦ୍ରାକୁ ଖସିବାକୁ ଦିଆଯାଉ

ଭାରତୀୟ ମୁଦ୍ରା ଯେଉଁ ସ୍ତର ପର୍ଯ୍ୟନ୍ତ ଖସୁଛି ତାହାକୁ ଖସିବାକୁ ଦିଆଯାଉ ବୋଲି ନୀତି ଆୟୋଗ ଉପାଧ୍ୟକ୍ଷ ରାଜୀବ କୁମାର ମତ ଦେଇଛନ୍ତି।

**୧୫**

**୧୬**

## ମହିଳା ୨୦୦ ମିଟର ଫାଇନାଲରେ ଦୁତୀ

ଜାକର୍ତ୍ତାରେ ଚାଲିଥିବା ଏସିଆନ ଗେମ୍ସର ମହିଳା ୨୦୦ ମିଟର ରେସ୍ ଫାଇନାଲରେ ପ୍ରବେଶ କରିଛନ୍ତି ଓଡ଼ିଶାର ଦୁତୀ ଚାନ୍ଦ।

Govinda Poddar
Sports Personality

# ସିନ୍ଧୁ, ମନଜିତ୍‌ଙ୍କ ଐତିହାସିକ ସଫଳତା

ଜାକର୍ତ୍ତା,୨୮।୮ (ପି.ଟି.)

ଏସିଆନ ଗେମ୍ସର ଦଶମ ଦିବସରେ ଭାରତୀୟ ଖେଳାଳିମାନେ ଆଶାନୁରୂପ ପ୍ରଦର୍ଶନ କରିଛନ୍ତି। ତାରକା ପୁରୁଷ ଧାବକ ମନଜିତ ସିଂ ୮୦୦ମିଟର ଦୌଡ଼ ସ୍ୱର୍ଣ୍ଣ ଓ ପି.ଭି. ସିନ୍ଧୁ ମହିଳା ସିଙ୍ଗଲ୍ସ ଇଭେଣ୍ଟରେ ରୌପ୍ୟ ପଦକ ହାସଲ କରି ଇତିହାସ ସୃଷ୍ଟି କରିଛନ୍ତି।

**ଏସିଆନ ଗେମ୍ସ**

୨୮ ବର୍ଷୀୟ ମନଜିତ୍ ବ୍ୟକ୍ତିଗତ ଶ୍ରେଷ୍ଠ ପ୍ରଦର୍ଶନ କରି ୧ ମିନିଟ୍ ଓ ୪୬. ୧୫ ସେକେଣ୍ଡ ସମୟ ନେବା ସହ ପ୍ରଥମସ୍ଥାନ ଅଧିକାର କରିଥିଲେ। ପ୍ରଥମଥର ପାଇଁ ସେ କୌଣସି ମେଜର ଆନ୍ତର୍ଜାତିକ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଏହି ରେସ୍‌ରେ ମନଜିତ୍ ଆଦୌ ଫେଭରାଇଟ ବିବେଚିତ ହେଉ ନ ଥିଲେ ମଧ୍ୟ ସମସ୍ତଙ୍କୁ ଚକ୍‌ମା ଦେଇ ବାଜି ମାରିଛନ୍ତି। ଦୀର୍ଘ ୩୬ ବର୍ଷପରେ କୌଣସି ଭାରତୀୟ ଧାବକ ୮୦୦ ମିଟର ରେସ୍‌ରେ ଏସିଆନ ଗେମ୍ସ ସ୍ୱର୍ଣ୍ଣ ପଦକ ହାସଲ କରିବାକୁ ସକ୍ଷମ ହୋଇଛନ୍ତି। ପୂର୍ବରୁ ୧୯୮୨ରେ ଚାର୍ଲ୍ସ ବୋରୋମେଓ ଏହି ଇଭେଣ୍ଟରେ ଭାରତ ଲାଗି ଶେଷଥର ସ୍ୱର୍ଣ୍ଣିମ ସଫଳତା ହାସଲ କରିଥିଲେ। କୋଚ୍ ଅମରୀଶ କୁମାରଙ୍କଠାରୁ ପ୍ରଶିକ୍ଷଣ ନେଇଥିବା ଓ ଚାକିରି ପାଇଁ ସଂଘର୍ଷ କରୁଥିବା ମନଜିତ୍ ଏହି କ୍ରମରେ ଚଳିତବର୍ଷ ଗୁଆହାଟୀରେ ହାସଲ କରିଥିବା ତାଙ୍କ ବ୍ୟକ୍ତିଗତ ଶ୍ରେଷ୍ଠ ପ୍ରଦର୍ଶନରେ ଉନ୍ନତି ଆଣିଛନ୍ତି। ଇଭେଣ୍ଟ ପୂର୍ବରୁ ପ୍ରସ୍ତୁତି ଭଲ କରିଥିଲି ଓ ଫାଇନାଲରେ ଆଶାନୁରୂପ ପ୍ରଦର୍ଶନ କରିବାରେ ସକ୍ଷମ ହୋଇଥିଲି ବୋଲି ମନଜିତ କହିଛନ୍ତି। ☞ପୃଷ୍ଠା–୨

# ମହାନଦୀରେ ଆସୁଛି ବନ୍ୟା



- ହୀରାକୁଦ ଡ୍ୟାମ୍‌ର ୨୫ ଗେଟ୍ ଖୋଲିଲା
- ମୁଣ୍ଡଳିରେ ପ୍ରବାହିତ ହେବ ୮ ଲକ୍ଷ କ୍ୟୁସେକ ଜଳ
- ତଳିଆ ଅଞ୍ଚଳ ଲୋକଙ୍କୁ ସ୍ଥାନାନ୍ତର ପାଇଁ ନିର୍ଦ୍ଦେଶ
- ଜିଲାପାଳଙ୍କୁ ସତର୍କ କଲେ ରାଜ୍ୟ ସରକାର
- ଓଡ୍ରାଫ, ଏନ୍‌ଡିଆରଏଫ୍, ଅଗ୍ନିଶମ ବିଭାଗ ସଜାଗ

ସମ୍ବଲପୁର/ଭୁବନେଶ୍ୱର,୨୮।୮(ବ୍ୟୁରୋ)

ମହାନଦୀ ଅବବାହିକାରେ ପୁଣି ଦେଖାଦେଇଛି ବନ୍ୟା ଆଶଙ୍କା। ଛତିଶଗଡରେ ବର୍ଷା ଲାଗି ରହିଥିବାରୁ ପ୍ରବଳ ବନ୍ୟା ଜଳ ହୀରାକୁଦ ଡ୍ୟାମ ଭିତରକୁ ପ୍ରବେଶ କରିବା ଆରମ୍ଭ କରିଛି। ଆସନ୍ତା ୪୮ ଘଣ୍ଟା ମଧ୍ୟରେ ହୀରାକୁଦ ଡ୍ୟାମ୍ ପୂରି ଉଠିବ। ଏହାକୁ ଦୃଷ୍ଟିରେ ରଖି ଡ୍ୟାମ କର୍ତ୍ତୃପକ୍ଷ ମଙ୍ଗଳବାର ସନ୍ଧ୍ୟା ୬ଟା ସୁଦ୍ଧା ଜଳଭଣ୍ଡାରର ୨୫ଟି ଗେଟ୍ ଖୋଲିଛନ୍ତି। ଏଥିଯୋଗୁ ମହାନଦୀରେ ୮ ଲକ୍ଷ କ୍ୟୁସେକ ବନ୍ୟା ଜଳ ପ୍ରବାହିତ ହେବ। ଗଣମାଧ୍ୟମକୁ ସୂଚନା ଦେଇ ହୀରାକୁଦ ଡ୍ୟାମ ମୁଖ୍ୟଯନ୍ତ୍ରୀ ଜ୍ୟୋତିର୍ମୟ ରଥ କହିଛନ୍ତି ଯେ, ଛତିଶଗଡ଼ରେ ଗତ ୩ଦିନ ଧରି ପ୍ରବଳ ବର୍ଷା ହେଉଛି। ରବି ଶଙ୍କର ଡ୍ୟାମରୁ ଛତିଶଗଡ ସରକାର ପ୍ରତି ସେକେଣ୍ଡରେ ୧.୪୦ ଲକ୍ଷ କ୍ୟୁସେକ ଜଳ ନିଷ୍କାସନ କରୁଥିବା ବେଳେ ଅନ୍ୟ ଦୁଇଟି ଡ୍ୟାମରୁ ପ୍ରତି ସେକେଣ୍ଡରେ ୬୦ ହଜାର କ୍ୟୁସେକ ଜଳ ଛାଡୁଛନ୍ତି। ଆସନ୍ତା ୪୮ ଘଣ୍ଟା ମଧ୍ୟରେ ଏହି ପାଣି ହୀରାକୁଦ ଡ୍ୟାମ୍‌ରେ ପ୍ରବେଶ କରିବ। ୨୫ଟି ଗେଟ୍ ଖୋଲାଯାଇଥିବାରୁ ବୁଧବାର ସକାଳ ସୁଦ୍ଧା ମହାନଦୀର ମୁଣ୍ଡଳିଠାରୁ ୬ ଲକ୍ଷ କ୍ୟୁସେକ ଜଳ ପ୍ରବାହିତ ହେବ। ☞ପୃଷ୍ଠା–୯

## ଉତ୍ତର ଓଡ଼ିଶାରେ ମୃଦୁ ଭୂକମ୍ପ

ଭୁବନେଶ୍ୱର,୨୮।୮(ବ୍ୟୁରୋ)– ମଙ୍ଗଳବାର ସନ୍ଧ୍ୟା ୬ଟା ୩୩ ମିନିଟରେ ଉତ୍ତର ଓଡିଶାର ବିଭିନ୍ନ ଅଞ୍ଚଳରେ ମୃଦୁ ଭୂକମ୍ପ ଝଟକା ଅନୁଭୂତ ହୋଇଛି। ଆନନ୍ଦପୁର, ବାରିପଦା ଓ ବାଲେଶ୍ୱରରେ ଭୂକମ୍ପ ଅନୁଭୂତ ହୋଇଥିବା ଜଣାପଡିଛି। ଭୂକମ୍ପର ତୀବ୍ରତା ରିକ୍ଟର ସ୍କେଲରେ ୫.୦ ମପାଯାଇଛି। ଏହାର କେନ୍ଦ୍ରସ୍ଥଳ ପଶ୍ଚିମବଙ୍ଗର ହୁଗୁଲି ଜିଲା ଥିବା ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି। ଭୂକମ୍ପର ତୀବ୍ରତା କମ୍ ଥିବାରୁ କୌଣସି ସ୍ଥାନରେ କ୍ଷୟକ୍ଷତିର ସୂଚନା ନାହିଁ। ଭୂକମ୍ପ ଝଟକା ଅନୁଭବ କରି ଉତ୍ତର ଓଡିଶାର ବିଭିନ୍ନ ଅଞ୍ଚଳର ଲୋକମାନେ ଘରୁ ପଦାକୁ ବାହରି ଆସିଥିଲେ।

**ଜାତୀୟ କ୍ରୀଡ଼ା ଦିବସ ବିଶେଷ**

ପୃଷ୍ଠା-୧୨

**ଆଜିର ସମ୍ପାଦକୀୟ**

ଚାକିରି, ଅବସର, ଚାକିରି

**ଆଜିର ମନ୍ତବ୍ୟ**

ଦେଶରେ ଏକପ୍ରକାର ଜରୁରୀ ପରିସ୍ଥିତି ଘୋଷଣା ହୋଇଯାଇଛି।

–ରାହୁଲ ଗାନ୍ଧୀ, କଂଗ୍ରେସ ଅଧ୍ୟକ୍ଷ

**କିଛି ତଥ୍ୟ**

୨୦୧୬-୧୭ ଅମଳ ବର୍ଷରେ ଦେଶରେ ମୋଟ ୨୭୫.୧୧ ନିୟୁତ ଟନ ଖାଦ୍ୟ ଶସ୍ୟ ଉତ୍ପାଦନ ହୋଇଥିବା ବେଳେ ସେଥି ମଧ୍ୟରୁ କେବଳ ଗହମ ପରିମାଣ ୯୮.୫୧ ନିୟୁତ ଟନ ଥିଲା।

–କୃଷି ମନ୍ତ୍ରଣାଳୟ


BISHANDAYAL JEWELLERS
BIS: 916
Sriya Square, Bhubaneswar
Deals in :
Gold, Diamond & Silver
Gold 24 CT - ₹ 31,200/- 10gm.
Gold 22 CT - ₹ 30,200/- 10gm.
Silver Rate - ₹ 370/- / 10gm.
Making Charge - ₹100/- onwards / 1gm.
Condition Apply
Lowest gold Rate & Making Charges



NECC NATIONAL EGG CO-ORDINATION COMMITTEE
28.08.2018
Venco66 CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 61 | 107 | 117 |
| CTC | 61 | 107 | 117 |
| DKL | 63 | 110 | 120 |
| BDK | 63 | 110 | 120 |
| BLS | 63 | 110 | 120 |
| ANG | 63 | 110 | 120 |

Eggs Retail Price- 43/-Dozen
Issued in the Interest of Consumers
*Conditions Apply


# ଋଣବୋଝ ଚିନ୍ତାରେ ଚାଷୀଙ୍କ ମୃତ୍ୟୁ ଅଭିଯୋଗ

ବରଗଡ଼ ଅଫିସ୍/ପାଇକମାଲ, ୨୮।୮ (ଡି.ଏନ୍.ଏ.)

ରାସ୍ତାରୋକୋରେ ମୃତଚାଷୀଙ୍କ ପରିବାର ଲୋକେ ସାମିଲ।

ପ୍ରଧାନମନ୍ତ୍ରୀ ଫସଲବୀମା ଯୋଜନା ଦିଗହରା ହୋଇଛି। ଫସଲ କ୍ଷତିର ବର୍ଷେ ବିତିବା ପରେ ମଧ୍ୟ କ୍ଷତିଗ୍ରସ୍ତ ଚାଷୀଙ୍କୁ ବୀମା କ୍ଷତିପୂରଣ ମିଳିନାହିଁ। ଫଳରେ ଋଣ ବୋଝ ଚିନ୍ତାରେ ସୋମବାର ବରଗଡ଼ ଜିଲା ପଦ୍ମପୁର ଉପଖଣ୍ଡ ପାଇକମାଲ ଥାନା ପଲସଦା ଗ୍ରାମର ଜଣେ ନାମମାତ୍ର ଚାଷୀଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। ମୃତ ଚାଷୀ ଜଣକ ହେଲେ ଗୋବିନ୍ଦ ବିଶ୍ୱାଳ। ବୀମା କ୍ଷତିପୂରଣ ଦାବିରେ ପଲସଦା ସେବା ସମବାୟ ସମିତିରେ ତାଲା ପକାଇ ଚାଷୀମାନେ ପ୍ରତିବାଦ କରିଆସୁଛନ୍ତି। ଏହି ଆନ୍ଦୋଳନରେ ଗୋବିନ୍ଦ ସାମିଲ ହୋଇଥିଲେ। ସୋମବାର ସନ୍ଧ୍ୟାରେ ଘରକୁ ଫେରିବା ପରେ ତାଙ୍କର ଆକସ୍ମିକ ମୃତ୍ୟୁ ହୋଇଥିଲା। ଏହି ଘଟଣାକୁ ନେଇ ଜିଲାବ୍ୟାପୀ ଆଲୋଡ଼ନ ସୃଷ୍ଟି ହୋଇଥିବାବେଳେ ପାଇକମାଲ ଅଞ୍ଚଳରେ ଅସନ୍ତୋଷ ତୀବ୍ରତର ହୋଇଛି। ଅଞ୍ଚଳର ଚାଷୀମାନେ ସଂଗଠିତ ହୋଇ ମୃତଦେହ ରଖି ପଲସଦା ନିକଟ ଗୌରକୁରୀ ଛକରେ ପଦ୍ମପୁର-ପାଇକମାଲ ରାସ୍ତାକୁ ମଙ୍ଗଳବାର ସକାଳ ୮ଟାରୁ ଅବରୋଧ କରିଥିଲେ। ଫଳରେ ଏହି ରାସ୍ତାରେ ଯାତାୟାତ ସମ୍ପୂର୍ଣ୍ଣ ଠପ୍ ହୋଇଯାଇଥିଲା। ପଦ୍ମପୁର ଉପଜିଲାପାଳ ଦୌଲତ ଚନ୍ଦ୍ରକାର, ପାଇକମାଲ ତହସିଲଦାର ସଦାଶିବ ନାଏକ, ସହକାରୀ ସମବାୟ ନିବନ୍ଧକ ଦିବାକର ଭୋଇ, ଏସ୍‌ଡିପିଓ ଲକ୍ଷ୍ମୀନାରାୟଣ ପଣ୍ଡା ପ୍ରମୁଖ ସେଠାରେ ପହଞ୍ଚି ଆନ୍ଦୋଳନରତ ଚାଷୀଙ୍କ ସହ ଆଲୋଚନା କରିଥିଲେ। ଗୋବିନ୍ଦଙ୍କ ପରିବାର ଲୋକଙ୍କୁ ୧୦ଦିନ ମଧ୍ୟରେ ବୀମା କ୍ଷତିପୂରଣ ପ୍ରଦାନ, ରେଡ୍‌କ୍ରସ ପାଣ୍ଠିରୁ ୧୦ ହଜାର ଟଙ୍କା, ଇନ୍ଦିରା ଆବାସ ଏବଂ ପରିବାର ମଙ୍ଗଳ ଯୋଜନାରେ ୨୦ହଜାର ଟଙ୍କା ଦେବା ପାଇଁ ସେମାନେ ନିର୍ଭର ପ୍ରତିଶ୍ରୁତି ଦେବାପରେ ଅପରାହ୍ନ ୨ଟାରେ ରାସ୍ତାରୋକୋ ହଟିଥିଲା। ମାତ୍ର ମୃତଦେହ ବ୍ୟବଚ୍ଛେଦ ହୋଇ ନ ଥିଲା। ପରେ ପରିବାର ଲୋକେ ମୃତଦେହ ସଂସ୍କାର ପାଇଁ ନେଇଥିଲେ।

ଗୋବିନ୍ଦଙ୍କ ୩ ଏକର ଚାଷଜମି ଅଛି। ଅଣଜଳସେଚିତ ଅଞ୍ଚଳ ହୋଇଥିବାରୁ ସେହି ଜମିର ଚାଷ କେବଳ ବର୍ଷା ଉପରେ ହିଁ ନିର୍ଭର କରିଥାଏ। ତେବେ ସ୍ୱଳ୍ପ ବୃଷ୍ଟିପାତ ଯୋଗୁ ଗତବର୍ଷ ତାଙ୍କ ଖରିଫ ଫସଲ ସମ୍ପୂର୍ଣ୍ଣ ଉଜୁଡ଼ି ☞ପୃଷ୍ଠା–୯

## ଭୀମଭୋଇଙ୍କ ନାମରେ ନାମିତ ହେଲା ବଲାଙ୍ଗୀର ମେଡିକାଲ କଲେଜ

ଭୁବନେଶ୍ୱର, ୨୮।୮(ବ୍ୟୁରୋ)

ସନ୍ଥ କବି ଭୀମଭୋଇ ଏବଂ ବ୍ୟାସକବି ଫକୀରମୋହନ ସେନାପତିଙ୍କ ନାମରେ ନୂତନ ମେଡିକାଲ କଲେଜର ନାମକରଣ ହୋଇଛି। ବାଲେଶ୍ୱର ମେଡିକାଲ କଲେଜକୁ ଫକୀର ମୋହନ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲ ଏବଂ ବଲାଙ୍ଗୀର ମେଡିକାଲ କଲେଜକୁ ଭୀମଭୋଇ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲ ନାମରେ ନାମିତ କରାଯାଇଛି। ମଙ୍ଗଳବାର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏ ସମ୍ପର୍କରେ ବିଜ୍ଞପ୍ତି ଜାରି ହୋଇଛି।

**ଜାତିସଂଘରେ ଓଡ଼ିଆ ଅର୍ଥନୀତିଜ୍ଞଙ୍କୁ ଗୁରୁଦାୟିତ୍ୱ**

୨

# ବାରବରାଙ୍କ ସମେତ ୪ ଗିରଫ

**ମାଓବାଦୀ ଲିଙ୍କ୍**

- ୬ ରାଜ୍ୟରେ ଚଢ଼ାଉ, ପୋଲିସର ତଦାଘନା
- ପ୍ରଧାନମନ୍ତ୍ରୀଙ୍କ ହତ୍ୟା ଷଡ଼ଯନ୍ତ୍ରରେ ସମ୍ପୃକ୍ତି ଅଭିଯୋଗ

ବାରବରା ରାଓ

ପୁଣେ,୨୮।୮

ମାଓବାଦୀଙ୍କ ସହ ସମ୍ପର୍କ ରଖିଥିବା ସନ୍ଦେହରେ ମହାରାଷ୍ଟ୍ର ପୋଲିସ ମଙ୍ଗଳବାର କେତେଜଣ ବିଶିଷ୍ଟ ବାମପନ୍ଥୀ କର୍ମୀମାନଙ୍କ ଘରେ ଏକକାଳୀନ ଚଢ଼ାଉ କରିଛି। ମୁମ୍ବାଇ, ପୁଣେ, ଗୋଆ, ତେଲେଙ୍ଗାନା, ଛତିଶଗଡ଼, ଦିଲ୍ଲୀ ଓ ହରିୟାଣାରେ ଚଢ଼ାଉ ପରେ ୪ ଜଣଙ୍କୁ ଗିରଫ କରାଯାଇଛି। ସେମାନଙ୍କ ମଧ୍ୟରେ ଅଛନ୍ତି ସାମ୍ବାଦିକ, ପ୍ରଫେସର ଓ ମାନବାଧିକାର କର୍ମୀ। ଏହାକୁ ବାମପନ୍ଥୀ ଓ ମାନବାଧିକାର ସୁରକ୍ଷା ସଙ୍ଗଠନଗୁଡ଼ିକ ପକ୍ଷରୁ ବିରୋଧ କରାଯାଇଛି।ଗତବର୍ଷ ଡିସେମ୍ବର ୩୧ରେ ମହାରାଷ୍ଟ୍ରର ପୁଣେ ନିକଟସ୍ଥ ଭୀମା-କୋରେଗାଓଁରେ 'ଏଲ୍‌ଗାର ପରିଷଦ' ନାମରେ ଏକ କାର୍ଯ୍ୟକ୍ରମ ହୋଇଥିଲା। ଏହା ପରେ ଦଳିତ ଓ ଉଚ୍ଚବର୍ଗର ପେଶୱାଙ୍କ ମଧ୍ୟରେ ହିଂସା ଘଟିଥିଲା। ଏହାର ତଦନ୍ତ ପାଇଁ ମଙ୍ଗଳବାର ଉପରୋକ୍ତ ଚଢ଼ାଉ କରାଯାଇଥିଲା। ସେଥିମଧ୍ୟରେ ହାଇଦ୍ରାବାଦସ୍ଥିତ ପ୍ରଖ୍ୟାତ୍ ତେଲୁଗୁ କବି ବରବରା ରାଓ, ମୁମ୍ବାଇର ଭର୍ନନ ଗନ୍‌ସାଲଭେସ୍ ଓ ଅରୁଣ ଫରେଇରା, ଫରିଦାବାଦର ଟ୍ରେଡ୍ ୟୁନିୟନ କର୍ମୀ ସୁଧା ଭରଦ୍ୱାଜ, ନୂଆଦିଲ୍ଲୀର ନାଗରିକ ସ୍ୱାଧୀନତା କର୍ମୀ ଗୌତମ ନଭାଲଖାଙ୍କ ବାସଭବନ ରହିଛି। ଯାଞ୍ଚ ପରେ ବାରବରା, ସୁଧା, ଗୌତମ ଓ ଅରୁଣଙ୍କୁ ମାଓବାଦୀ କାର୍ଯ୍ୟକଳାପରେ ସମ୍ପୃକ୍ତି ଅଭିଯୋଗରେ ଗିରଫ କରାଯାଇଥିବା ପୋଲିସଠାରୁ ଜଣାପଡ଼ିଛି। ଅସମର୍ଥିତ ସୂତ୍ରରୁ ମିଳିଥିବା ସୂଚନାନୁସାରେ, ରାଞ୍ଚିରେ ସୁସାନ୍ ଆବ୍ରାହମ, କ୍ରାଚ୍ଚି ତେକୁଲା, ଫାଦର ଷ୍ଟାନ୍ ସ୍ୱାମୀ ଓ ଗୋଆରେ ଆନନ୍ଦ ତେଲତୁମ୍ବଡେଙ୍କ ବାସଭବନରେ ମଧ୍ୟ ଚଢ଼ାଉ କରାଯାଇଛି। ପୋଲିସ ସେମାନଙ୍କଠାରୁ କେତେକ କମ୍ପ୍ୟୁଟର, ଲାପ୍‌ଟପ, ସିଡୀ, ପୁସ୍ତକ ଓ ଅନ୍ୟ ଦସ୍ତାବିଜ୍ ଜବତ କରିଛି। ☞ପୃଷ୍ଠା–୯

# ରୋଗୀଙ୍କ ମୃତ୍ୟୁ ପରେ ନିଜ ଗଳା କାଟିଦେଲେ କ୍ୱାକ୍

ବରଗଡ଼ ଅଫିସ୍,୨୮।୮

ବରଗଡ଼ ସହରରେ ମଙ୍ଗଳବାର ଏକ ଅଭାବନୀୟ ଘଟଣା ଘଟିଛି। ସହରର ଏକ ଘରୋଇ କ୍ଲିନିକ୍‌ରେ କାର୍ଯ୍ୟରତ କ୍ୱାକ୍ ସୁବୋଧ ସାହୁ (୩୦)ଙ୍କ ତ୍ରୁଟିପୂର୍ଣ୍ଣ ଚିକିତ୍ସା ଯୋଗୁ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ମୃତ ମହିଳା ଜଣକ ହେଲେ ବରଗଡ଼ ସଦର ଥାନା ଅଞ୍ଚଳର ସାହେବ ସାହୁଙ୍କ ସ୍ତ୍ରୀ ଲବଙ୍ଗ (୪୦)। ତେବେ ମହିଳାଙ୍କ ମୃତ୍ୟୁକୁ ନେଇ ତାଙ୍କ ସମ୍ପର୍କୀୟ ଟାଉନ ଥାନାରେ ଅଭିଯୋଗ କରିବା ପରେ ପୋଲିସ କ୍ଲିନିକରେ ପହଞ୍ଚିଥିଲା। ହେଲେ ପୋଲିସକୁ ଦେଖି ସୁବୋଧ ପୋଲିସ ସମ୍ମୁଖରେ ହିଁ ନିଜ ଗଳାକାଟି ଆତ୍ମହତ୍ୟା ଉଦ୍ୟମ କରିଥିଲେ। ବରଗଡ଼ ଜିଲା ମୁଖ୍ୟ ଡାକ୍ତରଖାନାରେ ଲବଙ୍ଗଙ୍କ ମୃତଦେହ ବ୍ୟବଚ୍ଛେଦ ହୋଇଛି। ଗୁରୁତର ସୁବୋଧଙ୍କୁ ବୁର୍ଲା ଡାକ୍ତରଖାନା ସ୍ଥାନାନ୍ତର କରାଯାଇଛି। ଲବଙ୍ଗଙ୍କ ଦାନ୍ତ ବନ୍ଧା ହୋଇଥିଲା। ଫଳରେ ସେ ପରିବାର ଲୋକଙ୍କ ସହିତ କ୍ୱାକ୍ ସୁବୋଧଙ୍କ ପାଖକୁ ଆସିଥିଲେ। ଦାନ୍ତ କାଢ଼ିବାକୁ କହି ସୁବୋଧ ଲବଙ୍ଗଙ୍କୁ ନିଶା ଇଞ୍ଜେକ୍ସନ ଦେଇଥିଲେ। ତେବେ ଇଞ୍ଜେକ୍ସନ ନେବା ପରେ ଲବଙ୍ଗ ସଂଜ୍ଞାହୀନ ହୋଇପଡ଼ିଥିଲେ। ପରିବାର ଲୋକେ ତାଙ୍କୁ ଜିଲା ମୁଖ୍ୟ ଡାକ୍ତରଖାନା ଆଣିଥିଲେ। ମାତ୍ର ସେଠାରେ ତାଙ୍କୁ ମୃତ ଘୋଷଣା କରାଯାଇଥିଲା। ଲବଙ୍ଗଙ୍କ ମୃତ୍ୟୁ ପରେ ସାମାନ୍ୟ ଉତ୍ତେଜନା ପ୍ରକାଶ ପାଇଥିଲା। ଲବଙ୍ଗଙ୍କ ଜଣେ ସମ୍ପର୍କୀୟ ଟାଉନ ଥାନାରେ ଏ ନେଇ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ପୋଲିସ କ୍ୱାକ୍ ସୁବୋଧଙ୍କ ବିରୋଧରେ ଦଫା ୩୦୪ (ଏ)ରେ ଏକ ମାମଲା (ନଂ. ୪୮୩/୧୮) ରୁଜୁ କରିବା ସହ ତାଙ୍କ କ୍ଲିନିକରେ ପହଞ୍ଚିଥିଲା। ତେବେ ପୋଲିସକୁ ଦେଖିବା ପରେ ସୁବୋଧ ଡ୍ରୟରରୁ ଏକ ଧାରୁଆ ସାମଗ୍ରୀ ବାହାର କରି ନିଜ ଗଳା କାଟିଦେଇଥିଲେ। ପୋଲିସ ତାଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଡାକ୍ତରଖାନା ଆଣିଥିଲା। ମାତ୍ର ଅବସ୍ଥା ଗୁରୁତର ଥିବାରୁ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ବୁର୍ଲା ସ୍ଥାନାନ୍ତର କରାଯାଇଛି।

ଗଳା କାଟିଥିବା କ୍ୱାକ୍।

# ଓଡ଼ିଶା ସୀମାରୁ ହଟିଲା ପଶ୍ଚିମବଙ୍ଗର ହୋର୍ଡିଂ

ଭୋଗରାଇ, ୨୮।୮(ଡି.ଏନ.ଏ.)

ଓଡ଼ିଶା ସୀମାକୁ ପ୍ରବେଶ କରି ପଶ୍ଚିମବଙ୍ଗ ପ୍ରଶାସନ ଦୀଘା ସି' ବିଚ୍ ସୁରକ୍ଷା ଓ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ପାଇଁ ରାସ୍ତାକଡରେ ଲଗାଇଥିବା ଏକ ହୋର୍ଡିଂକୁ ବାଲେଶ୍ୱର ଜିଲା ପ୍ରଶାସନ ମଙ୍ଗଳବାର ହଟାଇ ଦେଇଛି। ଏଥିଲାଗି ଘଟଣାସ୍ଥଳରେ ୫ ପ୍ଲାଟୁନ ଫୋର୍ସ ମୁତୟନ କରାଯାଇଥିଲା। ପଶ୍ଚିମବଙ୍ଗ ପ୍ରଶାସନ ବିଭିନ୍ନ ସମୟରେ ଓଡ଼ିଶା ଅଞ୍ଚଳ ଉପରେ ଅଧିକାର ଜାହିର କରି ଦାଦାଗିରି ଚଳାଇ ଆସୁଥିବା ବେଳେ ସମ୍ପ୍ରତି ଓଡ଼ିଶା ସୀମାରେ ଏହି ହୋର୍ଡିଂ ଲଗାଇବାରୁ ସୀମାନ୍ତ ଇଲାକାରେ ବିବାଦ ଓ ଉତ୍ତେଜନା ପ୍ରକାଶ ପାଇଥିଲା। ଏ ସମ୍ପର୍କରେ ପ୍ରତିବାଦ କରାଯାଇଥିଲେ ମଧ୍ୟ ପଶ୍ଚିମବଙ୍ଗ ସରକାର କର୍ଣ୍ଣପାତ କରି ନ ଥିଲେ। ଏହି ପରିପ୍ରେକ୍ଷୀରେ ବାଲେଶ୍ୱର ଜିଲା ପ୍ରଶାସନ ପ୍ରଥମ କରି କଠୋର ଆଭିମୁଖ୍ୟ ଗ୍ରହଣ କରିଛି।

ଉଦୟପୁର ବେଳାଭୂମି ରାସ୍ତାରୁ ପଶ୍ଚିମବଙ୍ଗ ହୋର୍ଡିଂକୁ ମେଶିନ୍ ଦ୍ୱାରା ହଟାଯାଉଛି।

- କଠୋର ଆଭିମୁଖ୍ୟ ନେଲା ବାଲେଶ୍ୱର ପ୍ରଶାସନ
- ୫ ପ୍ଲାଟୁନ ଫୋର୍ସ ମୁତୟନ
- ଉଚ୍ଛେଦ ବେଳେ ନରମିଲା ପଶ୍ଚିମବଙ୍ଗ ପ୍ରଶାସନ

ଜିଲା ପ୍ରଶାସନ ପୋଲିସ ଫୋର୍ସ ନେଇ ହୋର୍ଡିଂ ଉଚ୍ଛେଦ କରିବାକୁ ଉଦ୍ୟମ କଲା ବେଳେ ପଶ୍ଚିମବଙ୍ଗ ସୀମାନ୍ତବାସୀ ଓ କେତେକ ଲୋକ ପ୍ରତିନିଧି ଏହାକୁ ବିରୋଧ କରିଥିଲେ। ଫଳରେ ଦୁଇ ରାଜ୍ୟର ପ୍ରଶାସନ ସମେତ ଉପସ୍ଥିତ ଜନସାଧାରଣ ଓ ଲୋକପ୍ରତିନିଧି ମୁହାଁମୁହିଁ ହୋଇଥିଲେ। ଏନେଇ ଉତ୍ତେଜନା ସୃଷ୍ଟି ହୋଇଥିଲା। ବାଲେଶ୍ୱର ଜିଲା ☞ପୃଷ୍ଠା–୯



ଯେଉଁ ବ୍ୟକ୍ତି ସର୍ବଦା କର୍ମରତ, ତା'କୁ ନିଜ ଦୁଃଖ ପାଇଁ କାନ୍ଦିବାକୁ ବେଳ ନ ଥାଏ।

- ଟମାସ କାର୍ଲାଇଲ



## ଜନ୍ମଦିନର ଶୁଭେଚ୍ଛା

ନାମ: .....
ବୟସ:.....
ଜନ୍ମ ତାରିଖ: .....

ରୋନି
ପରିବାରବର୍ଗ

ମଞ୍ଜୁ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିକ୍ଷାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

### BRIDE WANTED

ସବୁ ଧର୍ମ, ଜାତି, ବର୍ଗର bride ପାଇଁ candidate's biodata with photo ଏବଂ ଆପଣଙ୍କ requirement send କରନ୍ତୁ। Mobile What's App No.: 6371090682. D-8043

Brahmin boy 1987/ 6'2" B.Tech, MBA, Engineer Hyderabad 11 Lakhs required professional housewife. Barsha. 9338229705, 8339813069. D-62785

### GROOM WANTED

Divorcee bride Govt. Officer 38, Clerk 33 (Caste-no-bar). Contact: 7873374269. D-63480

48 ବର୍ଷ କରଣ ଘରର ଝିଅ Railwayରେ କାର୍ଯ୍ୟରତ। ଯେକୌଣସି ଜାତିର ବରପାତ୍ର ଆବଶ୍ୟକ। (ଘରଜ୍ୱାଇଁ ପ୍ରାଥମିକତା) 9583402122. D-63718

ସବୁ ଧର୍ମ, ଜାତି, ବର୍ଗର groom ପାଇଁ candidate's biodata with photo ଏବଂ ଆପଣଙ୍କ requirement send କରନ୍ତୁ। Mobile What's App No.: 6371090682. D-8044

Wanted groom preferrable Govt. employee, Engineer, Doctor for Potalibania girl (29-5'2"). Contact: 8763356918. D-60810

Now Matrimonial ads. only on Wednesday & Sunday
Book 1 Get 1 FREE

# classified

### SALE

Indica Vista, Leyland Bus, Bolero Plus, massey, Sonalika Tractor, TVS Scooty. Finance available. 9938424739. D-8087

### SALE

New residential plotting project near KIIT, developed by SDIPL having 40' main, 30' internal road, eletrification/ boundary wall (Bank finance available) psqft. 1250/-. 9937025614, 9439444251. D-63587

ଭୁବନେଶ୍ୱର ପିତାପଲ୍ଲୀ NH-5ରୁ 100' ଦୂରତାରେ BDA yellow zone ପ୍ଲଟ ମିଳୁଅଛି। 9583032439. D-63588

Immediate ready for possession with bank finance facility (2/3)BHK flats, duplex available at Hanspal, Bomikhal, Patia, Patrapada. Details: 9937850303. (ଲକ୍ଷ୍ମୀଧର). D-7976

ଭୁବନେଶ୍ୱର KEC, ଗୁଡିଆ-ପୋଖରୀ ଠାରେ 30ft road ଥାଇକି ଅଗ୍ରିମ boundary wall electry , gharabari patta, Temple, ନାମଫଳକ ସହ sqft. Rs. 600ରେ ଦିଆଯାଉଅଛି। 7008045582, 9078967488. D-8082

Fully furnished 3BHK flat, 2nd floor at Ashok Nagar @ 95 Lac. 7978584549 (Broker not allowed). D-64111

Duplex starting from 60 lacs* at Jharapada. Limited offer work in full swing. Call: 9583066080, 7008104326. D-64115

**ଭୁବନେଶ୍ୱରର ଅରଗୁଳ IIT ଠାରେ ପିଟୁରୋଡ ସୁବିଧାଥାଇ ଘରବାରି ପ୍ଲଟ ସ୍ୱଳ୍ପମୂଲ୍ୟରେ କିଣନ୍ତୁ ଓ ଗୃହ ନିର୍ମାଣ କରନ୍ତୁ। Sanjay: 9861812258.** D-63585

### GENERAL SALE

Servicing Machine, preser machine sale ହେବ। 9437619903. D-8088

3 bigroom, 2 toilet at Goutam Nagar, 2nd floor for office cum residence. Call: 9437033691. D-63834

Herbal full body massage smart boys therapist home service available. Phone: 9937929638. D-7970

All type of massage and good therapy full body massage Sai herbal spa. 7609005923. D-64201

BBSR opening newly ayurvedic full body massage ladies & gents. 7438851534, 7609923705. D-38525

Madam Monalisa massage club-50% discount full body massage by hiprofile smart lady therapist. 9708545108. D-8085

### AFFIDAVIT

Affidavit before Executive Magistrate, Dhenkanal, 18.07.2018, I have changed my name after marriage from Pranati Satapathy to Pranati Mishra, W/o- Debasisha Mishra, Deulasahi, Dhenkanal Town. Henceforth, I shall be known as Pranati Mishra for all purposes. D-62040

**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ପେଟ୍ରୋଲ ପମ୍ପରେ ନିଆଁ

**କଟକ ଅଫିସ, ୨୮।୮**

- ଫାୟାର ସେଫ୍ଟି ଲାଇସେନ୍ସ ନ ଥିଲା
- କାମ ଦେଲାନି ଅଗ୍ନି ନିର୍ବାପକ ବ୍ୟବସ୍ଥା

ଲିଙ୍କ୍‌ରୋଡ୍‌ସ୍ଥିତ ସନ୍ତୋଷ କୁମାର ଆଣ୍ଡ୍ କୋ ପେଟ୍ରୋଲ ପମ୍ପରେ ମଙ୍ଗଳବାର ରାତି ୭ଟାରେ ଅଗ୍ନିକାଣ୍ଡ ଘଟିଛି। ତେଲ ଅନ୍‌ଲୋଡ୍ ସମୟରେ ଏକ ଟ୍ୟାଙ୍କରେ ହଠାତ୍ ନିଆଁ ଲାଗିଯାଇଥିଲା। ତେବେ ପେଟ୍ରୋଲପମ୍ପରେ ଅଗ୍ନିନିର୍ବାପକ ଯନ୍ତ୍ର କାମ ନ କରିବାରୁ ନିଆଁ ଭୟଙ୍କର ରୂପ ନେଇଥିଲା। ତେବେ ଅଗ୍ନିଶମ କର୍ମଚାରୀମାନେ ପହଞ୍ଚି ନିଆଁକୁ ଆୟତ୍ତ କରିବାରୁ ବଡ଼ ଧରଣର ବିପଦ ଟଳିଯାଇଛି।

ଅଗ୍ନିଶମ ବିଭାଗର ସୂଚନା ଅନୁଯାୟୀ, ଭାରତ ପେଟ୍ରୋଲିୟମ୍‌ର ଉକ୍ତ ଟ୍ୟାଙ୍କର (ଓଡି ୦୫ ଏକ୍ସ-୪୦୭୭)ଟି ପାରାଦୀପରୁ ତେଲ ନେଇ ଆସିଥିଲା। ପେଟ୍ରୋଲ ପମ୍ପର ଷ୍ଟକ୍ ଟାଙ୍କିରେ ତେଲ ଅନ୍‌ଲୋଡ୍ ପ୍ରାୟ ସରିବା ପରିସ୍ଥିତିରେ ଥିଲା। ଗାଡିଟି ଟ୍ରାକ୍ଟର ଥିଲେ ମଧ୍ୟ ଚାବି ଅନ୍ ଥିଲା। ଫଳରେ ପେଟ୍ରୋଲ ଗ୍ୟାସ୍ ସଂସ୍ପର୍ଶରେ ଆସି ଟ୍ୟାଙ୍କର ବ୍ୟାଟେରୀ ସ୍ପାର୍କିଂ ହୋଇ ନିଆଁ ଲାଗିଯାଇଥିଲା। ପରେ ନିଆଁ ଟ୍ୟାଙ୍କର କ୍ୟାବିନକୁ ବ୍ୟାପିଯାଇଥିଲା। ନିଆଁ ଅନ୍ୟଆଡକୁ ବ୍ୟାପୁଥିବାବେଳେ ଅଗ୍ନିଶମ ବିଭାଗର ୫ଟି ୟୁନିଟ୍ ପହଞ୍ଚି ମେକାନିକାଲ ଫୋମ୍ ଓ ୱାର୍ଟର ସ୍ପ୍ରେ ଜରିଆରେ ନିଆଁକୁ ଆୟତ୍ତ କରିଥିଲେ। ଟ୍ୟାଙ୍କରଟିରୁ ତେଲ ଅନ୍‌ଲୋଡ୍ ସରିଯାଇଥିବାରୁ ଟାଙ୍କି ଫାଙ୍କା ଥିଲା। ଫଳରେ ନିଆଁ ଟାଙ୍କିକୁ ଯାଇପାରି ନ ଥିଲା। ନଚେତ୍ ବଡ଼ଧରଣର କ୍ଷୟକ୍ଷତି ଘଟିଥାନ୍ତା। ଅନ୍ୟପକ୍ଷରେ ଏହି ଦୃଶ୍ୟ ଦେଖିବାକୁ ଘଟଣାସ୍ଥଳରେ ସାଧାରଣ ଲୋକଙ୍କ ଭିଡ ଜମିବାରୁ କଟକ ଡିସିପି, ମଧୁପାଟଣା ଓ ବାଦାମବାଡି ଥାନା ଅଧିକାରୀ ଏବଂ ଟ୍ରାଫିକ ଏସିପି ଦୁଇ ପ୍ଲାଟୁନ ପୋଲିସ ଫୋର୍ସ ସହ ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲେ। ତେବେ ଉକ୍ତ ପେଟ୍ରୋଲ ପମ୍ପର ଫାୟାର ସେଫ୍ଟି ଲାଇସେନ୍ସ ନ ଥିବା ଜଣାପଡିଛି। ବୁଧବାର ଏହାର ମାଲିକଙ୍କୁ ନୋଟିସ ଜାରି କରାଯାଇ ଉତ୍ତର ମଗାଯିବ ବୋଲି ଅଗ୍ନିଶମ ବିଭାଗର ଜଣେ ଅଧିକାରୀ କହିଛନ୍ତି।

# ଜାତିସଂଘରେ ଓଡ଼ିଆ ଅର୍ଥନୀତିଜ୍ଞଙ୍କୁ ଗୁରୁଦାୟିତ୍ୱ

**ମିଳିତ ଜାତିସଂଘ, ୨୮।୮(ପି.ଟି.)-** ମିଳିତ ଜାତିସଂଘ ପରିବେଶ କାର୍ଯ୍ୟକ୍ରମ (ୟୁଏନ୍‌ଇପି)ର ସହକାରୀ ମହାସଚିବ ତଥା ଏହାର ନ୍ୟୁୟର୍କ ମୁଖ୍ୟାଳୟର ଅଧକ୍ଷ ଭାବେ ନିଯୁକ୍ତି ପାଇଛନ୍ତି ବିଶିଷ୍ଟ ଓଡ଼ିଆ ଅର୍ଥନୀତିଜ୍ଞ ସତ୍ୟ ଏସ୍. ତ୍ରିପାଠୀ। କାରିବିୟାନ୍ ଦେଶ ତ୍ରିନିଦାଦ୍ ଆଣ୍ଡ ଟୋବାଗୋର ଏଲିଅଟ୍ ହ୍ୟାରିସ୍‌ଙ୍କ ସ୍ଥାନରେ ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁଟେରେସ୍ ସୋମବାର ତ୍ରିପାଠୀଙ୍କୁ ନିଯୁକ୍ତ କରିଛନ୍ତି। ୨୦୧୭ ମସିହାଠାରୁ ତ୍ରିପାଠୀ ୟୁଏନ୍‌ଇପିର ନିରନ୍ତର ବିକାଶ ୨୦୩୦ ଏଜେଣ୍ଡାର ପରାମର୍ଶଦାତା ଭାବେ କାର୍ଯ୍ୟ କରୁଥିଲେ। ଡେଭଲପ୍‌ମେଣ୍ଟ ଇକୋନୋମିଷ୍ଟ ଭାବେ ଖ୍ୟାତ ତ୍ରିପାଠୀଙ୍କ ନିକଟରେ ୩୫ ବର୍ଷର ଓକିଲାତି ଅଭିଜ୍ଞତା ମଧ୍ୟ ରହିଛି। ୧୯୯୮ରୁ ସେ ଜାତିସଂଘ ପାଇଁ ୟୁରୋପ, ଏସିଆ ଏବଂ ଆଫ୍ରିକାରେ ନିରନ୍ତର ବିକାଶ, ମାନବାଧିକାର, ଗଣତାନ୍ତ୍ରିକ ଶାସନ, ଆଇନ ବ୍ୟାପାରରେ ରଣନୀତି କ୍ଷେତ୍ରରେ କାର୍ଯ୍ୟ କରି ଆସିଛନ୍ତି ବୋଲି ଗୁଟେରେସ୍‌ଙ୍କ ମୁଖପାତ୍ର ଷ୍ଟିଫନ୍ ଦୁଜାରିକ୍ ସୋମବାର ସୂଚନା ଦେଇଛନ୍ତି। ଏହାପୂର୍ବରୁ ତ୍ରିପାଠୀ ବିକଶିତ ଦେଶଗୁଡ଼ିକରେ ଜଙ୍ଗଲ ନଷ୍ଟ ଯୋଗୁ ଅଙ୍ଗାରକାମ୍ଳ ନିର୍ଗମନ ସମ୍ପର୍କିତ ଜାତିସଂଘ କାର୍ଯ୍ୟାଳୟର ମୁଖ୍ୟ ଭାବେ କାର୍ଯ୍ୟ କରୁଥିଲେ। ସାଇପ୍ରସ୍ ପୁନର୍ଗଠନ ଆଲୋଚନା ଲାଗି ୨୦୦୪ରେ ମଧ୍ୟସ୍ଥତା କରିଥିବା ଜାତିସଂଘର ଆଇନ ଓ ରାଜିନାମା କମିଟିରେ ତ୍ରିପାଠୀ ଥିଲେ ଅଧକ୍ଷ। କ୍ୟାରିୟର ଆରମ୍ଭରେ ସେ ୱାର୍ଲ୍ଡ ଇକୋନୋମିକ୍ ଫୋରମ୍‌ର ଜଙ୍ଗଲ ସମ୍ପର୍କିତ ବିଶ୍ୱ ପରାମର୍ଶ ପରିଷଦ ଏବଂ ୱାର୍ଲ୍ଡ ଆଗ୍ରୋଫରେଷ୍ଟ୍ରି ସେଣ୍ଟର ପ୍ରାକୃତିକ ସମ୍ବଳ ପରିଚାଳନାରେ ବରିଷ୍ଠ ସଦସ୍ୟ ଥିଲେ। ତ୍ରିପାଠୀ ଓଡ଼ିଶାର ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରୁ କମର୍ସରେ ସମ୍ମାନ, ସ୍ନାତକ ଏବଂ ସ୍ନାତକୋତ୍ତର ଡିଗ୍ରୀ ଏବଂ ଆଇନରେ ସ୍ନାତକ ଓ ସ୍ନାତକୋତ୍ତର ଡିଗ୍ରୀ ହାସଲ କରିଛନ୍ତି। ତ୍ରିପାଠୀଙ୍କ ନିଯୁକ୍ତିରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, କେନ୍ଦ୍ର ପେଟ୍ରୋଲିୟମ୍‌ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ ବହୁ ବିଶିଷ୍ଟ ବ୍ୟକ୍ତି ଅଭିନନ୍ଦନ ଜଣାଇଛନ୍ତି। ଓଡ଼ିଶାର ଜଣେ ଦକ୍ଷ ପ୍ରଶାସକଙ୍କୁ ଜାତିସଂଘରେ ନିଯୁକ୍ତି ପାଇଁ ଅଭିନନ୍ଦନ ବୋଲି ନବୀନ ଉଲ୍ଲେଖ କରିଛନ୍ତି। ସେହିପରି ତାଙ୍କ ନିଯୁକ୍ତି ଓଡ଼ିଶା ଏବଂ ଭାରତ ପାଇଁ ଏକ ଗର୍ବର ବିଷୟ। ଦିଆଯାଇଥିବା ଦାୟିତ୍ୱରେ ସେ ଖୁବ୍ ସଫଳତା ହାସଲ କରନ୍ତୁ ବୋଲି ଧର୍ମେନ୍ଦ୍ର କହିଛନ୍ତି। ପ୍ରକାଶ ଯେ, ମିଳିତ ଜାତିସଂଘ ପରିବେଶ ଶାଖା ବିଶ୍ୱବ୍ୟାପୀ ପରିବେଶ ସୁରକ୍ଷା ଦିଗରେ କାର୍ଯ୍ୟ କରିଥାଏ। ଏହା ବିଶ୍ୱସ୍ତରର ସରକାରୀ ତଥା ବେସରକାର ସଂସ୍ଥା, ନାଗରିକ ସମାଜ, ଅନ୍ୟାନ୍ୟ ଅନ୍ତର୍ଜାତୀୟ ସଙ୍ଗଠନ ଏବଂ ଜାତିସଂଘ ସଂସ୍ଥା ସହ କାର୍ଯ୍ୟ କରିଥାଏ।

ସତ୍ୟ ଏସ୍. ତ୍ରିପାଠୀ।

- ସତ୍ୟ ତ୍ରିପାଠୀ ୟୁଏନ୍‌ଇପି ସହକାରୀ ମହାସଚିବ ନିଯୁକ୍ତ
- ଶୁଭେଚ୍ଛା ଜଣାଇଲେ ମୁଖ୍ୟମନ୍ତ୍ରୀ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର

# ୧୯ ଜୁନିୟର ଓପିଏସ ଅଧିକାରୀଙ୍କୁ ପଦୋନ୍ନତି

**ଭୁବନେଶ୍ୱର, ୨୮।୮(ବ୍ୟୁରୋ):** ୧୯ ଜୁନିୟର ଓପିଏସ୍ ଅଧିକାରୀ ଅତିରିକ୍ତ ଏସ୍‌ପି ପାହ୍ୟାକୁ ପଦୋନ୍ନତି ପାଇଛନ୍ତି। ସେମାନେ ଓପିଏସ୍ ଗ୍ରୁପ୍-ଏର ଜୁନିୟର ବ୍ୟାଚ୍‌ର ଥିବାବେଳେ ଓପିଏସ୍‌ର ସିନିୟର ବ୍ୟାଚକୁ ପଦୋନ୍ନତି ମିଳିଛି। ଏ ସଂକ୍ରାନ୍ତରେ ଗୃହ ବିଭାଗ ପକ୍ଷରୁ ମଙ୍ଗଳବାର ଏକ ବିଜ୍ଞପ୍ତି ପ୍ରକାଶ ପାଇଛି। ପଦୋନ୍ନତି ପାଇଥିବା ପୋଲିସ ଅଧିକାରୀମାନେ ହେଲେ ଜୟରାମ ଶତପଥୀ, ଅଭିରାମ କର, ବିନେସ ଚନ୍ଦ୍ର ବେହେରା, ସାନ୍ତନୁ କୁମାର ମହାନ୍ତି, ବିଷ୍ଣୁପଦ ମହନ୍ତ, ସୁନୀଲ କୁମାର ମଣ୍ଡଳ, ସୁଜନ ଦେଓ, ଅର୍ଜୁନ ବାରିକ, ଚିତ୍ତରଞ୍ଜନ ସାମନ୍ତ, ପ୍ରକାଶଚନ୍ଦ୍ର ପରିଡା, ପ୍ରଭାତଚନ୍ଦ୍ର ରାଉତରାୟ, ଶଶି ଶେଖର ମହାପାତ୍ର, ପ୍ରଦ୍ୟୁମ୍ନ କୁମାର ଜେନା, ବିପିନ ବିହାରୀ ମଲ୍ଲିକ, ମଙ୍ଗରା କୁଜୁର, ମାଧୁରୀ ସାମଲ, ତପସ୍ୱିନୀ ଆରୁଖ, ଅମିତା ପଟ୍ଟନାୟକ ଓ ଯଶୋବନ୍ତ ନାରାୟଣ ମହାପାତ୍ର। ଡିଜି ଏବଂ ଆଇଜି ପରବର୍ତ୍ତୀ ସମୟରେ ସେମାନଙ୍କ ପୋଷ୍ଟିଂ ଅର୍ଡର କରିବେ ବୋଲି ବିଜ୍ଞପ୍ତିରେ ପ୍ରକାଶ ପାଇଛି।

# ବିଜେଡିର ନୂଆ ସାଧାରଣ ସମ୍ପାଦକ ଯୋଗେନ୍ଦ୍ର ତ୍ରିପାଠୀ

**ଭୁବନେଶ୍ୱର, ୨୮।୮(ବ୍ୟୁରୋ)-** ମୁଖ୍ୟମନ୍ତ୍ରୀ ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ଅନୁମୋଦନକ୍ରମେ ଯୋଗେନ୍ଦ୍ର ତ୍ରିପାଠୀଙ୍କୁ ଦଳର ସାଧାରଣ ସମ୍ପାଦକ ଭାବେ ଦାୟିତ୍ୱ ଦିଆଯାଇଛି। ସେହିପରି ୩ ଜଣଙ୍କୁ ମିଡିଆ ପ୍ୟାନେଲିଷ୍ଟ ଭାବେ ନିଯୁକ୍ତ କରାଯାଇଛି। ସେମାନେ ହେଉଛନ୍ତି- ସତ୍ୟଜିତ ମିଶ୍ର, ସଞ୍ଜୟ ବାବୁ ଏବଂ ଚକ୍ରଧର ଦାଶ। ମଙ୍ଗଳବାର ରାଜ୍ୟ ସମ୍ପାଦକ ବିଜୟ ନାୟକଙ୍କ ଦ୍ୱାରା ଏନେଇ ଏକ ପ୍ରେସ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ସେହିପରି କେରଳ ବନ୍ୟା ପ୍ରପୀଡିତ ଜନସାଧାରଣଙ୍କ ସହାୟତା ପାଇଁ ବିଜୁ ଛାତ୍ର ଜନତା ଦଳ ପକ୍ଷରୁ ୮ ଲକ୍ଷ ଟଙ୍କାର ସହାୟତା ରାଶି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ପ୍ରଦାନ କରାଯାଇଛି। ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠି ଜରିଆରେ ଏହି ଅର୍ଥ କେରଳବାସୀଙ୍କ ନିକଟରେ ପହଞ୍ଚାଯିବ ବୋଲି ଜଣାପଡିଛି। ଛାତ୍ର ବିଜେଡି ଉପଦେଷ୍ଟା ଚିନ୍ମୟ ସାହୁ କହିଛନ୍ତି ଯେ, ପ୍ରାକୃତିକ ବିପର୍ଯ୍ୟୟ ସମୟରେ କାନ୍ଧରେ କାନ୍ଧ ମିଶାଇ ଛିଡା ହେବା ସଂଘୀୟ ବ୍ୟବସ୍ଥାର ଏକ ପରମ୍ପରା। ଛାତ୍ର ସମାଜର ମଧ୍ୟ ସାମାଜିକ ଦାୟିତ୍ୱବୋଧ ରହିବା ଦରକାର। ତେଣୁ ଦଳର ଛାମୁଆ ସଙ୍ଗଠନ ପକ୍ଷରୁ ୩୦ ଜିଲାରୁ ୮ ଲକ୍ଷ ଟଙ୍କା ସଂଗ୍ରହ କରାଯାଇ ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ କରାଯାଇଥିବା ଚିନ୍ମୟ କହିଛନ୍ତି।

## ପ୍ରଥମ ପୃଷ୍ଠାରୁ...

### ସିନ୍ଧୁ, ମନଜିତ୍‌ଙ୍କ ଐତିହାସିକ ...

ଅନ୍ୟପଟେ ଏହି ଇଭେଣ୍ଟରେ ଅନ୍ୟତମ ଭାରତୀୟ ଜ୍ଜିଷ୍ଣୁର ଜିନସନ ଜନ୍‌ଶନ ଦ୍ୱିତୀୟ ସ୍ଥାନରେ ରହି ରୌପ୍ୟ ପଦକ ଜିତିଛନ୍ତି। ଦୁଇଜଣ ଭାରତୀୟ ଏହି ଗୁରୁତ୍ୱପୂର୍ଣ୍ଣ ଦୌଡରେ ପ୍ରଥମ ଦୁଇଟି ସ୍ଥାନ ହାସଲ କରି ଅସାଧାରଣ ସଫଳତା ହାସଲ କରିଛନ୍ତି। ଜନସନ ୧ ମିନିଟ ୪୬. ୩୫ ସେକେଣ୍ଡ ସମୟ ନେଇ ଦ୍ୱିତୀୟ ସ୍ଥାନରେ ରହିଥିଲେ। ସେହିପରି ଏହି ରେସ୍‌ରେ କାତାରର ଅବଦଲ୍ଲା ଅବୁବେକର ୧ ମିନିଟ ୪୬ . ୩୮ ସେକେଣ୍ଡ ସମୟ ନେଇ ତୃତୀୟ ସ୍ଥାନରେ ରହି ବ୍ରୋଞ୍ଜ ପଦକରେ ସନ୍ତୁଷ୍ଟ ହୋଇଛନ୍ତି। ଗତ ଜୁନ୍‌ରେ ଅନୁଷ୍ଠିତ ଜାତୀୟ ଆନ୍ତଃ ଜିଲା ଆଥଲେଟିକ ଚାମ୍ପିୟନଶିପ୍‌ରେ ଜନସନ ଜିମ୍ନଦନ୍ତୀ ଧାବକ ଶ୍ରୀରାମ ସିଂଙ୍କ ୪୨ ବର୍ଷର ଜାତୀୟ ରେକର୍ଡକୁ ଅତିକ୍ରମ କରିଥିଲେ। ଜନସନ ୧ ମିନିଟ ୪୫. ୬୫ ସେକେଣ୍ଡ ସମୟ ନେଇ ଜାତୀୟ ରେକର୍ଡ ସୃଷ୍ଟି କରିଥିଲେ। ମନଜିତ୍‌ଙ୍କ ପ୍ରଦର୍ଶନକୁ ମଧ୍ୟ ଜନସନ ପ୍ରଶଂସା କରିଛନ୍ତି। ଅପରପକ୍ଷରେ ସିନ୍ଧୁ ଚଳିତ ଏସିଆନ ଗେମ୍ସର ମହିଳା ସିଙ୍ଗଲ୍ସ ବ୍ୟାଡମିଣ୍ଟନ ଟୁର୍ନାମେଣ୍ଟରେ ଫାଇନାଲ ମ୍ୟାଚରେ ପରାସ୍ତ ହୋଇ ସହ ରୌପ୍ୟ ପଦକରେ ସନ୍ତୁଷ୍ଟ ହୋଇଛନ୍ତି। ମଙ୍ଗଳବାର ଅନୁଷ୍ଠିତ ଫାଇନାଲ ମ୍ୟାଚରେ ସିନ୍ଧୁ ବିଶ୍ୱର ୧ ନମ୍ବର ଖେଳାଳି ଚାଇନିଜ ତାଇପେର ତାଇ ଜୁ- ୟିଙ୍କ୍‌ଙ୍କ ଠାରୁ ମାତ୍ର ୩୪ ମିନିଟରେ ୧୩- ୨୧, ୧୬- ୨୧ରେ ପରାସ୍ତ ହୋଇଛନ୍ତି। ପ୍ରଥମଥର ପାଇଁ ଏସିଆନ ଗେମ୍ସରେ ଦୁଇଜଣ ଭାରତୀୟ କୌଣସି ବ୍ୟକ୍ତିଗତ ଇଭେଣ୍ଟରେ ଦୁଇଟି ପଦକ ଜିତିବାକୁ ସକ୍ଷମ ହୋଇଛନ୍ତି। ପୂର୍ବରୁ ମହିଳା ସିଙ୍ଗଲ୍ସରେ ଅଲିମ୍ପିକ୍ସ ବ୍ରୋଞ୍ଜ୍ ପଦକ ବିଜୟିନୀ ସାଇନା ନେହ୍ୱାଲ ବ୍ରୋଞ୍ଜ ପଦକ ଜିତିଥିଲେ। ସାଇନାଙ୍କୁ ମଧ୍ୟ ତାଇ ଅନୁରୂପ ଢଙ୍ଗରେ ସେମିଫାଇନାଲରେ ପରାସ୍ତ କରିଥିଲେ।

# ମନେ ପଡ଼ନ୍ତି

### ଏକାଦଶାହରେ ଶ୍ରଦ୍ଧାଞ୍ଜଳି

**ସ୍ୱର୍ଗତ ମୋତି ଦେବୀ**
ଆଳିଶି ଶାସନ, ବାଲିପାଟଣା, ଖୋର୍ଦ୍ଧା।
ତିରୋଧାନ: ୧୯।୦୮।୨୦୧୮
ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆନ୍ତର ପ୍ରାର୍ଥନା। ତୁମର ଅନାବିଳ ସ୍ନେହ, ଶ୍ରଦ୍ଧା, ଭଲପାଇବା ଓ ଉପଦେଶ ଆମର ଚିର ପାଥେୟ ହେଉ। ଶୋକସନ୍ତପ୍ତ: ପୁତ୍ର, ପୁତ୍ରବଧୂ, ଝିଅଜ୍ୱାଇଁ, ନାତିନାତୁଣୀ, ଭଣଜାଭାଣିଜୀ, ଅଣନାତିଅଣନାତୁଣୀ, ବନ୍ଧୁ ଓ ପରିବାରବର୍ଗ।

### ଏକାଦଶାହ ଉପଲକ୍ଷେ

**ସ୍ୱର୍ଗତ ରାଜୀବ କୁମାର ରାୟ**
ବିରତୁଙ୍ଗ ପଞ୍ଚାୟତର ପୂର୍ବତନ ସରପଞ୍ଚ
ଆବିର୍ଭାବ: ୦୫।୦୫।୧୯୬୯ ତିରୋଧାନ: ୧୯।୦୮।୨୦୧୮
**ଗଡ଼କରମଳା, ଗୋପ, ପୁରୀ**
"ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି, ନୈନଂ ଦହତି ପାବକଃ
ନ ଚୈନଂ କ୍ଲେଦୟନ୍ତ୍ୟାପୋ ନ ଶୋଷୟତି ମାରୁତଃ ।।
ଆପଣ ହଠାତ୍ ଗୋଟିଏ ମୁହୂର୍ତ୍ତ ଭିତରେ ଇହଧାମ ତ୍ୟାଗ କଲେ ଏହା ଆମ ସ୍ୱପ୍ନର ବାହାରେ। ଆପଣଙ୍କର ସ୍ନେହ, ଶ୍ରଦ୍ଧା, ଆଦର୍ଶ, କର୍ତ୍ତବ୍ୟପରାୟଣତା ଆମ ପାଇଁ ପ୍ରେରଣାର ଉତ୍ସ ହୋଇ ରହିବ। ଆପଣଙ୍କର ଅମର ଆତ୍ମା ପରମାତ୍ମାଙ୍କଠାରେ ଲୀନ ହେଉ ଏହା ଆମର ଜଗତର ନାଥ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।
**ଶୋକ ସନ୍ତପ୍ତ ପରିବାରବର୍ଗ ଓ ବିରତୁଙ୍ଗ ଗ୍ରାମପଞ୍ଚାୟତବାସୀ**

### ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଏକାଦଶାହ ଉପଲକ୍ଷେ



**ସ୍ୱର୍ଗତ ଜୟରାମ ସାହୁ**
ପୂର୍ବତନ ସରପଞ୍ଚ,
ଗ୍ରା.ପ. ଚଅଁରପଦା,
ହଂସପଡ଼ା, ତଳପାଟକ
ଆବିର୍ଭାବ: ୦୧।୦୨।୧୯୩୦
ତିରୋଧାନ: ୧୯।୦୮।୨୦୧୮
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ। ଶୋକସନ୍ତପ୍ତ: ପୁଅ-ବୋହୂ, ଝିଅ-ଜ୍ୱାଇଁ, ଭଣଜା-ଭାଣିଜୀ, ନାତି-ନାତୁଣୀ ଓ ସାହୁ ପରିବାରବର୍ଗ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ ରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**

ଆଜିର କର୍ମକ୍ଷେତ୍ରରେ ସହକର୍ମୀଙ୍କ ଅନୁପସ୍ଥିତି କାରଣରୁ ଉପରିସ୍ଥଙ୍କ ଚାପର ସମ୍ମୁଖୀନ

ତ୍ୟାଗ ଜୀବନର ମୂଳ ଲକ୍ଷ୍ୟ ହେଉ। ତ୍ୟାଗ ନ କଲେ ଏହି ଗଭୀର ଜୀବନ ସମସ୍ୟାର ରହସ୍ୟ ଭେଦ କରିପାରିବ ନାହିଁ।
-ସ୍ୱାମୀ ବିବେକାନନ୍ଦ



# ସେପ୍ଟେମ୍ବର ୧ରେ ଆଉ ଏକ ଲଘୁଚାପ

ଭୁବନେଶ୍ୱର,୨୮।୮(ବ୍ୟୁରୋ)

ଉତ୍ତର ପଶ୍ଚିମ ବଙ୍ଗୋପସାଗରରେ ଆଉ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଛି। ଆସନ୍ତା ସେପ୍ଟେମ୍ବର ୧ରେ ଏହା ଘନୀଭୂତ ହୋଇ ଲଘୁଚାପରେ ପରିଣତ ହେବ। ଏହାର ପ୍ରଭାବରେ ଉପକୂଳ ସମେତ ଉତ୍ତର ଓ ଆଭ୍ୟନ୍ତରୀଣ ଓଡ଼ିଶାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ସେପ୍ଟେମ୍ବର ୧ ତାରିଖରେ ବରଗଡ, ଝାରସୁଗୁଡା, ସୁନ୍ଦରଗଡ, କେନ୍ଦୁଝର, ଦେବଗଡ, ମୟୂରଭଞ୍ଜ, ବାଲେଶ୍ୱର, କଳାହାଣ୍ଡି ଓ କନ୍ଧମାଳରେ ପ୍ରବଳ ବର୍ଷା ହେବ ବୋଲି ଅନୁମାନ କରାଯାଉଛି। ସେହିପରି ୨ ତାରିଖରେ ବାଲେଶ୍ୱର, କେନ୍ଦ୍ରାପଡା, ଯାଜପୁର, ଢେଙ୍କାନାଳ, ମୟୂରଭଞ୍ଜ, କେନ୍ଦୁଝର, ଦେବଗଡ, ସୁନ୍ଦରଗଡ, ରାୟଗଡା, କୋରାପୁଟ ଓ ମାଲକାନଗିରିରେ ପ୍ରବଳ ବର୍ଷା ହେବ ବୋଲି ଅନୁମାନ କରାଯାଉଛି।

କେତେକ ସ୍ଥାନରେ ପ୍ରବଳରୁ ଅତିପ୍ରବଳ ବର୍ଷା ହେବ ବୋଲି ପାଣିପାଗ ବିଭାଗ ଅନୁମାନ କରିଛି। ତେବେ ଅଗଷ୍ଟ ୩୦ ତାରିଖ ବେଳକୁ ଏହାର ରୂପରେଖ କିପରି ହେବ ତାହା ଜଣାପଡିବ।

ରାଜ୍ୟରେ ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ଦୁର୍ବଳ ରହିଛି। ବାୟୁମଣ୍ଡଳରେ ଜଳୀୟବାଷ୍ପ ରହୁଥିବାରୁ ଆସନ୍ତା ୨୪ ଘଣ୍ଟା ମଧ୍ୟରେ କେତେକ ସ୍ଥାନରେ ଘଡଘଡି ସହ ଅସରାଏ କିମ୍ବା ଦି'ଅସରା ବର୍ଷା ହେବାର ସମ୍ଭାବନା ରହିଛି। ୧ ତାରିଖରୁ ବର୍ଷା ପରିମାଣ ବଢିବ ବୋଲି ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ପୂର୍ବାନୁମାନ କରାଯାଇଛି।

ଗତ ୨୪ ଘଣ୍ଟା ମଧ୍ୟରେ ରାଜ୍ୟର କେତେକ ସ୍ଥାନରେ ବର୍ଷା ହୋଇଛି। ମିଳିଥିବା ସୂଚନା ଅନୁଯାୟୀ ବାଲେଶ୍ୱରରେ ୩୫.୬ ମିଲିମିଟର ବର୍ଷା ରେକର୍ଡ କରାଯାଇଥିବା ବେଳେ ଚାନ୍ଦବାଲି ୯, ପାରାଦୀପ ୩.୪, ପୁରୀ ୧୧.୧, ବାରିପଦା ୧୬, ଝାରସୁଗୁଡା ୩୦.୬, କୋରାପୁଟ ୧୮.୯ ଏବଂ ମାଲକାନଗିରିରେ ୧୧ ମିଲିମିଟର ବର୍ଷା ରେକର୍ଡ କରାଯାଇଛି।

## ବାଲିମେଳା ଜଳଭଣ୍ଡାରର ୨ ଗେଟ୍ ଖୋଲିବ

ମାଲକାନଗିରି,୨୮।୮(ଡି.ଏନ.ଏ.)

ମାଲକାନଗିରି ଜିଲା ବାଲିମେଳା ଜଳଭଣ୍ଡାରର ୨ଟି ଗେଟ୍ ଗୁରୁବାର ଖୋଲିବ। ଡ୍ୟାମରେ ଜଳସ୍ତର କ୍ରମଶଃ ବୃଦ୍ଧି ପାଉଥିବାରୁ ଜିଲାପାଳ ମନୀଷ ଅଗ୍ରୱାଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ୨ଟି ଗେଟ୍ ଖୋଲିବାକୁ ନିଷ୍ପତ୍ତି ନିଆଯାଇଛି। ଗେଟ୍ ଖୋଲିଲେ ୨୦ ହଜାର କ୍ୟୁସେକ୍ ଜଳ ନିଷ୍କାଷିତ ହେବ। ଏଥିପାଇଁ ଜନସାଧାରଣ ଭୟଭିତ ନ ହେବାକୁ ପ୍ରଶାସନ ପକ୍ଷରୁ କୁହାଯାଇଛି।

ADMISSION OPEN
2018-20
B.Ed, B.P.Ed, B.H.Ed.
10th, +2, +3 (UG, PG, All stream) BCA, MCA, BLib, PGDCA, MSW, BBA, MEd., MPhil,
At Regular & Distance at lower rate Approved by UGC, NCTE & Equivalent to Odisha Board University
ADHYAN INSTITUTE OF EDUCATION
Jharsuguda, Sundargarh, Sambalpur, Deogarh, Boudh
Mob: 9937693353, 7008624254, 9337325436

AMITY UNIVERSITY
MEDIA & COMMUNICATION PROGRAMMES
LAST OPPORTUNITY
Apply by: 31.08.18
TOP PLACEMENTS AT AMITY
Ogilvy · The Times of India · Genesis Burson-Marsteller · Zee Media · Cohn & Wolfe · Lexicon · itv Network · Viacom 18 · Network 18 · Rajshri · Crazy Fox · Republic · Radio City · n Nucleus
• B.A. - Journalism & Mass Comm./ Film & TV Production/3C
• B.Sc. - Animation & Visual Graphics
• M.Sc. - Graphics & Animation
• M.A. - Journalism & Mass Communication/Film, TV & Radio/Advertising & PR/ Media Studies/Film & TV Production/Advertising & Marketing Management
• PG Dip. in Journalism & Mass Communication
For programme availability & Admission Pack, visit respective universities' website
www.amity.edu/gurugram · www.amity.edu/lucknow
www.amity.edu/gwalior · www.amity.edu/mumbai
www.amity.edu/jaipur · www.amity.edu/raipur

2 ଲକ୍ଷ ଲୋକ ଲଗେଇଲେ ହ୍ୟାଟ୍-ଟ୍ରିକ୍
BAJAJ
ଜଲ୍‌ଦି କରନ୍ତୁ! ଅଫର୍ ଏବେ 31 ଅଗଷ୍ଟ 2018 ପର୍ଯ୍ୟନ୍ତ
1 ବର୍ଷ ମାଗଣା ଇନ୍‌ସ୍ୟୋରାନ୍ସ + 2 ବର୍ଷ ମାଗଣା ସର୍ଭିସ୍ + 5 ବର୍ଷ ୱାରଣ୍ଟୀ
ହ୍ୟାଟ୍-ଟ୍ରିକ୍ ଅଫର୍*
CT100 | pulsar | V | PLATINA | Discover
Call 7219821111 or visit www.bajajauto.com/hattrick
*ତିନୋଟିଯାକ ଅଫର୍ ପଲ୍‌ସର୍ 150, ପଲ୍‌ସର୍ 160, V, ଡିସ୍‌କଭର୍ ଓ ପ୍ଲାଟିନା ସକାଶେ ବି ମିଳୁଛି। 2 ବର୍ଷର ମାଗଣା ସର୍ଭିସ୍ ଓ 5 ବର୍ଷର ୱାରଣ୍ଟୀ ଅନ୍ୟାନ୍ୟ ପଲ୍‌ସର୍ ଓ CT100 ସକାଶେ ମିଳୁଛି। 5 ବର୍ଷର ୱାରଣ୍ଟୀ ଡୋମିନାର୍ ଓ ଆଭେଞ୍ଜର୍ ପାଇଁ ମିଳୁଛି। ସର୍ତ୍ତ ଓ ନିୟମାବଳୀ ଲାଗିବ। ନ୍ୟୁନ ସୁଧ ହାର ଓ ନ୍ୟୁନ ଡାଉନ୍ ପେମେଣ୍ଟ ଅଫର୍‌ସବୁ ବି ପାଆନ୍ତୁ।
For institutional/bulk orders, please send an email to corporatesales@bajajauto.co.in
**Authorised Dealers for Bajaj Auto Ltd.:** Sambalpur: UJJWAL BAJAJ 9853155550 • Rourkela: RM BAJAJ 90780 83803 • Baragrh CHANDAN BAJAJ 7381415555 • Bolangir URBASI BAJAJ 7381052046 • Bhawanipatna KALINGA BAJAJ 8895088261 • Jharsuguda UTKAL BAJAJ 7205535008. **Authorised Service Centre:** Binika 9437151684, Dunguripali 9937006819, Boudh 7978833033, Sonpur 9861008000, Kuchinda 9437392099, Titilagarh 9437322996, Patnagarh 9937301752, Kantabanji 9439277555, Padampur 9437417977, Gaisilet 9937517018, Barpali 9861368656, Junagarh 9437092196, Muniguda 9437458426, Rajkhariar 8249940196, Udyanbandh 9337683275, Khariar Road 9437188542, Brajrajnagar 9937124444, Bamara 9937108643, Bagdhi 7873430989, Kuchinda 9437392099, Deogarh 9437020444, Sundargarh 9437203163, Rajgangpur 8908908901, Ujjwalpur 9178463828, Diptipur-7750039856, Godbhaga – 9937514987.

Fortune
ସୋୟା ବଡି
ପାଆନ୍ତୁ ମାଗଣା* ଫୁଡ୍ ବାଉଲ୍
Free FRUIT BOWL ₹18
Soya Chunks
*ଅଫର୍ ଓ ଡିଜାଇନ୍‌ରେ ଭାରିତା ଯୋଗୁଁ ଅଫର୍ ଓ ଡିଜାଇନ୍‌ରେ ପରିବର୍ତ୍ତନ ହୋଇପାରେ। ଏହା ସୀମିତ ସମୟ ପାଇଁ ମିଳୁଛି।

MARUTI SUZUKI
THIS MONSOON, IT'S RAINING EXCITEMENT.
With offers up to Rs.65,000*, Maruti Suzuki makes this August more exciting than ever before.
Hurry!!! Last 3 days
ALTO 800 · CELERIO · WAGONR
ALTO 800 SAVE UPTO ₹45,000*
CELERIO SAVE UPTO ₹50,000*
WAGONR SAVE UPTO ₹65,000*
GET EXCHANGE BONUS UPTO ₹30,000*
Special offer upto ₹5,100* for employees of LIC, PSUs, Central and State Health Departments
For Institutional Sales/ Bulk Deal / DGS&D/GeM Enquiries, please email at adinath.ray@maruti.co.in
Special Offer for IFFCO Linked Co-op Society Members & IFFCO, IFFCO TOKIO Employees
For any feedback/concern please contact Regional Office, Maruti Suzuki 0674-6571581
LEGEND CARS
• JEYPORE: 7894335551
• BHAWANIPATNA: 7894442910
SKY AUTOMOBILES
• BERHAMPUR: 7381261000
ODYSSEY MOTORS
• SAMBALPUR: 9439018805 • BOLANGIR: 9438068327
• BARGARH: 8895094616 • NUAPADA: 8895094633
• SONEPUR: 9437421356 • JHARSUGUDA: 9439892153 • BOUDH: 8594908009
ORBIT MOTORS
• ROURKELA: 9040404444, 9040404333
• SUNDARGARH: 9437049161
• DEOGARH: 9040088111
*Terms and conditions applicable. The Terms and Conditions are subject to change without any prior notice. All offers are brought to you by Maruti Suzuki Dealers only. Car models and accessories shown may vary from the actual product. Images used are for illustration purpose only. Savings include consumer and exchange offer and is valid from 1st August'18 to 31st August'18. Savings are mentioned for Alto 800, Celerio (AGS) and WagonR (AGS). Exciting offer mentioned is of WagonR AGS Model. Mentioned Exchange Bonus of ₹30,000 is only on Celerio and WagonR. Exclusive Offer of upto ₹5,100* for LIC employees and Agents, Navratna PSUs (as listed in Maruti DMS Database) and Govt. Health Dept. employees and Member of IFFCO linked Co-op Society & Employees of IFFCO & TOKIO only as applicable. All offers and the savings given above are applicable for the month of August'18 only. Offers as shown above may change without any prior notice.

# ଚାକିରି, ଅବସର, ଚାକିରି

ଭାରତୀୟ ପ୍ରଶାସନିକ ସେବା (ଆଇଏଏସ୍) ଏବଂ ଭାରତୀୟ ପୋଲିସ ସେବା (ଆଇପିଏସ୍) ଅଧିକାରୀମାନେ ଏ ଦେଶରେ ଅତ୍ୟନ୍ତ କ୍ଷମତାଶାଳୀ ରହିଥିବା ବିଷୟ ସମସ୍ତଙ୍କୁ ଜଣା। ସେହିମାନେ ହିଁ ସ୍ଥାୟୀ ସରକାର । ତାଙ୍କ ପାଇଁ ରାଜନେତା ଏବଂ ରାଜନୈତିକ ଦଳ କ୍ଷମତାକୁ ଆସିବେ ଓ ଯିବେ । ତାଙ୍କର ସୁବିଧା ହେଲେ ରାଜନେତାଙ୍କ ସପକ୍ଷରେ କାର୍ଯ୍ୟ କରି ଦୀର୍ଘସ୍ଥାୟୀ କରାଇପାରିବେ। ଏପରିକି ବିଭିନ୍ନ ସରକାରୀ କାର୍ଯ୍ୟକ୍ରମର ସୂତ୍ର ଦେଖାଇ ରାଜନୈତିକ ଦଳକୁ ସରକାରରେ ରହିବାକୁ ସୁଯୋଗ ଦେବେ। ତାହାର ପ୍ରତିବଦଳରେ ତାଙ୍କର ସବୁ ସୁଯୋଗ ଏବଂ ବିପୁଳ ଆର୍ଥିକ ସୁବିଧା ହାତେଇବା ପାଇଁ କୌଣସି ରାଜନୈତିକ ପ୍ରତିରୋଧ ସୃଷ୍ଟି ହେବା ଉଚିତ ନୁହେଁ। ଅପରପକ୍ଷରେ ଜନସାଧାରଣଙ୍କ ଆଶା ଆକାଂକ୍ଷା କାର୍ଯ୍ୟକାରୀ କରାଇବାକୁ ଇଚ୍ଛୁକ ରାଜନେତା ବା ଦଳ ଏହି ଅମଲାତାନ୍ତ୍ରିକ କୋପଦୃଷ୍ଟିରେ ପତିତଗଲେ, କ୍ଷମତାରେ ଦୀର୍ଘକାଳ ରହିବା ଅସମ୍ଭବ ହୋଇପଡିଥାଏ।

କେବଳ ଚାକିରି କାଳ ମଧ୍ୟରେ ନୁହେଁ, ଅବସର ଗ୍ରହଣ ପରେ ସରକାରୀ ସୁବିଧା ପାଇବାକୁ ହାଇଁପାଇଁ ହେଉଥିବା ଅଧିକାଂଶ ଅଫିସରଙ୍କ ଚରିତ୍ର ବିଷୟରେ ବହୁ ଦୃଷ୍ଟାନ୍ତ ରହିଛି। ଶାସନରେ ଥିବା ବ୍ୟକ୍ତିଙ୍କୁ ଖୁସି କରିବାରେ ଯେଉଁ ଅଧିକାରୀ ଯେତେ ସଫଳ ହୋଇଥାଆନ୍ତି, ଅବସର ପରେ ସେମାନଙ୍କୁ ସେହିଭଳି ବଡ଼ ଧରଣର ପଦବୀ ମିଳୁଥିବା ଓଡ଼ିଶାଠାରୁ ଆରମ୍ଭ କରି ସମଗ୍ର ଦେଶରେ ଦେଖିବାକୁ ମିଳିଛି। କ୍ଷଣସ୍ଥାୟୀ ରାଜନେତା ଓ ଦୀର୍ଘସ୍ଥାୟୀ ଅମଲାତନ୍ତ୍ରୀଙ୍କ ମଧ୍ୟରେ ଥିବା ଗୁପ୍ତ ବୁଝାମଣା ବିଷୟରେ ସାଧାରଣ ଲୋକ ସହଜରେ ଜାଣିପାରନ୍ତି ନାହିଁ। ହେଲେ ଉତ୍ତରପ୍ରଦେଶର ଆଇପିଏସ୍ ଅଧିକାରୀ ସୂର୍ଯ୍ୟ କୁମାର ଶୁକ୍ଲା ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥକୁ ଏକ ସରକାରୀ ଲେଟରହେଡ୍‌ରେ ଉଲ୍ଲେଖ କରିଛନ୍ତି ଯେ, ଅବସର ପରେ ତାଙ୍କୁ ୪ଟି ଗୁରୁତ୍ୱପୂର୍ଣ୍ଣ ପଦବୀ ଯଚାଯାଇପାରିବ। ଅଗଷ୍ଟ ୩୧ରେ ଅବସର ନେବା ପରେ ସେ ଉତ୍ତରପ୍ରଦେଶ ଯୋଜନା କମିଶନ ଉପାଧକ୍ଷ, ଖଦି ଗ୍ରାମୋଦ୍ୟୋଗ ବୋର୍ଡ, ରାଜ୍ୟ ସମାଜ କଲ୍ୟାଣ ବୋର୍ଡ ଏବଂ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଅଧକ୍ଷ ପଦ ପାଇବାକୁ ହକ୍‌ଦାର ବୋଲି ଲେଖିଥିବା ଚିଠି ଲିକ୍ ହେବା ପରେ ଘଟଣା ପଦାକୁ ଆସିଛି। କୌତୂହଳର ବିଷୟ ଯେ, ଗଣମାଧ୍ୟମ ପକ୍ଷରୁ ତାଙ୍କୁ ଏ ନେଇ ପ୍ରଶ୍ନ କରାଯିବାରୁ ସେ ତାହାକୁ ମାନିଛନ୍ତି। ଜବାବ ଦେବାକୁ ଯାଇ କହିଛନ୍ତି ଯେ, ଏଭଳି ପ୍ରସ୍ତାବ ଦେବାରେ ସେ କୌଣସି ଭୁଲ କରିନାହାନ୍ତି। ତାଙ୍କ କହିବା ଅନୁଯାୟୀ, ପ୍ରତ୍ୟେକ ଅଧିକାରୀ ଅବସର ପରେ ରାଜ୍ୟର ସେବା କରିବାକୁ ଚାହିଁଥାନ୍ତି। ସେ ପୁଣି କହିଛନ୍ତି, ତାଙ୍କ ପୋଲିସ କ୍ୟାରିୟର ଅତ୍ୟନ୍ତ ତ୍ରୁଟିଶୂନ୍ୟ ରହିଛି। ପୋଲିସିଆ ଠାଣିରେ ଶୁକ୍ଲା ଦେଇଥିବା ଉତ୍ତର ସ୍ପଷ୍ଟ କରିଦେଉଛି ଯେ, ବଡ଼ ପଦବୀରେ ରହୁଥିବା ଅଧିକାରୀମାନେ ଶାସକ ଦଳ ସହ ସ୍ୱାର୍ଥଜଡ଼ିତ ଘନିଷ୍ଠତା ବଢ଼ାଇବାରେ ପାରଙ୍ଗମ। ଏଥିରୁ ବୁଝିବାକୁ ହେବ ଯେ ଚାକିରି ସମୟରେ ସେବାର ବିପରୀତ କାର୍ଯ୍ୟ ଏହିଭଳି ଅମଲାତନ୍ତ୍ରୀମାନେ କରିଥାଆନ୍ତି। ଶୁକ୍ଲାଙ୍କର ଏଭଳି ଆଶା କାହିଁକି ବା ନ ହେବ। ସବୁ ରାଜନୈତିକ ଦଳକୁ ଦେଖିଲେ ଜଣାପଡ଼େ ଯେ, ଏବେ ଲୋକଙ୍କ ସେବାକରି ରାଜନୀତିକୁ ଆସୁଥିବା ବ୍ୟକ୍ତିଙ୍କ ସଂଖ୍ୟା ହ୍ରାସ ପାଇବାରେ ଲାଗିଛି। ସେଥିପାଇଁ ଅବସରପ୍ରାପ୍ତ ସରକାରୀ କର୍ମଚାରୀ ବିଧାୟକ, ସାଂସଦ, ରାଜ୍ୟପାଳ ଏବଂ ଅନ୍ୟସବୁ ସାମ୍ବିଧାନିକ ପଦବୀରେ ଅଳଙ୍କୃତ ହେଉଛନ୍ତି। ସରକାରଙ୍କ ସପକ୍ଷରେ ଦୁଇଟି ରାୟଦେଇ ସୁପ୍ରିମକୋର୍ଟର ପୂର୍ବତନ ବିଚାରପତି ଆଦର୍ଶ କୁମାର ଗୋଏଲ ଜାତୀୟ ସବୁଜ ଟ୍ରିବ୍ୟୁନାଲ (ଏନ୍‌ଜିଟି) ଅଧକ୍ଷ ହୋଇପାରିଛନ୍ତି। ସେହିଭଳି ଦିଲ୍ଲୀରେ ବିଧାୟିକା ହେବାରେ ଅସଫଳ ହୋଇଥିବା କିରଣ ବେଦୀ ପୁଡୁଚେରୀରେ ଲ୍ୟୁଟ୍‌ନାଣ୍ଟ ଗଭର୍ନର ହୋଇପାରିଛନ୍ତି।

ଭାରତରେ ଅଧିକାଂଶ ଅଧିକାରୀ ଅବସର ପରେ ବିଭିନ୍ନ ଲୋଭାଳିଆ ପଦରେ ରହିବା ଲାଗି ପୂର୍ବରୁ ସେଟିଂ କରିସାରିଥାଆନ୍ତି। ଅବସର ପରେ ତତ୍‌କ୍ଷଣାତ୍ ସେମାନଙ୍କୁ ତାହା ମିଳିଯାଇଥାଏ। ଏଥିରୁ ବୁଝିବାକୁ ହେବ ଯେ, ଏହିସବୁ ଅଧିକାରୀମାନେ ସାଧାରଣ ଲୋକଙ୍କ ସ୍ୱାର୍ଥକୁ ଜଳାଞ୍ଜଳି ଦେବାରେ ପଛାଇ ନ ଥିବେ। ଆଜର ପରସ୍ଥତରେ ଦେଶ ପଛେ ବୁଡ଼ିଯାଉ, ବ୍ୟକ୍ତିଗତ ସ୍ୱାର୍ଥ ରକ୍ଷା ହୋଇଯାଇଛି ଅନେକଙ୍କ ମୂଳ ଉଦ୍ଦେଶ୍ୟ। କେବଳ ପ୍ରଶାସନିକ ଅଧିକାରୀ ନୁହନ୍ତି, ଇଞ୍ଜିନିୟର, ଡାକ୍ତର, ପ୍ରାଧାପକଙ୍କଠାରୁ ଆରମ୍ଭ କରି ଅବସରପ୍ରାପ୍ତ ବିଚାରପତିଙ୍କ ପର୍ଯ୍ୟନ୍ତ ବ୍ୟକ୍ତିବିଶେଷ ଏହି ପଥରେ ଅଛନ୍ତି। ବ୍ୟବସ୍ଥାକୁ ଝୁଣି ସେଥିରୁ ମହୁ ଶୋଷିବାରେ ଯେଭଳି ଅଧିକାରୀଙ୍କ ମଧ୍ୟରେ ଲାଗିଯାଇଛି ପ୍ରତିଦ୍ୱନ୍ଦ୍ୱିତା। ଅବସର ପରେ ଯଦି ଜଣେ ଅଧିକାରୀଙ୍କୁ ସରକାର କୌଣସି ଏକ ପଦବୀରେ ଅବସ୍ଥାପିତ କରିବାକୁ ଚାହୁଁଛନ୍ତି, ତେବେ ଏକ କୁଲିଂ-ଅଫ୍ ପିରିୟଡ୍ ବା ନିର୍ଦ୍ଦିଷ୍ଟ ସମୟ ଅତିକ୍ରାନ୍ତ ପରେ ଆବଶ୍ୟକ ସ୍ଥଳେ ଦକ୍ଷତାକୁ ବିଚାର କରାଯାଇ ଏଭଳି ନିଷ୍ପତ୍ତି ନିଆଯାଇପାରେ। ଚାକିରି ସରୁସରୁ ଅଧିକାରୀଙ୍କୁ ପଦବୀ ମିଳିଯାଉଥିବାରୁ ତାହାର ଅନେକେ ଦୁରୁପଯୋଗ କରୁଛନ୍ତି। ଅବସରପ୍ରାପ୍ତଙ୍କୁ ପୁନଃ ଅବସ୍ଥାପିତ କରାଯିବା ପରମ୍ପରାକୁ ରୋକିବା ଲାଗି ଏ ଦେଶରେ ସେଭଳି ସାହସୀ ଶାସକ ଦେଖାଯାଉ ନାହାନ୍ତି।

ଏଠାରେମନେରଖିବାକୁହେବଯେ,ଅବସରପରେଏହିଭଳିପୁନଃନିଯୁକ୍ତିପାଉଥିବା ବ୍ୟକ୍ତିବିଶେଷ ଭାରତୀୟ ଯୁବପିଢ଼ିର ସବୁଠାରୁ ବଡ଼ ଶତ୍ରୁ। ଦୀର୍ଘକାଳ ଗାଦି ମାଡ଼ିବସି ରହିଥିବା ଏହିଭଳିଚରିତ୍ରମାନେ ଯୁବବର୍ଗଙ୍କୁ ଉପରକୁଉଠିବାର ସୁଯୋଗ ଦେଉନାହାନ୍ତି।

## ଚିରନ୍ତନୀ

ଆସିବ ସେ ଦିନ କେବେ ହୋଇବ ମିଳନ
ମିଶି ଯିବୁଁ ଦୁଇ ପାରୁଁ ପୁଣି ଦୁଇ ମନ। (ବ୍ୟବଧାନ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ୨୫ ବର୍ଷ ତଳର ଧରିତ୍ରୀ

୨୯ ଅଗଷ୍ଟ ୧୯୯୩

- ତାଜିକସ୍ତାନରେ ଏକ ବିମାନ ଦୁର୍ଘଟଣାରେ ୩୫ଜଣ ଯାତ୍ରୀଙ୍କ ପ୍ରାଣହାନି।
- ମଣିପୁରର ନୂତନ ରାଜ୍ୟପାଳ ଭାବେ ଭି.କେ. ନାୟାରଙ୍କ ନିଯୁକ୍ତି।
- ପ୍ରତ୍ୟର୍ପଣ (ସଂଶୋଧନ) ବିଲ୍, ୧୯୯୩ ପାର୍ଲାମେଣ୍ଟରେ ଅନୁମୋଦିତ।

## su | do | ku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 6 | | | A | | | 9 | | 3 | D | 4 | | | 0 | |
| 9 | 5 | | D | | | | B | C | 6 | | | | | |
| | | 3 | E | | | | | 6 | | 2 | | 4 | | 9 |
| | | 8 | | 3 | | 5 | | | | | 1 | D | | |
| B | | | | | | | 1 | | | | | A | 6 | E |
| | | | 7 | E | | | | | 9 | | | B | 1 | |
| | | | C | | 6 | | | | 1 | E | | | | |
| | | B | | | 2 | | D | | | | 0 | | | |
| | E | | | 1 | | | 8 | | | 3 | 7 | 6 | | D |
| | | 6 | | | | | | | 5 | | | 8 | | A |
| | | 5 | | 7 | | 0 | | | 4 | 6 | C | | B | |
| | | | | | | E | | 9 | A | 1 | 5 | | 8 | |
| | | | 3 | | | 8 | | | | | | 9 | | |
| | 7 | | | | | | | 4 | | | 3 | 1 | 2 | |
| | | | | 9 | C | 1 | 2 | | E | | | | | 5 |

ଏହାର ଉତ୍ତର ପରବର୍ତ୍ତୀ ସଂସ୍କରଣରେ ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 1 | D | 6 | B | A | 8 | 2 | E | 9 | 7 | 3 | 5 | 4 | 0 | C |
| 0 | 4 | A | 3 | 7 | 5 | 6 | D | B | C | 9 | E | 2 | 1 | 8 |
| 3 | E | C | 1 | 2 | D | 7 | 8 | 4 | 0 | 6 | B | A | 5 | 9 |
| 2 | B | 8 | 6 | 4 | 9 | 5 | C | 0 | 1 | A | D | 7 | E | 3 |
| 5 | 7 | 9 | C | E | 0 | A | 3 | 1 | 8 | 2 | 4 | D | B | 6 |
| A | 6 | 4 | 2 | 1 | 3 | C | 7 | 5 | D | E | 8 | 0 | 9 | B |
| D | 1 | 5 | 8 | C | E | 3 | 9 | A | B | 0 | 2 | 6 | 4 | 7 |
| 7 | 9 | 3 | 4 | 6 | B | E | 0 | 2 | A | 5 | C | 1 | 8 | D |
| 8 | 2 | 0 | 5 | 9 | 7 | B | 6 | D | 3 | 4 | 1 | E | C | A |
| B | C | E | D | 0 | A | 1 | 4 | 8 | 6 | 7 | 9 | 3 | 2 | 5 |
| 9 | 5 | 1 | A | D | 4 | 0 | B | 3 | 2 | C | 6 | 8 | 7 | E |
| 4 | 8 | B | 0 | 5 | 6 | 9 | 2 | 7 | E | D | A | C | 3 | 1 |
| 6 | A | 7 | E | B | 2 | 8 | 5 | C | 4 | 1 | 3 | 9 | D | 0 |
| C | 0 | 2 | 9 | 3 | 1 | D | A | E | 5 | 8 | 7 | B | 6 | 4 |
| E | 3 | D | 7 | 8 | C | 4 | 1 | 6 | 9 | B | 0 | 5 | A | 2 |

ଗତକାଲିର ଉତ ର

# ଐତିହାସିକ ଭୁଲ୍

ଡ. ବାଞ୍ଛାନିଧି ପଣ୍ଡା

ଅତୀତରେ ଜମ୍ମୁ-କଶ୍ମୀର ସମ୍ପର୍କରେ ଭାରତୀୟ ଶାସକମାନଙ୍କ କେତେକ ଭୁଲ୍ ନୀତି ଆଜି କଶ୍ମୀର ସମସ୍ୟାକୁ ଭୟାବହ କରିଗଢିତୋଳିଛି। ଭାରତ ସ୍ୱାଧୀନ ହେବା ପରେ କଶ୍ମୀରକୁ ବଳପୂର୍ବକ ପାକିସ୍ତାନରେ ମିଶାଇବା ପାଇଁ ୧୯୪୭ ଅକ୍ଟୋବର ୨୦ ତାରିଖରେ କଶ୍ମୀର ରାଜ୍ୟର ଉତ୍ତରପଶ୍ଚିମ ସୀମାରେ କବାଇଲି (ସ୍ଥାନୀୟ ଜନଜାତି)ମାନଙ୍କ ବେଶରେ ପାକିସ୍ତାନୀ ସୈନ୍ୟମାନେ ଆକ୍ରମଣ କଲେ। ଏପରି ସ୍ଥିତିରେ ୧୯୪୭ ଅକ୍ଟୋବର ୨୪ ତାରିଖରେ ମହାରାଜା ହରି ସିଂ ଜମ୍ମୁ-କଶ୍ମୀରକୁ ଭାରତରେ ବିଲୟ କରିବା ପାଇଁ ଭାରତ ସରକାରଙ୍କ ପାଖକୁ ପ୍ରସ୍ତାବ ପଠାଇଲେ। ଅକ୍ଟୋବର ୨୬ରେ ବିଲୟପତ୍ର ସ୍ୱାକ୍ଷରିତ ହେବା ପରେ ୨୭ ତାରିଖରେ ଭାରତୀୟ ସେନା ଶ୍ରୀନଗରରେ ପହଞ୍ଚିଲେ। ଏହି ବାସ୍ତୁରି ଘଣ୍ଟା ଭାରତବର୍ଷ ପାଇଁ ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ ଥିଲା, କାରଣ ପାକିସ୍ତାନୀ ସେନା ଯେଉଁ ଗତିରେ ଆଗକୁ ବଢୁଥିଲା ସେହି ସମୟର ପ୍ରତ୍ୟେକ ମିନିଟ୍ ଭାରତର ଭାଗ୍ୟ ନିର୍ଣ୍ଣାୟକ ଥିଲା। ଅସଲ କଥା ହେଲା ଭାରତୀୟ ନେତୃବୃନ୍ଦ ଚାହୁଁଥିଲେ ଯେ ଭାରତ ସହ ମିଶ୍ରଣ ସ୍ୱୀକାର କରିବା ପୂର୍ବରୁ ମହାରାଜା ହରି ସିଂ ଗାଦି ଛାଡି ଶେଖ୍ ଅବଦୁଲ୍ଲାଙ୍କୁ ଶାସନଭାର ସମର୍ପଣ କରିଦିଅନ୍ତୁ। ଶେଖ୍ ଅବଦୁଲ୍ଲା ଜଣେ ଅରାଷ୍ଟ୍ରୀୟ ବ୍ୟକ୍ତି ହୋଇଥିବା ଯୋଗୁ ମହାରାଜା ଓ ଜମ୍ମୁ-କଶ୍ମୀର ଜନତା ଏପରି କରିବାକୁ ପ୍ରସ୍ତୁତ ନ ଥିଲେ। ଯଦି ୨୪ ତାରିଖ ଦିନ ହିଁ ବିଲୟର ଔପଚାରିକତା ସମାପ୍ତ କରି ସେହିଦିନ କିମ୍ବା ୨୫ ତାରିଖରେ ଭାରତୀୟ ସେନା ଶ୍ରୀନଗରରେ ପହଞ୍ଚିଯାଇଥାଆନ୍ତେ ତେବେ ଘଟଣା ଭିନ୍ନ ମୋଡ ନେଇଥାଆନ୍ତା। ଏତେ ପରିମାଣରେ ଧନଜୀବନ ନଷ୍ଟ ହୋଇ ନ ଥାଆନ୍ତା ଏବଂ ଆମର ଏତେ ବିସ୍ତୃତ ଅଞ୍ଚଳ ପାକିସ୍ତାନ କବ୍‌ଜାରେ ରହି ନ ଥାଆନ୍ତା।

ଦ୍ୱିତୀୟତଃ ଭାରତୀୟ ରାଜନୈତିକ ନେତୃବୃନ୍ଦଙ୍କ ସବୁଠାରୁ ବଡ଼ ଭୁଲ୍ ଥିଲା କଶ୍ମୀର ସମସ୍ୟାକୁ ନିଜଆଡୁ ଜାତିସଂଘକୁ ନେବା। ଏହି ପଦକ୍ଷେପ ଆଜିମଧ୍ୟ ଦୁର୍ବୋଧ ହୋଇ ରହିଛି। ଏଥିପାଇଁ ଦେଶକୁ ବହୁ ମୂଲ୍ୟ ଦେବାକୁ ପଡିଛି, ପଡୁଛି ଓ ପଡୁଥିବ। ଆମର ସୈନ୍ୟବାହିନୀ ବୀରଦର୍ପରେ ପାକିସ୍ତାନୀ ସେନାକୁ ପଛକୁ ତଡିନେଇ ଆମ ଅଞ୍ଚଳକୁ ମୁକ୍ତ କରିବାରେ ଲାଗିଥିଲେ। ମାତ୍ର ବଡଲାଟ ମାଉଣ୍ଟବେଟେନଙ୍କ କଥାରେ ପଡି ଭାରତ ସରକାର ୧୯୪୭ ଡିସେମ୍ବର ୩୦ରେ ଜାତିସଂଘରେ ଫେରାଦ ହୋଇ ଦାବି କଲେ ଯେ ପାକିସ୍ତାନକୁ ଆକ୍ରମଣକାରୀ ବୋଲି ଘୋଷଣା କରାଯାଉ ଏବଂ ଭାରତବର୍ଷର ସମସ୍ତ ଅଞ୍ଚଳକୁ ଖାଲି କରିବା ପାଇଁ ପାକିସ୍ତାନକୁ ନିର୍ଦ୍ଦେଶ ଦିଆଯାଉ। ୧୯୪୮ ଡିସେମ୍ବର ୩୧ରେ ଆମ ନେତୃବୃନ୍ଦ ଏକତରଫା ଭାବେ ଯୁଦ୍ଧବିରତି ଘୋଷଣା କରି ଆମର ବିଜୟକୁ ପରାଜୟରେ ପରିଣତ କରିଦେଲେ। ୧୯୪୯ ଜାନୁୟାରୀ ୧ରେ କଶ୍ମୀରରେ ଜାତିସଂଘ ଦ୍ୱାରା ଯୁଦ୍ଧବିରତି ଘୋଷଣା କରାଗଲା। ସେତେବେଳେ ପାକିସ୍ତାନ ଆମର ୭୮,୧୧୪ ବର୍ଗ କିମି ଅଞ୍ଚଳ ନିଜ କବ୍‌ଜାରେ ଜବରଦସ୍ତ ରଖିନେଲା, ଯାହାକୁ ଆମେ ପାକ୍-ଅଧିକୃତ କଶ୍ମୀର ବୋଲି କହୁଛୁ। ଏହାକୁ ମୁକ୍ତ କରିବାର ସମସ୍ତ ସାମର୍ଥ୍ୟ ଥିବା ସତ୍ତ୍ୱେ ଆମେ କେବଳ ଜଳଜଳ ହୋଇ ଚାହିଁ ରହିଲୁ। ଆମର ଭୁଲ୍ ନୀତି ଯୋଗୁ ଜମ୍ମୁ-କଶ୍ମୀର କିପରି କ୍ଷତିଗ୍ରସ୍ତ ହୋଇଛି ପ୍ରଦତ୍ତ ପରିସଂଖ୍ୟାନରୁ ତାହା ସ୍ପଷ୍ଟ ହୁଏ। ସମ୍ପୂର୍ଣ୍ଣ ଜମ୍ମୁ-କଶ୍ମୀରର କ୍ଷେତ୍ରଫଳ ୨,୨୨,୨୩୬ ବର୍ଗ କିମି (୧୦୦%)। ପାକିସ୍ତାନର ଅବୈଧ କବ୍‌ଜାରେ ଅଛି (POK) ୭୮,୧୧୪ ବର୍ଗ କିମି (୩୫.୧୫%)। ପାକିସ୍ତାନ ଦ୍ୱାରା ଅବୈଧ ଭାବରେ ଚାଇନାକୁ ଦିଆଯାଇଛି ୫,୧୮୦ ବର୍ଗ କିମି (୨.୨୯%)। ୧୯୬୨ ଯୁଦ୍ଧରେ ଚାଇନା-ଅଧିକୃତ ଅଞ୍ଚଳ ୩୭,୫୫୫ ବର୍ଗ କିମି (୧୬.୯୨%) ବର୍ତ୍ତମାନ ଭାରତରେ ଥିବା ଜମ୍ମୁ-କଶ୍ମୀର ଅଞ୍ଚଳ ୧,୦୧,୩୮୭ ବର୍ଗ କିମି (୪୫.୬୪%)ଅର୍ଥାତ୍ ସମ୍ପୂର୍ଣ୍ଣ ବିଧିସଙ୍ଗତ ଭାବରେ ଭାରତରେ ବିଲୟ ହୋଇଥିବା ଜମ୍ମୁ-କଶ୍ମୀରର ମାତ୍ର ୪୫.୬୪% ଅଂଶ ଭାରତରେ ଅଛି, ଅଥଚ ଆମ ହୃଦୟରେ ସେଥିପାଇଁ ବେଦନା ନାହିଁ।

ତୃତୀୟତଃ ୧୯୪୮ ଅଗଷ୍ଟ ୧୭ରେ ଜାତିସଂଘ ଏକ ଅଦ୍ଭୁତ ରାୟ ଦେଲା ଯେ ପାକିସ୍ତାନ ଜମ୍ମୁ-କଶ୍ମୀରରୁ ସମସ୍ତ ସୈନ୍ୟ ପ୍ରତ୍ୟାହାର କରିବା ପରେ ଜନମତ ଦ୍ୱାରା ରାଜ୍ୟର ଭାଗ୍ୟ ନିର୍ଣ୍ଣୟ କରାଯିବ। ଆମ ନେତୃବୃନ୍ଦ କଶ୍ମୀର ବିଲୟକୁ ମଧ୍ୟବର୍ତ୍ତିକାଳୀନ ବୋଲି କହି ଜନମତ ସଂଗ୍ରହ ପ୍ରସ୍ତାବକୁ ମାନିନେଇ ଏକ ଭୟଙ୍କର ଭୁଲ୍ କଲେ। ଭାରତୀୟ ନେତୃବୃନ୍ଦଙ୍କ ଏହି ବକ୍ତବ୍ୟକୁ ଆଧାର କରି ଆଜି ପର୍ଯ୍ୟନ୍ତ ପାକିସ୍ତାନ ସେହି ପ୍ରଚାର ଜାରି ରଖିଛି। ଏଥିପାଇଁ ଜାତିସଂଘର ଦ୍ୱାହି ଦେଉଛି। ଅଥଚ ଅଗଷ୍ଟ ୧୭ତାରିଖର ସୁରକ୍ଷା ପରିଷଦର ପ୍ରସ୍ତାବ କ୍ରମେ POKରୁ ତା'ର ସୈନ୍ୟ ପ୍ରତ୍ୟାହାର କରିବା ପାଇଁ ପ୍ରସ୍ତୁତ ନୁହେଁ। ଏଠାରେ ବିଶେଷ ଦ୍ରଷ୍ଟବ୍ୟ ଯେ ଭାରତରେ କଶ୍ମୀରର ବିଲୟ ସମ୍ପୂର୍ଣ୍ଣ ସାମ୍ବିଧାନିକ ପଦ୍ଧତିରେ ହୋଇଥିବା ଯୋଗୁ ଜନମତ ସଂଗ୍ରହର ପ୍ରଶ୍ନ ହିଁ ଉଠୁନାହିଁ। ୧୪ ନଭେମ୍ବର ୧୯୬୨ରେ ଭାରତୀୟ ସଂସଦରେ ଗୃହୀତ ସଂକଳ୍ପ ଏବଂ ୨୨ ଫେବୃୟାରୀ ୧୯୯୪ରେ ସଂସଦରେ ସର୍ବସମ୍ମତିକ୍ରମେ ଗୃହୀତ ପ୍ରସ୍ତାବରେ ସ୍ପଷ୍ଟ କରାଯାଇଛି ଯେ, ଯେଉଁ କ୍ଷେତ୍ର ଚାଇନା(୧୯୬୨ରେ) ଏବଂ ପାକିସ୍ତାନ (୧୯୪୭ରେ) ଦ୍ୱାରା ହସ୍ତଗତ କରାଯାଇଛି ତାହା ଆମେ ନିଶ୍ଚୟ ଫେରାଇଆଣିବୁ। ଏହି ବିଷୟରେ କୌଣସି ସରକାର କୌଣସି ପ୍ରକାର ସାଲିସ କରିପାରିବେ ନାହିଁ।

ଚତୁର୍ଥତଃ ଗୋଟିଏ ଦେଶର ସୀମାରେଖା ଏକ ପ୍ରାକୃତିକ ଓ ଚିରସ୍ଥାୟୀ ରେଖା। ଯୁଦ୍ଧବିରତି ରେଖା ଅପ୍ରାକୃତିକ ଓ ଅସ୍ଥାୟୀ। ଭାରତର ସୀମା ପାକିସ୍ତାନ ଆଡକୁ ଉତ୍ତରରେ କାରାକୋରମ୍ ହାଇୱେରୁ ଗିଲ୍‌ଗିଟ, ବଲ୍‌ଟିସ୍ତାନ ତଥା ଚାଇନା ଆଡକୁ ହାଜିଲଙ୍ଗର ପର୍ଯ୍ୟନ୍ତ ବ୍ୟାପ୍ତ ରହିଛି। ଏହା ଅନ୍ତଃରାଷ୍ଟ୍ରୀୟ ସୀମା ଓ ସ୍ଥାୟୀ ସୀମା। ଏହାର ଦୈର୍ଘ୍ୟ ୧୪,୭୧୬ କିମି। ୧୯୪୮ରେ ଜାତିସଂଘର ପର୍ଯ୍ୟବେକ୍ଷକମାନେ ଦୁଇଦେଶ ମଧ୍ୟରେ ଚାଲିଥିବା ଯୁଦ୍ଧ ସ୍ଥିତିକୁ ସମାପ୍ତ କରିବା ସକାଶେ ଯେଉଁଠି ଯାହାର ସେନା ଥିଲା ସେଠାରେ ଯୁଦ୍ଧବିରାମ ଘୋଷଣା କରିଥିଲେ। ଏହା ସମ୍ପୂର୍ଣ୍ଣ କଶ୍ମୀର ଘାଟିରେ ବିସ୍ତୃତ ହୋଇ ରହିଛି। ଦୁର୍ଭାଗ୍ୟବଶତଃ ଆଜି ଭାରତବର୍ଷର ଅନେକ ନେତା ଓ ଜନସାଧାରଣ ଏହି ଅସ୍ଥାୟୀ ରେଖାକୁ ଭାରତ ପାକିସ୍ତାନର ସୀମାରେଖା ବୋଲି ଭାବୁଛନ୍ତି। ୧୯୭୨ରେ ହୋଇଥିବା ସିମ୍‌ଲା ରାଜିନାମାରେ ଏହି ରେଖାକୁ ସ୍ୱୀକାର କରି ଆମ ନେତୃବୃନ୍ଦ ନିଜ ଗୋଡରେ ନିଜେ କୁରାଢି ହାଣିଛନ୍ତି।

ପଞ୍ଚମତଃ କଶ୍ମୀରର ବିଲୟ ପରେ ଶେଖ୍ ଅବଦୁଲ୍ଲାଙ୍କୁ ସେହି ରାଜ୍ୟର ପ୍ରଧାନମନ୍ତ୍ରୀ ନିଯୁକ୍ତ କରିବା ତତ୍କାଳୀନ ସରକାରଙ୍କ ଅନ୍ୟତମ ଭୁଲ୍ ପଦକ୍ଷେପ ଥିଲା। 'ସ୍ୱାଧୀନ କଶ୍ମୀର' ସ୍ୱପ୍ନକୁ ସାକାର କରିବା ପାଇଁ ଶେଖ୍ ଅବଦୁଲ୍ଲା ସ୍ୱପ୍ନ ଦେଖୁଥିଲେ। ତାଙ୍କ ଚାପରେ ଆମର ନେତୃମଣ୍ଡଳୀ ଡ. ଆମ୍ବେଡକରଙ୍କ ବିରୋଧ ସତ୍ତ୍ୱେ ୩୭୦ ଧାରାକୁ ଭାରତୀୟ ସମ୍ବିଧାନରେ ସାମିଲ କଲେ। ଶେଖ୍ ଅବଦୁଲ୍ଲା କୁଖ୍ୟାତ ପରମିଟ ପ୍ରଣାଳୀ ଲାଗୁ କରିଥିଲେ। ଗୋଟିଏ ସାର୍ବଭୌମ ଦେଶରେ ଦୁଇଟି ବିଧାନ, ଦୁଇଟି ପ୍ରଧାନ ଓ ଦୁଇଟି ନିଶାନର ଅଦ୍ଭୁତ ବ୍ୟବସ୍ଥା ଲାଗୁ କରାଯାଇଥିଲା। ଆମର ଅଦୂରଦର୍ଶୀ ସରକାର ଏହାକୁ ମଞ୍ଜୁରୀ ଦେଇଥିଲେ। କିନ୍ତୁ ବିଧିର ବିଡମ୍ବନା ଯେ ଶେଷରେ ଭାରତ ସରକାରଙ୍କୁ ୧୯୫୩ ଅଗଷ୍ଟ ୯ରେ ଶେଖ୍ ଅବଦୁଲ୍ଲାକୁ ଗିରଫ କରି ଜେଲ୍‌ରେ ରଖିବାକୁ ପଡିଲା। ତା'ପରେ ହିଁ କେନ୍ଦ୍ର ସରକାର ଜମ୍ମୁ-କଶ୍ମୀରରେ ରାଜ୍ୟପାଳଙ୍କ ନିଯୁକ୍ତି କରାଇପାରିଲେ ଏବଂ ଜମ୍ମୁ-କଶ୍ମୀରକୁ ସର୍ବୋଚ୍ଚ ନ୍ୟାୟାଳୟ, ନିର୍ବାଚନ କମ

ହିମାଚଳପ୍ରଦେଶ କଚଲୁ ଜିଲାରେ ଘଟିଛି ଏକ ଦୁଃଖଦ ଘଟଣା। ଏଠାରେ ଏକ ପାହାଡ଼ ଉପରେ ଗୋରୁ ପଲ ଚରୁଥିବାବେଳେ ହଠାତ୍ ପାହାଡ଼ର ଏକ ଅଂଶ ଧସି ପଡ଼ିଥିଲା। ଏଥିରେ ଗୋରୁ ଚରାଳିଙ୍କ ମୃତ୍ୟୁ ହୋଇଛି। ଏହି ଘଟଣାରେ ୧୧୬ ଗୋରୁଙ୍କ ମୃତ୍ୟୁ ଘଟିଥିବା ସ୍ଥାନୀୟ ପଞ୍ଚାୟତ ମୁଖ୍ୟ ରାକେଶ ଠାକୁର ସୂଚିତ କରିଛନ୍ତି।



**ଆସନ୍ତୁ ଓଡ଼ିଶାକୁ ପ୍ଲାଷ୍ଟିକ୍ ମୁକ୍ତ କରିବା**

ଏହିଭଳି ଆଙ୍ଗୁଳି ମୁଦ୍ରାରେ ନିଜର ଫଟୋ/ ସେଲ୍ଫି ଉଠାଇ smbselfie@gmail.com ରେ ଆମର ସେଲ୍ଫି କର୍ନରକୁ ପଠାନ୍ତୁ। ଏଥିସହ ଫଟୋକୁ ହ୍ୟାସ୍‌ଟ୍ୟାଗ୍ #PlasticFreeOdisha ଲଗାଇ @DharitriNews କୁ ଟ୍ୟାଗ୍ କରି ଆପଣଙ୍କର ସୋସିଆଲ ମିଡିଆ ପ୍ରୋଫାଇଲରେ ଶେୟାର କରନ୍ତୁ। ଆମ ଫେସ୍‌ବୁକ ପେଜ Dharitriକୁ ଲାଇକ୍ କରି ଏହି ବିପ୍ଳବରେ ସାମିଲ ହୁଅନ୍ତୁ।

@ ଗଣେଶ

@ ଇପ୍‌ସିତ୍

@ ବନ୍ଦିଶ୍

@ ନରସିଂହ

@ ଅଙ୍କିତ

**ସେଲ୍‌ଫି ଉଠାନ୍ତୁ, ଆମକୁ ପଠାନ୍ତୁ** smbselfie@gmail.com (ମନୋନୀତ ସେଲ୍‌ଫି ପ୍ରକାଶ ପାଇବ)

# ସମ୍ପୂର୍ଣ୍ଣ ମ୍ୟାଲେରିଆ ନିରାକରଣ ଚିନ୍ତା

ଭୁବନେଶ୍ୱର, ୨୮।୮(ବ୍ୟୁରୋ)

ରାଜ୍ୟରୁ ସମ୍ପୂର୍ଣ୍ଣ ଭାବେ ମ୍ୟାଲେରିଆ ନିରାକରଣ ପାଇଁ ରାଜ୍ୟ ସରକାର ଦୁଇଟି ସଂସ୍ଥା ସହିତ ହାତ ମିଳାଇଛନ୍ତି। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣମନ୍ତ୍ରୀ ପ୍ରତାପ ଜେନାଙ୍କ ଉପସ୍ଥିତିରେ ମଙ୍ଗଳବାର ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଆମେରିକୀୟ ସଂସ୍ଥା 'ମ୍ୟାଲେରିଆ ନୋ ମୋର୍' ଏବଂ ଭାରତୀୟ ସଂସ୍ଥା 'ମ୍ୟାଲେରିଆ ନିରାକରଣ ଟ୍ରଷ୍ଟ' ସହିତ ବୁଝାମଣାପତ୍ର (ଏମ୍‌ଓୟୁ) ସ୍ୱାକ୍ଷର କରାଯାଇଛି।

ଏହି ଅବସରରେ ମନ୍ତ୍ରୀ କହିଛନ୍ତି, ରାଜ୍ୟ ସରକାରଙ୍କ 'ଦମନ' ଯୋଜନାର କାର୍ଯ୍ୟକାରିତା ଫଳରେ ରାଜ୍ୟରୁ ମ୍ୟାଲେରିଆର ପ୍ରକୋପ ୮୪ ପ୍ରତିଶତ ହ୍ରାସ ପାଇଛି। ମ୍ୟାଲେରିଆ ନିୟନ୍ତ୍ରଣ କ୍ଷେତ୍ରରେ ରାଜ୍ୟ ସରକାରଙ୍କ ଏଭଳି ସଫଳତା କେବଳ ଦେଶ ମଧ୍ୟରେ ନୁହେଁ, ବିଦେଶରେ ମଧ୍ୟ ଦୃଷ୍ଟି ଆକର୍ଷଣ କରିଛି। ଖୋଦ୍ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଓଡ଼ିଶାର ଏଭଳି କାର୍ଯ୍ୟକୁ ପ୍ରଶଂସା କରିଛି। ଯେହେତୁ ମ୍ୟାଲେରିଆକୁ ଏକାକୀ ନିରାକରଣ କରିବା ଆମ ରାଜ୍ୟ ପାଇଁ ଏକ ଆହ୍ୱାନ ହୋଇଛି, ତେଣୁ ବିଭିନ୍ନ ସଂଗଠନ ସହିତ ସହଯୋଗ ସ୍ଥାପନ କରି କାମ କରିବା ନିହାତି ଆବଶ୍ୟକ। 'ମ୍ୟାଲେରିଆ ନୋ ମୋର୍' ଏବଂ 'ମ୍ୟାଲେରିଆ ନିରାକରଣ ଟ୍ରଷ୍ଟ' ସହଯୋଗରେ ଓଡ଼ିଶାରୁ ସହଜରେ ମ୍ୟାଲେରିଆ ନିରାକରଣ ହୋଇପାରିବ ବୋଲି ସରକାର ଆଶା ରଖିଛନ୍ତି। ଏହି ଦୁଇ ସଂସ୍ଥା ମ୍ୟାଲେରିଆର ସମ୍ପୂର୍ଣ୍ଣ ନିରାକରଣ ପାଇଁ ସ୍ୱତନ୍ତ୍ର ରଣନୀତି ପ୍ରସ୍ତୁତିରେ ସାହାଯ୍ୟ କରିବା ସହିତ ଜନସଚେତନତା ପାଇଁ କାର୍ଯ୍ୟାବଳୀ ପ୍ରସ୍ତୁତି, ବିଭିନ୍ନ ସରକାରୀ ଓ ବେସରକାରୀ ସଂସ୍ଥା ସହିତ ସମନ୍ୱୟ ରକ୍ଷା କରିବେ।

ସୂଚନାଯୋଗ୍ୟ, ରାଜ୍ୟ ସରକାର 'ଦମନ' କାର୍ଯ୍ୟକ୍ରମରେ ୧ କୋଟି ୧୩ ଲକ୍ଷ ଦୀର୍ଘସ୍ଥାୟୀ ଔଷଧୀୟ ମଶାରି ବଣ୍ଟନ କରିବା ସହିତ ଲୋକଙ୍କୁ ବିଭିନ୍ନ ଉପାୟରେ ସଚେତନ କରିଛନ୍ତି। ୨୦୧୫ରେ ୪,୩୬,୭୯୨ ଜଣ ମ୍ୟାଲେରିଆରେ ଆକ୍ରାନ୍ତ ହୋଇଥିବା ବେଳେ ୮୦ ଜଣଙ୍କ ମୃତ୍ୟୁ ଘଟିଥିଲା। ୨୦୧୬ରେ ୪,୪୯,୬୯୭ ଜଣ ଆକ୍ରାନ୍ତ ହୋଇଥିବା ବେଳେ ୭୭ ଜଣଙ୍କ ମୃତ୍ୟୁ ହୋଇଥିଲା। ସେହିପରି ୨୦୧୭ରେ ୩,୫୨,୧୪୦ ଜଣ ଆକ୍ରାନ୍ତ ହୋଇଥିବା ବେଳେ ୨୪ ଜଣଙ୍କ ମୃତ୍ୟୁ ଘଟିଥିଲା। ଚଳିତବର୍ଷ ଜୁଲାଇ ଶେଷ ସୁଦ୍ଧା ୪୧,୯୩୭ ଜଣ ଆକ୍ରାନ୍ତ ହୋଇଛନ୍ତି ଏବଂ ୨ ଜଣଙ୍କ ମୃତ୍ୟୁ ହୋଇଛି। ବର୍ତ୍ତମାନ ଏହି ଦୁଇ ସଂସ୍ଥା ସହ ବୁଝାମଣାପତ୍ର ସ୍ୱାକ୍ଷର ଦ୍ୱାରା ରାଜ୍ୟରେ ମ୍ୟାଲେରିଆ ନିରାକରଣ କାର୍ଯ୍ୟକ୍ରମକୁ ଅଧିକ ତ୍ୱରାନ୍ୱିତ କରିବାରେ ସହାୟକ ହୋଇପାରିବ। ସ୍ୱାସ୍ଥ୍ୟ ବିଭାଗ ସମ୍ମିଳନୀ କକ୍ଷରେ ମନ୍ତ୍ରୀ ଏବଂ ବିଭାଗୀୟ ଶାସନ ସଚିବ ଡା. ପ୍ରମୋଦ କୁମାର ମେହେର୍ଦ୍ଦାଙ୍କ ସମେତ ଅନ୍ୟାନ୍ୟ ବିଭାଗୀୟ ପଦାଧିକାରୀଙ୍କ ଉପସ୍ଥିତିରେ ବିଭାଗ ତରଫରୁ ସ୍ୱାସ୍ଥ୍ୟସେବା ନିର୍ଦ୍ଦେଶକ ଡା. ବ୍ରଜକିଶୋର ବ୍ରହ୍ମା ମ୍ୟାଲେରିଆ ନୋ ମୋର ସିଇଓ ମାର୍ଟିନ୍ ଏଡ୍‌ଲୁଣ୍ଡ ଏବଂ ମ୍ୟାଲେରିଆ ନିରାକରଣ ଟ୍ରଷ୍ଟର ଟ୍ରଷ୍ଟି ଡା. କୌଶିକ ସରକାରଙ୍କ ସହ ବୁଝାମଣାପତ୍ରରେ ସ୍ୱାକ୍ଷର କରିଥିଲେ।

## ୨ ସଂସ୍ଥା ସହ ଏମ୍‌ଓୟୁ ସ୍ୱାକ୍ଷର କଲେ ସରକାର

ଏମ୍‌ଓୟୁ ସ୍ୱାକ୍ଷର ସମୟରେ ଉପସ୍ଥିତ ମନ୍ତ୍ରୀ ପ୍ରତାପ ଜେନା, ବିଭାଗୀୟ ପଦାଧିକାରୀ ଏବଂ ସଂସ୍ଥାର ଅଧିକାରୀ।

# ବ୍ରହ୍ମପୁର-ସୁରଟକୁ ଦୈନିକ ରେଳ ଚଳାଚଳ ହେଉ

ଭୁବନେଶ୍ୱର, ୨୮।୮(ବ୍ୟୁରୋ)



- ଗୋଏଲଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଚିଠି
- ଦୈନିକ ୨ଟି ରେଳ ଚଳାଚଳ ପାଇଁ ଦାବି
- ପୁରୀ-ଅହମ୍ମଦାବାଦ, ପୁରୀ-ଓଖା, ପୁରୀ-ଗାନ୍ଧୀଧାମ ଟ୍ରେନ୍ ପୂର୍ବରୁ ଚଳାଚଳ କରୁଛି

ଦକ୍ଷିଣ ଓଡ଼ିଶାର ପ୍ରମୁଖ ସହର ବ୍ରହ୍ମପୁର ଓ ଗୁଜରାଟର ସୁରଟକୁ ଦୈନିକ ୨ଟି ରେଳ ଚଳାଚଳ ହେଉ। ଏହି ମର୍ମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରେଳମନ୍ତ୍ରୀ ପୀୟୂଷ ଗୋଏଲଙ୍କୁ ମଙ୍ଗଳବାର ଚିଠି ଲେଖି ଅନୁରୋଧ କରିଛନ୍ତି। ଦକ୍ଷିଣ ଓଡ଼ିଶାର ପ୍ରାୟ ୭ ଲକ୍ଷ ଲୋକ ସୁରଟରେ କାର୍ଯ୍ୟ କରୁଛନ୍ତି। ହେଲେ ସୁରଟ୍ ସହ ଉକ୍ତ ସହରର ସିଧାସଳଖ ଯୋଗାଯୋଗ ବ୍ୟବସ୍ଥା ନାହିଁ। ଏହି ଆବଶ୍ୟକତାକୁ ପୂରଣ କରିବା ପାଇଁ ରେଳ ଚଳାଚଳକୁ ରାଜ୍ୟ ସରକାର ଗୁରୁତ୍ୱ ଦେଇଛନ୍ତି। କିଛିଦିନ ତଳେ ଭୁବନେଶ୍ୱରରୁ ସୁରଟ ସିଧାସଳଖ ବିମାନ ଚଳାଚଳ ପାଇଁ ମଧ୍ୟ ମୁଖ୍ୟମନ୍ତ୍ରୀ କେନ୍ଦ୍ର ବେସାମରିକ ବିମାନ ଚଳାଚଳ ବିଭାଗକୁ ଚିଠି ଲେଖିଛନ୍ତି। ଗୁଜରାଟରେ ରହୁଥିବା ଓଡ଼ିଆଙ୍କ ମଧ୍ୟରେ ରାଜ୍ୟ ପ୍ରଶାସନ ଓ ଦଳର ଗ୍ରହଣୀୟତା ବଢାଇବା ପାଇଁ ଏପରି ପଦକ୍ଷେପ ନିଆଯାଉଥିବା ଆଲୋଚନା ହେଉଛି।

ଚିଠି ମାଧ୍ୟମରେ ମୁଖ୍ୟମନ୍ତ୍ରୀ ଉଲ୍ଲେଖ କରିଛନ୍ତି, ବ୍ରହ୍ମପୁର-ସୁରଟ ମଧ୍ୟରେ ରେଳ ଚଳାଚଳ କରିବା ପାଇଁ ଦୀର୍ଘଦିନରୁ ଦାବି ହୋଇଆସୁଛି। ଉକ୍ତ ସହରର ବିଭିନ୍ନ ଅର୍ଥନୈତିକ କ୍ଲଷ୍ଟରରେ ବହୁ ସଂଖ୍ୟକ ଓଡ଼ିଆ କାର୍ଯ୍ୟ କରୁଛନ୍ତି। ଓଡ଼ିଆମାନେ ପୋଷାକ ଶିଳ୍ପ, ଡାଇଙ୍ଗ୍, ପ୍ରିଣ୍ଟିଙ୍ଗ୍, ହୀରା କଟିଂ ଓ ଅନ୍ୟ କ୍ଷେତ୍ରରେ କାମ କରୁଛନ୍ତି। ତେଣୁ ଉଭୟ ସହର ମଧ୍ୟରେ ପ୍ରତିଦିନ ରେଳ ଯୋଗାଯୋଗର ଆବଶ୍ୟକତା ରହିଛି। ବର୍ତ୍ତମାନ ପୁରୀ-ଅହମ୍ମଦାବାଦ ଏକ୍ସପ୍ରେସ ସପ୍ତାହକୁ ୪ ଦିନ ଚାଲୁଥିବା ବେଳେ ପୁରୀ-ଓଖା ଏକ୍ସପ୍ରେସ ସପ୍ତାହକୁ ଥରେ ଚଳାଚଳ କରୁଛି। ସେହିପରି ପୁରୀ-ଗାନ୍ଧୀଧାମ ଏକ୍ସପ୍ରେସ ସପ୍ତାହକୁ ଥରେ ଯାତାୟାତ କରୁଛି। ଫଳରେ ଉକ୍ତ ଟ୍ରେନଗୁଡିକରେ ଭିଡ ରହୁଛି। ତେଣୁ ଅଧିକସଂଖ୍ୟକ ଟ୍ରେନ ଯାତାୟାତ କରିବାର ଆବଶ୍ୟକତା ରହିଥିବା ଯୁକ୍ତି ଦର୍ଶାଯାଇଛି।

# ପୁଣି ହସ୍ପିଟାଲରେ ଭର୍ତ୍ତି ହେଲେ ପପୁ

ଭୁବନେଶ୍ୱର,୨୮।୮(ବ୍ୟୁରୋ)

ଓଡ଼ିଆ ଫିଲ୍ମ ଓ ଟେଲିଭିଜନ ଜଗତର ଲୋକପ୍ରିୟ ହାସ୍ୟ ଅଭିନେତା ତଥା କମେଡି କିଙ୍ଗ୍ ପପୁ ପମ୍‌ପମ୍ ଓରଫ ତତ୍ତ୍ୱପ୍ରକାଶ ଶତପଥୀ ପୁଣି ଅସୁସ୍ଥ ହୋଇ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ଗତ ଜୁଲାଇରେ ସୁସ୍ଥ ହୋଇ ଓଡ଼ିଶା ଫେରିଥିବା ପପୁଙ୍କୁ ଅସୁସ୍ଥତା କାରଣରୁ ପୁଣିଥରେ ଦିଲ୍ଲୀ ଏମ୍ସରେ ଭର୍ତ୍ତି କରାଯାଇଥିବା ସୂଚନା ମିଳିଛି। ପ୍ରାୟ ଏକ ସପ୍ତାହ ହେବ ସେ ଏମ୍ସରେ ଚିକିତ୍ସିତ ହେଉଥିବା ଜଣାପଡ଼ିଛି। ହେଲେ ଏ ନେଇ ତାଙ୍କ ପରିବାର ପକ୍ଷରୁ କୌଣସି ସ୍ୱଷ୍ଟୋକ୍ତି ଦିଆଯାଇନାହିଁ। ତେବେ ଖବର ଜଣାପଡ଼ିବା ପରେ ପପୁଙ୍କ ପ୍ରଶଂସକମାନେ ଗଭୀର ଦୁଃଖପ୍ରକାଶ କରିବା ସହ ତାଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି। ଅସୁସ୍ଥତା ଯୋଗୁ ଗତ ମେ'ରେ ପପୁଙ୍କୁ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ପାନ୍‌କ୍ରିୟାଟିକ୍ ରୋଗରେ ପୀଡ଼ିତ ହୋଇ ଆଇସିୟୁରେ ଚିକିତ୍ସାଧୀନ ଥିବା ବେଳେ ଏହି ଅଭିନେତାଙ୍କ ଅବସ୍ଥା କ୍ରମାଗତ ଗୁରୁତର ହେବାରୁ ପରେ ତାଙ୍କୁ ଏୟାର ଆମ୍ବୁଲାନ୍ସ ଯୋଗେ ଦିଲ୍ଲୀ ଏମ୍ସକୁ ପଠାଯାଇଥିଲା। ସେଠାରେ ତାଙ୍କୁ ଭେଣ୍ଟିଲେଟରରେ ରଖାଯାଇ ଚିକିତ୍ସା କରାଯାଇଥିଲା। କିଛିଦିନ ପରେ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ଆସିବା ପରେ ଗତ ଜୁଲାଇରେ ସେ ଓଡ଼ିଶା ଫେରିଥିଲେ। ସୂଚନାଯୋଗ୍ୟ, ଓଡ଼ିଆ ଚଳଚ୍ଚିତ୍ର '୪ ଇଡିୟଟ୍‌ସ'ର ଶୁଟିଂ ପାଇଁ ପପୁ ଥାଇଲାଣ୍ଡରେ ଥିବା ସମୟରେ ହଠାତ୍ ଅସୁସ୍ଥ ହୋଇପଡ଼ିଥିଲେ। ସେଠାରୁ ତାଙ୍କୁ ତୁରନ୍ତ ଭୁବନେଶ୍ୱର ଅଣାଯାଇଥିଲା। ପେଟରେ ସମସ୍ୟା ଥିବା ଭାବି ପରିବାର ଲୋକେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ତାଙ୍କୁ ଭର୍ତ୍ତି କରିଥିଲେ। ଏଠାରେ ତାଙ୍କ ପାନ୍‌କ୍ରିୟାଜ୍‌ରେ ସମସ୍ୟା ଥିବା ଜଣାପଡ଼ିଥିଲା।

# ୩ କୋଟି ୧୦ ଲକ୍ଷ ଟଙ୍କା ହେରଫେର ଅଭିଯୋଗ
# ଓସିସିଏଲ ମ୍ୟାନେଜର ଗିରଫ

ଭୁବନେଶ୍ୱର, ୨୮।୮(ବ୍ୟୁରୋ)

ବିଶ୍ୱଜିତ୍ ବିଶ୍ୱାଳ

ଅର୍ଥ ହେରଫେର ଅଭିଯୋଗରେ କ୍ରାଇମବ୍ରାଞ୍ଚ ଅର୍ଥନୈତିକି ଅପରାଧ ଶାଖା(ଇଓଡବ୍ଲ୍ୟୁ) ଓସିସିଏଲ୍(ଓଡ଼ିଶା କନ୍‌ଷ୍ଟ୍ରକ୍ସନ କୋଅପରେଟିଭ ଲିମିଟେଡ୍)ର ସିନିୟର ମ୍ୟାନେଜର ବିଶ୍ୱଜିତ୍ ବିଶ୍ୱାଳଙ୍କୁ ମଙ୍ଗଳବାର ଗିରଫ କରିଛି। ତାଙ୍କ ବିରୋଧରେ ଦଫା ୪୨୦, ୪୦୯ ମାମଲା(୧୮/୧୮) ରୁଜୁ କରାଯାଇ କୋର୍ଟ ଚାଲାଣ କରାଯାଇଛି। ଜାମିନ ନ ମିଳିବାରୁ ବିଶ୍ୱଜିତଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ସୂଚନା ମୁତାବକ, ଭୁବନେଶ୍ୱର ଇନ୍‌ଫୋଭ୍ୟାଲିର କିଛି ରାସ୍ତା କାମ ପାଇଁ ୨୦୧୭ରେ ଇଡ୍‌କୋ ଓସିସିଏଲକୁ ଟେଣ୍ଡର ଦେଇଥିଲା। ଟେଣ୍ଡରର ମୂଲ୍ୟ ପ୍ରାୟ ୧୨.୯୦ କୋଟି ଟଙ୍କା ରହିଥିଲା। ଏହି କାମ ୨୦୧୮ ଏପ୍ରିଲ ୨୧ରେ ଶେଷ କରିବା ପାଇଁ ନିର୍ଦ୍ଦେଶ ରହିଥିଲା। ଓସିସିଏଲର ସିନିୟର ମ୍ୟାନେଜର ଭାବେ ବିଶ୍ୱଜିତ୍ କାମର ଦାୟିତ୍ୱ ନେଇଥିଲେ। ଇଡ୍‌କୋ ସହ ତାଙ୍କର ମଧ୍ୟ ଏକ ଚୁକ୍ତି ହୋଇଥିଲା। କାମ ପାଇଁ ଆକାଉଣ୍ଟକୁ ଟଙ୍କା ନେଣଦେଣ ଲାଗି ବିଶ୍ୱଜିତ୍ ପ୍ରିୟଦର୍ଶୀ ମାର୍କେଟରେ ଥିବା ଏସ୍‌ବିଆଇ ଏବଂ ଆଇସିଆଇସିଆଇ ବ୍ୟାଙ୍କ୍‌ରେ ଆକାଉଣ୍ଟ ଖୋଲିଥିଲେ। ବରିଷ୍ଠ ଅଧିକାରୀ ଭାବେ ବିଶ୍ୱଜିତ ଏହି ଆକାଉଣ୍ଟକୁ ପରିଚାଳନା କରୁଥିଲେ। ଓସିସିଏଲ ମୁଖ୍ୟ ୩ କୋଟି ୧୫ ଲକ୍ଷ ଟଙ୍କା ଉକ୍ତ ଦୁଇଟି ଆକାଉଣ୍ଟକୁ ପଠାଇଥିଲେ। କିନ୍ତୁ କାମ କରିବା ବାହାନାରେ ବିଶ୍ୱଜିତ ଅନ୍ୟ ଆକାଉଣ୍ଟକୁ ୩ କୋଟି ୧୦ ଲକ୍ଷ ଟଙ୍କା ଟ୍ରାନ୍ସଫର କରିନେଇଥିଲେ। ଫଳରେ ଉକ୍ତ ଦୁଇଟି ଆକାଉଣ୍ଟରେ ମାତ୍ର ୫ଲକ୍ଷ ଟଙ୍କା ରହିଥିଲା। ଓସିସିଏଲ କର୍ତ୍ତୃପକ୍ଷଙ୍କ ସନ୍ଦେହ ହେବାରୁ ବିଭାଗୀୟ ତଦନ୍ତ କରିଥିଲେ। ତଦନ୍ତରୁ ୩ କୋଟି ୧୦ ଲକ୍ଷ ଟଙ୍କା ହେର୍‌ଫେର ହୋଇଥିବା ଜଣାପଡ଼ିଥିଲା। ଏ ନେଇ ଓସିସିଏଲର କମ୍ପାନୀ ସେକ୍ରେଟେରୀ ବିଭୂତି ଭୂଷଣ ସାହୁ ଇଓଡବ୍ଲ୍ୟୁରେ ଅଭିଯୋଗ କରିଥିଲେ। ତାଙ୍କ ଅଭିଯୋଗ ଆଧାରରେ ଇଓଡବ୍ଲ୍ୟୁ ତଦନ୍ତ କରିଥିଲା। ତଦନ୍ତ ବେଳେ

## ଓମ୍‌ପ୍ରକାଶ ମିଶ୍ର ଶ୍ରେଷ୍ଠ ଶିକ୍ଷକ

ଜୟପୁର, ୨୮।୮ (ଡି.ଏନ୍.ଏ.)

ରାଜ୍ୟର ଏକମାତ୍ର ଭାବେ ଜୟପୁର ସରକାରୀ ଉଚ୍ଚ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ଓମ୍‌ପ୍ରକାଶ ମିଶ୍ର କେନ୍ଦ୍ର ସରକାରଙ୍କ ମାନବ ସମ୍ବଳ ବିକାଶ ମନ୍ତ୍ରାଳୟ ପକ୍ଷରୁ ଶ୍ରେଷ୍ଠ ଶିକ୍ଷକ ମନୋନୀତ ହୋଇଛନ୍ତି। ଆସନ୍ତା ୫ରେ ଗୁରୁଦିବସ ଅବସରରେ ଦିଲ୍ଲୀସ୍ଥିତ ବିଜ୍ଞାନ ଭବନରେ ଆୟୋଜିତ ସମାରୋହରେ ତାଙ୍କୁ ଉପରାଷ୍ଟ୍ରପତି ଭେଙ୍କାୟା ନାଇଡୁ ସମ୍ମାନିତ କରିବେ। ମାନପତ୍ର ସହ ୫୦ ହଜାର ଟଙ୍କା ଏବଂ ରୌପ୍ୟ ପଦକରେ ତାଙ୍କୁ ସମ୍ବର୍ଦ୍ଧିତ କରାଯିବ। ଦେଶର ବିଭିନ୍ନ ରାଜ୍ୟରୁ ସମୁଦାୟ ୪୬ ଜଣ ଶିକ୍ଷୟିତ୍ରୀ ଶିକ୍ଷକ ଏହି ଅବସରରେ ସମ୍ମାନିତ ହେବେ। ୧୯୭୦ ମାର୍ଚ୍ଚ ୩୦ରେ ଗଞ୍ଜାମ ଜିଲା ପ୍ରାଣଦେଈପୁର ଶାସନରେ ଶିକ୍ଷକ ମିଶ୍ରଙ୍କର ଜନ୍ମ। ସେ ବିଜ୍ଞାନ ଓ ଶିକ୍ଷା ବିଷୟରେ ସ୍ନାତକୋତ୍ତର ଡିଗ୍ରୀ ହାସଲ କରିଛନ୍ତି। ସେ ୧୯୯୮ରେ କୋରାପୁଟ ଜିଲାରୁ ଶିକ୍ଷକତା ଆରମ୍ଭ କରିଥିବା ବେଳେ ୨୦୦୬ରେ ଜୟପୁର ସରକାରୀ ଉଚ୍ଚ ବିଦ୍ୟାଳୟରେ ବିଜ୍ଞାନ ଶିକ୍ଷକ ଭାବେ ଯୋଗ ଦେଇଥିଲେ। ୨୦୧୫ରେ ଜିଲାସ୍ତରୀୟ, ୨୦୧୬ରେ ରାଜ୍ୟସ୍ତରୀୟ ଶ୍ରେଷ୍ଠ ଶିକ୍ଷକ ଭାବେ ପୁରସ୍କୃତ ହୋଇଛନ୍ତି।

**ନୋଟିସ**

**ମାଡ୍ରାସ ସ୍ଥିତ ନ୍ୟାୟାଧିକରଣର ଉଚ୍ଚ ନ୍ୟାୟାଳୟରେ**

(ସାଧାରଣ ମୂଳ ଦେୱାନୀ ନ୍ୟାୟାଧିକାର)

ଆବେଦନ ନଂ. ୨୦୧୭ର ୮୬୧୬

ମଧ୍ୟସ୍ଥତା ଏବଂ ମୀମାଂସା ଅଧିନିୟମ, ୧୯୯୬ ମାମଲାରେ ଏବଂ

ମେସର୍ସ ଚୋଲାମଣ୍ଡଲମ୍ ଇନ୍‌ଭେଷ୍ଟମେଣ୍ଟ ଆଣ୍ଡ ଫାଇନାନ୍ସ କମ୍ପାନୀ ଲିଃ ଏବଂ ଶ୍ରୀ ଶତ୍ରୁଘ୍ନ ଭୁଏ ଓ ଅନ୍ୟମାନଙ୍କ ମାମଲାରେ ଯାହା ଉଣା ରାଜିନାମା ସଂ ଏକ୍ସବିଏସ୍‌ପିଜେଆଇ୪୦୦୦୦୭୧୫୮୮୪୭ ତାରିଖ ୨୯।୦୨।୨୦୧୭ରୁ ଉପନ୍ତ

ମେସର୍ସ ଚୋଲାମଣ୍ଡଲମ୍ ଇନ୍‌ଭେଷ୍ଟମେଣ୍ଟ ଆଣ୍ଡ ଫାଇନାନ୍ସ କମ୍ପାନୀ ଲିମିଟେଡ୍,
'ଡେୟାର୍ ହାଉସ୍', ନଂ.୨, ଏନ୍.ଏସ୍.ସି. ବୋଷ ରୋଡ୍, ପାରିନ୍ସ, ଚେନ୍ନାଇ-୬୦୦୦୦୧
ଏହାର ପ୍ରାଧିକୃତ ସ୍ୱାକ୍ଷରକାରୀଙ୍କ ଦ୍ୱାରା ପ୍ରତିନିଧିତ୍ୱ
:ଆବେଦନକାରୀ

ବନାମ

୧. ଶ୍ରୀ ଶତ୍ରୁଘ୍ନ ଭୁଏ
ପିତା- ଅଙ୍ଗଦ ଭୁଏ
ସ୍ଥାନ - କୁଲତାସମାବିଂହ, ଝାରସୁଗୁଡ଼ା
କୋଲାବିରା, ଓଡ଼ିଶା - ୭୬୮୨୧୩

୨. ଶ୍ରୀ ଅଙ୍ଗଦ ଭୁଏ
ପିତା- ଜୟରୁ ଭୁଏ
ସ୍ଥାନ - କୁଲତାସମାବିଂହ, ଝାରସୁଗୁଡ଼ା
କୋଲାବିରା, ଓଡ଼ିଶା - ୭୬୮୨୧୩
: ପ୍ରତିବାଦୀ

ପ୍ରାପ୍ତେଷୁ
୧. ଶ୍ରୀ ଶତ୍ରୁଘ୍ନ ଭୁଏ
ପିତା- ଅଙ୍ଗଦ ଭୁଏ
ସ୍ଥାନ - କୁଲତାସମାବିଂହ, ଝାରସୁଗୁଡ଼ା
କୋଲାବିରା, ଓଡ଼ିଶା - ୭୬୮୨୧୩

୨. ଶ୍ରୀ ଅଙ୍ଗଦ ଭୁଏ
ପିତା- ଜୟରୁ ଭୁଏ
ସ୍ଥାନ - କୁଲତାସମାବିଂହ, ଝାରସୁଗୁଡ଼ା
କୋଲାବିରା, ଓଡ଼ିଶା - ୭୬୮୨୧୩

ମାନ୍ୟବର ଉକ୍ତ ନ୍ୟାୟାଳୟ, ମାଡ୍ରାସ ତା୧୯।୦୩।୨୦୧୮ରିଖ ଦିନ ଉପରୋକ୍ତ ଆବେଦନରେ ଏକ ଆଦେଶ ସ୍ମୃତୀତ ଜରି ଆପଣଙ୍କୁ ତ.୪,୫୫,୩୬୦/- ପରିମାଣର ଡାବି ରାଶିର ଅମାନତ ଜମା କରିବାର ନିର୍ଦ୍ଦେଶ ଦେଇଥିଲେ। ତା୧୬।୦୮।୨୦୧୮ରିଖ ଦିନ ମାନ୍ୟବର ନ୍ୟାୟାଳୟ ତା୧୪।୦୯।୨୦୧୮ରିଖ ସୁଦ୍ଧା ଫେରସ୍ତଯୋଗ୍ୟ ଖବରକାଗଜ ପ୍ରକାଶନ ଦ୍ୱାରା ନୋଟିସର ଆଦେଶ ଦେଇଛନ୍ତି। ଦୟାକରି ଧ୍ୟାନରେ ରଖନ୍ତୁ ଯେ ଆବେଦନ ତା୧୪।୦୯।୨୦୧୮ରିଖରେ ପ୍ରେରିତ ହୋଇଛି ଏବଂ ଆପଣ ବ୍ୟକ୍ତିଗତ ଭାବେ କିମ୍ବା ଓକିଲଙ୍କ ମାଧ୍ୟମରେ ହାଜିର ହୋଇ ଅମାନତ ଜମା କରନ୍ତୁ।

ମେସର୍ସ ଡି. ପ୍ରବୀଣ କୁମାର
ଆବେଦନକାରୀଙ୍କ ଓକିଲ

**SAMALESWARI REGIONAL CO-OP. MILK PRODUCERS' UNION LTD.**
SAKHIPARA, SARLA CANAL ROAD, SAMBALPUR-768006
Tel. No. 0663-2548590, Fax No.- 0663-2548520

**TENDER NOTICE**

Sealed Techno commercial offers in sealed envelope from Manufacturers/Supplier of Servo Stabiliser of 50 KVA & 15 KVA capacity. The sealed offers along with 1% EMD for Servo Stabiliser of the offered Value in shape of demand draft drawn on any Nationalized Bank in favour of Samaleswari Milk Union payable at Sambalpur Shall be received at above address upto 14.00 hour on 10.9.2018 and shall be opened at the above address on the same day at 16.00 hour. For details please visit our web site www.samul.in and www.omfed.com. No bid without required EMD shall be accepted. Undersigned recerves the right to accept or reject any of all the tenders or part thereof without assigning any reason.

Sd./- General Manager

**SAHARAYN UNIVERSAL MULTIPURPOSE SOCIETY LIMITED**
(Formerly known as Saharayn E-Multipurpose Society Limited) I (Regd. No.-MSCS/CR/935/2014)
195, Zone –1, In front of D

ବୁଲେଟଠାରୁ ଭୋଟ୍‌ର ବଳ ଅଧିକ।
- ଆବ୍ରାହମ୍ ଲିଙ୍କନ



## ସଂକ୍ଷେପରେ

### ଆମ ଗାଁ, ଆମ ବିକାଶ କାର୍ଯ୍ୟକ୍ରମ: ୧୭୧ପଞ୍ଚାୟତ ପାଇଁ ୩୮.୪୫ କୋଟି ଟଙ୍କା ମଞ୍ଜୁର

**ଭୁବନେଶ୍ୱର, ୨୮।୮(ବ୍ୟୁରୋ)-** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆମ ଗାଁ, ଆମ ବିକାଶ କାର୍ଯ୍ୟକ୍ରମ ଜରିଆରେ ମଙ୍ଗଳବାର ୮ ଜିଲାର ୧୦ବ୍ଲକ ପାଇଁ ୩୮.୪୫କୋଟି ଟଙ୍କାର ପ୍ରକଳ୍ପ ମଞ୍ଜୁର କରିଛନ୍ତି। ଏହି ବ୍ଲକଗୁଡିକ ହେଉଛି ବରଗଡ ଜିଲାର ବରପାଲି, ପୁରା ଜିଲାର ବ୍ରହ୍ମଗିରି ବ୍ଲକ, ରାୟଗଡ ଜିଲାର କାଶୀପୁର, ସମ୍ବଲପୁର ଜିଲାର ବାମରା, କୋରାପୁଟ ଜିଲାର ଲକ୍ଷ୍ମୀପୁର ଓ କୋଟପାଡ, କେନ୍ଦୁଝର ଜିଲାର ପାଟଣା, କଳାହାଣ୍ଡି ଜିଲାର କର୍ଲାମୁଣ୍ଡା, ମୟୂରଭଞ୍ଜ ଜିଲାର ଉଦଳା ଓ ରାଇରଙ୍ଗପୁର। ମୁଖ୍ୟମନ୍ତ୍ରୀ ବରପାଲି ବ୍ଲକର ୨୩ ପଞ୍ଚାୟତ ପାଇଁ ୩.୯୧କୋଟି ଟଙ୍କାରେ ୨୨୯ପ୍ରକଳ୍ପ, ବ୍ରହ୍ମଗିରି ବ୍ଲକର ୨୪ ପଞ୍ଚାୟତ ପାଇଁ ୫.୬୩କୋଟି ଟଙ୍କାରେ ୩୬୯ ପ୍ରକଳ୍ପ, କାଶୀପୁର ବ୍ଲକର ୨୪ପଞ୍ଚାୟତ ପାଇଁ ୫କୋଟି ଟଙ୍କାରେ ୨୧୩ ପ୍ରକଳ୍ପ, ବାମରା ବ୍ଲକର ୧୭ ପଞ୍ଚାୟତ ପାଇଁ ୩.୭୧କୋଟି ଟଙ୍କାରେ ୧୬୮ପ୍ରକଳ୍ପ, ଲକ୍ଷ୍ମୀପୁର ବ୍ଲକର ୧୩ ପଞ୍ଚାୟତ ପାଇଁ ୩.୪୧କୋଟି ଟଙ୍କାରେ ୧୭୫ ପ୍ରକଳ୍ପ, କୋଟପାଡ ବ୍ଲକର ୧୭ ପଞ୍ଚାୟତ ପାଇଁ ୪.୩୪କୋଟି ଟଙ୍କାରେ ୧୫୮ପ୍ରକଳ୍ପ, ପାଟଣା ବ୍ଲକର ୨୦ ପଞ୍ଚାୟତ ପାଇଁ ୪.୮୦କୋଟି ଟଙ୍କାରେ ୧୦୪ପ୍ରକଳ୍ପ, କର୍ଲାମୁଣ୍ଡା ବ୍ଲକର ୧୨ପଞ୍ଚାୟତ ପାଇଁ ୨.୪୦କୋଟି ଟଙ୍କାରେ ୧୩୯ ପ୍ରକଳ୍ପ, ଉଦଳା ବ୍ଲକର ୧୨ ପଞ୍ଚାୟତ ପାଇଁ ୩କୋଟି ଟଙ୍କାରେ ୯୫ ପ୍ରକଳ୍ପ ଏବଂ ରାଇରଙ୍ଗପୁର ବ୍ଲକର ୯ ପଞ୍ଚାୟତ ପାଇଁ ୨.୨୫କୋଟି ଟଙ୍କାରେ ୯୬ ପ୍ରକଳ୍ପ ମଞ୍ଜୁର କରିଛନ୍ତି। ଏହିପରି ସମୁଦାୟ ୧୭୧ ପଞ୍ଚାୟତ ପାଇଁ ମୁଖ୍ୟମନ୍ତ୍ରୀ ୧୭୪୬ପ୍ରକଳ୍ପ ମଞ୍ଜୁର କରିଛନ୍ତି। ଏହି କାର୍ଯ୍ୟକ୍ରମକୁ ମିଶାଇ ମୁଖ୍ୟମନ୍ତ୍ରୀ ରାଜ୍ୟର ୧୭୫ ବ୍ଲକର ୩୮୮ ଗ୍ରାମପଞ୍ଚାୟତବାସୀଙ୍କ ସହ ଆଲୋଚନା ମାଧ୍ୟମରେ ପ୍ରକଳ୍ପ ମଞ୍ଜୁର କରିଛନ୍ତି। ଏହିସବୁ ପଞ୍ଚାୟତଗୁଡିକ ପାଇଁ ୮୮୨.୧୦କୋଟି ଟଙ୍କା ମଞ୍ଜୁର ହୋଇଛି।

ବ୍ୟବସାୟୀଙ୍କଠାରୁ ୪.୫ଲକ୍ଷ ଲୁଟ୍ ଘଟଣା

# ୩ କନଷ୍ଟେବଳଙ୍କ ସମେତ ୪ ଜେଲ ଗଲେ

ବରଗଡ଼ ଅଫିସ୍,୨୮।୮

ସରୋଜ ସେଠ

ବିପିନ ବେଦବାକ୍

ସଦାନନ୍ଦ ପ୍ରଧାନ ।

ବରଗଡ଼ ସହରର ଭଟଲି ଛକରେ ରବିବାର ବିଳମ୍ବିତ ରାତିରେ ପାଇକମାଲର ବ୍ୟବସାୟୀ ନନ୍ଦଲାଲ ପ୍ରସାଦ(୨୨)ଙ୍କଠାରୁ ପୋଲିସ ପିସିଆର୍ ଟିମ୍ ୪.୫ ଲକ୍ଷ ଲୁଟି ନେବା ଘଟଣାର ପର୍ଦ୍ଦାଫାଶ ହୋଇଛି। ଉକ୍ତ ଘଟଣାରେ ୩ ପୋଲିସ କନଷ୍ଟେବଳଙ୍କ ସମେତ ୪ଜଣଙ୍କୁ ଗିରଫ କରାଯାଇଛି । ସେମାନେ ହେଲେ କନଷ୍ଟେବଳ (ସି/୧୧୯) ସରୋଜ ସେଠ(୪୦), ବରଗଡ଼ ସଦର ଥାନାରେ କାର୍ଯ୍ୟରତ କନଷ୍ଟେବଳ (ସି/୪୩୯) ପପୁ ଓରଫ ସଦାନନ୍ଦ ପ୍ରଧାନ(୪୦), କନଷ୍ଟେବଳ(ସି/୧୧୯) ବିପିନ ବିହାରୀ ବେଦବାକ (୫୦) ଏବଂ ବ୍ୟବସାୟୀ ତଥା ଅଭିଯୋଗକାରୀ ନନ୍ଦଲାଲଙ୍କ ଗତିବିଧି ଉପରେ ପିସିଆରକୁ ସୂଚନା ଦେଇଥିବା ପଦ୍ମପୁର ଶକ୍ତିନଗର ବାସିନ୍ଦା ରାକେଶ ଓରଫ ଜୟପ୍ରକାଶ ଗୁପ୍ତା(୪୮)। ଅଭିଯୁକ୍ତମାନଙ୍କ ପାଖରୁ ପୋଲିସ ନଗଦ ୪ଲକ୍ଷ ୫୧ହଜାର ୮୦୦ ଟଙ୍କା ଜବତ କରିଛି। ବ୍ୟବସାୟୀ ନନ୍ଦଲାଲଙ୍କ ଏତଲାକୁ ଭିତ୍ତି କରି ଅଭିଯୁକ୍ତମାନଙ୍କ ବିରୋଧରେ ବରଗଡ଼ ସଦର ଥାନାରେ ଦଫା ୩୮୭, ୩୮୮, ୧୨୦(ବି) ଆଇପିସିରେ ଏକ ମାମଲା(ନଂ-୧୮୭/୧୮) ରୁଜୁ ହୋଇଛି । ଗିରଫ ଅଭିଯୁକ୍ତମାନଙ୍କୁ ମଙ୍ଗଳବାର ସନ୍ଧ୍ୟାରେ କୋର୍ଟ ଚାଲାଣ କରାଯାଇଥିଲା । ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ସ୍ଥାନୀୟ ସବଜେଲ ହାଜତକୁ ପଠାଇ ଦିଆଯାଇଛି। ଅଭିଯୁକ୍ତ କନଷ୍ଟେବଳମାନଙ୍କୁ କାର୍ଯ୍ୟରୁ ନିଲମ୍ବିତ କରାଯାଇଛି ବୋଲି ଏସ୍‌ପି ମୁକେଶ କୁମାର ଭାମୁ ସୂଚନା ଦେଇଛନ୍ତି ।

ପ୍ରକାଶ ଯେ, ରବିବାର ରାତିରେ ବ୍ୟବସାୟୀ ନନ୍ଦଲାଲ ସାମଗ୍ରୀ କିଣିବା ପାଇଁ କଲିକତା ଅଭିମୁଖେ ବାହାରିଥିଲେ। ସେ ପାଇକମାଲରୁ ଏକ ଘରୋଇ ବସରେ ଚଢ଼ିଥିଲେ। ବସ୍‌ରେ ସମ୍ବଲପୁର ଯାଇ ସେଠାରୁ ଟ୍ରେନରେ କଲିକତା ଯିବାର ଥିଲା । ତେବେ ନନ୍ଦଲାଲ ବସ୍‌ରେ ଟଙ୍କା ଧରି ଆସୁଥିବା ନେଇ ଅଭିଯୁକ୍ତ ରାକେଶ ଅନ୍ୟତମ ଅଭିଯୁକ୍ତ ସଦର ଥାନାର କନଷ୍ଟେବଳ ପପୁଙ୍କୁ ସୂଚନା ଦେଇଥିଲେ । ଏହାପରେ ପପୁ ପିସିଆର ଟିମକୁ ଖବର ଦେଇଥିଲେ । ଫଳରେ ପିସିଆର ଟିମ ତାଙ୍କୁ ଓହ୍ଲାଇ ପୋଲିସ ଭ୍ୟାନରେ ବରଗଡ଼ ସଦର ଥାନାକୁ ନେଇଥିଲା । ସେଠାରେ ଭୟଭୀତ କରାଇ ନନ୍ଦଲାଲ ରଖିଥିବା ଟଙ୍କା ଲୁଟି ନେବା ପରେ ଭ୍ୟାନରେ ବସାଇ ସ୍ଥାନୀୟ ଘରୋଇ ବସଷ୍ଟାଣ୍ଡରେ ଛାଡ଼ି ଦେଇଥିଲେ । ଏ ନେଇ ସ୍ଥାନୀୟ କିଛି ସଚେତନ ନାଗରିକ ନନ୍ଦଲାଲଙ୍କଠାରୁ ଜାଣିବାକୁ ପାଇଥିଲେ। ଏହାପରେ ନନ୍ଦଲାଲ ସେମାନଙ୍କ ମାଧ୍ୟମରେ ସଦର ଥାନାରେ ଏତଲା ଦେବା ପରେ ପୋଲିସ କାର୍ଯ୍ୟାନୁଷ୍ଠାନ ନେଇଥିଲା ।

# ବ୍ୟାନ୍ ନୋଟ୍ ରଖିପାରିବେ ଆଇଟି, ଇଡି

**ସଂଶୋଧିତ ବିଜ୍ଞପ୍ତି ଜାରି**

ନୂଆଦିଲ୍ଲୀ,୨୮।୮

ଚଢ଼ଉ ବେଳେ ନିର୍ଦ୍ଦିଷ୍ଟ ସୀମାରୁ ଅଧିକ ବ୍ୟାନ୍ ନୋଟ୍ ଜବତ କରିବା ଆୟକର ବିଭାଗ(ଆଇଟି) ଏବଂ ଏନଫୋର୍ସମେଣ୍ଟ ଡାଇରେକ୍ଟୋରେଟ(ଇଡି) ଭଳି ତଦନ୍ତକାରୀ ଏଜେନ୍ସିଙ୍କ ପାଇଁ ମୁଣ୍ଡବିନ୍ଧାର କାରଣ ହୋଇଛି। ଏହାକୁ ଦୂର କରିବା ଲାଗି କେନ୍ଦ୍ର ସରକାର ବିଳମ୍ବରେ ହେଉ ପଛେ ପଦକ୍ଷେପ ନେଇଛନ୍ତି। ସେଣ୍ଟ୍ରାଲ ବୋର୍ଡ ଅଫ ଡାଇରେକ୍ଟ ଟ୍ୟାକ୍ସେସ, ସେଣ୍ଟ୍ରାଲ ବୋର୍ଡ ଅଫ ଇନଡାଇରେକ୍ଟ ଟ୍ୟାକ୍ସେସ ଏବଂ ଇଡି ଜବତ କରିଥିବା ବ୍ୟାନ୍ ନୋଟ୍ ନିଜ ପାଖରେ ରଖିପାରିବେ ବୋଲି କେନ୍ଦ୍ର ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ଏକ ବିଜ୍ଞପ୍ତି ଜରିଆରେ ଦର୍ଶାଯାଇଛି।

ପ୍ରଚଳିତ ସ୍ପେସିଫାଏଡ ବ୍ୟାନ୍ ନୋଟ୍ସ(ସେସନ୍ ଆଣ୍ଡ ଲାଇବିଲିଟିଜ) ଆକ୍ଟ, ୨୦୧୭ ଅନୁଯାୟୀ ରିଜର୍ଭ ବ୍ୟାଙ୍କ, ଏହାର ସମସ୍ତ ଏଜେନ୍ସି ଓ ଏହାଦ୍ୱାରା ଅନୁମୋଦିତ ବ୍ୟକ୍ତି ତଥା ଅଦାଲତଙ୍କ ନିର୍ଦ୍ଦେଶ ବ୍ୟତୀତ ଅନ୍ୟମାନେ ନିର୍ଦ୍ଧାରିତ ସୀମା ଠାରୁ ଅଧିକ ବ୍ୟାନ୍ ନୋଟ୍ ନିଜ ପାଖରେ ରଖିପାରିବେ ନାହିଁ। ଏହି ଆଇନ ଅନୁଯାୟୀ ଜଣେ ସାଧାରଣ ବ୍ୟକ୍ତି ସର୍ବାଧିକ ୧୦ଟି ଏବଂ ଅନୁଧାନ ଓ ଗବେଷଣା ଲାଗି ୨୫ଟି ବ୍ୟାନ୍ ନୋଟ୍ ନିଜ ପାଖରେ ରଖିହେବ। କେନ୍ଦ୍ର ସରକାର ୨୦୧୬ ନଭେମ୍ବର ୮ରେ ୫୦୦ ଓ ୧୦୦୦ ଟଙ୍କିଆ ନୋଟ୍‌କୁ ବ୍ୟାନ କରିଥିଲେ। ସେହିବର୍ଷ ଡିସେମ୍ବର ୩୦ ସୁଦ୍ଧା ଏହାକୁ ବ୍ୟାଙ୍କରେ ଜମା କରିବାକୁ କୁହାଯାଇଥିଲା। ଏହା ପରେ ସୀମାବହିର୍ଭୂତ ବ୍ୟାନ୍ ନୋଟ୍ ଜବତ କ୍ଷେତ୍ରରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସରକାର କହିଥିଲେ। ଉକ୍ତ ସମୟସୀମା ପରେ ଜବତ ବ୍ୟାନ୍ ନୋଟ୍‌କୁ ନେଇ ଇଡି, ଆୟକର ବିଭାଗର ଚିନ୍ତା ବଢ଼ି ଯାଇଥିଲା। ଜବତ କାଗଜପତ୍ର ଦର୍ଶାଇଲେ ଏହାକୁ ବ୍ୟାଙ୍କରେ ଜମା କରି ହେବ ବୋଲି ସରକାର ପୂର୍ବରୁ ମଧ୍ୟ ଏକ ବିଜ୍ଞପ୍ତି ଜାରି କରିଥିଲେ।

ହକି ବିଶ୍ୱକପ୍ ବେଳେ ଅତିଥିଙ୍କ ରହଣି ଚିନ୍ତା

# 'ଓୟୋ' ସହ ଏମ୍‌ଓୟୁ ସ୍ୱାକ୍ଷର କଲା ଓଟିଡିସି

ଭୁବନେଶ୍ୱର,୨୮।୮(ବ୍ୟୁରୋ)

ହକି ବିଶ୍ୱକପ୍‌ର ଆୟୋଜନ କରି ଓଡ଼ିଶା ଇତିହାସ ରଚିବାକୁ ଯାଉଥିବା ବେଳେ ଏବେ ଆୟୋଜକଙ୍କୁ ଘାରିଛି ଏଠାରେ ଥିବା ହୋଟେଲ ଅଭାବ ସମସ୍ୟା। ନଭେମ୍ବରରେ ହେବାକୁ ଥିବା ଏହି କ୍ରୀଡ଼ା ମହାସମରକୁ ଆଉ ମାତ୍ର ୨ମାସ ବାକି ଥିବା ବେଳେ ହୋଟେଲ ଯୋଗାଡ଼ରେ ଲାଗିପଡ଼ିଛନ୍ତି ରାଜ୍ୟ ସରକାର। ୧୬ ଦେଶର କ୍ରୀଡ଼ାବିତ୍, ସେମାନଙ୍କ ଅଫିସିଆଲ୍, ସମର୍ଥକ ଏବଂ ଦର୍ଶକଙ୍କୁ ମିଶାଇ ପ୍ରାୟ ୩୦ହଜାର ଲୋକ ଓଡ଼ିଶାକୁ ଆସୁଥିବା ବେଳେ ସେମାନଙ୍କ ପାଇଁ ୩୦ ହଜାର କ୍ଲାସିଫାଏଡ୍ ରୁମ୍‌ର ଆବଶ୍ୟକତା ରହିଛି। ମାତ୍ର ରାଜ୍ୟରେ ଏତେ ସଂଖ୍ୟକ ହୋଟେଲ ନ ଥିବାରୁ ଲୋକଙ୍କ ରହଣି, ଅତିଥି ସତ୍କାର ଏବେ ରାଜ୍ୟ ସରକାରଙ୍କ ପାଇଁ ପ୍ରମୁଖ ସମସ୍ୟା ପାଲଟିଛି। ଏହାକୁ ଦୃଷ୍ଟିରେ ରଖି ଦେଶର ସର୍ବବୃହତ୍ ବଜେଟ ହୋଟେଲ ନେଟ୍‌ୱାର୍କ ତଥା ଭାରତୀୟ ହସ୍ପିଟାଲିଟି ସର୍ଭିସର ପ୍ରମୁଖ ବ୍ରାଣ୍ଡ 'ଓୟୋ ରୁମ୍ସ' ସହ ଏକ ଏମ୍‌ଓୟୁ ସ୍ୱାକ୍ଷର କରିଛି ଓଡ଼ିଶା ପର୍ଯ୍ୟଟନ ଉନ୍ନୟନ ନିଗମ(ଓଟିଡିସି)। ଏହାଦ୍ୱାରା ହକି ବିଶ୍ୱକପ୍ ପୂର୍ବରୁ ଓୟୋ ନିଜର ୱେବ୍‌ସାଇଟ୍ ଏବଂ ଆପ୍ଲିକେଶନରେ ଅଧିକରୁ ଅଧିକ ହୋଟେଲକୁ ଅନ୍ତର୍ଭୁକ୍ତ କରିବ। ଏହାସହ ରାଜ୍ୟରେ ଥିବା ହୋମ୍ ଷ୍ଟେ' ଏବଂ ଛୋଟବଡ଼ ସମସ୍ତ ହୋଟେଲକୁ ଓୟୋ ପ୍ଲାଟଫର୍ମରେ ଉପଲବ୍ଧ କରାଇବାକୁ ବୁଝାମଣାପତ୍ରରେ ଉଲ୍ଲେଖ ରହିଛି। ଏହାଦ୍ୱାରା ପର୍ଯ୍ୟଟକ ଏବଂ ଆସିବାକୁ ଥିବା ଦର୍ଶକ ବିନା ଦ୍ୱିଧାରେ ନିଜ ପସନ୍ଦର ରୁମ୍ ପାଇପାରିବେ।

ଓଡ଼ିଶା ପର୍ଯ୍ୟଟନ ଉନ୍ନୟନ ନିଗମ ଏମ୍‌ଡି ତଥା ପର୍ଯ୍ୟଟନ ବିଭାଗ ନିର୍ଦ୍ଦେଶକ ନିତୀନ ଭାନୁଦାସ ଜୱାଲେ ଏବଂ ଓୟୋ ରୁମ୍ସର ଓଡ଼ିଶା ସର୍କଲ ଅଧିକାରୀମାନଙ୍କ ଉପସ୍ଥିତିରେ ମଙ୍ଗଳବାର ଏହି ଏମ୍‌ଓୟୁ ସ୍ୱାକ୍ଷରିତ ହୋଇଥିଲା। ଏଥିରେ ଭୁବନେଶ୍ୱର ସହ କଟକ, ପୁରୀ ଏବଂ ଆଖପାଖ ସମସ୍ତ ଅଞ୍ଚଳକୁ ପ୍ରାଥମିକତା ଦେବାକୁ କୁହାଯାଇଥିଲା। ଓୟୋର ଏହି ରହଣି ସେବା ସମ୍ପର୍କରେ ଅଧିକରୁ ଅଧିକ ଲୋକଙ୍କୁ ଅବଗତ କରାଇବାକୁ ଓଟିଡିସି ନିଜ ୱେବ୍‌ସାଇଟ୍ ସହ ସୋସିଆଲ ମିଡିଆ ପ୍ଲାଟଫର୍ମ ଆଦିରେ ପ୍ରଚାର ପ୍ରସାର କରିବ। ଏହାସହ ଓୟୋ ପକ୍ଷରୁ ବିମାନବନ୍ଦର, ରେଲୱେ ଷ୍ଟେଶନ, ବସ୍ ଟର୍ମିନାଲ ଭଳି ଗୁରୁତ୍ୱପୂର୍ଣ୍ଣ ସ୍ଥାନମାନଙ୍କରେ ହକି ବିଶ୍ୱକପ୍‌ର ୫ ଦିନ ପୂର୍ବରୁ ସ୍ୱତନ୍ତ୍ର ହେଲ୍ପଡେସ୍କ ବା ସହାୟତା କେନ୍ଦ୍ର ଖୋଲାଯିବ। ସେହିଭଳି ବୁକିଂ କରିବା ଏବଂ ଏ ସମ୍ପର୍କିତ ସମସ୍ତ ସୂଚନା ପାଇଁ ଓୟୋ ପକ୍ଷରୁ ଏକ ନୂଆ ଫୋନ୍ ଲାଇନ୍ ମଧ୍ୟ ଆରମ୍ଭ କରାଯିବ। ଏ ସମ୍ପର୍କରେ ସୂଚନା ଦେଇ ପର୍ଯ୍ୟଟନ ଓ କ୍ରୀଡ଼ା ବିଭାଗ ସଚିବ ବିଶାଲ ଦେବ କହିଛନ୍ତି, ଦେଶ ଏବଂ ଦେଶ ବାହାରେ ଓୟୋ ଏକ ଭରସାଯୋଗ୍ୟ ବ୍ରାଣ୍ଡ୍। ହକି ବିଶ୍ୱକପ୍‌କୁ ଆଉ ମାତ୍ର କିଛିମାସ ବାକି ଥିବା ବେଳେ ଆମେ ବହୁ ସଂଖ୍ୟକ ଲୋକଙ୍କ ଆଗମନ ଆଶା କରୁଛୁ। ଏଭଳିସ୍ଥଳେ ଓୟୋ ସହ ଓଟିଡିସିର ଏହି ଏମ୍‌ଓୟୁ ଅନେକାଂଶରେ ସାହାଯ୍ୟ କରିବ ବୋଲି ସେ କହିଛନ୍ତି।

ଓୟୋର ପ୍ରତିଷ୍ଠାତା ତଥା ଓଡ଼ିଶାରେ ଜନ୍ମିତ ସଫଳ ଯୁବ ଉଦ୍ୟୋଗୀ ରିତେଶ ଅଗ୍ରୱାଲ କହିଥିଲେ, ହକି ବିଶ୍ୱକପ୍ ପାଇଁ ଓଡ଼ିଶା ଉପରେ ସମଗ୍ର ବିଶ୍ୱର ନଜର ରହିଛି। ଓଟିଡିସି ସହ ଓୟୋର ସହଭାଗିତା ଆମ ପାଇଁ ଗର୍ବର ବିଷୟ। ଦେଶ ଏବଂ ବିଦେଶରୁ ଓଡ଼ିଶା ଆସିବାକୁ ଥିବା କ୍ରୀଡ଼ାପ୍ରେମୀମାନଙ୍କୁ ଉନ୍ନତମାନର ତଥା ଉତ୍ତମ ସେବାବିଶିଷ୍ଟ ହୋଟେଲ ଓ ହୋମ୍ ଷ୍ଟେ' ଯୋଗାଇଦେବା ଆମର ମୁଖ୍ୟ ଉଦ୍ଦେଶ୍ୟ ରହିବ। ଏବେ ଆମ ନିକଟରେ ୧୬୦ ହୋଟେଲର ମୋଟ ୧୬୦୦ ରୁମ୍ ଥିବା ବେଳେ ଏହା କିଭଳି ଗ୍ରାହକଙ୍କ ପାଇଁ ସମ୍ପୂର୍ଣ୍ଣ ଭାବେ ପ୍ରସ୍ତୁତ ହୋଇ ରହିବ, ସେଥିପାଇଁ ଓୟୋ ଟିମ୍ ଦିନରାତି କାମ କରୁଥିବା ସେ କହିଛନ୍ତି। ଅନ୍ୟପକ୍ଷରେ କେବଳ ଓୟୋ ନୁହେଁ, ଓଟିଡିସି ଏବେ ଅନ୍ୟ କେତେକ ଅନ୍‌ଲାଇନ୍ ଟ୍ରାଭେଲ ଏଜେଣ୍ଟ ସହ ସମାନ ଚୁକ୍ତି କରିବାକୁ ଯୋଜନା ରଖିଛି।


# CLASSIFIED DISPLAY

ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

TARIFF — MORE SPACE • SAME PRICE — * GST 5% Extra

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6×4 | 12×4 | 6×4 | 12×4 | 6×4 | 12×4 | 6×4 | 12×4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

Get Instant Cash Against Gold
Gold Cash
Sell Your Gold at 100% Market Value
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବୁ। ବିକ୍ରି କରନ୍ତୁ ଆପଣଙ୍କ ସୁନା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
WWW.GOLDCASH.CO
9090902555, 9090903555
Toll Free- 1800-120-3430
Bhubaneswar, Cuttack, Rourkela, Bhadrak, Berhampur

ADMISSION OPEN FOR 2018-20
B.Ed
CT(D.EL.Ed) & M.Ed
Acharya Nagarjuna University
UGC & NCTE Approved
Equivalent to Utkal University
FREE Form fillup Fees, Weekend Class & Study Material
SINCE 2001 NIDT
B.J.B. Nagar, Lewis Road, Bhubaneswar
9338229373, 9438286091
9776587145

JAGANNATH FINANCE COMPNAY

ଶିକ୍ଷିତ ଓ ବେରୋଜଗାରୀ ମାନେ ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ, ପେ-ସ୍ଲିପ୍ ଋଣ ମାତ୍ର 24 ଘଣ୍ଟାରେ । 1% ସୁଧ 50% ଛାଡ । ଘରେ ବସି ପାଆନ୍ତୁ
ମହିଳା ମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
8860754025
8860754032

MONEY WIZZ FINANCE
ବର୍ଷକୁ ୩% ସୁଧ ହାରରେ ଓଡିଶାର ସମସ୍ତ ଜିଲ୍ଲା ପାଇଁ ମାର୍କସିଟ, ପ୍ରପର୍ଟି, ଶିକ୍ଷା, ବ୍ୟବସାୟ, ଟେକଓଭର ଋଣ ଉବଲବ୍ଧ ।(ଏଜେଣ୍ଟ ଆମନ୍ତ୍ରିତ ମହିଳାଙ୍କ ପାଇଁ)
07991019691
07750048332
moneywizz27@gmail.com

GET INSTANT CASH AGAINST GOLD
Sell your GOLD more than market value.
ମାର୍କେଟ ଠାରୁ ଅଧିକ ମୂଲ୍ୟରେ ସୁନା ବିକ୍ରି କରନ୍ତୁ । ଆମକୁ ଯୋଗାଯୋଗ କରନ୍ତୁ ଏବଂ ତୁରନ୍ତ ପଇସା ନେଇ ଯାଆନ୍ତୁ ।
ଯୋଗାଯୋଗ :
Bhubaneswar - 7978065794
Dhenkanal - 8895446310
Angul - 9437901750

BUSINESS
ବଂଶଳ ଗ୍ରୁପ୍ ଦ୍ୱାରା ନିଜର ଖାଲି ଜମି, ଛାତ, ପ୍ଲଟ୍ ଉପରେ ଡିଜିଟାଲ ଓ ମଲ୍ଟିମିଡିଆ ଉପକରଣ ଲଗାନ୍ତୁ। 60 ଲକ୍ଷ ଅଗ୍ରିମ, ଭଡ଼ା 40 ହଜାର।
ଦ୍ରଷ୍ଟବ୍ୟ: ଉପକରଣ ଲଗାଇବାର ଅନୁମତି ଅଳ୍ପ କେତୋଟି କମ୍ପାନୀର ଅଛି।
86979-80580
95578-79781

କେମିତି ମଦ ଛାଡ଼ିବେ
ଆସନ୍ତୁ ବ୍ୟକ୍ତିକୁ ନ ଆଣି ଏବଂ ନ ଜଣାଇ।
ସମୟ ପୂର୍ବାହ୍ନ ୧୦ ଘଟିକାରୁ ଅପରାହ୍ନ ୨ ଘଟିକା
ବାଲେଶ୍ୱର: ପ୍ରତିମାସ ୧ ଓ ୧୫, ହୋଟେଲ୍ କଳିଙ୍ଗ, ଷ୍ଟେଶନ ଗୋଲେଇ। ଭଦ୍ରକ: ୨ ଓ ୧୨, ହୋଟେଲ୍ ଡ୍ୟୁଆଇନ୍, ରାଡଘାଟ ଛକ। ଯାଜପୁର: ୩ ଓ ୧୭, ହୋଟେଲ୍ ଜ୍ୟାମସ୍ରୋନ ପ୍ୟାଲେସ୍, ଗୋପବନ୍ଧୁ ଛକ, ଯାଜପୁର ରୋଡ୍। କଟକ: ୪ ଓ ୧୮, ହୋଟେଲ୍ ମା ମଙ୍ଗଳା, ବାଦାମବାଡ଼ି, ବଡ଼ଘଣ୍ଟ ନିକଟ। ଭୁବନେଶ୍ୱର: ୫ ଓ ୧୯ ହୋଟେଲ୍ ଟ୍ରାଭେଲ୍ଜ (ଲଜ୍) ବଡ଼ଜେନା କମର୍ସିଆଲ୍ କଲ୍ଲେକ୍ଟ, ୧୯୮, ଅଶୋକ ନଗର, ଦ୍ୱିତିଳ-।। ପୁରୀ: ୬ ଓ ୨୦, ହୋଟେଲ୍ ପାନ୍ଥନିଲୟ୍, ଗ୍ରାଣ୍ଡ ରୋଡ୍, ବଡ଼ଦାଣ୍ଡ ନିକଟ। ବାରିପଦା: ୭ ଓ ୨୨, ହୋଟେଲ୍ ଗଣେଶ, ଗଣେଶ ମାର୍କେଟ। ସମ୍ବଲପୁର: ପ୍ରତିମାସ ୮ ଓ ୨୨, ହୋଟେଲ୍ ଦୁଲାରା, ଭି.ଏସ୍.ଏସ୍. ମାର୍ଗ, ବସ୍ ଷ୍ଟାଣ୍ଡ ନିକଟ। ରାଉରକେଲା: ପ୍ରତିମାସ ୯ ଓ ୨୩, ହୋଟେଲ୍ ଶ୍ୟାମ, ବିସ୍ରା ରୋଡ୍, ରେଳ ଷ୍ଟେଶନ ନିକଟ। ପାରାଦୀପ: ପ୍ରତିମାସ ୮ ଓ ୨୨, ହୋଟେଲ୍ ଆରିଷ୍ଟୋକ୍ରାଟ୍। କେନ୍ଦ୍ରାପଡ଼ା: ପ୍ରତିମାସ ୯ ଓ ୨୩, ହୋଟେଲ୍ ଗୋଲ୍ଡେନ୍ ପ୍ୟାଲେସ, ବସ୍ ଷ୍ଟାଣ୍ଡ ନିକଟ। କେନ୍ଦୁଝର: ପ୍ରତିମାସ ୧୦ ଓ ୨୪, ହୋଟେଲ୍ ବରାଳ, ବସ୍ ଷ୍ଟାଣ୍ଡ ନିକଟ। ଝାରୁସୁଗୁଡ଼ା: ୧୦ ଓ ୨୪, ହୋଟେଲ୍ ଉପହାର, ଓମ୍.ବି. ରୋଡ୍। ଅନୁଗୋଳ: ୧୧ ଓ ୨୫, ହୋଟେଲ୍ ଶାନ୍ତି, ବସ୍ ଷ୍ଟାଣ୍ଡ ନିକଟ। ବ୍ରହ୍ମପୁର: ୧୨ ଓ ୨୭, ହୋଟେଲ୍ ଲେକ୍‌ଭ୍ୟୁ, ରାମ ଛିଞ୍ଚ ଟ୍ରକ୍ ରୋଡ୍। ଛତ୍ରାପାଟଣା: ୧୩ ଓ ୨୭, ରବି ଲଜ୍, ଗାଖା ଚୌକ। ବରଗଡ଼: ୧୪ ଓ ୨୮, ହୋଟେଲ୍ ଓରିଏଣ୍ଟାଲ, କେନାଲ୍ ଆଲ୍ଟେମ୍ୟୁ ନିକଟ। ଫୁଲବାଣୀ: ପ୍ରତିମାସ ୧୨ ତାରିଖ, ହୋଟେଲ୍ ରାଜ କମଲ। ନୟାଗଡ଼: ପ୍ରତିମାସ ୧୧ ତାରିଖ, ହୋଟେଲ୍ ତ୍ରିନାଥ, ଦିଘା ରୋଡ୍। ପୂଜା ଡେଲ୍‌ଥ ସେଣ୍ଟର
ଶ୍ୱାସରୋଗ, ଗଣ୍ଠି ଯନ୍ତ୍ରଣା, ଅର୍ଶ, ଓଜନ ବୃଦ୍ଧି ପାଇଁ ପ୍ରାଚୀନ ଔଷଧ।
9776587145

Odisha Finance
ଭାରତ ସରକାରଙ୍କ ଦ୍ୱାରା ପଞ୍ଜୀକୃତ କମ୍ପାନୀ ପ୍ରପର୍ଟି, ମାର୍କଶିଟ୍, ପର୍ସନାଲ, ରାଶନ କାର୍ଡ, ଆ



କୌଣସି କଥାରେ ମତପ୍ରକାଶ କରିବି ନାହିଁ ବୋଲି ଯେ କହେ,
ଶେଷରେ ସେ ଜଣେ ଦୁର୍ବଳମନା ବ୍ୟକ୍ତି ବୋଲି ପରିଚିତ ହୋଇଯାଏ।
- ଲିଓ ଟଲଷ୍ଟୟ



## ସଂକ୍ଷେପରେ

### ସରକାରୀ ବହୁବୃତ୍ତି ଶିକ୍ଷାନୁଷ୍ଠାନର ଅଭିଭାବକ ସମ୍ମିଳନୀ

ରେଙ୍ଗାଲି,୨୮।୮(ଡି.ଏନ.ଏ.)- ସମ୍ବଲପୁର ଜିଲା ରେଙ୍ଗାଲିସ୍ଥିତ ସରକାରୀ ବହୁବୃତ୍ତି ଶିକ୍ଷାନୁଷ୍ଠାନର ଅଭିଭାବକମାନଙ୍କ ଏକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ମଙ୍ଗଳବାର ଶିକ୍ଷାନୁଷ୍ଠାନର ଅଧକ୍ଷ ଜ୍ଞାନରଞ୍ଜନ ରାୟଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ସମ୍ମିଳନୀରେ ମୁଖ୍ୟତଃ ଛାତ୍ରଛାତ୍ରୀଙ୍କ ଶ୍ରେଣୀରେ ଉପସ୍ଥାପନା ଉପରେ ଆଲୋଚନା ହୋଇଥିଲା। ୭୫ ପ୍ରତିଶତ ଉପସ୍ଥାପନ ନ ଥିଲେ ଛାତ୍ରୀଛାତ୍ରମାନେ ପରୀକ୍ଷା ଦେଇପାରିବେ ନାହିଁ ବୋଲି ଅଧକ୍ଷ ସୂଚାଇଥିଲେ।

### ରେଙ୍ଗାଲିରେ ପହଞ୍ଚିଲା ଅଟଳଙ୍କ ଅସ୍ଥି କଳସ

ରେଙ୍ଗାଲି,୨୮।୮(ଡି.ଏନ.ଏ.)- ସମ୍ବଲପୁର ଜିଲା ରେଙ୍ଗାଲିରେ ମଙ୍ଗଳବାର ସନ୍ଧ୍ୟାରେ ପୂର୍ବତନ ପ୍ରଧାନନ୍ତ୍ରୀ ଭାରତ ରତ୍ନ ସ୍ୱର୍ଗତ ଅଟଳ ବିହାରୀ ବାଜପେୟୀଙ୍କ ଅସ୍ଥି କଳସ ରେଙ୍ଗାଲିରେ ପହଞ୍ଚିଛି। ଭାଜପାର ରାଷ୍ଟ୍ରୀୟ ସମ୍ପାଦକ ସୁରେଶ ପୂଜାରୀ, ଜିଲା ପରିଷଦ ଚେୟାରମ୍ୟାନ ରାଧେଶ୍ୟାମ ବାରିକ, ନାଉରା ନାଏକ, ଜିଲା ଭାଜପା ଉପସଭାପତି ଜିତେନ୍ଦ୍ର ପ୍ରସାଦ ପଣ୍ଡା ଓ ପ୍ରଶାନ୍ତ ପଣ୍ଡା, ଜିଲା ପରିଷଦ ସଭ୍ୟ ତିରୋଜ ହେଡ଼େଜ୍ଞା, ବିଧାୟକ ପ୍ରତିନିଧି ନାରାୟଣ ଶର୍ମା, ଜିଲା ଭାଜପା ସଭାପତି ରାମଚନ୍ଦ୍ର ମେହେର, ଇଂ. ଗାନ୍ଧୀ ବେହେରା, ପରିବେଶବିତ୍ ଦୁର୍ଗା ପ୍ରସାଦ ନାଥ, ମହାବୀର ଶର୍ମା, ଯୁଗଲ ଅଗ୍ରୱାଲ, ଦିବ୍ୟଶଙ୍କର ବେହୋରଙ୍କ ସେମତ ଅଞ୍ଚଳର ବହୁ ବୁଦ୍ଧିଜୀବୀ, ବିଭିନ୍ନ ଦଳର କର୍ମକର୍ତ୍ତା, ମାନ୍ୟଗଣ୍ୟ ବ୍ୟକ୍ତି ଏହି ଅସ୍ଥି କଳସକୁ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଦେଇଥିଲେ। ପରେ ଏକ ଶୋଭାଯାତ୍ରାରେ ଅସ୍ଥି କଳସ ସିନ୍ଦୁରପଙ୍କ ଛକ, ପରମାଣପୁର, ଲାଭମାଲଛକ, କତରବଗା, ରେଙ୍ଗାଲି ଓ ପ୍ରଧାନପାଲି ଛକ ଦେଇ ସମ୍ବଲପୁର ଯାଇଥିଲା।

### କେରଳ ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିକୁ ଅର୍ଥରାଶି ପ୍ରଦାନ

ଜମନକିରା,୨୮।୮(ଡି.ଏନ୍.ଏ.) ସମ୍ବଲପୁର ଜିଲା ଜମନକିରା ବ୍ଲକ୍ ସଦର ମହକୁମାର ସ୍ୱେଚ୍ଛାସେବୀ ଯୁବକଙ୍କ ପକ୍ଷରୁ କେରଳ ବନ୍ୟା ବିପନ୍ନଙ୍କ ପାଇଁ ୧୪ହଜାର ୮ଶହ ୮୯ ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ଏହି ଅର୍ଥ ରାଶି ମଙ୍ଗଳବାର ପୂର୍ବାହ୍ନ ସାଢେ ୧୧ଟାରେ ଷ୍ଟେଟ ବ୍ୟାଙ୍କ ଜମନକିରା ଶାଖା ପରିଚାଳକଙ୍କ ମାଧ୍ୟମରେ କେରଳ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିକୁ ପ୍ରେରଣ କରାଯାଇଛି। ଗତ କିଛି ଦିନ ହେଲା ୧୦ ଯୁବକ ଏଥିପାଇଁ ଅର୍ଥ ଯୋଗାଡ଼ରେ ଲାଗିପଡ଼ିଥିଲେ। ପ୍ରୀତମ କୁମାର ଦାନୀ, ମଣ୍ଟୁ ପଟେଲ, ସୁବାଷ ସାହୁ, ଅବିନାଶ ପ୍ରସାଦ ଦାନୀ, ରାଜିବ ଲୋଚନ ସାହୁ, ଜଗନ୍ନାଥ ସାହୁ, ବାଳମୁକୁନ୍ଦ ସା, କାମେଶ ସା, ଲିପୁନ କୁମାର ସାହୁ, ଅମୃତ ଛତ୍ରିଆ, ଉମେଶ ଅଗ୍ରୱାଲ ପ୍ରମୁଖ ଅନୁଦାନ ସଂଗ୍ରହରେ ସାମିଲ ହୋଇଥିଲେ।

# ପକ୍କା ରାସ୍ତା ଦାବିରେ ମହିଳାଙ୍କ ରାସ୍ତାରୋକୋ

ସମ୍ବଲପୁର,୨୮।୮(ବ୍ୟୁରୋ)

ବାରମ୍ବାର ରାସ୍ତା ମରାମତି ଦାବି କରି ନିରାଶ ହେବା ପରେ ଶେଷରେ ସମ୍ବଲପୁର ଜିଲା ଯୁଯୁମୁରା ବ୍ଲକ ଘେନୁପାଲି ପଞ୍ଚାୟତର ପାନୁପାଲି, ସେମେଲଟିକ୍ରା, ସାନସାହି ଗ୍ରାମର ଶତାଧିକ ମହିଳା ତାତି ଉଠି ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ମଙ୍ଗଳବାର ଜିଲାପାଳ ଅଫିସ ସମ୍ମୁଖ ରାସ୍ତା ଅବରୋଧ କରି ପ୍ରତିବାଦ ଜଣାଇଛନ୍ତି। ପୂର୍ବାହ୍ନ ୧୦ଟାରେ ଶତାଧିକ ମହିଳା ଜିଲାପାଳଙ୍କ ଅଫିସ ସମ୍ମୁଖରେ ଏକଜୁଟ ହୋଇଥିଲେ। ଅପରାହ୍ନ ୩ଟା ପର୍ଯ୍ୟନ୍ତ ଚାଲିଥିଲା ବିକ୍ଷୋଭ। ହେଲେ କୌଣସି ପ୍ରଶାସନିକ ଅଧିକାରୀ ଆଲୋଚନା କରିବାକୁ ସେଠାରେ ପହଞ୍ଚି ନଥିଲେ। ଏଣୁ ରାସ୍ତା ଅବରୋଧ କରିଥିଲେ। ଜିଲାପାଳ ସମର୍ଥ ବର୍ମା ଘଟଣାସ୍ଥଳରେ ପହଞ୍ଚି ଆଲୋଚନା କରିଥିଲେ। ରାସ୍ତା ଦୁରବସ୍ଥାକୁ ବୁଲି ଦେଖିଥିଲେ। ଶୀଘ୍ର କାମ ଆରମ୍ଭ କରିବାକୁ ଯୁଯୁମୁରା ବ୍ଲକ୍ ବିଡିଓଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ରାସ୍ତା ଅବରୋଧ ହଟିଥିଲା।

ସମ୍ବଲପୁର ଜିଲାପାଳଙ୍କ ଅଫିସ ସମ୍ମୁଖରେ ରାସ୍ତା ପାଇଁ ଗ୍ରାମବାସୀଙ୍କ ଧାରଣା

ଗ୍ରାମବାସୀ କହିଛନ୍ତି ଯେ, ଦୀର୍ଘବର୍ଷ ହେଲା ସ୍ଥାୟୀ ପକ୍କା ରାସ୍ତା ପାଇଁ ଦାବି କରି ଆସୁଛୁ। ୨୦୧୭ରେ ଜିଲାପାଳ ରାସ୍ତାକୁ ପକ୍କା କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ହେଲେ ବର୍ଷେ ବିତିଯାଇଥିଲେ ମଧ୍ୟ ରାସ୍ତାର ଅବସ୍ଥା ସୁଧୁରିଲା ନାହିଁ। ଏପରି କି ନିର୍ବାଚିତ ଜନପ୍ରତିନିଧି, ବିଧାୟକ ସମସ୍ତେ ନିର୍ବାଚନ ପୂର୍ବରୁ ରାସ୍ତାର ଭାଗ୍ୟ ବଦଳାଇ ଦେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଅଦ୍ୟାବଧି ରାସ୍ତା କାମ ଆରମ୍ଭ ହୋଇପାରିନାହିଁ। ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାରେ ସାମିଲ କରି ରାସ୍ତାର ଉନ୍ନତୀକରଣ କରାଯିବାକୁ ତିନି ପଡ଼ାବାସୀ ଦାବି କରିଛନ୍ତି। ସୂଚନାଥାଉ କି, ତିନୋଟି ପଡ଼ାରେ ୧୫୦ ପରିବାରର ୨୨୦୦ ଜନସଂଖ୍ୟା ରହିଛି।

### ଅଟଳଙ୍କ ଅସ୍ଥି କଳସ ଶୋଭାଯାତ୍ରା

ଜମନକିରା,୨୮।୮(ଡି.ଏନ୍.ଏ.)

ସମ୍ବଲପୁର ଜିଲା ଜମନକିରା ବ୍ଲକ୍ ସଦର ମହକୁମାସ୍ଥିତ ପୁରୁଣା ଥାନା କୃଷକ ଖଳା ମଣ୍ଡପରେ ସୋମବାର ଅପରାହ୍ନ ସାଢ଼େ ୪ ଟା ସମୟରେ କୁଚିଣ୍ଡା ବିଧାୟକ ରବିନାରାୟଣ ନାଏକଙ୍କ ନେତୃତ୍ୱରେ ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ଅସ୍ଥିକଳସ ଶୋଭାଯାତ୍ରା ଜମନକିରାଠାରେ ପହଞ୍ଚିଥିଲା। ଜମନକିରା ଛକରୁ ଗାଁ ପରିକ୍ରମା ପରେ କୁଲୁଣ୍ଡି ଅଭିମୁଖେ ଯାତ୍ରା କରିଥିଲା। କାର୍ଯ୍ୟକ୍ରମରେ ମଣ୍ଡଳ ସଭାପତି ବିରେନ୍ଦ୍ର କୁମାର ଚୌଧରୀ, ସୁବାଷ ସାହୁ, ସୁନିଲ ମୁଦୁଲି, ରାଜିବ ନାଏକ, ଶ୍ରୀକାନ୍ତ ପଟେଲ, ସରୋଜ ସେଠ, ଅମୋଘ ବୈରିଗଞ୍ଜନ ପାଣିଗ୍ରାହୀ, ଦୁଷ୍ମନ୍ତ ନାୟକ, ମନୋଜ ମାଝୀ, ତ୍ରିଲୋକ ପଧାନ, ସଞ୍ଜୀବ ବେହେରା ପ୍ରମୁଖ ଯୋଗ ଦେଇଥିଲେ।

# ବାମରାରେ ଆମ ଗାଁ ଆମ ବିକାଶ କାର୍ଯ୍ୟକ୍ରମ

- ୧୬୮ ପ୍ରକଳ୍ପ ପାଇଁ ୩ କୋଟି ୭୧ଲକ୍ଷ ମଞ୍ଜୁର
- ଯୋଗଦେଲେ ୨୦ ହଜାରରୁ ଊର୍ଦ୍ଧ୍ୱ ଲୋକେ
- ନିର୍ଦ୍ଧାରିତ ସମୟରୁ ୪ଘଣ୍ଟା ବିଳମ୍ବରେ ଆରମ୍ଭ ହେଲା କାର୍ଯ୍ୟକ୍ରମ
- ମୁଖ୍ୟମନ୍ତ୍ରୀଙ୍କ ଭିଡିଓ କନ୍‌ଫରେନ୍ସ

ବାମରା,୨୮।୮(ସ୍ୱ.ପ୍ର.)

ସମ୍ବଲପୁର ଜିଲା ବାମରା ବ୍ଲକରେ ମଙ୍ଗଳବାର ବ୍ଲକସ୍ତରୀୟ ଆମ ଗାଁ ଆମ ବିକାଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଜିଲାପାଳ ସମର୍ଥ ବର୍ମା, ପିଡି ତିଆରଡିଏ ରାଜେଶ ଅଗ୍ରୱାଲ, କୁଚିଣ୍ଡା ଉପଜିଲାପାଳ ବିଶ୍ୱ ରଞ୍ଜନ ନୟକ, ବାମରା ତହସିଲଦାର ମିତ୍ରଭାନୁ ନାଏକ, ବିଡ଼ିଓ ସୁଶୀଲ କୁଜୁର ଉପସ୍ଥିତ ଥାଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଭିଡିଓ କନଫରେନ୍ସିଂ ମାଧ୍ୟମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମୋଟ ୧୬୮ଟି ପ୍ରକଳ୍ପ ପାଇଁ ୩ କୋଟି ୭୧ଲକ୍ଷ ଟଙ୍କା ମଞ୍ଜୁର କରିଥିଲେ । ଏଥିରେ ଅଙ୍ଗନ୍ୱାଡି କର୍ମୀ, ଆଶା କର୍ମୀ, ସ୍ୱୟଂ ସହାୟକ ଗୋଷ୍ଠୀର ସଭ୍ୟା, ୧୭ ପଞ୍ଚାୟତରୁ ସରପଞ୍ଚ ସମିତି ମେମ୍ବର, ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା, ସ୍ୱେଚ୍ଛାସେବୀ ମୋଟ ୧୦ ହଜାର ଜନସାଧାରଣ ଉପସ୍ଥିତ ରହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଜେଡି ଜିଲା ସଭାପତି ଡଙ୍କୁର ପ୍ରମୋଦ କୁମାର ରଥ, କୁଚିଣ୍ଡା ବ୍ଲକ ସଭାପତି ଅମୂଲ୍ୟ ମିଶ୍ର, ବାମରା ବ୍ଲକ ସଭାପତି ରାଜ କୁମାର ଶୁକ୍ଲା, କୁଚିଣ୍ଡା ଲ୍ୟାମ୍ପ୍ସ ସଭାପତି ମନୋରଞ୍ଜନ ଭୋଇ , କୁଚିଣ୍ଡା ବିଧାୟକ ବୃନ୍ଦାବନ ମାଝୀ, ପୂର୍ବତନ କୁଚିଣ୍ଡା ବ୍ଲକ ଅଧ୍ୟକ୍ଷ କରୁଣାକର କିସାନ, ଭୁବନେଶ୍ୱର କିସାନ, କୁଚିଣ୍ଡା ବିଧାୟକ ରବି ନାରାୟଣ ନାଏକ, ଜିଲା ପରିଷଦ ଉପାଧ୍ୟକ୍ଷା ପୁଷ୍ପାଞ୍ଜଳି ଧୁରୁଆ, ଜିଲା ପରିଷଦଗ ସଭ୍ୟା କୁମୁଦିନୀ ନାଏକ, ବ୍ଲକ ଉପାଧ୍ୟକ୍ଷା ଅକ୍ଷୟ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ପର୍ଯ୍ୟବେକ୍ଷକ କୁନା ବିହାରୀ ଦାଶ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବ୍ଲକ ଅଧକ୍ଷ ସଦାନନ୍ଦ କୁଜୁର ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମରେ ବିଜୁ ଯୁବ ବାହିନୀର ସ୍ୱେଚ୍ଛାସେବୀମାନେ ପରିଚାଳନାରେ ସହଯୋଗ କରିଥିଲେ। ଆମ ଗାଁ ଆମ ବିକାଶ କାର୍ଯ୍ୟକ୍ରମ ରାତି ପାହିଲେ ବାମରାରେ ହେବ ବୋଲି ସମସ୍ତ ପ୍ରକାର ବୃତାନ୍ତ ପ୍ରସ୍ତୁତି ସରିଥିଲା। ମାତ୍ର ରାତି ୧୨ଟାରେ ସୀମାବର୍ତ୍ତୀ ଲଇକେରା ବ୍ଲକ ଇଲାକାରେ ବିଏସଏନଏଲ କେବୁଲ କଟାଯାଇଥିବା ଜଣାପଡ଼ିବା ପରେ ଧାଁ ଧପଡ ଆରମ୍ଭ ହୋଇଥିଲା। କୌଣସି ପ୍ରକାର ଆପାତଃକାଳୀନ ଭିତ୍ତିରେ ଭୋର ୪ଟା ସୁଦ୍ଧା କେବୁଲକୁ ସାମାନ୍ୟ ସେବାରେ ଯୋଡାଯାଇଥିଲା। ମାତ୍ର ପୁନର୍ବାର ଏକ ଘରୋଇ ମୋବାଇଲ ଫୋନ କମ୍ପାନୀ ଅଣଦେଖା କରି କାମ ଚାଲୁ ରଖିଥିବାରୁ ସେବା ବିଚ୍ଛିନ୍ନ ହୋଇପଡ଼ିଥିଲା। ଏହି କାରଣରୁ ସକାଳ ୮ଟା ପରିବର୍ତ୍ତେ ଦ୍ୱିପ୍ରହରର ୧୨ଟାରୁ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା । ଫଳସ୍ୱରୂପ ବାମରା ବ୍ଲକର ତୃତୀୟ ସ୍ଥାନର ସମୟ ନିର୍ଘଣ୍ଟ ଦଶମ ସ୍ଥାନକୁ ପଳେଇ ଯାଇଥିଲା । ହଜାର ହଜାର ସଂଖ୍ୟାରେ ପହଞ୍ଚିଥିବା ଲେକଙ୍କୁ ୪ ଘଣ୍ଟା ଧରି ଅପେକ୍ଷା କରିବାକୁ ପଡ଼ିଥିଲା। ଏ ନେଇ ଜେଟିଓ କୁଚିଣ୍ଡା ବିବେକ ବରଘାଙ୍କୁ ପଚାରିବାରେ, ଜାଣିଶୁଣି କେହି ଅସାମାଜିକ ଲୋକ କେବୁଲ ଲାଇନକୁ କାଟି ବିଚ୍ଛିନ୍ନ କରି ଦେଇଥିବାରୁ ସେବା ପ୍ରଦାନରେ ଅହେତୁକ ବିଳମ୍ବ ହୋଇଥିଲା।

ଆମ ଗାଁ, ଆମ ବିକାଶ କାର୍ଯ୍ୟକ୍ରମରେ ଉପସ୍ଥିତ ଜନସାଧାରଣ।

# ଗାଡି ସହ ୫୫ ବଣ୍ଡଲ କେନ୍ଦୁପତ୍ର ଜବତ

ସମ୍ବଲପୁର ସଦର ରେଞ୍ଜ ପକ୍ଷରୁ କେନ୍ଦୁପତ୍ର ସହ ଜବତ ହୋଇଥିବା ଗାଡି ଓ ବନ କର୍ମଚାରୀ।

ସମ୍ବଲପୁର,୨୮।୮(ବ୍ୟୁରୋ)

ସମ୍ବଲପୁର ଜିଲା ସଦର ରେଞ୍ଜ ଅନ୍ତର୍ଗତ ମାନେଶ୍ୱର ବ୍ରିଜ୍ ନିକଟରୁ ୫୫ ବଣ୍ଡଲ କେନ୍ଦୁପତ୍ର ସହ ଏକ ଗାଡ଼ିକୁ ବନ ବିଭାଗ ଜବତ କରିଛି । ଭ୍ୟାନ ନମ୍ବର ଡବ୍ଲ୍ୟୁବି ୨ଏଫ ୨୫୩୮ ଯୋଗେ କେନ୍ଦୁପତ୍ର ଚୋରାଚାଲାଣ ହେଉଥିଲା। ଝୁଙ୍ଗୁମୁରା ଅଞ୍ଚଳରୁ ସହରକୁ ଉକ୍ତ ଗାଡ଼ିରେ କେନ୍ଦୁପତ୍ର ଚୋରା ଚାଲାଣ ହେଉଥିବା ଖବର ପାଇ ବନ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇଥିଲା। ଏ ନେଇ ଝାଙ୍କରପାଲି ଫରେଷ୍ଟରଙ୍କ ନେତୃତ୍ୱରେ ଏକ ଟିମ ଗଠନ କରାଯାଇଥିଲା। ଏହି ଟିମ୍ ମାନେଶ୍ୱର ଛକରେ ଛକି ରହିଥିଲେ। ଫରେଷ୍ଟ ଗାଡିକୁ ଦେଖି ଦ୍ରୁତ ଗତିରେ ଭ୍ୟାନ୍‌ଟି ଫେରାର ହୋଇଯାଇଥିଲା। ମାଲତୀ ବ୍ରିଜ ନିକଟରେ ଭ୍ୟାନକୁ ଛିଡ଼ା କରି ଡ୍ରାଇଭର ଫେରାର ହୋଇଯାଇଥିଲା। ଏ ନେଇ ଏକ ମାମଲା ରୁଜୁ ହୋଇଛି। ଘଟଣାର ଅଧିକ ତଦନ୍ତ କରାଯାଉଥିବା ସଦର ରେଞ୍ଜର ଗୌରୀଦା ସୂଚନା ଦେଇଛନ୍ତି ।

# ୪୧ ଲିଟର ମହୁଲି ମଦ ଜବତ : ୪ ଗିରଫ

ରେଢ଼ାଖୋଲ,୨୮।୮(ସ୍ୱ.ପ୍ର.)

ସମ୍ବଲପୁର ଜିଲା ରେଢ଼ାଖୋଲ ଉପଖଣ୍ଡ ଅଞ୍ଚଳରେ ବେଆଇନ ମଦ କାରବାର ବୃଦ୍ଧି ପାଇବାରେ ଲାଗିଛି । ଏ ନେଇ ଅବକାରୀ ବିଭାଗ ପକ୍ଷରୁ ଗତ କିଛିଦିନ ହେଲା ଚଢାଉ ଅଭିଯାନ ଜୋର୍‌ଦାର୍ ହୋଇଛି। ରେଢ଼ାଖୋଲ ଅବାକାରୀ ବିଭାଗ ପକ୍ଷରୁ ନାକଟିଦେଉଳ ବ୍ଲକ ଘୋଷରାମାଳ ପଞ୍ଚାୟତ ଲାଣ୍ଡିମାଳ ଗ୍ରାମରୁ ମହୁଲି ମଦ ରନ୍ଧା ସାମଗ୍ରୀ ଉପରେ ହୋଇଥିବା ଚଢ଼ାଉରେ ୨ଜଣଙ୍କୁ ଗିରଫ କରାଯାଇଛି । ଅଭିଯୁକ୍ତମାନେ ହେଲେ ସେହି ଗ୍ରାମର ଚେରେଙ୍ଗା ମିର୍ଦ୍ଧା (୩୦) ଓ ବାଇଗଣି ମିର୍ଦ୍ଧା (୬୦) । ଚେରେଙ୍ଗାଙ୍କ ପାଖରୁ ୧୦ ଲିଟର ଓ ବାଇଗଣିଙ୍କ ପାଖରୁ ୧୩ ଲିଟର ରନ୍ଧା ମହୁଲି ମଦ ଜବତ ହୋଇଛି। ସେହିପରି ସାଲେଭଟା ପଞ୍ଚାୟତ ବାବୁତଏଲା ଗ୍ରାମରେ ଅନ୍ୟ ୨ଜଣଙ୍କୁ ଗିରଫ କରାଯାଇଛି । ଅଭିଯୁକ୍ତଦ୍ୱୟ ହେଲେ ସେହି ଗ୍ରାମର ସିଲୁ ଦେବ (୩୦) ଓ ବ୍ରବିତ୍ ବାର୍ଲା (୪୫) । ସିଲୁଙ୍କ ପାଖରୁ ୬ ଲିଟର ଓ ବ୍ରବିତଙ୍କ ପାଖରୁ ୧୨ ଲିଟର ରନ୍ଧା ମହୁଲି ମଦ ଜବତ କରାଯାଇଛି । ଅନ୍ୟ ଏକ ଚଢ଼ାଉ କ୍ରମେ ବାବୁତୋଇଲା ଗ୍ରାମ ନିକଟ ଜଙ୍ଗଲରୁ ୧୦୦ କେଜି ମହୁଲ ପୋଚ, ୬ ମଦରନ୍ଧା ଡେକ୍‌ଚି ଜବତ ହୋଇଛି। ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଥିବା ରେଢାଖୋଲ ଅବକାରୀ ବିଭାଗ ଅଧିକାରୀ ଦିପ୍ତୀମୟୀ ସାହୁ ଜଣାଇଛନ୍ତି।

ଜବତ ରନ୍ଧା ମଦ ସାମଗ୍ରୀ।

# ଟ୍ରେଲର ଚକା ତଳେ ଗଲା ଜୀବନ

ରେଢ଼ାଖୋଲ,୨୮।୮ (ଡି.ଏନ.ଏ.)/(ସ୍ୱ.ପ୍ର.)

୫୫ ନଂ ଜାତୀୟ ରାଜପଥ ରେଢ଼ାଖୋଲ ସହର ଉପକଣ୍ଠ ଭୀମଭୋଇ କଲେଜ ସମ୍ମୁଖରେ ମଙ୍ଗଳବାର ସନ୍ଧ୍ୟା ୬ଟାରେ ଦୁର୍ଘଟଣା ଘଟିଛି। ଏଥିରେ ଜଣେ ଯୁବକଙ୍କ ଜୀବନ ଯାଇଛି। ମୃତ ଯୁବକଜଣକ ହେଲେ ରେଢ଼ାଖୋଲ ଥାନା ମୁଟୁରୁମୁଣ୍ଡା ଗ୍ରାମର ରାଜେଶ ମିଞ୍ଜ(୨୭)। ଖବର ନେବାରୁ ଜଣାଯାଏ, ରାଜେଶ (ନଂ.ଓଆର୧୫ସି ୭୭୧୮) ବାଇକ୍‌ରେ ରେଢ଼ାଖୋଲରୁ ତାଙ୍କ ଗ୍ରାମ ମୁଟୁରୁମୁଣ୍ଡାକୁ ଯାଉଥିଲେ। ଭୀମଭୋଇ କଲେଜ ସମ୍ମୁଖରେ ଏକ ଟ୍ରେଲର (ନଂ. ଆରଜେ ୦୭ଜିଡି ୧୨୩୯)କୁ ଓଭରଟ୍ରେ କରୁଥିବା ସମୟରେ ହଠାତ୍ ଏକ ଗାଈ ଦୌଡି ଆସି ବାଇକରେ ପିଟି ହୋଇଥିଲା। ଫଳରେ ରାଜେଶ ରାସ୍ତାକୁ ଛିଟିକି ପଡ଼ି ଟ୍ରେଲର ଚକା ତଳକୁ ଚାଲିଯାଇଥିଲେ। ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ହୋଇଥିଲା। ଖବର ପାଇ ରେଢ଼ାଖୋଲ ପୋଲିସ ଦୁର୍ଘଟଣାସ୍ଥଳରୁ ମୃତଦେହ ଜବତ କରିଛି। ବୁଧବାର ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ। ଦୁର୍ଘଟଣା ପରେ ଗାଡ଼ିର ଡ୍ରାଇଭର ଫେରାର ହୋଇଯାଇଛନ୍ତି। ଏ ନେଇ ଥାନାରେ ଏକ ଦୁର୍ଘଟଣାଜନିତ ମାମଲା ରୁଜୁ ହୋଇଛି। ମୃତ ରାଜେଶ ତାଙ୍କ ବାପା ମା'ଙ୍କ ଏକ ମାତ୍ର ପୁତ୍ର ଥିଲେ। ତାଙ୍କର ପତ୍ନୀ ଓ ୨ ଝିଅ ଅଛନ୍ତି।

# ଗଙ୍ଗାଧରଙ୍କ ସାହିତ୍ୟ କୃତି ଅନନ୍ୟ

ରେଢ଼ାଖୋଲ,୨୮।୮(ଡି.ଏନ.ଏ.)

ସ୍ୱଭାବ କବି ଗଙ୍ଗାଧରଙ୍କ ସାହିତ୍ୟ କୃତି ଅନନ୍ୟ। ରେଢ଼ାଖୋଲ ମହିଳା ମହାବିଦ୍ୟାଳୟରେ ମଙ୍ଗଳବାର ଅନୁଷ୍ଠିତ ଗଙ୍ଗାଧର ମେହେରଙ୍କ ଜୟନ୍ତୀରେ ଏହି ମତ ପ୍ରକାଶ ପାଇଛି। ଅଧକ୍ଷା ସୁନିତା ମିଶ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଜୟନ୍ତୀ ସଭାରେ ସମ୍ବଲପୁର ମହିଳା ମହାବିଦ୍ୟାଳୟର ପୂର୍ବତନ ଅଧକ୍ଷ ଡ. ସନ୍ତୋଷ କୁମାର ଦାସ ମୁଖ୍ୟ ଅତିଥି, ଅଧ୍ୟାପିକା ପୁଷ୍ପାଞ୍ଜଳୀ ସାମନ୍ତରାୟ ବକ୍ତା ଭାବେ ଯୋଗ ଦେଇ ଗଙ୍ଗାଧରଙ୍କ ସାହିତ୍ୟ କୃତି ଓ ସାରସତ୍ୱ ସାଧନା ଉପରେ ଆଲୋଚନା କରିଥିଲେ। ପ୍ରାରମ୍ଭରେ ଅତିଥିମାନେ ଗଙ୍ଗାଧରଙ୍କ ଫଟୋ ଚିତ୍ରରେ ମାଲ୍ୟାର୍ପଣ କରି ପ୍ରଦୀପ ପ୍ରଜ୍ୱଳନ କରିଥିଲେ। କଲେଜର ଛାତ୍ରୀମାନେ କବିଙ୍କ ଦ୍ୱାରା ରଚିତ ବିଶ୍ୱ ଦେଖ ମଧୁମୟ କବିତା ଆବୃତ୍ତି କରିଥିଲେ। ଅଧ୍ୟାପିକା ମମତା ବିଶ୍ୱାଳ ଧନ୍ୟବାଦ ଦେଇଥିଲେ। ଜୟନ୍ତୀ ସଭାରେ କଲେଜର ସମସ୍ତ ଅଧ୍ୟାପିକା, ଅଧ୍ୟାପକ, ଛାତ୍ରୀ ଉପସ୍ଥିତ ଥିଲେ।

ରେଢ଼ାଖୋଲ ମହିଳା ମହାବିଦ୍ୟାଳୟରେ ଗଙ୍ଗାଧର ମେହେରଙ୍କ ଜୟନ୍ତୀ।

### ମଞ୍ଜୁର ପ୍ରକଳ୍ପକୁ ବିରୋଧ

# ଦ୍ୱିତୀୟ ଦିନରେ ପଞ୍ଚାୟତ ପ୍ରତିନିଧିଙ୍କ ଧାରଣା

ଜମନକିରା,୨୮।୮(ଡି.ଏନ୍.ଏ.)

ସମ୍ବଲପୁର ଜିଲା ଜମନକିରା ବ୍ଲକ୍ ସମ୍ମୁଖରେ ପଞ୍ଚାୟତ ପ୍ରତିନିଧିଙ୍କ ଧାରଣା ମଙ୍ଗଳବାର ଦ୍ୱିତୀୟ ଦିନରେ ପହଞ୍ଚିଛି। ହେଲେ ପ୍ରଶାସନ ପକ୍ଷରୁ ସମାଧାନ ପାଇଁ କୌଣସି ଅଧିକାରୀ ଧାରଣାସ୍ଥଳକୁ ପହଞ୍ଚି ନ ଥିବା ପ୍ରତିନିଧିମାନଙ୍କ ପକ୍ଷରୁ କୁହାଯାଇଛି।

ସୂଚନାଯୋଗ୍ୟ, ଜମନକିରା ବ୍ଲକ୍‌ର ଆମ ଗାଁ ଆମ ବିକାଶ ଯୋଜନାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୨୬୭ ପକଳ୍ପ ପାଇଁ ୪ କୋଟି ୭୫ ଲକ୍ଷ ଟଙ୍କା ମଞ୍ଜୁର କରିଥିଲେ। ବ୍ଲକ୍ ପ୍ରଶାସନ ପକ୍ଷରୁ ଉକ୍ତ ପ୍ରକଳ୍ପଗୁଡ଼ିକ

ରାଗିବା ପୂର୍ବରୁ ହଠାତ୍ ସ୍ଥିର ହୋଇଯାଅ, ଆଉ କ୍ରୋଧର ସର୍ବଶେଷ ପରିଣାମ କଥା ଚିନ୍ତା କର।

- କନ୍‌ଫୁସିୟସ



## ସଂକ୍ଷେପରେ

### ଶିକ୍ଷା ବିଭାଗର ସମୀକ୍ଷା ବୈଠକ

ଦେବଗଡ଼,୨୮।୮(ସ୍ୱ.ପ୍ର.)- ଦେବଗଡ଼ ଜିଲା ଶିକ୍ଷା ବିଭାଗର ଏକ ସମୀକ୍ଷା ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଥିଲା। ଜିଲାପାଳ ସୁଧାଂଶୁ ମୋହନ ସାମଲ ବୈଠକରେ ଅଧ୍ୟକ୍ଷତା କରି ବିଭାଗୀୟ କାର୍ଯ୍ୟର ସମୀକ୍ଷା କରିଥିଲେ। ଆସନ୍ତା ୨ମାସ ମଧ୍ୟରେ ବ୍ଲକ ଶିକ୍ଷା ଅଧିକାରୀ ଏବଂ ସହକାରୀ ବ୍ଲକ ଶିକ୍ଷା ଅଧିକାରୀ ସ୍କୁଲଗୁଡିକ ପରିଦର୍ଶନ କରି ସମସ୍ତ ବିଷୟରେ ତଦାରଖ କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ସେହିପରି ସିଆରସିସିମାନେ ନିଜ ଅଧୀନରେ ଥିବା ସ୍କୁଲଗୁଡିକୁ ମାସକରେ ୨ଥର ପରିଦର୍ଶନ କରିବାକୁ କହିଥିଲେ। ସମସ୍ତ ସ୍କୁଲର ପ୍ରଧାନ ଶିକ୍ଷକ ଏବଂ ଦକ୍ଷ ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କୁ ଚୟନ କରି ଉପଯୁକ୍ତ ଶିକ୍ଷାଦାନର ବିଭିନ୍ନ ମୌଳିକ ଦିଗ ଉପରେ ପ୍ରଶିକ୍ଷଣ ଦେବାକୁ ପରାମର୍ଶ ଦେଇଥିଲେ। ପ୍ରଶିକ୍ଷଣ କାର୍ଯ୍ୟ ୬ ମାସ ମଧ୍ୟରେ ଶେଷ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ଛାତ୍ରୀଛାତ୍ରମାନଙ୍କ ଲେଖିବା ଏବଂ କହିବା ଶୈଳୀରେ ସୁଧାର ଆଣିବାକୁ ଶିକ୍ଷକମାନେ ଗୁରୁତ୍ୱ ଦେବାକୁ କହିଥିଲେ। ମଧ୍ୟାହ୍ନ ଭୋଜନର ସୁପରିଚାଳନା ନିମନ୍ତେ ସ୍କୁଲଗୁଡିକରେ ମାସର ଏକ ନିର୍ଦ୍ଦିଷ୍ଟ ତାରିଖରେ ଚାଉଳ ପହଞ୍ଚାଇବା ପାଇଁ ଜିଲାପାଳ ଜିଲା ଶିକ୍ଷା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ମଧ୍ୟାହ୍ନ ଭୋଜନର ସୁପରିଚାଳନା ପାଇଁ ସ୍କୁଲରେ ପ୍ରତ୍ୟେକ ଦିନ ଜଣେ ଶିକ୍ଷକ ଏହାର ତତ୍ତ୍ୱାବଧାନରେ ରହିବେ ଏବଂ ଶୃଙ୍ଖଳା ଓ ହାତଧୁଆ ଉପରେ ବିଶେଷ ଭାବେ ଧ୍ୟାନ ଦେବେ। ବିଦ୍ୟାଳୟ କୋଠାଗୁଡିକର ମରାମତି ଓ ଅସମ୍ପୂର୍ଣ୍ଣ ଥିବା କୋଠାଗୁଡିକର ନିର୍ମାଣକାର୍ଯ୍ୟ ପାଇଁ ଆବଶ୍ୟକ ପାଣ୍ଠି ସହିତ ଏକ ତାଲିକା ପ୍ରସ୍ତୁତ କରି ଏକ ମାସ ମଧ୍ୟରେ ପ୍ରଦାନ କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ବୈଠକରେ ଜିଲା ଶିକ୍ଷା ଅଧିକାରୀ ପ୍ରଦୋଷ କୁମାର ନାୟକ, ସମସ୍ତ ବ୍ଲକ ଶିକ୍ଷା ଅଧିକାରୀ, ସହକାରୀ ବ୍ଲକ ଶିକ୍ଷା ଅଧିକାରୀ ଓ ସର୍ବଶିକ୍ଷା ଅଭିଯାନର ଶିକ୍ଷକମାନେ ଯୋଗଦେଇଥିଲେ।

### ରାଜ୍ୟ ସରକାରଙ୍କ ମଦ ନୀତିକୁ କଂଗ୍ରେସର ବିରୋଧ

ଭୁବନେଶ୍ୱର, ୨୮।୮(ବ୍ୟୁରୋ) ରାଜ୍ୟ ସରକାର ନିକଟରେ ମଦ ଦୋକାନ ଖୋଲିବା, ଦେଶୀ ମଦ ତିଆରି କରିବା ଏବଂ ଭାରତରେ ବିଦେଶୀ ମଦ ବିକ୍ରି କରିବା ପାଇଁ ଜିଲାପାଳମାନଙ୍କୁ ଲାଇସେନ୍ସ ପ୍ରଦାନ କରିବାର କ୍ଷମତା ପ୍ରଦାନ କରିଛନ୍ତି। ଓଡ଼ିଶା ପ୍ରଦେଶ କଂଗ୍ରେସ ପକ୍ଷରୁ ଏହାକୁ ନେଇ ପ୍ରଶ୍ନ ଉଠାଯାଇଛି। ଦଳୀୟ କାର୍ଯ୍ୟାଳୟରେ ଏନେଇ ମଙ୍ଗଳବାର ଏକ ଖବରଦାତା ସମ୍ମିଳନୀ ଆୟୋଜନ କରାଯାଇଛି। ଦଳର ନବନିଯୁକ୍ତ ଗଣମାଧ୍ୟମ ପ୍ରମୁଖ ସତ୍ୟ ନାୟକ କହିଛନ୍ତି, ୧୯୧୫ ବିହାର-ଓଡ଼ିଶା ଅବକାରୀ ଆଇନ ସଂଶୋଧନ କରାଯିବା ପାଇଁ ୨୦୦୮ରେ ସରକାର ବିଜ୍ଞପ୍ତି ପ୍ରକାଶ କଲେ। ୨୦୧୩ରେ ଏହା ରାଷ୍ଟ୍ରପତିଙ୍କ ଅନୁମୋଦନ ଲାଭ କଲା। ତେବେ ୨୦୧୭ ଏପ୍ରିଲ ୧ରେ ଏହା ଲାଗୁ କରାଯିବା ପାଇଁ ସରକାର ନିଷ୍ପତ୍ତି ନେଇଥିଲେ। ଏବେ ରାଜ୍ୟ ସରକାର ଜିଲାପାଳମାନଙ୍କୁ ନୂଆ ମଦ ଲାଇସେନ୍ସ ଏବଂ ଦେଶୀମଦ ତିଆରି ପାଇଁ ଅନୁମତି ଦେବାକୁ କ୍ଷମତା ଅର୍ପଣ କରିଛନ୍ତି। ନିର୍ବାଚନ ବର୍ଷରେ ଏପରି ପ୍ରୟାସ ରାଜ୍ୟ ପାଇଁ ହିତକର ନୁହେଁ ବୋଲି ସତ୍ୟ କହିଛନ୍ତି। ଏଭଳି ସ୍ଥିତିରେ ଦଳର ନେତା ତଥା ଅବକାରୀ ମନ୍ତ୍ରୀ ଶଶିଭୂଷଣ ବେହେରା ରାଜସ୍ୱ ବୃଦ୍ଧି ପାଇଁ ଏହାର ଆବଶ୍ୟକତା ରହିଥିବା ଯୁକ୍ତି ବାଢ଼ିଛନ୍ତି। ସନ୍ଧିଥାନରେ ଡିରେକ୍ଟିଭ ପ୍ରିନ୍ସିପାଲ୍ ଅଫ୍ ଷ୍ଟେଟ୍ ପଲିସିର ଧାରା ୪୭ ଅନୁଯାୟୀ ସ୍ୱାସ୍ଥ୍ୟସେବା ଉଦ୍ଦେଶ୍ୟରେ ନିଶାଦ୍ରବ୍ୟକୁ ଔଷଧ ଭାବେ ବ୍ୟବହାର କରାଯାଇ ପାରିବ। ଗୋଟିଏ ପଟେ ରାଜ୍ୟ ସରକାର 'ମୁଁ ହିରୋ, ମୁଁ ଓଡ଼ିଶା' ନାରାବାଜି ଦେଉଛନ୍ତି, ଅନ୍ୟ ପଟେ ପରୋକ୍ଷରେ ମଦର ବନ୍ୟା କରିବା ପାଇଁ ଯୋଜନା କରୁଛନ୍ତି। ଏଭଳି ଦୋମୁହାଁ ନୀତି ରାଜ୍ୟର ଯୁବପିଢ଼ିଙ୍କୁ ପଥଚ୍ୟୁତ କରିବ ବୋଲି ସତ୍ୟ କହିଛନ୍ତି। ରାଜ୍ୟ ସରକାର ଅମଲାତନ୍ତ୍ର ବଳ, ଅର୍ଥବଳ ସହିତ ମଦ ବଳକୁ ନିର୍ବାଚନରେ ବ୍ୟବହାର କରିବା ପାଇଁ ଖସଡା ପ୍ରସ୍ତୁତ କରିଥିବା କଂଗ୍ରେସ ପକ୍ଷରୁ କୁହାଯାଇଛି।

■ ସରକାରଙ୍କ ବିଜ୍ଞାପନକୁ ନେଇ ଭାଜପାର ଟାର୍ଗେଟ

# ଭୁଲ୍ ତଥ୍ୟ ଦେଇ ସରକାର ନିଜର ପ୍ରଚାର କରୁଛନ୍ତି : ଭାଜପା

ଭୁବନେଶ୍ୱର, ୨୮।୮(ବ୍ୟୁରୋ)

**କୌଣସି ତଥ୍ୟ ଭୁଲ୍ ଦିଆଯାଇନି: ବିଜେଡି**

ମିଥ୍ୟା ତଥ୍ୟର ବିଜ୍ଞାପନ ଜରିଆରେ ଶାସକ ବିଜେଡି ନିଜର ଆତ୍ମପ୍ରଚାର ଚଳାଇଛି। ରାଜ୍ୟ ସରକାର ବିଜୁ ପକ୍କାଘର ଯୋଜନାରେ ଭୁଲ୍ ତଥ୍ୟ ଦେଇ ରାଜ୍ୟବାସୀଙ୍କୁ ବିଭ୍ରାନ୍ତି କରିଛନ୍ତି। ୨୦୧୪ରୁ ୨୦୧୮ ମଧ୍ୟରେ ୧୭ଲକ୍ଷ କଚ୍ଚାଘରକୁ ପକ୍କା କରିଛନ୍ତି ବୋଲି ରାଜ୍ୟ ସରକାର ବିଜ୍ଞାପନ ଲଗାଇଥିଲେ। ମାତ୍ର ଏହା ସମ୍ପୂର୍ଣ୍ଣ ମିଥ୍ୟା ତଥ୍ୟ ବୋଲି ବିଭାଗୀୟ ସଚିବ ତାଙ୍କ ରିପୋର୍ଟରେ ଦର୍ଶାଇଥିବା ଭାଜପା ଅଭିଯୋଗ କରିଛି। ସଚିବଙ୍କ ରିପୋର୍ଟ ଅନୁଯାୟୀ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଏବଂ ଇନ୍ଦିରା ଆବାସ ଯୋଜନାରେ ୧୬ଲକ୍ଷ ଘର ନିର୍ମାଣ ହୋଇଛି। ସେହିପରି ବିଜୁ ପକ୍କାଘର ଏବଂ ନିର୍ମାଣ ଶ୍ରମିକ ପକ୍କାଘର ଯୋଜନାରେ ମୋଟ ୨.୮ଲକ୍ଷ ଘର ନିର୍ମାଣ ହୋଇଛି। କେନ୍ଦ୍ର ସରକାରଙ୍କ ଅର୍ଥରେ ନିର୍ମିତ ପକ୍କାଘରକୁ ରାଜ୍ୟ ସରକାର ନିଜ ନାମ ଦେଇ ମିଛ ପ୍ରଚାର କରୁଥିବା ଭାଜପା ମୁଖପାତ୍ର ଗୋଲକ ମହାପାତ୍ର ଅଭିଯୋଗ କରିଛନ୍ତି।

ଦଳୀୟ କାର୍ଯ୍ୟାଳୟଠାରେ ମଙ୍ଗଳବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଗୋଲକ କହିଛନ୍ତି, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଅନୁସାରେ ୭୦ଲକ୍ଷରୁ ଊର୍ଦ୍ଧ୍ୱ ପରିବାର ଉପକୃତ ହେବେ ବୋଲି ମୁଖ୍ୟମନ୍ତ୍ରୀ ବିଜ୍ଞାପନ ଜରିଆରେ ପ୍ରଚାର କରିଥିଲେ। ଏବେ ଏହି ଯୋଜନାରେ ସାଢେ ୪କୋଟି ଲୋକ ଉପକୃତ ହେବେ ବୋଲି ମୁଖ୍ୟମନ୍ତ୍ରୀ ବିଜ୍ଞାପନ ଜରିଆରେ କହିଛନ୍ତି। ଏହି ଦୁଇଟି ଯାକ ତଥ୍ୟ ମଧ୍ୟରୁ କେଉଁଟି ଠିକ୍ ରାଜ୍ୟ ସରକାର ତାହା ସ୍ପଷ୍ଟ କରନ୍ତୁ ବୋଲି ଗୋଲକ ପ୍ରଶ୍ନ କରିଛନ୍ତି। ୨୦୧୧ ଜନଗଣନା ଅନୁଯାୟୀ ରାଜ୍ୟରେ ୪କୋଟି ୧୯ଲକ୍ଷ ଲୋକ ରାଜ୍ୟରେ ବସବାସ କରୁଥିବା ବେଳେ ସାଢେ ୪କୋଟି କେଉଁଠୁ ଆସିଲେ। ଏହାସହ ରାଜ୍ୟ ସରକାର ଦେଇଥିବା ଟୋଲ୍ ଫ୍ରି ନମ୍ବରରେ କୌଣସି ପ୍ରକାର ସଂଯୋଗ ହୋଇପାରୁ ନାହିଁ ବୋଲି ଗୋଲକ ଅଭିଯୋଗ କରିଛନ୍ତି।

ବିଜେଡି ମୁଖପାତ୍ର ସମୀର ଦାସ କହିଛନ୍ତି. ଆମେ କହିଥିଲୁ ୫ବର୍ଷରେ ୨୫ଲକ୍ଷ ଘର ନିର୍ମାଣ ହେବ। ଏବେ ୧୭ଲକ୍ଷ ଘର ନିର୍ମାଣ ସରିଛି। ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ମଧ୍ୟ ରାଜ୍ୟ ସରକାର ୪୦ପ୍ରତିଶତ ଅର୍ଥ ଦେଉଛନ୍ତି। ତେଣୁ ଏହାକୁ ନେଇ ଅଯଥା ରାଜନୀତି କରିବା ଆବଶ୍ୟକ ନାହିଁ। ସେହିପରି ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ସାଢେ ୪କୋଟି ଲୋକ ସୁବିଧା ପାଇବେ ଲେଖାଯାଇଛି। କାରଣ ୨୦୧୧ ଜନଗଣନା ଅନୁଯାୟୀ ଏବେ ଲୋକସଂଖ୍ୟା ବୃଦ୍ଧି ପାଇଛି। ସେହି ଦୃଷ୍ଟିକୋଣରୁ ଏହା ବିଜ୍ଞାପନରେ ଦର୍ଶାଯାଇଛି। ଏଥିପାଇଁ ଯେଉଁ ଟୋଲ୍ ଫ୍ରି ନମ୍ବର ଦିଆଯାଇଛି। ତାହା ଲୋକମାନଙ୍କ ସହ ସଂଯୋଗ ହେଉଛି, କେବଳ ଭାଜପା ନେତାଙ୍କ ସହ ହେଉନି ବୋଲି ସେ କହିଛନ୍ତି।

# ସାତକୋଶିଆରେ ବାଘ ଜଗିବେ କର୍ନାଟକୀ ହାତୀ

ଭୁବନେଶ୍ୱର, ୨୮।୮(ବ୍ୟୁରୋ)

**୩ କୁମ୍କୀ ହାତୀ ଓଡ଼ିଶା ଆସିବେ**

ସାତକୋଶିଆରେ ବାଘକୁ ଜଗିବେ ହାତୀ। ମଧ୍ୟପ୍ରଦେଶରୁ ଅଣାଯାଇଥିବା ଅତିଥି ବାଘ ଉପରେ ନଜର ରଖିବା ପାଇଁ କର୍ନାଟକରୁ ପ୍ରଶିକ୍ଷିତ ହାତୀ ବା କୁମ୍କି ହାତୀଙ୍କୁ ଓଡ଼ିଶା ଅଣାଯିବ। ପିସିସିଏଫ୍ ସନ୍ଦୀପ ତ୍ରିପାଠୀ ଏ ନେଇ ସୂଚନା ଦେଇଛନ୍ତି। ଅନ୍ୟ ରାଜ୍ୟରୁ ହାତୀ ଆଣିବା ନିଷ୍ପତ୍ତିକୁ ରାଜ୍ୟ ସରକାରଙ୍କ ଅନୁମତି ମିଳିସାରିଥିବା ବେଳେ ବର୍ତ୍ତମାନ ବନବିଭାଗ କର୍ନାଟକ ବନବିଭାଗ ସହ ଆଲୋଚନା କରୁଛି। ଆସନ୍ତା ୨ରୁ ୩ମାସ ମଧ୍ୟରେ ୩ଟି କୁମ୍କୀ ହାତୀ ଅଣାଯିବାକୁ ଯୋଜନା ଚାଲିଛି।

ମଧ୍ୟପ୍ରଦେଶରୁ ବାଘ ଆଣି ସାତକୋଶିଆରେ ଛଡ଼ାଯିବା ପରେ ସ୍ଥାନୀୟ ଅଞ୍ଚଳବାସୀ ଭୟରେ ଜୀବନଯାପନ କରୁଛନ୍ତି। ବାଘ ଜନବସତି ଆଡ଼କୁ ଚାଲିଆସିବାରୁ ଲୋକେ ଆତଙ୍କିତ ଅବସ୍ଥାରେ ଅଛନ୍ତି। ଲୋକଙ୍କ ଭୟକୁ ଦୂର କରିବା ପାଇଁ ବନ ବିଭାଗ ଏହି ଯୋଜନା କରିଛି। କୁମ୍କୀ ହାତୀ ଦ୍ୱାରା ଦୁର୍ଗମ ଅଞ୍ଚଳରେ ପାଟ୍ରୋଲିଂ କରିବା ସହଜ ହୋଇପାରିବ ବୋଲି କୁହାଯାଉଛି। ବର୍ଷାଦିନେ ଏବଂ ଘଞ୍ଚ ଜଙ୍ଗଲରେ ଯେଉଁଠିକୁ ବନ କର୍ମଚାରୀମାନେ ଯାଇପାରୁନାହାନ୍ତି ସେଠାକୁ ଏହି କୁମ୍କୀ ହାତୀ ଯାଇପାରିବେ ବୋଲି ପିସିସିଏଫ୍ କହିଛନ୍ତି। ଏହି କୁମ୍କୀ ହାତୀଙ୍କୁ ରାଜ୍ୟର ଅନ୍ୟାନ୍ୟ ଅଞ୍ଚଳରେ ଜଙ୍ଗଲୀ ହାତୀଙ୍କୁ ଘଉଡ଼ାଇବା ପାଇଁ ମଧ୍ୟ ନିୟୋଜିତ କରାଯିବ। ଅନେକ ସମୟରେ ହାତୀ ଜନବସତିକୁ ଆସିବା ଫଳରେ ହାତୀ-ମଣିଷ ଲଢ଼େଇ ହେଉଛି। କେତେବେଳେ ମଣିଷର ମୃତ୍ୟୁ ଘଟୁଛି ତ ଆଉ କେତେବେଳେ ହାତୀ ନିଜେ ଶିକାର ହେଉଛି। ତେଣୁ ଏଭଳି ପରିସ୍ଥିତିରେ ଏହି କୁମ୍କୀ ହାତୀ ସହାୟତାରେ ହାତୀଙ୍କ ଉପଦ୍ରବ ରୋକାଯାଇପାରିବ ବୋଲି ଆଶା କରାଯାଉଛି। ସୂଚନାଯୋଗ୍ୟ, କିଛିବର୍ଷ ତଳେ କର୍ନାଟକରୁ କୁମ୍କୀ ହାତୀ ମହେନ୍ଦ୍ର ଓ ରାଜକୁମାରକୁ ଓଡ଼ିଶା ଅଣାଯାଇଥିଲା। ଶିମିଳିପାଳ ଅଭୟାରଣ୍ୟରେ ଏମାନେ ପାଟ୍ରୋଲିଂ କରିବା ସହିତ ଅନ୍ୟାନ୍ୟ କାର୍ଯ୍ୟକ୍ରମରେ ନିୟୋଜିତ ଅଛନ୍ତି। ଅନ୍ୟପଟେ ବନ୍ୟପ୍ରାଣୀ ବିଶେଷଜ୍ଞଙ୍କ କହିବାନୁଯାୟୀ, ସାତକୋଶିଆରେ ବାଘ ଆଣିବା ପୂର୍ବରୁ ସ୍ଥାନୀୟ ବାସିନ୍ଦାଙ୍କୁ ସ୍ଥାନାନ୍ତର କରି ଥଇଥାନ କରାଯିବା ଉଚିତ ଥିଲା। ଯେପର୍ଯ୍ୟନ୍ତ ସେମାନଙ୍କୁ ସ୍ଥାନାନ୍ତର କରି ଥଇଥାନ କରା ନ ଯିବ ସେ ପର୍ଯ୍ୟନ୍ତ ସେମାନଙ୍କ ମନରୁ ଭୟ ଦୂରହେବ ନାହିଁ।

ବିକ୍ଷୋଭ ସମାବେଶରେ ଯୋଗ ଦେଇଥିବା କଂଗ୍ରେସ କର୍ମକର୍ତ୍ତା।

# ଚାଷୀ, ଚାଷର ସମସ୍ୟା ନେଇ ବିକ୍ଷୋଭ

ଦେବଗଡ଼,୨୮।୮ (ସ୍ୱ.ପ୍ର.)

ରାଜ୍ୟର ବିଜେଡି ସରକାର ଓ କେନ୍ଦ୍ରରେ ଏନଡିଏ ସରକାରଙ୍କ ତ୍ରୁଟିପୂର୍ଣ୍ଣ କୃଷିନୀତି ଚାଷୀକୁଳକୁ ହତାଶା ମଧ୍ୟକୁ ଠାଣି ନେଇଛି। ଏହିଭଳି ଅଭିଯୋଗ ଆଣି ଦେବଗଡ ଜିଲା କଂଗ୍ରେସ କମିଟି ସଭାପତି ଉମାଶଙ୍କର ସାହୁଙ୍କ ନେତୃତ୍ୱରେ ମଙ୍ଗଳବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ପରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ୧୪ଦଫା ସମ୍ବଳିତ ଦାବିପତ୍ର ଡେପୁଟି କଲେକ୍ଟର ଜୟଶ୍ରୀ ମଲ୍ଲିକଙ୍କୁ ପ୍ରଦାନ କରାଯାଇଥିଲା। ପରେ ସେଠାରେ ଅନୁଷ୍ଠିତ ପ୍ରତିବାଦ ସଭାରେ ପ୍ରଦେଶ କଂଗ୍ରେସ କିସାନ ସେଲର ଚେୟାରମ୍ୟାନ ଅମୀୟ ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ମହିଳା କଂଗ୍ରେସ ସଭାନେତ୍ରୀ ମଞ୍ଜୁଲତା ନାଏକ, ପୂର୍ବତନ ଜିଲା କଂଗ୍ରେସ ସଭାପତି ସେମ ହେମ୍ବ୍ରମ, ସେବାଦଳ ମୁଖ୍ୟ ଧରଣୀଧର ଗଡନାୟକ, ଓବିସି ସେଲ ସଭାପତି ତପନ କୁମାର ପ୍ରଧାନ, କିସାନ ସେଲ ସଭାପତି ସନ୍ତୋଷ କୁମାର ସାହୁ, ମୋଇନ୍ ଖାଁ, ଆଦିବାସୀ ନେତା କ୍ଷେତ୍ର କୁମାର ପାତ୍ର, ପୂର୍ବତନ ନଗରପାଳ ନେତ୍ରାନନ୍ଦ ସାମଲ, ଗଣନାଥ ମହାପାତ୍ର, ମିତ୍ର କୁମାର ସ୍ୱାଇଁ, ଗଣେଶ କୁମାର ପ୍ରଧାନ, ଲୋକସଭା ଯୁବ କଂଗ୍ରେସ ସାଧାରଣ ସମ୍ପାଦକ ପ୍ରଶାନ୍ତ କୁମାର ସାହୁ ପ୍ରମୁଖ ଦଳୀୟ କର୍ମୀ ଯୋଗଦେଇଥିଲେ । କୃଷିଋଣ ଛାଡ, ଚେକଡ୍ୟାମ ତିଆରି କରିବା, ବିଭିନ୍ନ କଟାର ପୁନରୁଦ୍ଧାର, ଚାଷ ଜମିକୁ ଜଳ ଯୋଗାଇବା, ଜଳ କର ଛାଡ, ବ୍ଲକ ମାନଙ୍କରେ ଶୀତଳଭଣ୍ଡାର ତିଆରି କରିବାକୁ ସେମାନେ ଏହି ଅବସରରେ ଦାବି କରିଥିଲେ। ଦାବିଗୁଡିକ ପୂରଣ ନ ହେଲେ ଆଗାମୀଦିନରେ କଂଗ୍ରେସ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିବ ବୋଲି ପ୍ରଦେଶ କଂଗ୍ରେସ କିସାନ ସେଲର ଚେୟାରମ୍ୟାନ ପଟ୍ଟନାୟକ ଚେତାବନୀ ଦେଇଛନ୍ତି ।


No. 179-D

## ରାଜ୍ୟ ସିଲେକ୍ସନ ବୋର୍ଡ, ଓଡ଼ିଶା ପୋଲିସ, କଟକ

**ଜିଲ୍ଲା କନଷ୍ଟେବଳ ଏବଂ ବାଟାଲିୟନରେ ସିପାହୀ / କନଷ୍ଟେବଳ ନିଯୁକ୍ତି ପାଇଁ ହେବାକୁ ଥିବା ଲିଖିତ ପରୀକ୍ଷାରେ ଅଂଶଗ୍ରହଣ କରୁଥିବା ଯୋଗ୍ୟ ପ୍ରାର୍ଥୀମାନଙ୍କ ପାଇଁ ସତର୍କ ସୂଚନା**

**No. 179-D:-** କିଛି ଦଲାଲ, ମଧ୍ୟସ୍ଥି ଏବଂ ଠକ ବ୍ୟକ୍ତିବିଶେଷ ଲିଖିତ ପରୀକ୍ଷାର ଅବ୍ୟବହିତ ପୂର୍ବରୁ ସମ୍ଭାବ୍ୟ ପ୍ରଶ୍ନପତ୍ର ପ୍ରାର୍ଥୀମାନଙ୍କୁ ଯୋଗାଇ ଦେବେ ବୋଲି ପ୍ରତିଶ୍ରୁତି ଦେଇ ପରୀକ୍ଷା କେନ୍ଦ୍ର ତଥା ଆଉ କୌଣସି ସ୍ଥାନରେ ଅପପ୍ରଚାର କରୁଛନ୍ତି ଯେ, ଏହି ପ୍ରଶ୍ନପତ୍ର ଆଗୁଆ ପାଇଲେ ପ୍ରାର୍ଥୀ ଲିଖିତ ପରୀକ୍ଷାରେ ଅଧିକ ନମ୍ବର ରଖିପାରିବେ ଯାହା ଚାକିରି ପାଇବା ନିଶ୍ଚିତ ଅଟେ। ପ୍ରାର୍ଥୀମାନଙ୍କୁ ସତର୍କ ସୂଚନା ଦିଆଯାଉଅଛି କି, ଏଭଳି ଦଲାଲ, ମଧ୍ୟସ୍ଥି ଏବଂ ଠକ ବ୍ୟକ୍ତିବିଶେଷଙ୍କର ଠକାମିର ଶିକାର ହୁଅନ୍ତୁ ନାହିଁ। କିଛି ବ୍ୟକ୍ତିବିଶେଷ ପୋଲିସ୍ ଅଧିକାରୀ ଭାବେ ପରିଚୟ ଦେଇ ନିଯୁକ୍ତି ପ୍ରକ୍ରିୟା ସମ୍ପର୍କିତ ସମସ୍ତ କାଗଜପତ୍ର ତଥା ପ୍ରଶ୍ନପତ୍ର ବିଷୟଗୁଡ଼ିକରେ ଧାରଣା ରହିଛି ବୋଲି ଦାବି କରୁଛନ୍ତି। ଏଭଳି ଖବର ସମ୍ପୂର୍ଣ୍ଣ ମିଥ୍ୟା ଏବଂ ଏହା ପ୍ରାର୍ଥୀମାନଙ୍କୁ ଠକିବା ତଥା ଶୋଷଣ କରିବାର ଏକ ଉପାୟ। ଏହି ପରୀକ୍ଷା ପୂର୍ଣ୍ଣ ସ୍ୱଚ୍ଛତା ଏବଂ ଯୋଗ୍ୟତାଭିତ୍ତିକ ଅଟେ। କୌଣସି ବ୍ୟକ୍ତି ଆଗୁଆ ପ୍ରଶ୍ନପତ୍ର ଯୋଗାଇ ଦେବାକୁ କହି ପ୍ରଲୋଭିତ କରୁଥିଲେ ପ୍ରାର୍ଥୀମାନେ କଦାପି ସେମାନଙ୍କୁ ଟଙ୍କା କିମ୍ବା କୌଣସି ପ୍ରକାରର ଉପହାର ଦିଅନ୍ତୁ ନାହିଁ। ଲିଖିତ ପରୀକ୍ଷାର ପ୍ରଶ୍ନପତ୍ର ପ୍ରଘଟ ହେବାର କୌଣସି ସମ୍ଭାବନା ନାହିଁ। ଏହି ଚାକିରି ପାଇବା ପାଇଁ କାହାରିକୁ ଟଙ୍କା କିମ୍ବା ଉପହାର ପ୍ରଦାନ କରିବା ଆଇନତଃ ଏକ ଧର୍ତ୍ତବ୍ୟ ଅପରାଧ ଅଟେ। ଯଦି ଏହିପରି କିଛି କାର୍ଯ୍ୟକଳାପ ପ୍ରାର୍ଥୀଙ୍କର ନଜରକୁ ଆସେ ଅଥବା ଯଦି କୌଣସି ବ୍ୟକ୍ତି ଉତ୍ତ୍ୟେଚ ଦେବା ନେବା ବିଷୟରେ କହୁଥା'ନ୍ତି, ତେବେ ଏହାକୁ ତୁରନ୍ତ ରାଜ୍ୟ/ଜିଲ୍ଲା/ ବାଟାଲିୟନର ଅଧ୍ୟକ୍ଷ/ ସଦସ୍ୟଙ୍କୁ ଜଣାଇବା ସଙ୍ଗେ ସଙ୍ଗେ ରାଜ୍ୟ ଦୁର୍ନୀତି ନିବାରଣ ବିଭାଗଙ୍କ ଟୋଲ୍ ଫ୍ରି ଟେଲିଫୋନ୍ ନଂ. ୧୦୬୪ ଏବଂ ଟେଲିଫୋନ ନଂ. ୦୬୭୧-୨୩୦୫୯୮୮ (ଦୁର୍ନୀତି ବିଭାଗ ମୁଖ୍ୟ କାର୍ଯ୍ୟାଳୟ, କଟକ), ୦୬୭୧-୨୩୦୫୬୮୨ (କଟକ ଡିଭିଜନ), ୦୬୭୪-୨୩୯୭୭୪୮ (ଭୁବନେଶ୍ୱର ଡିଭିଜନ), ୦୬୮୦-୨୨୮୨୩୦୦ (ବ୍ରହ୍ମପୁର ଡିଭିଜନ), ୦୬୭୮-୨୨୫୫୦୦୫ (ବାଲେଶ୍ୱର ଡିଭିଜନ), ୦୬୬୩-୨୪୧୨୧୧୫ (ସମ୍ବଲପୁର ଡିଭିଜନ) ଏବଂ ୦୬୮୫-୪୨୩୩୩୩୦ (କୋରାପୁଟ୍ ଡିଭିଜନ)ରେ ଜଣାଇବେ। ଏତଦ୍‌ବ୍ୟତୀତ ନିମ୍ନରେ ଦର୍ଶାଯାଇଥିବା ରାଜ୍ୟ ସିଲେକ୍ସନ ବୋର୍ଡର e-mail ID ଏବଂ help line numberରେ ମଧ୍ୟ ଯୋଗାଯୋଗ କରିପାରିବେ।

ଅଧ୍ୟକ୍ଷା
ରାଜ୍ୟ ସିଲେକ୍ସନ ବୋର୍ଡ
ଓଡ଼ିଶା ପୋଲିସ, କଟକ

**ବି.ଦ୍ର.:** ରାଜ୍ୟ ସିଲେକ୍ସନ ବୋର୍ଡର ଇ-ମେଲ ଆଇଡି: opssb.odpol@nic.in
Help line number: ୦୬୭୧-୨୩୦୨୪୪୪, ୦୬୭୧-୨୩୦୧୬୭୭

12028/11/0009/1819



## ଓଡ଼ିଶା ସରକାର
## କେନ୍ଦୁଝର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ

**ଅଧିସୂଚନା**

File No.: LA Case No.- 18/2018 **1219** Dated 25.07.2018

**No. V-53:-** ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି, ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ମୟୂରଭଞ୍ଜ ଜିଲ୍ଲାର ଦେଓ ମଧ୍ୟମ ଜଳସେଚନ ପ୍ରକଳ୍ପର କେନାଲ ନିର୍ମାଣ ନିମନ୍ତେ ସରକାର (Appropriate Government) ସରକାରୀ ବ୍ୟୟରେ ମୌଜା- ହଳଦୀବଟା, ଥାନା- ପାଟଣା, ନଂ.-୧୯୬, ତହସିଲ- ସାହାରପଡ଼ା, ଜିଲ୍ଲା- କେନ୍ଦୁଝରରେ ନିମ୍ନ ତଫସିଲମତେ ପ୍ରାୟ ଏ.୨.୬୨ ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି।

ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ ୨୦୧୩ (RFCTLAR & R Act, 2013)ର ୧୧(୧) ଧାରାରେ ଭାରପ୍ରାପ୍ତ ହୋଇ

# ଧାନ ଫସଲରେ ରୋଗ, ପୋକ ନିୟନ୍ତ୍ରଣ

ଲକ୍ଷ୍ମୀନାରାୟଣ ଦାଶ

ଧାନ ଆମ ରାଜ୍ୟର ମୁଖ୍ୟ ଖରିଫ ଫସଲ। କିନ୍ତୁ ରୋଗ, ପୋକ ଆକ୍ରମଣ ଯୋଗୁ ଏହି ଫସଲର ଉତ୍ପାଦନ ବିଶେଷ ଭାବରେ ହ୍ରାସ ହୋଇଥାଏ। ଆଗରୁ ଏହି ପୃଷ୍ଠାରେ ଲେଡ଼ାପୋକ ଏବଂ ମାଟିଆଗୁଣ୍ଠି (ଚକଡ଼ା) ପୋକ ବିଷୟରେ ବିସ୍ତୃତ ଭାବରେ ବର୍ଣ୍ଣନା କରାଯାଇଛି। ଚାଷୀମାନଙ୍କ ଅବଗତ ନିମନ୍ତେ ଧାନଫସଲର ଅନ୍ୟାନ୍ୟ ମୁଖ୍ୟ ରୋଗ ଏବଂ ପୋକର ଅନୁମୋଦିତ ରାସାୟନିକ ନିୟନ୍ତ୍ରଣ ବ୍ୟବସ୍ଥା ସମ୍ପର୍କରେଏଠାରେ ସୂଚିତ କରାଯାଉଛି..

## ପୋକ ନିୟନ୍ତ୍ରଣ

**କାଣ୍ଡବିନ୍ଧା ପୋକ:** ଏକର ପ୍ରତି ଟ୍ରାଇଆଜୋଫସ୍ ୪୦ ଶତକଡ଼ା ଇ.ସି. ୪୦୦ମିଲି କିମ୍ବା ଫୋଜାଲୋନ୍ ୩୫ ଶତକଡ଼ା ଇ.ସି. ୪୦୦ମିଲି କିମ୍ବା ବେନ୍‌ଫ୍ୟୁରାକାର୍ବ ୪୦ ଶତକଡ଼ା ଇ.ସି. ୪୦୦ମିଲି କିମ୍ବା କାର୍ଟାପ୍ ହାଇଡ୍ରୋକ୍ଲୋରାଇଡ୍ ୫୦ ଶତକଡ଼ା ଏସ୍.ପି. ୩୦୦ଗ୍ରାମ କିମ୍ବା କ୍ୱିନାଲ୍‌ଫସ୍ ୨୫ ଶତକଡ଼ା ଇ.ସି. ୪୦୦ମିଲି. କିମ୍ବା କ୍ଲୋରୋପାଇରିଫସ୍ ୨୦ ଶତକଡ଼ା ଇ.ସି. ୪୦୦ ମିଲି. କିମ୍ବା କ୍ଲୋରାଣ୍ଟ୍ରନିଲିପ୍ରୋଲ୍ ୧୮.୫ ଶତକଡ଼ା ଏସ୍.ସି. ୬୦ମିଲି. ୨୦୦ଲିଟର ପାଣିରେ ମିଶାଇ ପତ୍ର ସିଞ୍ଚନ କରନ୍ତୁ। ଏକର ପ୍ରତି କାର୍ଟାପ୍ ହାଇଡ୍ରୋକ୍ଲୋରାଇଡ୍ ୪ଜି ୧୦ କେ.ଜି. କିମ୍ବା କ୍ଲୋର୍‌ପାଇରିଫସ୍ ୧୦ ଜି, ୧୦ କେ.ଜି. ଦାନାଦର ଖେତରେ ପ୍ରୟୋଗକଲେ କାଣ୍ଡବିନ୍ଧା ପୋକ ନିୟନ୍ତ୍ରଣ ହୋଇଥାଏ।

**କାହାଳିଆ ପୋକ:** କାଣ୍ଡବିନ୍ଧାର ନିୟନ୍ତ୍ରଣ ବ୍ୟବସ୍ଥା ମଧ୍ୟ କାହାଳିଆ ପୋକର ନିୟନ୍ତ୍ରଣ ପାଇଁ ପ୍ରଯୁଜ୍ୟ।

**ଧଳାପିଠିଆଗୁଣ୍ଠି ପୋକ ଏବଂ ପତ୍ରଡିଆଁ ପୋକ:** ମାଟିଆଗୁଣ୍ଠି (ଚକଡ଼ା) ପୋକ ପାଇଁ ବର୍ଣ୍ଣିତ ନିରାକରଣ ବ୍ୟବସ୍ଥା ଏହି ପୋକଙ୍କ ନିରାକରଣ ଲାଗି ପ୍ରଯୁଜ୍ୟ।

**ପତ୍ରମୋଡ଼ା ପୋକ:** ଏକର ପ୍ରତି ୨୦୦ ଗ୍ରାମ କାର୍ଟାପ୍ ହାଇଡ୍ରୋକ୍ଲୋରାଇଡ୍ ୫୦ ଶତକଡ଼ା ଏସ୍.ପି. କିମ୍ବା ୨୦୦ ମିଲି ଲାମ୍ବଡାସାଇହାଲୋଥ୍ରିନ୍ ୫ ଶତକଡ଼ା ଇ.ସି. କିମ୍ବା ଥାୟୋନୋଥୋକ୍ସାମ ୨୫ ଶତକଡ଼ା ଡବ୍ଲ୍ୟୁ.ଜି. ୪୦ ଗ୍ରାମ କିମ୍ବା ଫ୍ଲୁବେଣ୍ଡିଆମାଇଡ୍ ୨୦ ଶତକଡ଼ା ଡବ୍ଲ୍ୟୁ.ଜି. ୮୦ଗ୍ରାମ ୨୦୦ ଲିଟର ପାଣିରେ ମିଶାଇ ପତ୍ର ସିଞ୍ଚନ କରନ୍ତୁ। ଏକର ପ୍ରତି ୧୦ କେ.ଜି. ଫିପ୍ରୋନିଲ୍ ୩ ଶତକଡ଼ା ଜି. ଖେତରେ ପ୍ରୟୋଗକରି ମଧ୍ୟ ପତ୍ରମୋଡା ପୋକ ନିୟନ୍ତ୍ରଣ କରାଯାଇପାରେ।

**ନଳୀ ପୋକ/ବିରିହା ପୋକ:** ଏକର ପ୍ରତି କୁଇନାଲ୍‌ଫସ୍ ୨୫ ଶତକଡ଼ା ଇ.ସି. ୪୦୦ମିଲି କିମ୍ବା ଫୋସାଲୋନ୍ ୩୫ ଶତକଡ଼ା ଇ.ସି. ୪୦୦ମି.ଲି. କିମ୍ବା ମନୋକ୍ରୋଟୋଫସ୍ ୩୬ ଶତକଡ଼ା ଏସ୍.ଏଲ୍. ୪୦୦ମିଲି କିମ୍ବା କ୍ଲୋରୋପାଇରିଫସ୍ ୨୦ ଶତକଡ଼ା ଇ.ସି. ୪୦୦ ମିଲି ୨୦୦ ଲିଟର ପାଣିରେ ମିଶାଇ ପତ୍ର ସିଞ୍ଚନ କରନ୍ତୁ।

**ଗନ୍ଧିପୋକ:** ଏକର ପ୍ରତି ୪୦୦ମିଲି ମାଲାଥିଅନ୍ ୫୦ ଶତକଡ଼ା ଇ.ସି. କିମ୍ବା ୧ କେ.ଜି. କାର୍ବାରିଲ୍ ୫୦ ଶତକଡ଼ା ଡବ୍ଲ୍ୟୁ.ପି. କିମ୍ବା ୪୦୦ମିଲି ମିଥାଇଲ୍ ଅକ୍ସିଡେମିଟନ୍ ୨୦ ଶତକଡ଼ା ଇ.ସି. ୨୦୦ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ।

**ଦହିଆପୋକ:** ଗନ୍ଧିପୋକର ନିୟନ୍ତ୍ରଣ ବ୍ୟବସ୍ଥା ମଧ୍ୟ ଏହି ପୋକ ପାଇଁ ପ୍ରଯୁଜ୍ୟ।

## ରୋଗ ନିୟନ୍ତ୍ରଣ

**ମହିଷା ରୋଗ:** ଏକର ପ୍ରତି ୨୦୦ମିଲି କାସୁଗାମାଇସିନ୍ ୩ ଶତକଡ଼ା ଏସ୍.ଏଲ୍. କିମ୍ବା ୧୨୦ ଗ୍ରାମ ଟ୍ରାଇସାଇକ୍ଲୋଜୋଲ୍ ୭୫ ଶତକଡ଼ା ଡବ୍ଲ୍ୟୁ.ପି. ୨୦୦ଲିଟର ପାଣିରେ ମିଶାଇ ପତ୍ର ସିଞ୍ଚନ କରନ୍ତୁ।

**ବାଦାମୀ ପତ୍ରଚିତା ରୋଗ:** ଏକର ପ୍ରତି ୨୦୦ ଲିଟର ପାଣି ସହିତ ମାନ୍‌କୋଜେବ୍ ୭୫ ଶତକଡ଼ା ଡବ୍ଲ୍ୟୁ.ପି. ୬୦୦ଗ୍ରାମ କିମ୍ବା କାର୍ବେଣ୍ଡାଜିମ୍ ୫୦ ଶତକଡ଼ା ଡବ୍ଲ୍ୟୁ.ପି. ୪୦୦ଗ୍ରାମ କିମ୍ବା କ୍ଲୋରୋଥାଲୋନିଲ ୭୫ ଶତକଡ଼ା ଡବ୍ଲ୍ୟୁ.ପି. ୪୦୦ଗ୍ରାମ କିମ୍ବା ପ୍ରୋପିକୋନାଜୋଲ୍ ୨୫ ଶତକଡ଼ା ଇ.ସି. ୨୦୦ମିଲି ପତ୍ର ସିଞ୍ଚନ କରନ୍ତୁ।

**ପତ୍ରପୋଡ଼ା ରୋଗ:** ଏକର ପ୍ରତି ୨୦୦ଲିଟର ପାଣି ସହିତ ୨୦୦ ଗ୍ରାମ ପ୍ଲାଣ୍ଟୋମାଇସିନ୍ + ୪୦୦ ଗ୍ରାମ କପର ଅକ୍ସିକ୍ଲୋରାଇଡ୍ ମିଶାଇ ପତ୍ର ସିଞ୍ଚନ କରନ୍ତୁ।

**ପତ୍ରାଚ୍ଛାଦ ପୋଡ଼ା:** ଏକର ପ୍ରତି ୨୦୦ ଲିଟର ପାଣି ସହିତ ୨୦୦ ମିଲି ପ୍ରପିକୋନାଜୋଲ୍ ୨୫ ଶତକଡ଼ା ଇ.ସି. କିମ୍ବା ୪୦୦ ମିଲି ହେକ୍ସାକୋନାଜୋଲ୍ ୫ ଶତକଡ଼ା ଇ.ସି. କିମ୍ବା ୪୦୦ ମିଲି ମେଟାଲାକ୍‌ସିଲ୍ ୩୫ ଶତକଡ଼ା ଡବ୍ଲ୍ୟୁ.ଏସ୍. ମିଶାଇ ପତ୍ର ସିଞ୍ଚନ କରନ୍ତୁ।

**ପତ୍ରାଚ୍ଛାଦ ଶଢ଼ା:** ଏକର ପ୍ରତି ୨୦୦ ଲିଟର ପାଣି ସହିତ ୪୦୦ ମିଲି ଭାଲିଡାମାଇସିନ୍ ୩ ଶତକଡ଼ା ଏଲ୍ କିମ୍ବା ୨୦୦ମିଲି ପ୍ରପିକୋନାଜୋଲ୍ ୨୫ ଶତକଡ଼ା ଇ.ସି. କିମ୍ବା ୪୦୦ ମି.ଲି. ହେକ୍ସାକୋନାଜୋଲ୍ ୫ ଶତକଡ଼ା ଇ.ସି. କିମ୍ବା ୩୦୦ ଗ୍ରାମ କାର୍ବେଣ୍ଡାଜିମ୍ ୫୦ ଶତକଡ଼ା ଡବ୍ଲ୍ୟୁ.ପି. ମିଶାଇ ପତ୍ର ସିଞ୍ଚନ କରନ୍ତୁ।

**ମୂଳଶଢ଼ା ରୋଗ:** ଏକର ପ୍ରତି ୨୦୦ ଲିଟର ପାଣି ସହିତ ୨୦୦ ଗ୍ରାମ ବେନୋମିଲ୍ ୫୦ ଶତକଡ଼ା ଡବ୍ଲ୍ୟୁ.ପି. + ୨୦୦ ଗ୍ରାମ ଥିରାମ୍ ୭୫ ଶତକଡ଼ା ଡବ୍ଲ୍ୟୁ.ପି. କିମ୍ବା ୬୦୦ଗ୍ରାମ ମେଟାଲାକ୍‌ସିଲ୍ ୮ ଶତକଡ଼ା + ମାନ୍‌କୋଜେବ୍ ୬୪ ଶତକଡ଼ା ଡବ୍ଲ୍ୟୁ.ପି. ଗୋଲାଇ ୭ ଦିନ ଅନ୍ତରରେ ପତ୍ର ସିଞ୍ଚନ କରନ୍ତୁ।

**ସାଆରା ରୋଗ:** ଏକର ପ୍ରତି ୨୦୦ ଲିଟର ପାଣି ସହିତ ୩୦୦ ଗ୍ରାମ କାର୍ବେଣ୍ଡାଜିମ୍ ୫୦ ଶତକଡ଼ା ଡବ୍ଲ୍ୟୁ.ପି. ପତ୍ର ସିଞ୍ଚନ କରନ୍ତୁ।

ସବିଶେଷ ବିବରଣୀ ପାଇଁ ନିକଟସ୍ଥ କୃଷି ଅଧିକାରୀଙ୍କ ସହିତ ଯୋଗାଯୋଗ କରିପାରିବେ।

– ଜିଲା କୃଷି ଅଧିକାରୀ, ଦଶପଲ୍ଲା,ନୟାଗଡ,
ମୋ:୯୯୩୭୬୫୨୬୮୬

# ବର୍ଷାଦିନିଆ ଚିନାବାଦାମ ବିହନ ଚାଷ

(ଦ୍ୱିତୀୟ ଭାଗ)



ସମନ୍ୱିତ ରୋଗ ପୋକ ପରିଚାଳନାରେ ଚିନାବାଦାମ ଫସଲକୁ ସୁରକ୍ଷା ଲାଗି ବ୍ୟବସ୍ଥା କରନ୍ତୁ। ପ୍ରଥମରୁ ୫ ପ୍ରତିଶତ ନିମ୍ନ ଜାତୀୟ କୀଟନାଶକକୁ ଫସଲରେ ୮-୧୦ ଦିନ ଅନ୍ତରରେ ସିଞ୍ଚନ କରନ୍ତୁ। ମୁଖ୍ୟ ଅନିଷ୍ଟକାରୀ ପୋକ- ପତ୍ର ସୁଡୁଙ୍ଗୀ, ଧବଳ ଭୃଙ୍ଗ, ଜଉ ଉଇ ନିୟନ୍ତ୍ରଣ ନିମନ୍ତେ କ୍ଲୋରୋପାଇରିଫସ୍ ବା ଟ୍ରାୟାଜୋଫସ୍ ୨ ମି.ଲି ଲିଟର ପ୍ରତି ସିଞ୍ଚନ କରନ୍ତୁ।

ରୋଗ- ଗଜା ଶଢା, କାଣ୍ଡ ଶଢା, ଟିକା, କଳଙ୍କି ଓ ମୁଚୁଲ ପୋଡାର ନିୟନ୍ତ୍ରଣ ନିମନ୍ତେ ପ୍ରତି ଲିଟା ପାଣିରେ ଘର୍ବେଣ୍ଡାଜିମ୍ ୨ ଗ୍ରାମ କିମ୍ବା ମାନକୋଜେବ୍ ୨ ଗ୍ରାମ ଅଥବା କ୍ଲୋରୋଥାଲୋନିଲ୍ ୧ ଗ୍ରାମ ମିଶାଇ ଫସଲରେ ଏକର ପ୍ରତି ୨୦୦ ଲିଟର ବା ୧୫ ଲିଟରିଆ ୧୩ ଡ୍ରମ୍ ସିଞ୍ଚନ କରନ୍ତୁ।

ବିଭିନ୍ନ ପ୍ରମାଣନ ନିମିତ୍ତ ossop-ca.nic.in ରେ ଅନ୍‌ଲାଇନ୍ ଆବେଦନ କରିବା ଆବଶ୍ୟକ। ସର୍ବାଧିକ ୪ ହେକ୍ଟର ଆବେଦନ କରାଯାଇପାରିବ। ପଞ୍ଜୀକରଣ ଦେୟ ୨୫ ଟଙ୍କା ଓ ପରିଦର୍ଶନ ଦେୟ ୧ ହେକ୍ଟର ବା ଅଂଶ ପ୍ରତି ୩୫୦ ଟଙ୍କା କରି ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ଇ-ପେ କିମ୍ବା ଆକ୍ସିସ ବ୍ୟାଙ୍କରେ ଦାଖଲ କରି ବିଭିନ୍ନ ପ୍ରମାଣନ ଅଧିକାରୀଙ୍କ କାର୍ଯ୍ୟାଳୟରେ ଆବେଦନର ୩ ଦିନ ମଧ୍ୟରେ ସମସ୍ତ କାଗଜପତ୍ର ଓ ଫଳକଗୁଡିକୁ ତନଖି କରାଇନେବା ଦରକାର। ପଞ୍ଜୀକୃତ ବିହନ ଫସଲରେ ପରିଦର୍ଶନ ଦୁଇଥର (ସର୍ବନିମ୍ନ) ଓହଳ ପ୍ରବେଶରୁ ଅମଳ ପୂର୍ବାବସ୍ଥା ମଧ୍ୟରେ କରାଯାଏ। ଫସଲରେ କୌଣସି ପ୍ରକାର ପାର୍ଥକ୍ୟ ଦେଖାଯାଉଥିବା ମିଶା କିସମ ଗଛଗୁଡିକୁ ତୁରନ୍ତ ଅଲଗା କରିଦିଅନ୍ତୁ। ବିଲଗନ ଦୂରତା ୩ ମିଟର ରଖି ପିଣ୍ଡ ଓ ପ୍ରାମାଣିକ ବିହନ ଉତ୍ପାଦନରେ ଯଥାକ୍ରମେ ୧ ହଜାର ଗଛରେ ୧ ଟି ଓ ୨ ଟି (ସର୍ବାଧିକ) ମିଶା କିସମ ଗଛରୁ ସୀମା ରହିଛି। ବିହନ ଅମଳ ପତ୍ର ପ୍ରକ୍ରିୟାକରଣ ପରେ ନମୂନା ସଂଗ୍ରହ କରି ବିହନର ମାନ ପରୀକ୍ଷାଗାରରେ ଯୋଗ୍ୟ କି ନାହିଁ, ଜଣାଯାଇ ପାସ୍ ଥାକର ବିହନ ବସ୍ତାରେ ଫଳକ ଲଗାନ୍ତୁ।

ପତ୍ର ହଳଦିଆ ପଡି ୭୦-୭୫ ପ୍ରତିଶତ ଫଳର ଭିତର ଅଂଶରେ କଳା ଶିରା ଦେଖାଯାଇ ଫଳଠାରୁ ଦାନା ଅଲଗା ହେବା ଅବସ୍ଥା ଆସିଗଲେ ଫସଲ ଅମଳ କରାଯାଏ। ଗଛ ଉପାଡିବା ପରେ ବାଦାମକୁ ନ ଛିଡାଇ ଛୋଟ ଛୋଟ ବିଡାରେ ବାନ୍ଧି ବାଦାମକୁ ଉପରକୁ ରଖି ୫-୬ଦିନ ଖରାରେ ଶୁଖାନ୍ତୁ। କାରଣ ଆର୍ଦ୍ରତା ୯ ପ୍ରତିଶତରୁ କମ୍ ହେଲେ ଫିମ୍ପି ସଂକ୍ରମଣର ଆଶଙ୍କା ବେଶୀ ହୋଇଥାଏ, ଯାହା ଗଜା ଶକ୍ତିକୁ କମାଇଦିଏ। ପ୍ରତ୍ୟେକ କିସମ ଓ ଶ୍ରେଣୀର ଅମଳ ପୃଥକ୍ ଭାବେ କରନ୍ତୁ। ଅମଳ ପରେ ଫଳକୁ ୩-୪ଦିନ ଖରାରେ ଶୁଖାନ୍ତୁ। ବିହନ ନିମନ୍ତେ କେବଳ ଭଲ, ପାକଳ,ପରିଷ୍କାର ଚିନାବାଦାମ ବସ୍ତାଗୁଡିକୁ କାଠପଟାର ଭାଡି ଉପରେ ଅଳ୍ପ ଉଚ୍ଚ ଥାକରେ ପବନ ଆତଯାତ ସ୍ଥାନରେ ସାଇତି ରଖନ୍ତୁ। ଏହା ଦ୍ୱାରା ଗଜାଶକ୍ତି ଭଲ ରହିଥାଏ।

–ଡ.ପରେଶ କୁମାର ପଣ୍ଡା
ସହକାରୀ ବିହନ ପ୍ରମାଣନ ଅଧିକାରୀ,ଭୁବନେଶ୍ୱର
ମୋ: ୭୨୦୫୦୯୬୦୮୦

# ଅଳସୀ ବୁଣିବା ପୂର୍ବରୁ..

ଅଳସୀ ବୁଣାବୁଣି କାମ ଶୀଘ୍ର କରନ୍ତୁ। ଏଥିଲାଗି ଦେଓମାଳି ଓ ଆଇଜିପି-୭୬ ଆଦି କିସମ ସଂଗ୍ରହ କରନ୍ତୁ। ବୁଣିବା ପୂର୍ବରୁ ସୂକ୍ଷ୍ମ କଣା ଥିବା ଚାଲୁଣି ସାହାଯ୍ୟରେ ବିହନରୁ ନିର୍ମୂଳି ମଞ୍ଜି ବାହାର କରି ଦିଅନ୍ତୁ। ଏକର ପ୍ରତି ୪ କିଗ୍ରା ବିହନ ବ୍ୟବହାର କରନ୍ତୁ। ବୁଣିବା ପୂର୍ବରୁ ଏକ କିଗ୍ରା ବିହନକୁ ୨ ଗ୍ରାମ୍ ହିସାବରେ କାର୍ବେଣ୍ଡାଜିମ୍ ସହିତ ଗୋଳାଇ ବିଶୋଧନ କରନ୍ତୁ। ଧାତକୁ ଧାଡି ୩୦ ସେମି ବ୍ୟବଧାନରେ ବିହନ ବୁଣନ୍ତୁ। ବୁଣିବା ପୂର୍ବରୁ ଏକର ପ୍ରତି ୮ କିଗ୍ରା ଯବକ୍ଷାରଜାନ, ୮ କିଗ୍ରା ଫସ୍‌ପରସ୍ ଓ ୮ କିଗ୍ରା ପଟାସ୍ ପ୍ରୟୋଗ କରନ୍ତୁ।

## ଚାଷୀଙ୍କ ପାଇଁ...

ବନ୍ୟା ପ୍ରଭାବିତ ଅଞ୍ଚଳରେ ଧାନ ଫସଲରେ ଲେଡାପୋକ ଲାଗିବାର ଦେଖାଯାଏ। ଏହି ପୋକ ଧାନ ଫସଲରେ ଦଳ ଦଳ ହୋଇ ଦେଖାଯାଆନ୍ତି। ଶୁଖିଲା ପାଗ ପରେ ଥଣ୍ଡାପାଗ ଅନୁଭୂତ ହେଲେ ଏହି ପୋକ ଅଧିକ ଦେଖାଯାଆନ୍ତି। ଅଳ୍ପ ବୟସର ପୋକ କଅଁଳ ପତ୍ର ଖାଇବା ବେଳେ ଶେଷ ଅବସ୍ଥାର ଶୁକ ସମ୍ପୂର୍ଣ୍ଣ ଗଛ ଖାଇଯାଆନ୍ତି। ଅଧିକ ବର୍ଷା ବା ବନ୍ୟା ପରେ ଏହି ଶୁକ ଦେଖାଯାଆନ୍ତି। ଏହାର ପରିଚାଳନା କିପରି କରିବେ ସେ ସମ୍ପର୍କରେ ଏଠାରେ ସୂଚିତ କରାଯାଉଛି...

◆କ୍ଷେତ ଚାରିପାଖେ ହିଡରେ ଶତକଡା କ୍ଲୋରୋପାଇରିଫସ୍ ଗୁଣ୍ଡକୁ ଏକର ପ୍ରତି ୧୦ ରୁ ୧୨ କିଗ୍ରା ପ୍ରୟୋଗ କରନ୍ତୁ।

◆ସନ୍ଧ୍ୟା ସମୟରେ ଏକର ପ୍ରତି ୧୦ରୁ ୧୨ କିଗ୍ରା କ୍ଲୋରୋପାଇରିଫସ୍ ଗୁଣ୍ଡ (ଶତକଡା ୧.୫ ଭାଗ) ପ୍ରୟୋଗ କରନ୍ତୁ କିମ୍ବା ଏକର ପ୍ରତି ୨୦୦ ମିଲି ଡିଡିଭିପି କିମ୍ବା ୪୦୦ ମିଲି ଟ୍ରାଏଜୋଫସ୍ କିମ୍ବା ୪୦୦ମିଲି କ୍ଲୋରୋପାଇରିଫସ୍‌ବିଳମ୍ବିତ ଅପରାହ୍ନ ସମୟରେ ସିଞ୍ଚନ କରନ୍ତୁ।

# ବାଇଗଣ ଓ ଟମାଟୋରେ ପତ୍ରପୋଡ଼ା ରୋଗ

ବର୍ତ୍ତମାନ ପାଗରେ ଅନେକ ପନିପରିବା ଫସଲରେ ବିଶେଷତଃ ବାଇଗଣ ଏବଂ ଅଦିନିଆ ଟମାଟୋରେ ବିଭିନ୍ନ ସମସ୍ୟା ଦେଖାଦେଇଥାଏ। ସେଥିମଧ୍ୟରୁ ପତ୍ରପୋଡ଼ା ରୋଗ ଅନ୍ୟତମ। ଯଦି ଆପଣଙ୍କ ଫସଲରେ ଏହି ରୋଗ ଦେଖାଦିଏ ତେବେ ଜମିରୁ ଭଲ ଭାବେ ପାଣି କାଟି ଦିଅନ୍ତୁ। ପ୍ରତି ଲିଟର ପାଣିରେ ୧ ଗ୍ରାମ ହିସାବରେ କାର୍ବେଣ୍ଡାଜିମ୍ ସହିତ ଏକ ଗ୍ରାମ ପ୍ରାଣ୍ଟୋମାଇସିନ୍ ମିଶାଇ ମୂଳ ମାଟି ଭିଜିଲା ଭଳି ସିଞ୍ଚନ କରନ୍ତୁ।

ବାଇଗଣରେ କାଙ୍କିଡିଆ ପୋକର ଦମନ ପାଇଁ ପ୍ରତି ଲିଟର ପାଣିରେ ୪ ଗ୍ରାମ କାର୍ବାରିଲ୍ ସେଚିତ ଗୁଣ୍ଡ ମିଶାଇ ସିଞ୍ଚନ କରନ୍ତୁ। ବର୍ଷାଦିନେ ବାଇଗଣରେ କାଣ୍ଡ ଓ ଫଳପଚା ରୋଗ ଲାଗିବାର ବହୁତ ଆଶଙ୍କା ଅଛି। ଏହାର ପ୍ରତିକାର ପାଇଁ ପ୍ରତି ଲିଟର ପାଣିରେ ୩ ମିଲି ଉପରେ ଅକ୍ସିକ୍ଲୋରାଇଡ କିମ୍ବା ବୋଡାକ୍ସ ମିକ୍ସଚର (୫.୫.୫୦) ହିସାବରେ ମିଶାଇ ସିଞ୍ଚନ କରନ୍ତୁ।

# କପାରେ ବକରା କୀଟ

କପାରେ ୬୦ ରୁ ୯୦ ଦିନ ମଧ୍ୟରେ ଲାଗୁଥିବା ଆମେରିକୀୟ ବକରା କୀଟ, ଚିତ୍ରିତ ବକରା କୀଟ ଗିଡିବଧ୍ ନିୟନ୍ତ୍ରଣ କରିବା ପାଇଁ ଏକର ପ୍ରତି ୨ ଗୋଟି ସଙ୍ଗ ଆକର୍ଷକଯନ୍ତ୍ର ବସାନ୍ତୁ। ୨ ଟି ଯନ୍ତ୍ର ମଧ୍ୟରେ ଅତି କମ୍‌ରେ ୩୦ ରୁ ୪୦ ମିଟର ଦୂରତା ରଖନ୍ତୁ। ଗଛର ଉପର ଭାଗଠାରୁ ଯନ୍ତ୍ର ମୁହଁର ଦୂରତ୍ୱ ଏକ ଫୁଟ ରହିବା ଦରକାର। ଏକର ପ୍ରତି ୨୦ ହଜାର ଟ୍ରାଇକୋଗାମା ଅଣ୍ଡା ନାଶି ପରାଶ୍ରୟୀ କୀଟକୁ (କେବଳ ଆମେରିକୀୟ ବକରା କୀଟର ଦମନ ପାଇଁ) ୧୦ ଦିନ ବ୍ୟବଧାନରେ ୨ ଥର ଛାଡନ୍ତୁ। ଏକର ପ୍ରତି ୨୦୦ ଶୁକ ସମତୁଲ ଏର୍‌ଏନ୍‌ପିଭି କିମ୍ବା ଏକ ଲିଟର ଏଣ୍ଡୋସଲ୍‌ଫାନ୍ ସିଞ୍ଚନ କରି ବକରା କୀଟ ନିୟନ୍ତ୍ରଣ କରନ୍ତୁ।

## ପ୍ରଥମ ପୃଷ୍ଠାରୁ...

### ମହାନଦୀରେ ଆସୁଛି...

ଆସନ୍ତା ୩୦ ତାରିଖ ସୁଦ୍ଧା ସେଠାରେ ୮ ରୁ ୮.୫ ଲକ୍ଷ କ୍ୟୁସେକ ଜଳ ପ୍ରବାହିତ ହେବ। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ମହାନଦୀ ଅବବାହିକାରେ ଥିବା ସମ୍ବଲପୁର, ଅନୁଗୋଳ, ବୌଦ୍ଧ, ସୁବର୍ଣ୍ଣପୁର, ନୟାଗଡ, କଟକ, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, ଯାଜପୁର, ଖୋର୍ଦ୍ଧା, ପୁରୀ ଆଦି ୧୧ ଜିଲାର ଜିଲାପାଳଙ୍କୁ ସତର୍କ ରହିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ବନ୍ୟା ପରିସ୍ଥିତିର ମୁକାବିଲା ପାଇଁ ସମସ୍ତ ଆରଡିସି, ଆଇଜି(ଆଇନଶୃଙ୍ଖଳା), ଅଗ୍ନିଶମ ବିଭାଗ, ଓଡ୍ରାଫ ଏବଂ ଏନଡିଆରଏଫର ୩ୟ ବାଟାଲିୟନକୁ ମଧ୍ୟ ସତର୍କ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। ପ୍ରଥମ ପର୍ଯ୍ୟାୟରେ ସମ୍ବଲପୁର ଜିଲାର ତଳିଆ ଅଞ୍ଚଳରେ ରହିଥିବା ଲୋକମାନଙ୍କୁ ନିରାପଦ ସ୍ଥାନକୁ ସ୍ଥାନାନ୍ତର କରିବା ପାଇଁ ଜିଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ସ୍ୱତନ୍ତ୍ର ରିଲିଫ କମିଶନର(ଏସ୍‌ଆରସି) ବିଷ୍ଣୁପଦ ସେଠୀ କହିଛନ୍ତି। ୨୫ଟି ଗେଟ ଖୋଲାଯାଉଥିବାରୁ ମହାନଦୀର ଉପନଦୀ ଓ ଏହାର ଶାଖାନଦୀରେ ବନ୍ୟା ପରିସ୍ଥିତି ଉପୁଜିବା ଆଶଙ୍କା ରହିଛି। ସାଳନ୍ଦୀ ନଦୀରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଥିବାରୁ ତିହିଡି ବ୍ଲକ ଓ ଭଦ୍ରକ ମ୍ୟୁନିସିପାଲିଟିରେ ବନ୍ୟାଜଳ ପ୍ରବେଶ କରିବା ସମ୍ଭାବନା ରହିଛି। ପରିସ୍ଥିତି ଉପରେ ନଜର ରଖିବାକୁ ଭଦ୍ରକ ଜିଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଥିବା ଏସ୍‌ଆରସି ସୂଚନା ଦେଇଛନ୍ତି। ବନ୍ୟା ପରିସ୍ଥିତିକୁ ଦୃଷ୍ଟିରେ ରଖି ଦୁର୍ବଳ ନଦୀବନ୍ଧ ଓ ସମ୍ବେଦନଶୀଳ ସ୍ଥାନଗୁଡ଼ିକ ଉପରେ ନଜର ଦେବାକୁ କ୍ଷେତ୍ରାଧିକାରୀମାନଙ୍କୁ ପରାମର୍ଶ ଦିଆଯାଇଛି। ଦେଶୀ ଡଙ୍ଗା ଯୋଗାଡ଼ କରିବା ସହ ଉଦ୍ଧାର କାର୍ଯ୍ୟରେ ସହଯୋଗ କରିବାକୁ ସ୍ୱେଚ୍ଛାସେବୀମାନଙ୍କୁ ପ୍ରସ୍ତୁତ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ବହୁମୁଖୀ ଆଶ୍ରୟସ୍ଥଳୀଗୁଡିକୁ ପରିଦର୍ଶନ କରି ପ୍ରସ୍ତୁତ ରଖିବା ସହ ଆଲୋକ ଓ ସ୍ୱଚ୍ଛତା ଉପରେ ଗୁରତ୍ୱ ଦେବାକୁ କୁହାଯାଇଛି। ସାଟେଲାଇଟ ଫୋନ ପ୍ରସ୍ତୁତ ରଖିବା ଏବଂ ବନ୍ୟା ନିୟନ୍ତ୍ରଣ କକ୍ଷ ଗୁଡିକ ୨୪ଘଣ୍ଟିଆ ଖୋଲା ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ଲଘୁଚାପ ଦୁର୍ବଳ ହୋଇ ଯାଇଥିବାରୁ ମହାନଦୀ ଉପରମୁଣ୍ଡରେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ପ୍ରବଳ ବର୍ଷାର ସମ୍ଭାବନା ନାହିଁ। ତେବେ ଆସନ୍ତା ସେପ୍ଟେମ୍ବର ୧ ବେଳକୁ ଉତ୍ତର ପଶ୍ଚିମ ବଙ୍ଗୋପସାଗରରେ ଆଉ ଏକ ଲଘୁଚାପ ସୃଷ୍ଟିହେବାର ସମ୍ଭାବନା ରହିଛି। ଲଘୁଚାପ ଯଦି ଘନୀଭୂତ ହେବ ତେବେ ପରିସ୍ଥିତିକୁ ଆହୁରି ବିଗାଡିବ ବୋଲି ଅନୁମାନ କରାଯାଉଛି। ମହାନଦୀ ଉପରମୁଣ୍ଡରେ ଛତିଶଗଡ଼ ନିର୍ମାଣ କରୁଥିବା ବ୍ୟାରେଜ ଓଡିଶା ପାଇଁ କାଳ ହେବାକୁ ଯାଉଛି। ଉଭୟ ବର୍ଷା ଓ ଖରାଦିନରେ ମହାନଦୀ ଅବବାହିକାରେ ଥିବା ଜିଲାଗୁଡିକର ଲୋକମାନେ ଉଭୟ ବନ୍ୟା ଓ ଜଳାଭାବର ସମସ୍ୟା ଭୋଗିବେ। ଖରାଦିନେ ଜଳାଭାବ ସମସ୍ୟା ଏବଂ ବର୍ଷାଦିନେ ବନ୍ୟା ପରିସ୍ଥିତି ସୃଷ୍ଟି ହେବା ଚଳିତ ବନ୍ୟା ଆଶଙ୍କା ପାଇଁ ଜଳସମ୍ପଦ ବ



ଅନ୍ୟକୁ ଘୃଣା କରିବା ଅର୍ଥ ମୃଷାଙ୍କୁ ଜବତ କରିବା
ପାଇଁ ନିଜ ଘରକୁ ପୋଡ଼ିଦେବା ସଙ୍ଗେ ସମାନ।
-ଇମରସନ



## ସଂକ୍ଷେପରେ

### ନାଳାରୁ ବୃଦ୍ଧଙ୍କ ମୃତଦେହ ଉଦ୍ଧାର

**ରେଙ୍ଗାଲି,୨୮।୮(ଡି.ଏନ.ଏ.)**-ସମ୍ବଲପୁର ଜିଲା ରେଙ୍ଗାଲି ଥାନା ଶଙ୍କରା ନାଳ। ମଧ୍ୟରୁ ଜଣେ ବୃଦ୍ଧଙ୍କ ଶବକୁ ପୋଲିସ ଉଦ୍ଧାର କରିଛି। ମଙ୍ଗଳବାର ଉକ୍ତ ନାଳ। ମଧ୍ୟରେ ଏକ ମୃତଦେହ ଭାସୁଥିବା ସ୍ଥାନୀୟ କେତେକ ଲୋକେ ପୋଲିସକୁ ଖବର ଦେଇଥିଲେ। ମୃତ ବୃଦ୍ଧଙ୍କ ପରିଚୟ ମିଳିପାରି ନାହିଁ। ପୋଲିସ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ବୁର୍ଲା ଡାକ୍ତରଖାନାକୁ ପଠାଇଛି। ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

### ପଡିଆବାହାଲରେ ଅଟଳଙ୍କ ଅସ୍ଥି କଳସକୁ ଶ୍ରଦ୍ଧାଞ୍ଜଳି

**ପଡିଆବାହାଲ,୨୮।୮(ଡି.ଏନ.ଏ.)**
**ସିଂଘିଯୁବା, ୨୮।୮(ଡି.ଏନ.ଏ.):** ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳବିହାରୀ ବାଜପେୟୀଙ୍କ ଚିତାଭସ୍ମ ବିନିକା ସହର ଉପକଣ୍ଠ ମହାନଦୀରେ ପାପାକ୍ଷୟ ଘାଟରେ ମଙ୍ଗଳବାର ବିସର୍ଜନ କରାଯାଇଛି। ଏଥିପୂର୍ବରୁ ଏକ ସୁସଜ୍ଜିତ ପ୍ରବାହ ରଥରେ ଚିତାଭସ୍ମକୁ ବିନିକା ସହରରେ ପରକ୍ରମା କରାଯାଇଥିଲା। ଜିଲା ଭାଜପା ସଭାପତି ବିଜୟ ମହାକୁର, ବରିଷ୍ଠ ନେତା ଆନନ୍ଦ ବାରିକ, ବଳଦେବ ବେଦବାକ, ଜିଲା ପରିଷଦ ଅଧ୍ୟକ୍ଷା ଉଷା କୁମାରୀ, ମହେନ୍ଦ୍ର ମହାନନ୍ଦ, ପ୍ରମୋଦ ମହାପାତ୍ର, ଶ୍ରଦ୍ଧାଞ୍ଜଳି ମିଶ୍ର, ପୂର୍ଣ୍ଣଚନ୍ଦ୍ର ବିଶି, ଗାୟତ୍ରୀ ପାଣିଗ୍ରାହୀ, ଓମପ୍ରକାଶ ଅଗ୍ରୱାଲ, ଜିଲା ପରିଷଦ ସଭ୍ୟ ସୁଶାନ୍ତ ପଣ୍ଡା, ରୋହିଣୀ ଡ଼ାଙ୍ଗ, କିଶୋର ହୋତା, କୃଷ୍ଣଚନ୍ଦ୍ର ସେଠୀ, ବିନିକା ଭାଜପା ନଗର ସଭାପତି ପୂର୍ଣ୍ଣଚନ୍ଦ୍ର ବହିଦାରଙ୍କ ଦଳର ପ୍ରମୁଖ ସାମିଲ ହୋଇଥିଲେ।

### ପାଣି ଘେରରେ ବିଇଓ କାର୍ଯ୍ୟାଳୟ

**ତରଭା,୨୮।୮(ଡି.ଏନ୍.ଏ.):** ତରଭା ବ୍ଲକ ଶିକ୍ଷା ଅଧିକାରୀ(ବିଇଓ)ଙ୍କ କାର୍ଯ୍ୟାଳୟ ପାଣି ଘେରରେ ରହିଛି। ତରଭା ନୂଆଁପଡ଼ା ଛକ ତଥା ନିବୃତି ଜୋର ଖଣ୍ଡି ପାଖରେ ବିଇଓଙ୍କ କାର୍ଯ୍ୟାଳୟ ରହିଛି। ନୂଆଁପଡ଼ା ଛକରୁ ବିଇଓଙ୍କ ଅଫିସ ପର୍ଯ୍ୟନ୍ତ ଡ୍ରେନେଜ ବ୍ୟବସ୍ଥା ଥିଲେ ମଧ୍ୟ ସଫା ନ ହୋଇ ପୋତିହୋଇ ରହିଛି। ଏନେଇ ବର୍ଷା ପାଣି ନିଷ୍କାସନ ହୋଇ ନ ପାରି କାର୍ଯ୍ୟାଳୟ ପରିସରରେ ପାଣି ଜମି ରହୁଛି। ଫଳରେ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହେଉଛି। ଏପରି କି କାର୍ଯ୍ୟାଳୟ ପରିସରରେ ନୂଆଁପଡ଼ା ଅଙ୍ଗନୱାଡି କେନ୍ଦ୍ର ରହିଥିବାରୁ କେନ୍ଦ୍ରକୁ ଆସୁଥିବା ଛାତ୍ରୀଛାତ୍ରମାନେ ମଧ୍ୟ ଜମା ହୋଇ ରହିଥିବା ପାଣିରେ ଯିବାଆସିବା କରିବାକୁ ବାଧ ହେଉଛନ୍ତି। ବିଇଓ କେଶବ ମେହେରଙ୍କୁ ପଚାରିବାରୁ ଏ ନେଇ ଏନ୍ଏସି କର୍ତ୍ତୃପକ୍ଷଙ୍କୁ ଅବଗତ କରାଯାଇଥିବା କହିଛନ୍ତି। ଏନେଇ ଏନ୍ଏସି ଇଓ କନିକା ଚକ୍ରବର୍ତ୍ତୀଙ୍କୁ ପଚାରିବାରୁ ବିଇଓ କାର୍ଯ୍ୟାଳୟ ପରିସରରେ ପାଣି ଜମୁଥିବା ନେଇ ଅବଗତ ରହିଛି। ଖୁବ ଶୀଘ୍ର ଡ୍ରେନେଜ ବ୍ୟବସ୍ଥା କରାଯିବ ବୋଲି କହିଛନ୍ତି।

■ ଜୟନ୍ତୀ ସଭାରେ ବକ୍ତାଙ୍କ ମତ

# ବିନ୍ଦୁରେ ସିନ୍ଧୁର ସ୍ୱାଦ ଦେଇଥିଲେ ଗଙ୍ଗାଧର

ମେହେର ଜୟନ୍ତୀ ସମାରୋହରେ ମଞ୍ଚାସୀନ ଅତିଥି।

**ବୀରମହାରାଜପୁର, ୨୮।୮ (ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକର ହିଙ୍ଗାମାଣ୍ଡିତ ଜୟକିଶାନ ହାଇସ୍କୁଲ ପରିସରରେ ସୋମବାର ସ୍ୱଭାବ କବି ଗଙ୍ଗାଧର ମେହେରଙ୍କର ୧୫୭ତମ ଜୟନ୍ତୀ ପାଳିତ ହୋଇଯାଇଛି। ପ୍ରଧାନଶିକ୍ଷକ ଦିଲୀପ କୁମାର ପାଢ଼ୀଙ୍କ ପୌରହିତ୍ୟରେ ଅନୁଷ୍ଠିତ ଉକ୍ତ ସାରସ୍ୱତ ସମାରୋହରେ ବରିଷ୍ଠ ଅଧ୍ୟାପକ ପୁରୁଷୋତ୍ତମ ମିଶ୍ର ମୁଖ୍ୟଅତିଥି ଓ ପ୍ରକାଶ ଚନ୍ଦ୍ର ବିଶି ମୁଖ୍ୟବକ୍ତାଭାବେ ଯୋଗଦେଇ ଗଙ୍ଗାଧରଙ୍କ ଜୀବନାଦର୍ଶ ଓ ଅସୀମିତ କବି ପ୍ରତିଭା ଉପରେ ଆଲୋକପାତ କରିଥିଲେ। ଅତିଥିମାନେ ମତବ୍ୟକ୍ତ କରିଥିଲେ ଯେ, ଆଧୁନିକ ଯୁଗର ପ୍ରଚଣ୍ଡ ପ୍ରତିଭାଧାରା କବିଙ୍କ ପ୍ରତିଟି ବାଣୀଥିଲା ଅନୁପୂତିସିଦ୍ଧ। ତାଙ୍କ କାବ୍ୟ କବିତାରେ ଭରିଥିଲା ବିଶ୍ୱବ୍ୟାପୀ ଉପାଦାନ ଓ ମାନସର ସିଦ୍ଧ ଉପଚାର। ତାଙ୍କୁ ଆଗରୁ ଚିହ୍ନିପାରି ତପସ୍ୱିନୀକୁ ଅନୁଦାନ କରିଥିଲେ ରଙ୍ଗଜୀବ ଗଙ୍ଗାଧର ନିଶ୍ଚିତ ଭାବରେ ନୋବେଲ ପୁରସ୍କାର ପାଇଁ ଯୋଗ୍ୟ ବିବେଚିତ ହୋଇଥାନ୍ତେ। ଓଡିଆ କାବ୍ୟର କାଳଜୟୀ ସମ୍ରାଟ ହେଉଛନ୍ତି ସ୍ୱଭାବ କବି ଗଙ୍ଗାଧର। ବିନ୍ଦୁରେ ସିନ୍ଧୁର ସ୍ୱାଦ ଦେଇ ପାରିଥିବା କବି ଗଙ୍ଗାଧର ମେହେର। ଆୟୋଜିତ ଉତ୍ସବର ପ୍ରାରମ୍ଭରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ବିଶ୍ୱଜୀବନ ହେ, ତୁମଙ୍କୁ କରୁଣା ସିନ୍ଧୁ.... ସଂଗୀତ ଗାନ କରାଯାଇଥିଲା ଏବଂ ବିଶ୍ୱନାଥ ପାଣିଗ୍ରାହୀ ସ୍ୱାଗତ ସମ୍ଭାଷଣ ଜଣାଇଥିଲେ। ଏହି ଅବସରରେ ଅନୁଷ୍ଠାନର ବାର୍ଷିକ ପ୍ରାଚୀର ପତ୍ର କିଶଳୟର ପଞ୍ଚଦଶ ସଂଖ୍ୟା ଅତିଥିମାନଙ୍କ ଦ୍ୱାରା ଉନ୍ମୋଚନ ହୋଇଥିଲା। ଯହିଁରେ ବିଦ୍ୟାର୍ଥୀ ତଥା ଶିକ୍ଷୟିତ୍ରୀମାନଙ୍କର ୨୭ଟି କବିତା ସ୍ଥାନିତ ହୋଇଛି। ଜୟନ୍ତୀ ସଭାରେ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ଲିପସା କର୍ଣ୍ଣ, ମାନସୀ ପଧାନ, ମିତ୍ରବିନ୍ଦା ସାହୁ, ବିଶ୍ୱନାଥ ମହାକୁର, ଶ୍ରୀତମ ବୁଧିଆ ମେହେର ସାହିତ୍ୟ ଉପରେ ବକ୍ତବ୍ୟ ରଖିଥିଲେ। ଶିକ୍ଷୟତ୍ରୀ ବୀଣାପାଣି ସାହୁଙ୍କ ଧନ୍ୟବାଦ ଅର୍ପଣ ସହ ଉଦଯାପନୀ ସଂଗୀତ ପରିବେଷଣ ମଧ୍ୟରେ ସମାରୋହ ଉଦ୍ଯାପିତ ହୋଇଥିଲା।

## ଆଦର୍ଶରେ ଅନୁପ୍ରାଣୀତ ହୁଅନ୍ତୁ ଛାତ୍ରୀଛାତ୍ର

**ସୋନପୁର,୨୮।୮(ନି.ପ୍ର.)**

ସୋନପୁର ମହାବିଦ୍ୟାଳୟରେ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଜୟନ୍ତୀ ମଙ୍ଗଳବାର ପାଳିତ ହୋଇଯାଇଛି। ଜୟନ୍ତୀ ସଭାରେ ମହାବିଦ୍ୟାଳୟର ଭାରପ୍ରାପ୍ତ ଅଧ୍ୟକ୍ଷ ଡ. ପୌଲସ୍ତ୍ୟ ସାହୁ ଅଧ୍ୟକ୍ଷତା କରିଥିଲେ। ଡ. ସାହୁ ତାଙ୍କ ଅଭିଭାଷଣରେ ଯୋଗଜନ୍ମା ଗଙ୍ଗାଧରଙ୍କ ଆଦର୍ଶରେ ଅନୁପ୍ରାଣୀତ ହେବା ପାଇଁ ଛାତ୍ରୀଛାତ୍ରଙ୍କୁ ଆହ୍ୱାନ ଦେଇଥିଲେ। ଚଳଚ୍ଚିତ୍ର ନିର୍ଦ୍ଦେଶକ ତଥା ଅଭିନେତା ପଦ୍ମଶ୍ରୀ ଡ. ସାଧୁ ମେହେର ମୁଖ୍ୟ ଅତିଥିଭାବେ ଯୋଗଦେଇ ଗଙ୍ଗାଧରଙ୍କ ସକାରାତ୍ମକ ଚିନ୍ତାଧାରା ଉପରେ ଆଲୋକପାତ କରିବା ସହ ଜଣେ କଳାକାର ଜୀବନର ଅନୁଭୂତି ବଖାଣି ଥିଲେ। ନିରବିଚ୍ଛିନ୍ନ ସାଧନା ନିମିତ୍ତ ଦୃଢ ସଂକଳ୍ପ ନେବାକୁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ।

ଜୟନ୍ତୀ ସଭାରେ ମଞ୍ଚାସୀନ ଅତିଥି ବୃନ୍ଦ ।

ଉକ୍ତ ସଭାରେ ମୁଖ୍ୟବକ୍ତାଭାବେ ବରଗଡ ମହିଳା ମହାବିଦ୍ୟାଳୟ ଓଡିଆ ଅଧ୍ୟାପିକା ସଂଘମିତ୍ରା ମିଶ୍ର ଯୋଗଦାନ କରି ଗଙ୍ଗାଧରଙ୍କର ସାହିତ୍ୟର ସାମାଜିକ ଓ ଆଧାତ୍ମିକ ଦିଗ ବିଷୟରେ ଆଲୋଚନା ପୂର୍ବକ ଆଦର୍ଶ ନାରୀ ଚରିତ୍ରର ମହନୀୟତା ଉପରେ ବକ୍ତବ୍ୟ ରଖିଥିଲେ। ଜୟନ୍ତୀ ସଭାର ପରିଚାଳନା କରିଥିଲେ ସୋନପୁର ମହାବିଦ୍ୟାଳୟର ଓଡିଆ ବିଭାଗ ମୁଖ୍ୟ ଅଧ୍ୟାପକ ସୌରଭ ରଞ୍ଜନ ଖମାରୀ। ଅଧ୍ୟାପକ ସରୋଜ କୁମାର ଜଗଦଲ୍ଲା ଧନ୍ୟବାଦ ଅର୍ପଣ କରିଥିଲେ। ଓଡିଆ ବିଭାଗର ଅଧ୍ୟାପକ ମୀନକେତନ କୁଣ୍ଡାର, ଅଧ୍ୟାପିକା ଡ. ଇତିଶ୍ରୀ ଦାଶ, ଅଧ୍ୟାପିକା ନୀଳିମା ପ୍ରଧାନ ପ୍ରମୁଖ ସଭାକାର୍ଯ୍ୟରେ ସହଯୋଗ କରିଥିଲେ। କଲେଜ ଛାତ୍ର ସଂସଦର ସଭାପତି ଅଭିଶେକ ଶର୍ମା, ଦେବାଶିଷ ପଟ୍ଟନାୟକ, ଆଲୋକ ରଥ, ଚନ୍ଦନ ବେହେରା, ଦେବଦତ୍ତ ମହଲା, ବିକାଶ ଜଗଦଲ୍ଲାଙ୍କ ସମେତ ଛାତ୍ରୀଛାତ୍ର ଓ ଅଧ୍ୟାପିକା ଅଧ୍ୟାପକ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

## ବ୍ଲକସ୍ତରୀୟ ଏମ୍ଜିଏନ୍ଆର୍ଇଜିଏସ୍ ଜନଶୁଣାଣି

**ଉଲୁଣ୍ଡା,୨୮।୮(ଡି.ଏନ୍.ଏ.)**

ଉଲୁଣ୍ଡା ବ୍ଲକ ସମିତି ସଭାଗୃହରେ ବିଡିଓ ବିଜୟ କୁମାର ସଏଙ୍କ ପୌରୋହିତ୍ୟରେ ବ୍ଲକସ୍ତରୀୟ ମନରେଗା ଜନଶୁଣାଣି ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଏସିଏଫ ହେମନ୍ତ କୁମାର ସାହୁ, ଶିବ ପ୍ରସାଦ ନାଏକ, ଅନ୍ତଯ୍ୟାମୀ ସାହୁ, ଏବିଡିଓ ପଞ୍ଚାନନ ମେହେର, ସହକାରୀ ଯନ୍ତ୍ରୀ ଗଙ୍ଗାଧର ମିଶ୍ର ପ୍ରମୁଖ ଯୋଗଦେଇ ଅଭିଯୋଗର ଶୁଣାଣି କରିଥିଲେ। ବିଶେଷକରି ୨୦୧୭–୧୮ ଆର୍ଥିକ ବର୍ଷରେ ୬୨୫.୭୯ ଲକ୍ଷ ଟଙ୍କାରେ ୧୮୦୯ଟି ପ୍ରକଳ୍ପ ହାତକୁ ନିଆଯାଇଥିବା ବେଳେ ସେଥିମଧ୍ୟରୁ ୧୩୦୧ଟି ସମ୍ପୂର୍ଣ୍ଣ ହୋଇଥିବା ସୂଚନା ଦିଆଯାଇଥିଲା। ସେହିପରି ୨୦୬୫୪ଜଣଙ୍କୁ ଜବ୍କାର୍ଡ ଦିଆଯାଇଥିବା ବେଳେ କାମ କରିବା ପାଇଁ ଆବେଦନ କରିଥିବା ୮୮୪୪ଟି ପରିବାର ମଧ୍ୟରୁ ୮୦୯୧ ପରିବାରକୁ କାର୍ଯ୍ୟ ଯୋଗାଇ ଦିଆଯାଇଥିଲା। ୧୦୦ଟି ପରିବାରକୁ ଶହେ ଦିନର କାମ ଯୋଗାଇ ଦିଆଯାଇଥିବା ଅଧିକାରୀମାନେ ସୂଚନା ଦେଇଥିଲେ। କାର୍ଯ୍ୟକ୍ରମରେ ବ୍ଲକ ସାମାଜିକ ସମୀକ୍ଷକ ଇନ୍ଦ୍ରମଣି ପଧାନଙ୍କ ସମେତ, ବ୍ଲକର ସମସ୍ତ ସରପଞ୍ଚ, ସମିତିସଭ୍ୟ, ଗ୍ରାମ ରୋଜଗାର ସେବକ, ନିର୍ବାହୀ ଅଧିକାରୀ, କନିଷ୍ଠ ଯନ୍ତ୍ରୀଙ୍କ ସମେତ ବହୁ ହିତାଧିକାରୀ ଯୋଗ ଦେଇଥିଲେ। ଶେଷରେ ଅତିରିକ୍ତ କାର୍ଯ୍ୟକ୍ରମ ଅଧିକାରୀ ପ୍ରଦ୍ୟୁମ୍ନ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

■ ପରୀ-୨ ପାଇଁ ପ୍ରସ୍ତୁତି

## ନିଖୋଜ ଶିଶୁମାନଙ୍କୁ ଉଦ୍ଧାର କରାଯିବ

**ସୋନପୁର,୨୮।୮(ନି.ପ୍ର.)**

ସୁବର୍ଣ୍ଣପୁର ଜିଲାରେ ହଜି ଯାଇଥିବା ଶିଶୁମାନଙ୍କୁ ଉଦ୍ଧାର କରି ଥଇଥାନ କରାଯିବ। ପରୀ ୨ କାର୍ଯ୍ୟକ୍ରମ ଜରିଆରେ ଶିଶୁମାନଙ୍କ ମୁହଁରେ ହସ ଫୁଟାଇବା ପାଇଁ ପ୍ରଶାସନ ପକ୍ଷରୁ ଲକ୍ଷ୍ୟ ରଖାଯାଇଛି। ଏଥିସକାଶେ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଏକ ପ୍ରସ୍ତୁତି ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଥିଲା। ଏସ୍ପି ଦେବୀ ପ୍ରସାଦ ଦାଶ ବୈଠକରେ ଅଧ୍ୟକ୍ଷତା କରିଥିଲେ। ଜିଲାପାଳ ମଧୁସୂଦନ ମିଶ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇ ଶିଶୁମାନଙ୍କ ଯତ୍ନ ଓ ସୁରକ୍ଷା ପାଇଁ ଜିଲା ପ୍ରଶାସନ ପକ୍ଷରୁ ବ୍ୟାପକ କାର୍ଯ୍ୟକ୍ରମ ଗ୍ରହଣ କରାଯାଉଛି ବୋଲି ମତପ୍ରକାଶ କରିଥିଲେ। ଶିକ୍ଷା ସେମାନଙ୍କର ମୌଳିକ ଅଧିକାର ଓ ଏଥିରୁ କୌଣସିମତେ ସେମାନଙ୍କୁ ବଞ୍ଚିତ କରା ନ ଯିବାକୁ ମତ ଦେଇଥିଲେ। ଜିଲାରେ ପଞ୍ଜୀକୃତ ୩୩ଜଣ ନିଖୋଜ ଶିଶୁଙ୍କୁ ଉଦ୍ଧାର କରିବା ପାଇଁ ପୋଲିସ ପ୍ରଶାସନ ସହିତ ଜିଲା ଶିଶୁ ସୁରକ୍ଷା ୟୁନିଟ୍, ଜିଲା ଶ୍ରମ ବିଭାଗ, ଶିଶୁ କଲ୍ୟାଣ କମିଟି ଓ ଅନ୍ୟାନ୍ୟ ସ୍ୱେଚ୍ଛାସେବୀ ସଂଗଠନଗୁଡିକୁ ମିଳିତ ଭାବେ କାର୍ଯ୍ୟ କରିବାକୁ ପରାମର୍ଶ ଦିଆଯାଇଥିଲା। ୧୪ବର୍ଷରୁ କମ୍ ବୟସର ଶିଶୁମାନେ ହୋଟେଲ, ଢାବା ଇତ୍ୟାଦିରେ କାମ କରୁଥିବା ଦୃଷ୍ଟିଗୋଚର ହେଲେ ଶ୍ରମ ବିଭାଗ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଜିଲାପାଳ ଶ୍ରମ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ। ଜିଲାରେ କାର୍ଯ୍ୟ କରୁଥିବା ୩ଟି ଶିଶୁଗୃହକୁ ସ୍ୱତନ୍ତ୍ର ଭାବେ ଅନୁଧ୍ୟାନ କରାଯିବାକୁ ଏସ୍ପି ଦାଶ ସୂଚନା ଦେଇଥିଲେ । ବୈଠକରେ ଜିଲା ଶିଶୁ ମଙ୍ଗଳ କମିଟିର ଅଧ୍ୟକ୍ଷ ହିମାଂଶୁ ଭୂଷଣ ନାୟକ, ସଭ୍ୟ ମଧୁସୂଦନ ମିଶ୍ର, ଆଇନଜୀବୀ ଚନ୍ଦ୍ରଶେଖର ମିଶ୍ର, ସୁବର୍ଣ୍ଣା ନାରୀ ଜାଗରଣ କେନ୍ଦ୍ରର ଅଧ୍ୟକ୍ଷା ମୀନା ମହାରଣା, ଡିଆଇପିଆରଓ ଭୁଜଙ୍ଗ ଭୂଷଣ ରାଓ ଓ ରେଆରର ଅନଙ୍ଗ ନେଗୀ ଉପସ୍ଥିତ ଥିଲେ। ଏସଡିପିଓ ସୟଦ୍ ମୁଜିବୁର ରହେମାନ ଧନ୍ୟବାଦ ପ୍ରଦାନ କରିଥିଲେ ।

## ନିରାମୟ ଯୋଜନା, ରୋଗ ପରୀକ୍ଷା ଆଞ୍ଚଳିକ କର୍ମଶାଳା

**ସୋନପୁର,୨୮।୮(ନି.ପ୍ର.)**



କର୍ମଶାଳାରେ ମଞ୍ଚାସୀନ ଅତିଥି ବୃନ୍ଦ।

ନିରାମୟ ଯୋଜନାରେ ମାଗଣା ଔଷଧ ଓ ରୋଗ ପରୀକ୍ଷା ସମ୍ପର୍କିତ ଆଞ୍ଚଳିକ କର୍ମଶାଳା ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ସଭାଗୃହରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ମଧୁସୂଦନ ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ନିରାମୟ ମାଗଣା ଔଷଧ ଯୋଗାଣ ମାଧ୍ୟମରେ ସ୍ୱାସ୍ଥ୍ୟକ୍ଷେତ୍ରରେ ଅନେକ ସୁଧାର ଅଣାଯାଇ ପାରିଛି। ଜିଲା ତଥା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଏହାର ବିତରଣ ପାଇଁ ୨୪ଘଣ୍ଟିଆ ବ୍ୟବସ୍ଥା ରହିଛି। ଯାହାଦ୍ୱାରା ରୋଗୀମାନେ ଉପକୃତ ହୋଇ ପାରୁଛନ୍ତି ବୋଲି ଜିଲାପାଳ ମିଶ୍ର କହିଥିଲେ। ଏଡିପିଏଚଓ ଡାକ୍ତର ନବକିଶୋର ବେହେରା ସମ୍ମାନିତ ଅତିଥିଭାବେ ଯୋଗଦେଇ ବର୍ତ୍ତମାନ ଜିଲା ମୁଖ୍ୟ ଚିକିତ୍ସାଳୟରେ ୨୭୦ପ୍ରକାର ଔଷଧ ଉପଲବ୍ଧ ଅଛି। ଆବଶ୍ୟକତା ଅନୁଯାୟୀ ଔଷଧ କ୍ରୟ କରାଯାଉଛି ବୋଲି ଜଣାଇଥିଲେ। ଜିଲା ଡ୍ରଗ୍ସ ନିରୀକ୍ଷକ ବାବୁଲାଲ ଟୁଡୁ ନିରାମୟ ଯୋଜନାର ଔଷଧ ଉତ୍କୃଷ୍ଟମାନର ଓ ଏହା ସମସ୍ତେ ବ୍ୟବହାର କରିବା ଉଚିତ ବୋଲି କହିଥିଲେ। ରାଷ୍ଟ୍ରୀୟ ସ୍ୱାସ୍ଥ୍ୟ ମିଶନର ରାଜ୍ୟ ଯୋଜନା ଓ ମୂଲ୍ୟାୟନ କମିଟିର ସଦସ୍ୟ ତଥା ଜନସ୍ୱାସ୍ଥ୍ୟ ଅଭିଯାନର ରାଜ୍ୟ ଆବାହକ ଗୌରାଙ୍ଗ ଚରଣ ମହାପାତ୍ର ଅନ୍ୟତମ ସମ୍ମାନିତ ଅତିଥିଭାବେ ଯୋଗଦେଇ ଲୋକଙ୍କୁ ବିନା ମୂଲ୍ୟରେ ଔଷଧ ପ୍ରଦାନ କରିବା ପାଇଁ ଓଡିଶା ସରକାରଙ୍କର ଏହା ଏକ ଅଭିନବ ପ୍ରୟାସ । ଏହି ଯୋଜନା ୨୯ ଅପ୍ରେଲ ୨୦୧୫ରୁ ଆରମ୍ଭ ହୋଇଛି। ୫୭୦ ପ୍ରକାର ଔଷଧ ବିଭିନ୍ନ ଡାକ୍ତରଖାନା ମାନଙ୍କରେ ଯୋଗାଇ ଦେବାକୁ ସରକାର ପ୍ରତିଶୃତି ଦେଇଛନ୍ତି ବୋଲି କହିଥିଲେ। ସ୍ୱାସ୍ଥ୍ୟସେବାରେ ସୁଧାର, ସରକାରୀ ଡାକ୍ତରଖାନାରେ ସମସ୍ତ ପ୍ରକାର ଅତ୍ୟାବଶ୍ୟକ ଓ ଜୀବନ ରକ୍ଷାକାରୀ ଔଷଧ ବିନା ମୂଲ୍ୟରେ ଠିକ୍ ସମୟରେ ଯୋଗାଇ ଦେବା, ସ୍ୱାସ୍ଥ୍ୟ ଖର୍ଚ୍ଚ କମ୍ କରିବା, ମୃତ୍ୟୁ ହାର ହ୍ରାସ କରିବା ପାଇଁ ଏହି ଯୋଜନା ଉଦ୍ଦିଷ୍ଟ ବୋଲି ମହାପାତ୍ର ସୂଚନା ଦେଇଥିଲେ। ବରିଷ୍ଠ ସଭ୍ୟ ହରପ୍ରସାଦ ରଥ କହିଥିଲେ ଗ୍ରାମାଞ୍ଚଳରେ ଯୋଜନା ସୁଦୁର ପ୍ରସାରୀ ହେଲେ ଲାଭଦାୟକ ହେବ। ରେଆରର ସଭାପତି ଗୌରିଶ୍ୟାମ ପଣ୍ଡା କହିଥିଲେ ଆମେ ସମସ୍ତେ ଔଷଧର ଗୁଣବତ୍ତାକୁ ଜାଣିବା। କେହି ଯେମିତି ହଇରାଣ ନ ହୁଏ ସେ ନେଇ ପରିଚାଳନା ଗତ ବ୍ୟବସ୍ଥାରେ ସୁଧାର ଆଣିବା ପାଇଁ ଏହି କର୍ମଶାଳାଟି ଉଦ୍ଦିଷ୍ଟ। ପ୍ରକଳ୍ପ ସଂଯୋଜକ ଅନଙ୍ଗ ନେଗୀ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। କର୍ମଶାଳାରେ ସୁବର୍ଣ୍ଣପୁର ଓ ବୌଦ୍ଧ ଜିଲାର ସ୍ୱେଚ୍ଛାସେବୀ ସଂଗଠନର କର୍ମକର୍ତ୍ତା, ଆଇନଜୀବୀ, ନର୍ସିଂ ବିଦ୍ୟାଳୟର ଛାତ୍ରୀ ଅଂଶଗ୍ରହଣ କରିଥିଲେ।

■ ହାଇଟେକ୍ ସର୍ଭେ ସମ୍ପର୍କିତ ଉଚ୍ଚସ୍ତରୀୟ ସମୀକ୍ଷା

## ନିର୍ଦ୍ଧାରିତ ଅବଧିରେ ଜମି ବନ୍ଦୋବସ୍ତ ସାରିବାକୁ ଗୁରୁତ୍ୱ

**ବୀରମହାରାଜପୁର, ୨୮।୮(ଡି.ଏନ.ଏ)**

ସମୀକ୍ଷା ବୈଠକରେ ଯୋଗଦେଇଥିବା ରାଜସ୍ୱ ବିଭାଗର ଅତିରିକ୍ତ ଶାସନ ସଚିବ ଏବଂ ଉଚ୍ଚ ପଦାଧିକାରୀ ।

### ବୀରମହାରାଜପୁର ଉପଖଣ୍ଡ

- ରାଜସ୍ୱ ବିଭାଗ ଅତିରିକ୍ତ ସଚିବଙ୍କ ସମୀକ୍ଷା ବୈଠକ
- ସେପ୍ଟେମ୍ବର ୧୦ ସୁଦ୍ଧା ଚାଷୀ ପାଇବେ ପ୍ରାରମ୍ଭିକ ପାର୍ଚ୍ଚା
- ଡିସେମ୍ବର ଶେଷ ସୁଦ୍ଧା ସମ୍ପୂର୍ଣ୍ଣ ହେବ ଚୂଡାନ୍ତ ପ୍ରକ୍ରିୟା

ଜମି ଜମା ବନ୍ଦୋବସ୍ତର ସରଳୀକରଣ ଏବଂ ପ୍ରଜାମାନଙ୍କ ଜମି ସତ୍ତ୍ୱାଧିକାର (ରେକର୍ଡ ଅଫ୍ ରାଇଟସ୍)କୁ ସୁବ୍ୟବସ୍ଥିତ କରିବା ପାଇଁ ଗତବର୍ଷଠାରୁ ସୁବର୍ଣ୍ଣପୁର ଜିଲାରେ ପ୍ରକ୍ରିୟା ଜାରି ରହିଛି। ମଙ୍ଗଳବାର ବୀରମହାରାଜପୁର ଉପଖଣ୍ଡ ଅଧିନ ୨ଟି ଯାକ ତହସିଲରେ ଚାଲିଥିବା ସର୍ଭେ କାର୍ଯ୍ୟକ୍ରମର ଉଚ୍ଚସ୍ତରୀୟ ସମୀକ୍ଷା କରାଯାଇଛି । ବୀରମହାରାଜପୁର ପଞ୍ଚାୟତ ସମିତି ସଭାଗୃହଠାରେ

ଯେଉଁମାନେ ଧନ୍ୟବାଦ ପାଇବାର ଯୋଗ୍ୟ, ସେମାନଙ୍କୁ ଧନ୍ୟବାଦ ଜଣାଇଲେ ସେମାନଙ୍କର କର୍ମ ପ୍ରବଣତା ଅଧିକରୁ ଅଧିକ ବଢ଼ିଯାଏ।
- ଉତ୍କଳଗୌରବ ମଧୁସୂଦନ ଦାସ



## ସଂକ୍ଷେପରେ

### ଲଗାଣ ବର୍ଷାରେ ଘର ଭାଙ୍ଗିଲା

**ଲୋଇସିଂହା,୨୮।୮(ଡି.ଏନ.ଏ):** ଲୋଇସିଂହା ଅଞ୍ଚଳରେ ଗତ ତିନିଦିନର ଲଗାଣ ବର୍ଷା ପରିସ୍ଥିତିକୁ ବେହାଲ କରିଛି। ଏଥିଯୋଗୁ ବ୍ଲକ ଅଞ୍ଚଳରେ ଅନେକ କ୍ଷୟକ୍ଷତି ହୋଇଛି । ବ୍ଲକରେ ଅନେକ ଗରିବଙ୍କ ଘର ଭାଙ୍ଗି ଯାଇଥିବାରୁ ସେମାନଙ୍କ ପରିବାର ଅସହାୟ ହୋଇ ପଡିଛନ୍ତି । ବ୍ଲକ ଅଧୀନ ଛେଲବାହାଲ ଗ୍ରାମର ବିଧବା ବୁଧବାରୀ ଘିବେଲା(୪୫)ଙ୍କ ମାଟିଘର ସୋମବାର ରାତିରେ ଭୁଶୁଡି ପଡିଛି । କେଉଁଠି ରହିବେ ସେ ଚିନ୍ତିତ ହୋଇ ପଡିଛନ୍ତି । ବ୍ଲକ ପ୍ରଶାସନ ତରଫରୁ ବୁଧବାରୀଙ୍କୁ ବିଧବା ଭତ୍ତା ଏବଂ ଏକଘର ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

### ବିଡିଘାଟ ରୁର୍ବାନ ମିଶନର ଭୂମିପୂଜା

**ସକାଳେ ସରପଞ୍ଚ, ଅପରାହ୍ଣରେ ଏମ୍‌ପି**

**ବଲାଙ୍ଗୀର ଅଫିସ, ୨୮।୮:** ବଲାଙ୍ଗୀର ସଦର ବ୍ଲକ ବିଡିଘାଟ ଗ୍ରାମ ପଞ୍ଚାୟତରେ କାର୍ଯ୍ୟକାରୀ ହେବାକୁ ଥିବା ଶ୍ୟାମ ପ୍ରସାଦ ମୁଖାର୍ଜୀ ରୁର୍ବାନ ମିଶନର ଶୁଭାରମ୍ଭ ହୋଇଛି । ସକାଳେ ବିଡିଘାଟ ପଞ୍ଚାୟତ ସରପଞ୍ଚ କ୍ରିଷ୍ଣା ବେହେରା ଏହାର ଭୂମିପୂଜା କରିବା ପରେ ଅପରାହ୍ଣରେ ଏମ୍‌ପି କଲିକେଶ ନାରାୟଣ ସିଂଦେଓ ସମାନ ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି । ଭୂମିପୂଜା କରି ସରପଞ୍ଚ ବେହେରା ପଞ୍ଚାୟତଗୁଡିକୁ ଶକ୍ତିଶାଳୀ କରିବା, ଆତ୍ମ ନିର୍ଭରଶୀଳ କରିବା ତଥା ପଞ୍ଚାୟତ ଅଞ୍ଚଳରେ ସମସ୍ତ ପ୍ରକାର ମୌଳିକ ସୁବିଧାର ବ୍ୟବସ୍ଥା କରିବା ରୁର୍ବାର ମିଶନର ମୂଳଲକ୍ଷ୍ୟ ବୋଲି କହିଥିଲେ। ଏହି ଭୂମିପୂଜା ଉତ୍ସବରେ ସରପଞ୍ଚଙ୍କ ବ୍ୟତୀତ ବଲାଙ୍ଗୀର ବିଧାୟକଙ୍କ ପ୍ରତିନିଧି ଡା. ସୁଧୀର କୁମାର ପରିଚ୍ଛା, ସମିତି ସଭ୍ୟା କେଶବ ବେହେରା, ଗ୍ରାମ ପଞ୍ଚାୟତ ବିଭିନ୍ନ ୱାର୍ଡର ସଭ୍ୟ, ବିଶ୍ୱଜିତ ନାଗ, ସରୋଜ କୁମାର ରଥ, ଲକ୍ଷ୍ମଣ ବେହେରା, ହରି ମହାପାତ୍ର, ପ୍ରଦୀପ ବେହେରା, ପୂର୍ଣ୍ଣଚନ୍ଦ୍ର ବେହେରା, ଦାଶରଥି, ନୁପୁର କୁମାର ଉପସ୍ଥିତ ଥିଲେ । ଏମପି ସିଂଦେଓ ଅପରାହ୍ଣରେ ପହଞ୍ଚି ଏହି ସାମନ ପ୍ରକଳ୍ପର ଶିଳାନ୍ୟାସ କରିଥିଲେ । ଏହି ଅବସରରେ ସଦର ବ୍ଲକ ଅଧକ୍ଷ ଗୋଲାପ ବାଗ, ଜିଲା ପରିଷଦ ସଦସ୍ୟ ସୁଶୀଳ ଚାନ୍ଦ, ସତ୍ୟ ନାରାୟଣ ଭୋଇ, ଯୁବନେତା ଅର୍କେଶ ସିଂଦେଓ, ଶିବତଲା ସରପଞ୍ଚ ପ୍ରଦ୍ୟୁମ୍ନ ହୋତା, ବରକାନା ସରପଞ୍ଚ ରାଜେନ୍ଦ୍ର ହୋତା ଓ ଅନ୍ୟମାନେ ଉପସ୍ଥିତ ଥିଲେ ।

■ ତେଲନଦୀରେ ତୃତୀୟ ବନ୍ୟା

# ଶହଶହ ଏକର ଚାଷ ଜମି ଜଳମଗ୍ନ

**ଟିଟିଲାଗଡ଼, ୨୮।୮(ଡି.ଏନ.ଏ.)**



ବିଜେପୁର ପଞ୍ଚାୟତର ଢବାପଡା ଗାଁ ସମୀପ ଚାଷ ଜମି ବନ୍ୟାଜଳରେ ବୁଡି ରହିଛି।

- ଟିଟିଲାଗଡ-ବେଲଗାଁ ରାସ୍ତାରେ ଯାତାୟାତ ବାଧାପ୍ରାପ୍ତ
- ଲଗାଣ ବର୍ଷାରେ ଅନେକ ମାଟିଘର ଭାଙ୍ଗିଲା
- କ୍ଷେତ୍ରରେ ପହଞ୍ଚି ନାହାନ୍ତି ସରକାରୀ ଅଧିକାରୀ

ଗତ କିଛି ଦିନ ଧରି ଲଗାଣ ବର୍ଷା ଫଳରେ ତେଲନଦୀରେ ତୃତୀୟ ବନ୍ୟା ଆସି ବଲାଙ୍ଗୀର ଜିଲା ଟିଟିଲାଗଡ ଉପଖଣ୍ଡ ଅଞ୍ଚଳର ନଦୀତଟ ଗ୍ରାମର ଶହଶହଏକର ଚାଷ ଜମି ଜଳମଗ୍ନ କରିଛି। ଜାତୀୟ ରାଜପଥ ୫୯ର ଟିଟିଲାଗଡ-ବେଲଗାଁ ରାସ୍ତାରେ ସିଲେଟପଡା ନାଳ, ତରାସିଂହା ଜୋର, ଢବାପଡା ଜୋର ଆଦି ଅନେକ ସ୍ଥାନରେ ନଦୀଜଳ ରାସ୍ତା ଉପରେ ପ୍ରବାହିତ ହେଉଛି। ଫଳରେ ପ୍ରାୟ ୪୮ ଘଣ୍ଟା ଧରି ଏହି ରାସ୍ତାରେ ଗମନାଗମନ ପ୍ରଭାବିତ ହୋଇଛି। ପ୍ରାୟ ୭୨ ଘଣ୍ଟା ଧରି ଚାଷୀଙ୍କ ଫସଲ ବନ୍ୟା ପାଣିରେ ବୁଡି ରହିଛି। ଏନେଇ ଫସଲହାନି ଆଶଙ୍କା ଦେଖାଦେଇଥିବା ବେଳେ ପ୍ରଭାବିତ ଅଞ୍ଚଳର ଚାଷୀ ପରିବାର ମଧ୍ୟରେ ନୈରାଶ୍ୟଭାବ ଖେଳିଯାଇଛି।

ଚଳିତ ବର୍ଷ ତେଲନଦୀରେ ତୃତୀୟ ଥର ବନ୍ୟା ନେଇ ଟିଟିଲାଗଡ ବ୍ଲକ ଅନ୍ତର୍ଗତ ବିଜେପୁର, ବାଞ୍ଚିପଦର, ଭାଲେଗାଁ, ବିନେକେଲା, ଲୁଥରୁବନ୍ଧ, ସଇଁନ୍ତଲା ବ୍ଲକ ଅନ୍ତର୍ଗତ ଶିଶକେଲା, ଘୁନସର, କଅଁସର, ବେଲଗାଁ ଆଦି ପଞ୍ଚାୟତର ଚାଷୀଙ୍କ ବ୍ୟାପକ କ୍ଷୟକ୍ଷତି ଘଟିଛି। ଅନ୍ୟପକ୍ଷରେ ଗତ ଦୁଇ ଧରି ଚୁହାକୁ ଚୁହା ଲଗାଣ ବର୍ଷା ଫଳରେ ଅନେକ ଗରିବ ଲୋକଙ୍କ ଘର ଭାଙ୍ଗି ପରିବାର ଲୋକେ ପର ଘରେ ଆଶ୍ରୟ ନେଇଛନ୍ତି। ଅପରପକ୍ଷରେ ସଇଁନ୍ତଲା ବ୍ଲକ ଅନ୍ତର୍ଗତ ବେଲଗାଁଠାରୁ ଆମପାଲି ପଟକୁ ନିର୍ମିତ ତେଲନଦୀ ଆଡିବନ୍ଧ ଗତ ୧୭ତାରିଖ ବନ୍ୟାରେ ଭୁଶୁଡି ପଡିଥିଲା। ଏନେଇ ଚାଷୀଙ୍କ ଶତାଧିକ ଏକର ଚାଷ ଜମି ବାଲିଚର ତଥା ବନ୍ୟା ପାଣିରେ ବୁଡି ନଷ୍ଟ ହୋଇଥିବା ଅଭିଯୋଗ ହୋଇଛି। ଅପରପକ୍ଷରେ ଚଳିତ ବନ୍ୟାରେ ଆଡିବନ୍ଧର ଭଙ୍ଗା ଅଂଶ ଦେଇ ବନ୍ୟା ଜଳ ପୁଣି ଚାଷ ଜମିକୁ ମାଡି ନଷ୍ଟ ହୋଇଥିବା ନେଇ ଅସନ୍ତୋଷ ପ୍ରକାଶ ପାଇଛି। ଏନେଇ ଟିଟିଲାଗଡ ବିଧାୟିକା ଚୁକୁନୀ ସାହୁ ଦଳୀୟ କର୍ମିଙ୍କ ସହ ଉକ୍ତ ଅଞ୍ଚଳ ବୁଲି ଦେଖିଛନ୍ତି। ତେବେ ଚାଷୀଙ୍କ କ୍ଷୟକ୍ଷତି ଆକଳନ ତଥା ସହାୟତା ପ୍ରଦାନ ନେଇ କେହି ମଧ୍ୟ ସରକାରୀ ଅଧିକାରୀ ତଥା ନିର୍ମାଣକାରୀ ସଂସ୍ଥା ଉକ୍ତ କ୍ଷେତ୍ରକୁ ପହଞ୍ଚି ନଥିବାରୁ ଚାଷୀ ନିରାଶ ହୋଇ ପଡିଛନ୍ତି। ସଇଁନ୍ତଲା ତହସିଲଦାର ଛୁଟିରେ ଚାଲିଯାଇଥିବା ବେଳେ ଅତିରିକ୍ତ ତହସିଲଦାର ତାଲିମ ନେବା ପାଇଁ ରାଜଧାନୀରେ ଥିବା ଜଣାଯାଇଛି। ଏଭଳି ଅବ୍ୟବସ୍ଥା ନେଇ ପ୍ରଭାବିତ ଅଞ୍ଚଳ ଗସ୍ତ କରିଥିବା ବଲାଙ୍ଗୀର ଜିଲା ଆଦିବାସୀ କଲ୍ୟାଣ ସଂଘ ସଭାପତି ଜିଲାପାଳଙ୍କୁ ଫୋନ ଦ୍ୱାରା ଏନେଇ ତୁରନ୍ତ ବିହିତ ପଦକ୍ଷେପ ଗ୍ରହଣ ପାଇଁ ଦାବି କରିଛନ୍ତି। ଏପରିପ୍ରେକ୍ଷୀରେ ରାଜ୍ୟ ସରକାର କ୍ଷତିଗ୍ରସ୍ତ ଚାଷୀଙ୍କ ସହାୟତା ନେଇ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଦାବି ହୋଇଛି।

ଧୋଇ ହୋଇ ଯାଇଥିବା ଆପ୍ରୋଚ ରୋଡ।

### ଧୋଇ ହୋଇଗଲା ଆପ୍ରୋଚ ରୋଡ

**ଗୁଡଭେଲା,୨୮।୮(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଗୁଡଭେଲା ବ୍ଲକ ଅନ୍ତର୍ଗତ ଯାମୁଟସ୍ଥିତ ଖଡଙ୍ଗ ନଦୀ ପୋଲ ପାଖରେ ନିର୍ମିତ ଆପ୍ରୋଚ ରୋଡ ଲଗାଣ ବର୍ଷା ଯୋଗୁଁ ସୋମବାର ବିଳମ୍ବିତ ରାତ୍ରୀରେ ଧୋଇ ହୋଇଯାଇଛି । ଫଳରେ ତୁଷୁରା-କଣ୍ଢାମାଳ-ଭୁବନେଶ୍ୱରକୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଛି । ପ୍ରଥମ ବର୍ଷାରେ ମଧ୍ୟ ଏହି ରୋଡ ଧୋଇ ହୋଇଯିବା ପରେ ଏହାକୁ ମରାମତି କରାଯାଇଥିଲା। ହେଲେ ପୁଣି ଥରେ ଏପରି ହୋଇଥିବାରୁ କାର୍ଯ୍ୟ ନିମ୍ନମାନର ହେଇଥିବା ଅଭିଯୋଗ ହେଉଛି ।

## ପ୍ରଧାନମନ୍ତ୍ରୀ ଭାରତୀୟ ଜନୌଷଧି କେନ୍ଦ୍ର ଉଦ୍‌ଘାଟିତ

**ବଲାଙ୍ଗୀର ଅଫିସ, ୨୮।୮**

ବଲାଙ୍ଗୀର ସହରର ବ୍ରାହ୍ମଣପଡା ସାପ୍ତାହିକ ବଜାର ନିକଟରେ ପ୍ରଧାନମନ୍ତ୍ରୀ ଭାରତୀୟ ଜନୌଷଧି କେନ୍ଦ୍ରକୁ ପାଟଣାଗଡ ବିଧାୟକ କନକବର୍ଦ୍ଧନ ସିଂଦେଓ ମଙ୍ଗଳବାର ଉଦ୍‌ଘାଟନ କରିଛନ୍ତି। ଏହି କେନ୍ଦ୍ରରେ ଅତ୍ୟନ୍ତ ରିହାତି ମୂଲ୍ୟରେ ମଧୁମେହ, ବ୍ଲଡ୍‌ପ୍ରେସର, କ୍ୟାନସର, ଗେଷ୍ଟ୍ରୋ, ଭିଟାମିନ୍ ଓ ଆଣ୍ଟିବାୟୋଟିକ୍ ଔଷଧ ମିଳିବ । ଗରିବ ଶ୍ରେଣୀର ଲୋକମାନେ କିଭଳି ରିହାତି ଦରରେ ସଠିକ୍ ଔଷଧ ପାଇପାରିବେ ସେ ନେଇ ସରକାର ଯୋଜନା କରି ଜନୌଷଧି କେନ୍ଦ୍ର ଖୋଲିଥିବା ସୂଚନା ଦିଆଯାଇଥିଲା । ଜନୌଷଧି କେନ୍ଦ୍ର ଜରିଆରେ ଅତ୍ୟନ୍ତ ରିହାତି ଦରରେ ଗୁରୁତ୍ୱପୂର୍ଣ୍ଣ ଔଷଧ ଯୋଗାଦେବା ଉଦ୍ଦେଶ୍ୟରେ ଏହି କେନ୍ଦ୍ର ଖୋଲା ଯାଇଥିବା ସୂଚନା ଦେଇ ଏହି କେନ୍ଦ୍ରର ପରିଚାଳକ ସମୀର ରଞ୍ଜନ ତ୍ରିପାଠୀଙ୍କୁ ଶୁଭକାମନା ଜଣାଇଥିଲେ । ପ୍ରାରମ୍ଭରେ ସରୋଜ ତ୍ରିପାଠୀ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ । ଉତ୍ସବରେ ଭାଜପା ନେତା ପ୍ରଭାସ ପାଣିଗ୍ରାହୀ, ଅନନ୍ତ ଦାସ, ସୁରଜ ଗୁରୁ ବକ୍ତବ୍ୟ ରଖିଥିଲେ ।

ବଲାଙ୍ଗୀର ବ୍ରାହ୍ମଣପଡାଠାରେ ଜନୌଷଧି କେନ୍ଦ୍ରକୁ ବିଧାୟକ କନକ ବର୍ଦ୍ଧନ ସିଂଦେଓ ଉଦ୍‌ଘାଟନ କରୁଛନ୍ତି ।

## ଆଦର୍ଶ ବିଦ୍ୟାଳୟ ଅଭିଭାବକ, ଶିକ୍ଷକଙ୍କ ବୈଠକ

**ପୁରିବାହାଲ, ୨୮।୮ (ଡି.ଏନ.ଏ)**

ପୁରିବାହାଲ ଓଡିଶା ଆଦର୍ଶ ବିଦ୍ୟାଳୟର ଅବିବାହିକ ଓ ଶିକ୍ଷୟିତ୍ରୀଶିକ୍ଷକଙ୍କ ବୈଠକ ମଙ୍ଗଳବାର ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ବୈଠକ ଶ୍ରୀବତ୍ସ ବେହେରାଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟ ଅଧକ୍ଷ ଅରକ୍ଷିତ ନାରା ବୈଠକର ଉଦ୍ଦେଶ୍ୟ ତଥା ସରକାରଙ୍କ ନିୟମ ଅନୁଯାୟୀ ସଭ୍ୟ ଚୟନ କରାଯିବା ଉପରେ କହିଥିଲେ। ଏଥିରେ ସର୍ବସମ୍ମତିକ୍ରମେ ବନବିହାରୀ ଯୋଶୀ, ବିକେମଦେବ ତାଣ୍ଡି, ଅମ୍ବିକା ମହାକୁରଙ୍କୁ ଆସନ୍ତା ୨ବର୍ଷ ପାଇଁ ସଭ୍ୟ ଭାବରେ ଚୟନ କରାଯାଇଥିଲା । ଏହାପରେ ଆଦର୍ଶ ବିଦ୍ୟାଳୟ ହଷ୍ଟେଲ ନିର୍ମାଣରେ ବିଳମ୍ବ, ଖେଳପଡିଆ ପାଇଁ ସ୍ଥାନ ଚିହ୍ନଟ କରାଯିବା ଉଦ୍ଦେଶ୍ୟରେ ଆସନ୍ତା ୧ତାରିଖ ମନ୍ତ୍ରୀ ସୂର୍ଯ୍ୟନାରାୟଣ ପାତ୍ର, ଓ ବିଧାୟକଙ୍କୁ ଦାବିପତ୍ର ଦେବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା । କାର୍ଯ୍ୟକ୍ରମ ପରିଚାଳନାରେ ପରମାନନ୍ଦ ଧରୁଆ, ଘନଶ୍ୟାମ ଖମାରୀ, ସୌମ୍ୟବ୍ରତ ଶତପଥୀ, ମୁକ୍ତେଶ୍ୱର ଛୁରା, ପ୍ରତିଭା ପୂଝାରୀ, ଅଲିଭା ଦୀପ, ପ୍ରକାଶ କୁମାର ରାଉତ, ଛୋଟରାଏ ମାରାଣ୍ଡି, ଗୀତାଞ୍ଜଳୀ ସେଠ, ସୋନାଲୀ ପ୍ରିୟଦର୍ଶନୀ ଓ କେଶରୀ ନନ୍ଦ ମଲ୍ଲିକ ପ୍ରମୁଖ ସହଯୋଗ କରିଥିଲେ।

■ ନବନିଯୁକ୍ତ ପିସିସି ସଭ୍ୟ, ଜିଲା କାର୍ଯ୍ୟକର୍ତ୍ତାଙ୍କୁ ସମ୍ବର୍ଦ୍ଧନା

# ରାଜ୍ୟ, କେନ୍ଦ୍ର ସରକାର ବିରୋଧରେ ଲଢ଼େଇ ଆହ୍ୱାନ

କଂଗ୍ରେସ ସମ୍ବର୍ଦ୍ଧନା ସଭା ପ୍ରାରମ୍ଭରେ ଅତିଥିମାନେ ବକ୍ତବ୍ୟ ଦେଉଛନ୍ତି ।

**ବଲାଙ୍ଗୀର ଅଫିସ, ୨୮।୮**

ଲୋକଙ୍କ ପାଇଁ କାମ କରିବାକୁ ହେଲେ କର୍ମୀ ଶୃଙ୍ଖଳିତ ହେବା ନିହାତି ଦରକାର । କର୍ମୀ ଶୃଙ୍ଖଳିତ ହେଲେ ଦଳ ମଧ୍ୟ ଶୃଙ୍ଖଳିତ ହେବ । କୌଣସି ବି ବ୍ୟକ୍ତି ଦଳ ଉପରେ ଗୁହେଁ । ତେଣୁ ଜାତୀୟସ୍ତରରୁ ରାଜ୍ୟ ଏବଂ ରାଜ୍ୟସ୍ତରରୁ ଜିଲା ପର୍ଯ୍ୟନ୍ତ ସମସ୍ତ କର୍ମୀ ଶୃଙ୍ଖଳିତ ହୋଇ କାମ କଲେ ଅପାରଗ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରର ଓଲଟା ଗଣତି ଆରମ୍ଭ ହୋଇଯିବ। ନବନିଯୁକ୍ତ ପିସିସି ତଥା ଜିଲାସ୍ତରୀୟ କର୍ମକର୍ତ୍ତା ସମ୍ବର୍ଦ୍ଧନା ଉତ୍ସବରେ ମୁଖ୍ୟଅତିଥିଭାବେ ଯୋଗଦେଇ ସ୍ଥାନୀୟ ବିଧାୟକ ତଥା ରାଜ୍ୟ ବିରୋଧୀଦଳ ନେତା ନରସିଂହ ମିଶ୍ର ଏହା କହିଛନ୍ତି। ସାମ୍ବାଦିକ ଭବନଠାରେ କଂଗ୍ରେସ ଜିଲା ସଭାପତି ଦିଲୀପ କୁମାର ବେହେରା ସଭାପତିତ୍ୱ କରି ଆମେ ଲୋକଙ୍କ ପାଖରେ ପହଞ୍ଚି ତାଙ୍କର ଉପକାର କରିପାରିଲେ ହିଁ ଦଳର ଲକ୍ଷ୍ୟ ପୂରଣ ହେବ ବୋଲି କହିଥିଲେ । ପିସିସି ସାଧାରଣ ସମ୍ପାଦକ ଲକ୍ଷ୍ମଣ କୁମାର ମେହେର ବଲାଙ୍ଗୀରର ଅବନତି ପାଇଁ ରାଜପରିବାରକୁ ଦାୟୀ କରିଥିଲେ । ଏଆଇସିସି ସଦସ୍ୟ ସମରେନ୍ଦ୍ର ମିଶ୍ର କହିଥିଲେ ରାଜ ପରିବାର କ୍ରମାଗତ ଏହି ଜିଲାରୁ ପ୍ରତିନିଧିତ୍ୱ କରୁଥିଲେ ମଧ୍ୟ ଯୁବକମାନଙ୍କ ପାଇଁ ତାଙ୍କର ପାଖରେ କୌଣସି ଯୋଜନା ନାହିଁ । ମଞ୍ଚାସୀନ ଥିବା ଜିଲା କାର୍ଯ୍ୟକାରୀ ସଭାପତି ଉମ୍ବରୁଧର ଛତ୍ରିଆ ଏବଂ ପିସିସି ସଭ୍ୟ ଅସୀମ ପଟ୍ଟନାୟକ କର୍ମୀମାନଙ୍କୁ ଏକତ୍ରିତ ହୋଇ ଲଢୁଆ ମନୋଭାବ ଆଣିବା ପାଇଁ ଆହ୍ୱାନ ଦେଇଥିଲେ । ଉତ୍ସବରେ ରାଜ୍ୟସ୍ତରୀୟ ନବନିଯୁକ୍ତ ସାଧାରଣ ସମ୍ପାଦକ ଲକ୍ଷ୍ମଣ ମେହେର, ସମ୍ପାଦକ ସୁଧାଂଶୁ ଦାଶ, ସୁଦାମ ସାହୁ, ମୁକେଶ ଜୈନ, ସେବାଦଳ ମୁଖ୍ୟ ଅସୀତ ମିଶ୍ର ଏବଂ ଜୋନ ସଭାପତି ବିଶ୍ୱଜିତ ସିଂଦେଓ, ଅମର ସାହୁ, ସରୋଜ ବିଶ୍ୱାଳ, ସାନ୍ତନୁ ସିଂ, ରଞ୍ଜିତା କୁମାରୀ ପଟେଲ, ମଧୁ କ୍ଷେତୀ, ରାଧାକାନ୍ତ ଭୋଇ, ସରୋଜ ରଥ, ରାମଜୀ ଚୌଧୁରୀ, ନୀଳମଣି ରଣା, ବଳ ସେଲମା ପ୍ରମୁଖଙ୍କୁ ବିଧାୟକ ମିଶ୍ର ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ । ପିସିସି ସଭ୍ୟ ମନୀଷ ମିଶ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ।

## ବର୍ଷା ବିପନ୍ନ ପରିବାରକୁ ସହାୟତା

**ବଲାଙ୍ଗୀର ଅଫିସ, ୨୮।୮**

ଦୁଇଦିନର ଲଗାଣ ବର୍ଷାରେ ବଲାଙ୍ଗୀର ମ୍ୟୁନିସିପାଲିଟି ୱାର୍ଡ ନମ୍ବର ୧୮ ଅନ୍ତର୍ଗତ ସାଲେପାଲିରେ ରବିବାର ଅପରାହ୍ଣରେ ଦୁଇଟି ଘରର କାନ୍ଥ ପଡିଯାଇଥିଲା । ଏଥିରୁ ଦୁଇ ପରିବାରର ୭ ଜଣ ପରିବାର ସଦସ୍ୟ ଅଳ୍ପକେ ରକ୍ଷା ପାଇଥିଲେ । ସାଲେପାଲିର ରଘୁରାଜ ବାଗ ଓ ଶ୍ରୀକର ଚନ୍ଦନଙ୍କ ଘରକାନ୍ଥ ପଡିଯାଇଥିଲା । ଏହି ଖବର ପ୍ରକାଶ ପରେ ବଲାଙ୍ଗୀର ପୌରାଧକ୍ଷା ସନ୍ତୋଷିନୀ ବେହେରା, ମ୍ୟୁନିସିପାଲିଟିର କମ୍ପ୍ୟୁନିଟି ଅର୍ଗାନାଇଜର ଆରତୀ ବହିଦାର, ଭୀଷ୍ମ ସାହୁ ଓ କାଉନସିଲ ଉପେନ ଦୀପ୍ ଘଟଣାସ୍ଥଳ ପରିଦର୍ଶନ କରି ପୀଡିତ ପରିବାରକୁ ଖାଇବା ଖର୍ଚ୍ଚ ବାବଦକୁ ୧ ହଜାର ଟଙ୍କା ଲେଖାଏଁ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ଏଥିସହ ଆବାସ ଯୋଜନାରେ ସେମାନଙ୍କୁ ଥଇଥାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ମ୍ୟୁନିସିପାଲିଟି ତରଫରୁ ତହସିଲଦାରଙ୍କୁ ରିପୋର୍ଟ ପ୍ରଦାନ କରାଯିବ ଏବଂ ତହସିଲ ତରଫରୁ ଅନ୍ୟାନ୍ୟ ସହାୟତା ଯୋଗାଇବେ ବୋଲି ସେ କହିଥିଲେ । ରବିବାର ଅପରାହ୍ଣରେ ଘରେ ବିଶ୍ରାମ ନେଇଥିବାବେଳେ ଘର କାନ୍ଥ ପଡିଯାଇଥିଲା। ତେବେ କାନ୍ଥଟି ବାହାର ପଟକୁ ପଡିଯିବାରୁ ସେମାନେ ବର୍ତ୍ତିଥିଲେ। ଏବେ ଏହି ଦୁଇ ପରିବାର ଘୋର ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ପୌରାଧକ୍ଷା ଓ କର୍ତ୍ତୃପକ୍ଷ ଅନ୍ୟାନ୍ୟ ପଡାକୁ ଯାଇ ବର୍ଷା ବିପନ୍ନଙ୍କୁ ସହାୟତା ଦେଇଥିଲେ ।

ସାଲେପାଲିଠାରେ ଭାଙ୍ଗି ଯାଇଥିବା ଘର କାନ୍ଥ ସ୍ଥଳରେ ବିପନ୍ନ ପରିବାର ସଦସ୍ୟଙ୍କୁ ପୌରାଧକ୍ଷା ସନ୍ତୋଷିନୀ ବେହେରା ଭେଟୁଛନ୍ତି ।

■ ସରକାରୀ ମହିଳା ମହାବିଦ୍ୟାଳୟରେ ଗଙ୍ଗାଧର ଜୟନ୍ତୀ

# ତପସ୍ୱିନୀର ସୀତା ପୁରୁଷ ବିରୋଧୀ ନୁହନ୍ତି

## ସ୍ମୃତି ସମିତି ପକ୍ଷରୁ ଛାତ୍ରୀଛାତ୍ର ପୁରସ୍କୃତ

**ଟିଟିଲାଗଡ଼, ୨୮।୮ (ଡି.ଏନ.ଏ)**

ଟିଟିଲାଗଡ ଗଙ୍ଗାଧର ମେହେର ସ୍ମୃତି ସମିତି ପକ୍ଷରୁ ସ୍ୱଭାବ କବିଙ୍କ ଜୟନ୍ତୀ ପାଳନ ହୋଇଯାଇଛି। ଏନେଇ ସ୍ଥାନୀୟ ମାହେଶ୍ୱର ହିନ୍ଦୀ ହାଇସ୍କୁଲ ପରିସରରେ ଡ. ବିନୋଦ ବିହାରି ଜାଳଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ପ୍ରାଧାପକ ଡ. ଅଳାମ୍ବର ମଲ୍ଲ ଯୋଗଦେଇଥିଲେ। ହିନ୍ଦୀ ହାଇସ୍କୁଲର ପ୍ରଧାନଶିକ୍ଷକ ସତ୍ୟନାରାୟଣ ଥନାପତି, ସ୍ମୃତି ସମିତି ସମ୍ପାଦକ ଅଶ୍ୱିନୀ ମହାନ୍ତି ସମ୍ମାନିତ ଅତିଥି ଭାବେ ଯୋଗଦେଇ କବିଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ସତ୍ୟବ୍ରତ ପଣ୍ଡା ସଭା ପରିଚାଳନା ତଥା ବରିଷ୍ଠ ଆଇନଜୀବୀ ରବିକିରଣ ସ୍ୱାଇଁ ସ୍ୱାଗତ ସମ୍ଭାଷଣ ପ୍ରଦାନ କରିଥିଲେ। ଗଙ୍ଗାଧରଙ୍କ ଜୀବନୀ ଉପରେ ଅନୁଷ୍ଠିତ ଓଡିଆ ବକ୍ତୃତାରେ ପ୍ରଥମ ଶୁଭ୍ରାଂସୁ ସାହୁ, ଦ୍ୱିତୀୟ ସିଦ୍ଧାନ୍ତ ରାୟ, ତୃତୀୟ ଅଞ୍ଚଳ ଅଗ୍ରୱାଲ, ପ୍ରବନ୍ଧ ପ୍ରତିଯୋଗିତାରେ ପ୍ରଥମ ଶ୍ୱେତା ପଣ୍ଡା, ଦ୍ୱିତୀୟ ଓମ୍‌ପ୍ରକାଶ ପୃଷ୍ଟି, ତୃତୀୟ ଅନ୍ନପୁର୍ଣ୍ଣା ନନ୍ଦ, ଓଡିଆ ଗୀତରେ ପ୍ରଥମ ପ୍ରତିଭା ଦାସ, ଦ୍ୱିତୀୟ ବିଶାଳ ପାଣ୍ଡୁଆ, ତୃତୀୟ ତୃପ୍ତିମୟୀ ବାଗଙ୍କୁ ଅତିଥିବୃନ୍ଦ ସମ୍ବର୍ଦ୍ଧିତ କରିଥିଲେ। କାର୍ଯ୍ୟକ୍ରମରେ ପ୍ରାଧାପକ ଡ. ଦୋଳଗୋବିନ୍ଦ ବିଶି, ଜଗନ୍ନାଥ ପଣ୍ଡା, ବିଶ୍ୱରାମ ଠାକୁର, ସେବକ ଚରଣ ଦାସ, ଲକ୍ଷ୍ମୀ ନୃସିଂହ ଚୌଧୁରୀ, ଡ. ଘନଶ୍ୟାମ ଜୈନ, ବିଭାସ ଚନ୍ଦ୍ର କୁଣ୍ଡୁ, ଘନଶ୍ୟାମ ଗୋୟଲ ତଥା ବିଭିନ୍ନ ଶିକ୍ଷାନୁଷ୍ଠାନର ଶିକ୍ଷୟିତ୍ରୀ, ଶିକ୍ଷକ ଓ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ।

### ଗଙ୍ଗାଧର ଥିଲେ କାଳଜୟୀ ସ୍ରଷ୍ଟା

**ଚିକ୍ରାପଡା,୨୮।୮(ଡି.ଏନ.ଏ.)**

ସଇଁନ୍ତଲା ବ୍ଲକ କେନ୍ଦୁଡଡାର ସ୍ଥିତ ଅଖିଳ ଭାରତୀୟ ଆଦିବାସୀ ହାଇସ୍କୁଲରେ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଜୟନ୍ତୀ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି । ପ୍ରଧାନ ଶିକ୍ଷକ ସ୍ୱାଧିନ ଗୁଡେକ ଅଧ୍ୟକ୍ଷତା କର

ମୃତ୍ୟୁ ସମୟରେ ଯଦି ଆମର ମନ ଇଷ୍ଟ ବା ଗୁରୁଙ୍କଠାରେ ଯୋଗ ହୋଇଥାଏ ତେବେ ମୁକ୍ତି ମିଳିଥାଏ।
- ଶିରିଡ଼ି ସାଇବାବା



## ସଂକ୍ଷେପରେ

### ପାଟଣାଗଡ଼ରେ ସମ୍ବିଧାନ ବଞ୍ଚାଅ ରାଲି

**ପାଟଣାଗଡ, ୨୮।୮(ଡି.ଏନ.ଏ.) :** ଦିଲ୍ଲୀର ଜନ୍ତରମନ୍ତର ପଡିଆରେ ଗତ ଅଗଷ୍ଟ ୯ତାରିଖ ଦିନ କେତେକ ଦୁର୍ବୃତ୍ତ ସମ୍ବିଧାନ ପୋଡିବା ଘଟଣାକୁ ବିରୋଧ କରି ମଙ୍ଗଳବାର ପାଟଣାଗଡ ଆଦିବାସୀ ଦଳିତ ମଞ୍ଚ ତରଫରୁ ସମ୍ବିଧାନ ବଞ୍ଚାଅ ରାଲି କାର୍ଯ୍ୟକ୍ରମ କରାଯିବାକୁ ସ୍ଥିର କରାଯାଇଥିଲା। ପ୍ରଥମେ ଆଦିବାସୀ ସଂଘ ଏବଂ ଦଳିତ ମଞ୍ଚ ତରଫରୁ ଏହି ସମ୍ବିଧାନ ବଚାଅ ରାଲି କରାଯିବାର ସ୍ଥିରୀକୃତ ହୋଇଥିଲା। ସୋମବାର ସ୍ଥାନୀୟ ଓବିସି ମଞ୍ଚ ମଧ୍ୟ ଏହି ରାଲିରେ ମିଶିବାକୁ ନିଷ୍ପତ୍ତି ନେଇଥିଲା। ହେଲେ ଓବିସି ମଞ୍ଚ ଆବାହକ ଏକ ନିର୍ଦ୍ଦିଷ୍ଟ ରାଜନୈତିକ ଦଳର ହୋଇଥିବା ଯୋଗୁଁ ଆଦିବାସୀ ସଂଘ ଏଥିରୁ ଓହରି ଯାଇଥିଲା। ଆଦିବାସୀ ଓ ଦଳିତ ସଂଘ ଏହି ରାଲି ପାଇଁ ପ୍ରସ୍ତୁତି ହୋଇଥିବା ବେଳେ କିଛି ଦଳିତ ନେତାଙ୍କ ସହ ମିଶି ଓବିସି ମଞ୍ଚର ଆବାହକ ଏହି ରାଲିରେ ଯୋଗଦେବାକୁ ମନସ୍ଥ କରି କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ଆଦିବାସୀ ସଂଘର କର୍ମକର୍ତ୍ତାମାନେ ଏହାକୁ ବିରୋଧ କରି ଏହା ରାଜନୈତିକ ଉଦ୍ଦେଶ୍ୟ ହେଉଥିବା ମନେକରି ଏହି ରାଲିରୁ ଓହରି ଯାଇଥିବା ପ୍ରକାଶ କରିଛନ୍ତି। ତେବେ ମଧ୍ୟାହ୍ନ ୧୨ଟାରେ ଓବିସି ମଞ୍ଚର କେତେକ ସଦସ୍ୟ ଏବଂ ଦଳିତ ସଂଘର ସଦସ୍ୟମାନେ ସ୍ଥାନୀୟ ଗଡଭିତର ପଡିଆରୁ ବାହାରି ଉପଜିଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଏକ ରାଲିରେ ଆସିଥିଲେ। ସେଠାରେ ଏକ ପ୍ରତିବାଦ ସଭା କରି ଉପସ୍ଥିତ ଆନ୍ଦୋଳନକାରୀ ଭାଜପା ମୁର୍ଦ୍ଦାବାଦ, ନରେନ୍ଦ୍ର ମୋଦି ମୁର୍ଦ୍ଦାବାଦ, ଜେନେରାଲ କାଷ୍ଟ ମୁର୍ଦ୍ଦାବାଦ, ବ୍ରାହ୍ମଣବାଦ୍ ମୁର୍ଦ୍ଦାବାଦ ବୋଲି ନାରା ଦେଇଥିଲେ। ଭାଜପା ସରକାର ଦଳିତ ବିରୋଧି ଏବଂ ଆରକ୍ଷଣ ବିରୋଧି ବୋଲି କଟୁ ସମାଲୋଚନା କରିଥିଲେ। ପରେ ଉପଜିଲାପାଳ ଯଦୁମଣି ମହଲାଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ।

### ୧୬ ମାସ ହେଲା ରାଶନ ସାମଗ୍ରୀ ମିଳିନି

**ଲୋଇସିଂହା,୨୮।୮(ଡି.ଏନ.ଏ.):** ଲୋଇସିଂହା ବ୍ଲକ ରାଏପାଲି ଗ୍ରାମ(ଦୁମଦୁମି)ର ବୃନ୍ଦା ମେହେରଙ୍କ ରାଶନ କାର୍ଡକୁ ଯୋଗାଣ ବିଭାଗ ପକ୍ଷରୁ ହୋଲ୍ଡ କରି ଦିଆଯାଇଛି। ଫଳରେ ତାଙ୍କ ପରିବାର ୧୬ମାସ ହେଲା ପଞ୍ଚାୟତରୁ ରାଶନ ସାମଗ୍ରୀ ବଞ୍ଚିତ ରହିଛନ୍ତି। ଅଭିଯୋଗ ମତେ, କୁଟେନପାଲି ପଞ୍ଚାୟତ ଦୁମଦୁମି ଗ୍ରାମର ରାଏପାଲି ମୋଚି ପଡାରେ ଦୁର୍ଯ୍ୟୋଧନ ମେହେରଙ୍କ ସ୍ତ୍ରୀ ବୃନ୍ଦାଙ୍କ ନାମରେ ରାଶନ କାର୍ଡ ରହିଛି। ଏହି କାର୍ଡରେ ସେମାନେ ପଞ୍ଚାୟତରୁ ରାଶନ ସାମଗ୍ରୀ ଉଠାଇ ଆସୁଥିଲେ। ଗତ ଏପ୍ରିଲ୨୦୧୭ରେ ପଞ୍ଚାୟତକୁ ପିଡିଏସ ସାମଗ୍ରୀ ଆଣିବାକୁ ଯାଇଥିବାବେଳେ କାର୍ଡ ହୋଲ୍ଡା ହୋଇଥିବା କହି ରାଶନ ସାମଗ୍ରୀ ଦିଆ ଯାଇ ନ ଥିଲା। ବ୍ଲକ ଯୋଗାଣ ଅଧିକାରୀଙ୍କ ପାଖରେ ଆଧାର କାର୍ଡ ପ୍ରଦାନ କରାଯାଇଥିଲେ ମଧ୍ୟ ସମାଧାନ ହୋଇ ପାରିନାହିଁ। ଦୁଇମାସ ତଳେ ଜିଲାପଳଙ୍କ ଅଭିଯୋଗ ପ୍ରକୋଷ୍ଠକୁ ଯାଇ ଅଭିଯୋଗ ଦାଖଲ କରିଥିଲେ। ହେଲେ ମିଳିନି ସୁଫଳ। ଫଳରେ ତାଙ୍କ ପରିବାର ଖାଦ୍ୟଭାବର ସମ୍ମୁଖୀନ ହେଉଥିବା ଦୁର୍ଯ୍ୟୋଧନ ଅଭିଯୋଗ କରିଛନ୍ତି। ଜିଲା ପ୍ରଶାସନ ଦୃଷ୍ଟିଦେଇ ପଦକ୍ଷେପ ନେବାକୁ ଦାବି ହେଉଛି।

ହାଇକୋର୍ଟଙ୍କ ରହିତାଦେଶ

# ଦେବାଳିଆ କମ୍ପାନୀକୁ ଖଣି ଆବଣ୍ଟନ

**କଟକ ଅଫିସ, ୨୮।୮**

## ରାଜ୍ୟ ସରକାରଙ୍କ ଅବହେଳା

ରାଜ୍ୟ ସରକାରଙ୍କ ଅବହେଳା କାରଣରୁ ଖଣି ଆବଣ୍ଟନରେ ଗୁରୁତର ବିଭ୍ରାଟ ଉପୁଜିଛି। ଆଇନ ଉଲ୍ଲଂଘନ କରାଯାଇ ୩ଟି ଦେବାଳିଆ କମ୍ପାନୀକୁ ଖଣି ଆବଣ୍ଟନ କରାଯାଇଥିଲା। ଏହା ଉପରେ ହାଇକୋର୍ଟରେ ଆଡଭୋକେଟ୍ ଚିତ୍ତରଞ୍ଜନ ସାହୁ ଏକ ଜନସ୍ୱାର୍ଥ ମାମଲା ଦାଏର କରିଥିଲେ। ଆଗତ ମାମଲାର ଶୁଣାଣି କରି ହାଇକୋର୍ଟ ସୋମବାର ଆବଣ୍ଟନ ପ୍ରକ୍ରିୟା ଉପରେ ରହିତାଦେଶ ଜାରି କରିଛନ୍ତି। ସୂଚନା ଅନୁଯାୟୀ, ୨୦୧୫ ଖଣି ଆଇନ ସଂଶୋଧନ ପରେ ଖଣି ଆବଣ୍ଟନ ପାଇଁ ନିଲାମ ପ୍ରକ୍ରିୟାକୁ ବାଧତାମୂଳକ କରାଯାଇଥିଲା। ଏହି ଅନୁଯାୟୀ ୨୦୧୬ ମାର୍ଚ୍ଚ ୨୮ରେ ଘୋରବୁରହାଣି ଖଣିକୁ ଏସ୍ଆର୍ ଷ୍ଟିଲ୍ ଲିମିଟେଡ୍, ୨୦୧୭ ଜୁନ ୨୪ ତାରିଖରେ କଲମଙ୍ଗା ଖଣିକୁ ଭୂଷଣ ଷ୍ଟିଲ ଲିମିଟେଡ୍ ଓ ୨୦୧୭ ଜୁନ ୨୪ରେ ନେତ୍ରବନ୍ଧ ପାହାଡ଼ ଖଣିକୁ ଭୂଷଣ ପାୱାର ଆଣ୍ଡ ଷ୍ଟିଲ୍ ଲିମିଟେଡ୍‌କୁ ଆବଣ୍ଟିତ କରାଯାଇଥିଲା। ମାତ୍ର ଖଣି ଆଇନ ଅନୁଯାୟୀ ଟେଣ୍ଡର ପ୍ରକ୍ରିୟା ସମୟରେ ଉପରୋକ୍ତ କମ୍ପାନୀଗୁଡ଼ିକର ଆର୍ଥିକ ସ୍ଥିତିକୁ ବିଚାରକୁ ନିଆଯାଇ ନ ଥିଲା। ଏପରି କି ଟେଣ୍ଡର ପରେ ଉପରୋକ୍ତ କମ୍ପାନୀଗୁଡ଼ିକୁ ଲେଟର ଅଫ୍ ଇନଣ୍ଟେଣ୍ଟ ଇସ୍ୟୁ କରାଯାଇଥିଲା। ସେତେବେଳକୁ ୩ କମ୍ପାନୀ ରଣଯନ୍ତାରେ ବୁଡ଼ି ରହିଥିଲେ। ଋଣ ପରିଶୋଧ କରିବାରେ ଅସମର୍ଥ ହୋଇଥିବା ଯୋଗୁ ସେଗୁଡ଼ିକୁ ନ୍ୟାଶନାଲ କମ୍ପାନୀ ଲ ଟ୍ରିବ୍ୟୁନାଲ (ଏନ୍‌ସିଏଲ୍‌ଟି)ର ଦିଲ୍ଲୀ ଓ ଅହମ୍ମଦାବାଦ ବେଞ୍ଚ ଦେବାଳିଆ ଘୋଷଣା କରିଥିଲେ। ଏହି ସମସ୍ତ ପ୍ରସଙ୍ଗକୁ ରାଜ୍ୟ ସରକାର ନଜର ନ ଦେଇ ଉକ୍ତ ୩ କମ୍ପାନୀକୁ ବେଆଇନ ଭାବେ ଖଣି ଆବଣ୍ଟନ କରାଯାଇଥିବା ଆବେଦନକାରୀ ସାହୁ ତାଙ୍କ ପିଟିଶନରେ ହାଇକୋର୍ଟଙ୍କୁ ଦର୍ଶାଇଥିଲେ। ଆବେଦନକାରୀଙ୍କ ପକ୍ଷରୁ ଆଡଭୋକେଟ ମାତୃଗୁପ୍ତ ମିଶ୍ର ମାମଲା ପରିଚାଳନା କରୁଛନ୍ତି।

ଆଡଭୋକେଟ ମିଶ୍ରଙ୍କ ସୂଚନା ଅନୁଯାୟୀ, ଉପରୋକ୍ତ ବେଆଇନ ନିଲାମ ସମ୍ପର୍କରେ ହାଇକୋର୍ଟ ସରକାରଙ୍କଠାରୁ ଗତ ମେ ୩୦ ତାରିଖରେ ଜବାବ ଲୋଡିଥିଲେ। ଗତ ଜୁଲାଇ ୩ ମଧ୍ୟରେ ଜବାବ ଦାଖଲ କରିବାକୁ ହାଇକୋର୍ଟ ସରକାରଙ୍କୁ ଆଦେଶ ଜାରି କରିଥିଲେ। କିନ୍ତୁ ଧାର୍ଯ୍ୟ ସମୟ ମଧ୍ୟରେ ସରକାର ଜବାବ ଦାଖଲ ନ କରିବାରୁ ପୁନର୍ବାର ଆଉ ୧ ମାସ ସମୟ ଦିଆଯାଇଥିଲା। ପରବର୍ତ୍ତୀ ଶୁଣାଣି ଅଗଷ୍ଟ ୨୭ ତାରିଖକୁ ଧାର୍ଯ୍ୟ ହୋଇଥିଲା। ମାତ୍ର ସରକାର ଧାର୍ଯ୍ୟ ତାରିଖରେ ଜବାବ ଦାଖଲ କରିବାରେ ବିଫଳ ହୋଇଥିବା ଆଡଭୋକେଟ ମିଶ୍ର ସୂଚନା ଦେଇଛନ୍ତି।

## ଟୁଷୁରାରେ ଗଙ୍ଗାଧର ଜୟନ୍ତୀ

**ଗୁଡଭେଲା,୨୮।୮(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଟୁଷୁରାସ୍ଥିତ ତୋଷାଳୀ ମହିଳା ମହାବିଦ୍ୟାଳୟରେ ମଙ୍ଗଳବାର ଗଙ୍ଗାଧର ମେହେରଙ୍କ ଜୟନ୍ତୀ ପାଳିତ ହୋଇଯାଇଛି । ପୂର୍ବତନ ଜିଲା ପରିଷଦ ସଭ୍ୟା ସୌଦାମିନୀ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଅଧ୍ୟାପକ ଦାଶରଥୀ ଆଚାର୍ଯ୍ୟ ମୁଖ୍ୟବକ୍ତାଭାବେ ଯୋଗଦେଇ ଗଙ୍ଗାଧରଙ୍କ କବିତା, ସାହିତ୍ୟ ତଥା ତାଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ । ପରିଚାଳନା କମିଟି ସମ୍ପାଦକ ରାଜେଶ ସରାଫ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ନିର୍ଦ୍ଦେଶକ ସଞ୍ଜୀବ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ ।

ଲକ୍ଷ୍ମୀଯୋର ସେତୁ ଉଦ୍‌ଘାଟନୀ ଉତ୍ସବରେ ମଞ୍ଚାସୀନ ଅତିଥି ।

## ଲକ୍ଷ୍ମୀଯୋର ସେତୁ ଉଦ୍‌ଘାଟିତ

**ବଲାଙ୍ଗୀର ଅଫିସ, ୨୮।୮**

ବଲାଙ୍ଗୀର ଲକ୍ଷ୍ମୀଯୋର ଉପରେ ନିର୍ମିତ ନୂଆ ପୋଲକୁ ମଙ୍ଗଳବାର ଏମପି କଲିକେଶ ନାରାୟଣ ସିଂଦେଓ ଉଦ୍‌ଘାଟନ କରିଛନ୍ତି । ଏହା ସହିତ ବିକେସିସି ରୋଡ, ୪୨ ନମ୍ବର ରାଜ୍ୟ ରାଜପଥର ୩ କିମି ପର୍ଯ୍ୟନ୍ତ ନୂଆ ରାସ୍ତାକୁ ଉଦ୍‌ଘାଟିତ ହୋଇଥିଲା। ଏହି ପରିପ୍ରେକ୍ଷୀରେ ଯାଦବ ଭବନଠାରେ ଏକ ସଭା ଆୟୋଜନ କରାଯାଇଥିଲା। ସଭାକୁ ଯୁବନେତା ମନୀଷ କୁମାର ମିଶ୍ର ପରିଚାଳନା କରିଥିଲେ । ସଭାରେ ଅନ୍ୟମାନଙ୍କ ମଧ୍ୟରେ ଯୁବନେତା ଅର୍କେଶ ନାରାୟଣ ସିଂଦେଓ, ପୌରାଧ୍ୟକ୍ଷା ସନ୍ତୋଷିନୀ ବେହେରା, ଜିଲା ଯୁବ ବିଜେଡି ସଭାପତି ଲୋଟସ ଷଡଙ୍ଗୀ, ଏମପି ପ୍ରତିନିଧି ଧ୍ରୁବ ଜୁଏଡ, ପ୍ରଦ୍ୟୁତ ମିଶ୍ର ମଞ୍ଚାସୀନ ଥିଲେ । କାର୍ଯ୍ୟକ୍ରମରେ ଉପାଧ୍ୟକ୍ଷା ଲିପିଶ୍ରୀ ସାଏ, ଉପେନ ଦୀପ, ମହେନ୍ଦ୍ର ବାଗ, ଦେବାଶିଷ ଦାସ, ଗୁଞ୍ଜ ଖାନ୍, ସାଗର ସଙ୍ଗମ ଶତପଥି, ସନ୍ତୋଷ ଦନ୍ତା, ରାଜୁ ବାଗ, ସଞ୍ଜୀବ ମିଶ୍ର, ପ୍ରଦୀପ ଗୁରୁ, ଅଶୋକ ମହାନ୍ତି, ଜୟରାମ ମିଶ୍ର, ନରସିଂହ ବାଗ, ନରହରି ରାଉତଙ୍କ ସହ ବହୁ କର୍ମୀ ଓ ନେତା ଉପସ୍ଥିତ ଥିଲେ ।

■ ବାଇପାସ୍ ଜମି ମୂଲ୍ୟାୟନ ଚଞ୍ଚକତା ତଦନ୍ତ ପାଇଁ ଭିଜିଲାନ୍ସକୁ ଅଭିଯୋଗ

# ଏସ୍‌ପିଙ୍କ ଉଦ୍ଦେଶ୍ୟରେ ଆକ୍ସନ କମିଟିର ଦାବିପତ୍ର

**ବଲାଙ୍ଗୀର ଅଫିସ, ୨୮।୮**

## ସଂଶୋଧନ ପରେ ୨୪୧ରୁ ୧୯୦ କୋଟିକୁ ଖସିଲାଣି

ବଲାଙ୍ଗୀର ବାଇପାସ୍ ରାସ୍ତାର ଜମି ମୂଲ୍ୟାୟନରେ ଘୋର ଚଞ୍ଚକତା ହୋଇଥିବା ଜଣାପଡିବା ପରେ ଏହି ଘଟଣା ବାରମ୍ବାର ଚର୍ଚ୍ଚାର ବିଷୟ ହୋଇଛି । ମଙ୍ଗଳବାର ବଲାଙ୍ଗୀର ଆକ୍ସନ କମିଟି ସଦସ୍ୟମାନେ ଆବାହକ ଗୋପାଳଜୀ ପାଣିଗ୍ରାହୀଙ୍କ ନେତୃତ୍ୱରେ ସ୍ଥାନୀୟ ଭିଜିଲାନ୍ସ ଅଫିସକୁ ଯାଇଥିଲେ। ସମ୍ବଲପୁର ଭିଜିଲାନ୍ସ ଏସପିଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଡିଏସ୍‌ପି ପରମେଶ୍ୱର କିଶାନଙ୍କୁ ପ୍ରଦାନ କରିଥିଲେ । ଉକ୍ତ ଅଭିଯୋଗପତ୍ରରେ ବାଇପାସ୍ ଜମି ମୂଲ୍ୟାୟନ ଚଞ୍ଚକତା ଉପରେ ବ୍ୟାପକ ତଦନ୍ତ କରି ଏଥିରେ ସମ୍ପୃକ୍ତ ଥିବା ସରକାରୀ ଅଧିକାରୀ, ଜମି ମାଫିଆ ଓ ରାଜନେତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି । ଉକ୍ତ ଅଭିଯୋଗପତ୍ରରେ ଦର୍ଶାଯାଇଛି ଯେ, ୨୦୧୩ ଭୂମି ଅଧିଗ୍ରହଣ ଆଇନ୍ କାର୍ଯ୍ୟକାର ହେବା ପରେ

ବଲାଙ୍ଗୀର ଭିଜିଲାନ୍ସ ଡିଏସ୍‌ପି ଅଫିସକୁ ଆକ୍ସନ କମିଟି ସଦସ୍ୟମାନେ ଦାବିପତ୍ର ଦେବାକୁ ଆସିଛନ୍ତି ।

ଏହି ପ୍ରସ୍ତାବିତ ବାଇପାସ୍ ରାସ୍ତା ପାଇଁ ୨୪୧କୋଟି ସଂଶୋଧିତ ବ୍ୟୟ ଅଟକଳ କେନ୍ଦ୍ର ସଡକ, ପରିବହନ ଓ ଜାତୀୟ ରାଜପଥ ମନ୍ତ୍ରଣାଳୟକୁ ପଠାଯାଇଥିଲା । ତେବେ ଉକ୍ତ ବ୍ୟୟ ଅଟକଳକୁ ମନ୍ତ୍ରଣାଳୟ ବ୍ୟାପକ ଅନିୟମିତିତା ଥିବା ଦର୍ଶାଇ ଫେରାଇ ଦେଇଥିଲେ । ଏହାପରେ ପୁଣି ଥରେ ସଂଶୋଧନ କରାଯାଇ ୨୨୪.୭୦ କୋଟିର ସଂଶୋଧିତ ବ୍ୟୟ ଅଟକଳ ପଠାଯାଇଥିଲା । ଏହାକୁ ମଧ୍ୟ ମନ୍ତ୍ରଣାଳୟ ଗ୍ରହଣ କରି ନ ଥିଲେ । ଏହାପରେ କଣ୍ଟିଜେନ୍ସି କଷ୍ଟକୁ ୨୦ ପ୍ରତିଶତରୁ ୨.୫ ପ୍ରତିଶତକୁ କମାଇ ଦିଆଯାଇଥିଲା । ଏବେ ଏହି ବ୍ୟୟ ଅଟକଳ ୧୯୦.୭୧ କୋଟିକୁ ପହଞ୍ଚିଥିବା କୁହାଯାଇଛି। ୨୪୧ କୋଟିରୁ ୧୯୦ କୋଟିକୁ ବ୍ୟୟ ଅଟକଳ ଖସିବା ପରେ ଏଥିରେ ବ୍ୟାପକ ଜାଲିଆତି ହୋଇଥିବା ସନ୍ଦେହ କରି ଆକ୍ସନ କମିଟି ଏହି ଘଟଣାର ଉଚ୍ଚସ୍ତରୀୟ ତଦନ୍ତ କରିବାକୁ ଭିଜିଲାନ୍ସ ଏସପିଙ୍କୁ ଚିଠି ଲେଖିଛନ୍ତି।

# କର୍ଦ୍ଦମାକ୍ତ ହୋଇପଡିଛି କୁଲିଆବାହାଲ-ବଗଡା ରାସ୍ତା

**ଦେଓଗାଁ,୨୮।୮(ଡି.ଏନ.ଏ)**

କର୍ଦ୍ଦମାକ୍ତ ହୋଇଯାଇଛି କୁଲିଆବାହାଲ-ବଗଡା ରାସ୍ତା ।

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ସାଲେପାଲି ପଞ୍ଚାୟତ ଅନ୍ତର୍ଗତ କୁଲିଆବାହାଲରୁ ବଗଡା ରାସ୍ତା କର୍ଦ୍ଦମାକ୍ତ ହୋଇ ଶୋଚନୀୟ ହୋଇପଡିଛି । ଏଣୁ ଏହି ରାସ୍ତାର ଉନ୍ନତିକରଣ କରାଯାଇ କଂକ୍ରିଟକରଣ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି । ଏହି ରାସ୍ତାରେ ପୂର୍ବରୁ କେବଳ ମାଟିକାମ ହୋଇଥିବାରୁ ବର୍ତ୍ତମାନ ବର୍ଷାରେ କାଦୁଅପୂର୍ଣ୍ଣ ହୋଇପଡିଛି। ଫଳରେ ଲୋକେ ଯିବା ଆସିବା କରିପାରୁ ନାହାନ୍ତି । ଏହି ରାସ୍ତାର ଉନ୍ନତୀକରଣ ପାଇଁ ବାରମ୍ବାର ପ୍ରଶାସନ ଓ ଜନପ୍ରତିନିଧିଙ୍କୁ ଗ୍ରାମବାସୀ ଲିଖିତ ଅଭିଯୋଗ କରିଆସୁଥିଲେ ସୁଦ୍ଧା ଏଥିପ୍ରତି କର୍ଣ୍ଣପାତ କରାଯାଉ ନ ଥିବା ଗ୍ରାମବାସୀ କହିଛନ୍ତି । ଗତବର୍ଷ ମଧ୍ୟ ବର୍ଷା ସମୟରେ ଏହି ରାସ୍ତାର ଏଭଳି ଦୁରାବସ୍ଥା ହେବାରୁ ଗାଁ ବାସିନ୍ଦା ରାସ୍ତାରେ ଧାନ ପହ୍ଲା ରୋଇ ପ୍ରତିବାଦ କରିଥିଲେ । ହେଲେ ପ୍ରଶାସନ ହେଜିନାହିଁ ବୋଲି ଗ୍ରାମର ପବିତ୍ର ଥନାପତି, ବସୁଦେବ ମିର୍ଦ୍ଧା, ମନୋରଞ୍ଜନ ମିର୍ଦ୍ଧା, କେଶବ ମାଝୀ, ସୋନୁ ଭୋଇ, ଯବଦୁ ମାଝୀ ପ୍ରମୁଖ ଅଭିଯୋଗ କରିଛନ୍ତି। ଚଳିତ ବର୍ଷ ବ୍ଲକ ପ୍ରଶାସନ ଏହି ରାସ୍ତାର ଉନ୍ନତିକରଣ ଦିଗରେ କୌଣସି ପଦକ୍ଷେପ ଗ୍ରହଣ ନ କଲେ ଗ୍ରାମବାସୀ ବ୍ଲକ ଅଫିସ ସମ୍ମୁଖରେ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି । ବିଡିଓ ଶଙ୍କର ପ୍ରସାଦ ସାହୁଙ୍କୁ ଏ ନେଇ ପଚାରିବାରୁ ଉକ୍ତ ରାସ୍ତା ଉନ୍ନତୀକରଣ ଦିଗରେ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି।

# ସଂକୁଳସ୍ତରୀୟ ଜ୍ଞାନବିଜ୍ଞାନ ମେଳା

**ଗୁଡଭେଲା,୨୮।୮(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଟୁଷୁରା ସରସ୍ୱତୀ ଶିଶୁବିଦ୍ୟା ମନ୍ଦିର ପରିସରରେ ସଂକୁଳସ୍ତରୀୟ ଜ୍ଞାନବିଜ୍ଞାନ ମେଳା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି । ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଧନଞ୍ଜୟ ପ୍ରଧାନ ମେଳାକୁ ଅନୁଷ୍ଠାନିକ ଭାବେ ଏହାକୁ ଉଦ୍‌ଘାଟନ କରିଥିଲେ । ପ୍ରଧାନ ଆଚାର୍ଯ୍ୟ ତଥା ସଂକୁଳ ସଂଯୋଜକ ରବିନ୍ଦ୍ର ମିଶ୍ରଙ୍କ ସଭାପତିତ୍ୱରେ ଏକ ଉଦ୍‌ଯାପନୀ ସଭା ଅନୁଷ୍ଠିତ ହୋଇଥିଲା। ସାମାଜିକ କର୍ମୀ ମହେନ୍ଦ୍ର ଠାକୁର ମୁଖ୍ୟଅତିଥି ଭାବେ ଯୋଗଦେଇ ଜ୍ଞାନବିଜ୍ଞାନ ଉପରେ ଆଲୋକପାତ କରିଥିଲେ । ପ୍ରାନ୍ତ ବିସ୍ତୃତ ପରିଷଦର ସଂଯୋଜକ ରୁଦ୍ରନାରାୟଣ ବେହେରା, ଦକ୍ଷିଣ-ପଶ୍ଚିମ ସମ୍ବାଗ ସଂଯୋଜକ ଜ୍ୟୋତିରଞ୍ଜନ ମିଶ୍ର, ମନୋଜ ଜୈନ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ । ଦେବାଷିଶ ସାହୁ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଛାତ୍ରୀ ସୁଦୀକ୍ଷୀତା ପଟ୍ଟନାୟକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ଏହି ମେଳାରେ ସଂକୁଳ ଅନ୍ତର୍ଗତ ଟୁଷୁରା, ସଇଁତଲା, ଛନଛଡା, ତେନ୍ତୁଳିଖୁଣ୍ଟି, ଚିକ୍ରାପଡା ଓ ଗୁଡଭେଲାର ଶିଶୁ ମନ୍ଦିରର ଛାତ୍ରୀଛାତ୍ରମାନେ ବିଜ୍ଞାନ ପ୍ରଶ୍ନମଞ୍ଚ, ବୈଦିକ ଗଣିତ ପ୍ରଶ୍ନମଞ୍ଚ, ସଂସ୍କୃତି ଜ୍ଞାନ ପ୍ରଶ୍ନମଞ୍ଚ, ବିଜ୍ଞାନ ପ୍ରକଳ୍ପ ଆଦିରେ ଭାଗ ନେଇଥିଲେ । ଏହି ମେଳାରେ ୨୭ଟି ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶନ କରାଯାଇଥିଲା। ଆଶୁ କବି ହେମନ୍ତ ଦାଶ ଧନ୍ୟବାଦ ଅର୍ପଣ କରିଥିବା ବେଳେ କୃତି ପ୍ରତିଯୋଗିଙ୍କୁ ପୁରସ୍କୃତ କରାଯାଇଥିଲା ।

ଝରି ବର୍ଷାରେ ଶୁଇପଡ଼ଲା ଘରର୍ କାଁଥି

# ପଲିଥିନ୍ ତଳେ ଅସାହା ପରିବାର

**ପୁଇଁତଳା,୨୮।୮(ଡି.ଏନ.ଏ.)**

ନିଜର ଦର୍‌ଭଁଗା କୁରିଆ ଆଘେ ଦୁଇ ମାଏଝି ମୁନୁଷ୍ ।

କେନ୍ଦ୍ର ଆର୍ ରାଏଜ୍ ସରକାର ଗରିବ୍‌ମାନକର ଥଇଥାନ୍ ଲାଗି ଯୋଜ୍‌ନା ଉପ୍‌ରେ ଯୋଜ୍‌ନା କରଯ୍‌କରୀ କରୁଛନ୍। ହେଲେ ଇ ଯୋଜ୍‌ନାର ସୁଫଲ୍ ଗରିବ୍ ହିତାଧିକାରୀକଁର ପାସେ ନାଇଁ ପୁହୁଁଚି ପାର୍‌ବାର। ଯେନ୍‌ଥିର୍‌ଲାଗି ନିହାତି ଗରିବ୍, ଅସାହା ଲୋକ୍‌ମାନେ ଦୁଖେ କଷ୍ଟେ ଜୀବନ୍ ବିତଉଥିବାର ଦେଖ୍‌ବାକେ ମିଲୁଛେ। ଏନ୍‌ତା ଗୁଟେ ଘଟ୍‌ନା ଦେଖ୍‌ବାକେ ମିଲିଛେ ବଲାଙ୍ଗୀର ଜିଲା ପୁଇଁତଲା ବ୍ଲକ୍‌ର ରଣ୍ଡା ଗାଁରେ। ଗାଁର ବାସିନ୍‌ଦା ହେଉଛନ୍ ବୃନ୍ଦାବନ ନନ୍ଦ। ଗଲା ୨ ଦିନିଆଁ ଝରି ବର୍‌ଷାରେ ତାକର ମାଏଟ୍ କୁରିଆର କାଁଥି ଶୁଇପଡିଛେ। ଯେନ୍‌ଥିର୍‌ଲାଗି ଇ ନିହାତି ଅସାହା ଗରିବ୍ ପରିବାର ଏହେଦେ ପଲିଥିନ୍ ଟାନି ଆଶ୍‌ରେ ନେଇଥିବାର ଦେଖ୍‌ବାକେ ମିଲିଛେ। ସରକାରୀ ଯୋଜ୍‌ନାରେ ଘର୍‌ଖଁଡେ ପାଏବାର ଲାଗି ବୃନ୍ଦାବନ ପଁନ୍‌ଚେଡ୍‌ନୁ ବ୍ଲକ୍ ଅଫିସ୍ ନର୍‌ଦି ନର୍‌ଦି ନିହାଲ ହେଇଯାଇଛନ୍। ହେଲେ ତାକର ଗୁହାରି କେହି ନାଇଁ ଶୁନ୍‌ଲେ। ଝରି ବର୍‌ଷାରେ ତାକର ମାଏଟ୍ କୁରିଆର କାଁଥି ଶୁଇପଡ଼ଲାରୁ ଏହେଦେ ଦୁଇ ମାଏଝି ମୁନୁଷ୍ ବଡା ଗୁଲ୍‌ଗୁଲା ହେଇ ପଲିଥିନ୍ ତଳେ ଜୀବନ୍ ବିତଉଛନ୍। ଏନ୍‌ତାଥି ରାଏଡ୍ ହେଲେ ସାଁପ୍ ବଲୁଛେ ମୁଇଁ ଆର୍ କଁଟିଆ ବଲୁଛେ ମୁଇଁ, ସରା ରାଏଡ୍ ଉଜାଗର ରହେବାକେ ପଡୁଛେ ବଲି ଦୁଇ ମାଏଝି ମୁନୁଷ୍ ବଡା ଗୁଲ୍‌ଗୁଲା ହେଇ କହିଛନ୍। ଯେତେ ଜଲ୍‌ଦିହେବା ଇ ଗରିବ୍ ପରିବାରକେ ସରକାରୀ ଯୋଜ୍‌ନାରେ ସାମିଲ୍ କରି ଘର୍‌ଖଁଡେ ଯୁଗେଇ ଦେବାକେ ସାଧାରନ୍‌ରେ ଦାବି ହେଉଛେ।

ମଡେଲ ଡିଗ୍ରୀ କଲେଜ ଖୋଲିବା ଦାବି ତେଜିଲା

# ୭ଘଣ୍ଟା ଖପ୍ରାଖୋଲ ବନ୍ଦ

**ଖପ୍ରାଖୋଲ ୨୮।୮(ଡି.ଏନ.ଏ.)**

■ ଦୋକାନ ବଜାର,

## ସଂକ୍ଷେପରେ

### ତେଲ, ଉତ୍ତେଇରେ ୨ ଥର ବନ୍ୟା

ରିଷିଡା,୨୮।୮(ଡି.ଏନ.ଏ.)
କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକରେ ପ୍ରବାହିତ ତେଲ ଓ ଉତ୍ତେଇ ନଦୀରେ ୨ୟ ବନ୍ୟା ଆସିଛି । ବନ୍ୟାରେ ଘର ଦ୍ୱାର ଭାଙ୍ଗି ନ ଥିବା ବେଳେ ପ୍ରାୟ ୩୦୦ ହେକ୍ଟର ଚାଷ ଜମି ୨ଥର ପାଇଁ ବାଲିଚର ହୋଇଯାଇଛି। ବନ୍ୟାରେ ୧ମ ଥର ବାଲିଚର ହୋଇ ଚାଷୀ ହତାଶ ହୋଇଥିବା ବେଳେ ୨ୟ ଥର ବାଲିଚରରେ ଚାଷୀଙ୍କ ମେରୁଦଣ୍ଡ ଭାଙ୍ଗି ପଡିଛି । ଏହି ବ୍ଲକର ଉତ୍ତେଇ ନଦୀ କୂଳବର୍ତ୍ତି ରେଗେଡା, ବିଜାପାଟି, ଦେଓଗାଁ, ରିଞ୍ଜା, ବାଗବୁରାଇ, ସ-ମାଲପଡା ଏବଂ ତେଳନଦୀ କୂଳବର୍ତ୍ତି ପୁଟିଗାଁ, ବିନ୍ଧାଣୀ, ତେରେସିଂହା, କୁନ୍ଦେଇପାଲି, ତେରେକେଲା, ପୌରକେଲା, ଖରଖୁରା, ବୁଢ଼ାପଦର ଗ୍ରାମବାସୀ କ୍ଷତି ସହିଛନ୍ତି ।

### ଚାଷ ଜମିରେ ପଲିଥିନ, ଚାଷୀ ହତାଶ

ରିଷିଡା,୨୮।୮(ଡି.ଏନ.ଏ.)
କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ରିଷିଡା ଅଞ୍ଚଳରେ ପ୍ରବଳ ଲଗାଣ ବର୍ଷାରେ ଏଠାରେ ଥିବା ନାଳରେ ବନ୍ୟା ଆସି ପ୍ରାୟ ୨ ହେକ୍ଟର ଚାଷ ଜମି ବାଲିଚର ହୋଇଛି । ନାଳର କୂଳରେ ଥିବା ପ୍ରାୟ ୧ ଏକର ଚାଷ ଜମିରେ ପଲିଥିନ ଓ ଆବର୍ଜନା ମାଡିଯାଇ ଧାନ ଫସଲ ନଷ୍ଟ ହୋଇଛି । ସମ୍ପ୍ରତି ଆଧୁନିକ ମଣିଷ ପଲିଥିନକୁ ନିତ୍ୟ ବ୍ୟବହାର କରି ବାହାରେ ପିଙ୍କି ଦେଉଥିବା ବେଳେ ବନ୍ୟା ସମୟରେ ପଲିଥିନ ପାଣି ଭାସି ଚାଷ ଜମିରେ ମାଡି ଯାଇ ଫସଲ ହାନି କରୁଛି । ଗତ ୧୫ ଦିନରେ ୨ ଥର ଏଭଳି ହୋଇଥିବା ରିଷିଡାର ଚାଷୀ ସୁଶାନ୍ତ ରଣା ପ୍ରକାଶ କରିଛନ୍ତି ।

### ଛାତ୍ରୀଛାତ୍ରଙ୍କ ଡେଙ୍ଗୁ ସଚେତନତା ରାଲି

ରିଷିଡା,୨୮।୮(ଡି.ଏନ.ଏ.)
କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ଯମୁନାପୁର ପ୍ରାଥମିକ ବିଦ୍ୟାଳୟରେ ମଙ୍ଗଳବାର ଡେଙ୍ଗୁ, ମ୍ୟାଲେରିଆ, ଝାଡ଼ାବାନ୍ତି, ତରଳଝାଡା ସମ୍ପର୍କିତ ସଚେତନତା ରାଲି ଛାତ୍ରୀଛାତ୍ରଙ୍କ ଦ୍ୱାରା ଅନୁଷ୍ଠିତ ହୋଇଯାଇଛି । ସେହିପରି ଓଡିଆମୁଣ୍ଡା ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ପବିତ୍ର ମୋହନ ଲେଙ୍କାଙ୍କ ନେତୃତ୍ୱରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସମ୍ପ୍ରତି କଳାହାଣ୍ଡି ଜିଲାରେ ଡେଙ୍ଗୁ ଜ୍ୱର ସଂକ୍ରାମକ ଭଳି ବ୍ୟାପି ଚାଲିଛି ।

ଦିବ୍ୟାଙ୍ଗଙ୍କୁ ବିଧାୟକ ଧମକ ଦେବା ଘଟଣା

# ବିଧାୟକ ପଦ ରଦ୍ଦ, ଗିରଫ ଦାବି ଜୋର ଧରିଲା

**ଯାବଦ ସ୍ୱାଭିମାନ ପକ୍ଷରୁ ବିଶାଳ ସମାବେଶ**

ଭବାନୀପାଟଣାରେ ଯାଦବ ସ୍ୱାଭିମାନ ପକ୍ଷରୁ ଆୟୋଜିତ ବିଶାଳ ସମାବେଶ ଶୋଭାଯାତ୍ରା ।

**ଭବାନୀପାଟଣା,୨୮।୮(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଧର୍ମଗଡ ବ୍ଲକ ଅନ୍ତର୍ଗତ ନନ୍ଦଗାଁଠାରେ ଜୁଲାଇ ୨୪ ତାରିଖରେ ସମବାୟ ଆପଣଙ୍କ ଦ୍ୱାରରେ କାର୍ଯ୍ୟକ୍ରମର ସାଧାରଣ ସଭାରେ ଜୁନାଗଡ ବିଧାୟକ କ୍ୟାପଟେନ ଦିବ୍ୟଶଙ୍କର ମିଶ୍ର ଇଚ୍ଛାପୁର ଗ୍ରାମର ଜଣେ ଦିବ୍ୟାଙ୍ଗ ଯୁବକ ଟଙ୍କଧର ଖର୍ସେଲଙ୍କୁ ଜୀବନରେ ମାରିଦେବା ଧମକ ଦେଇଥିଲେ । ଏହି ଘଟଣା ପ୍ରତିବାଦରେ ଉତ୍କଳ ଯାବଦ ମହାସଭା ଏବଂ କଳାହାଣ୍ଡି ଯାଦବ ମହାସଭା ତରଫରୁ ମଙ୍ଗଳବାର ଭବାନୀପାଟଣାରେ ଏକ ବିଶାଳ ସମାବେଶ କରାଯାଇଛି । ଜିଲାର ବିଭିନ୍ନ ବ୍ଲକ ସମେତ ପଶ୍ଚିମ ଓଡିଶା ବିଭିନ୍ନ ଜିଲାରେ ଏହି ଘଟଣାର ପ୍ରତିବାଦରେ ତୁରନ୍ତ ବିଧାୟକ ମିଶ୍ରଙ୍କୁ ଗିରଫ୍ କରିବା ଓ ତାଙ୍କ ବିଧାୟକ ପଦ ରଦ୍ଦ କରିବା ଦାବି କରି ବିକ୍ଷୋଭ ଏବଂ ଶୋଭାଯାତ୍ରା ସହିତ ବିଧାୟକ ମିଶ୍ରଙ୍କ କୁଶ ପୁତ୍ତଳିକା ଦାହ କରାଯାଇଛି । ଉତ୍କଳ ଯାଦବ ମହାସଭା, ଓଡିଶା ଏବଂ କଳାହାଣ୍ଡି ଯାଦବ ମହାସଭା ତରଫରୁ ଜିଲାର୧୩ଟି ବ୍ଲକ ଏବଂ ଭବାନୀପାଟଣା ପୌର ପରିଷଦ, ଜୁନାଗଡ, ଧର୍ମଗଡ, କେସିଙ୍ଗ ଏନ୍‌ଏସି ସହିତ ପଡୋଶୀ ଜିଲାରୁ ଶହଶହ ଯାଦବ ସମ୍ପ୍ରଦାୟର ବୁଦ୍ଧିଜୀବୀ, ଯୁବକ, ଛାତ୍ରମାନେ କଲେଜ ପଡିଆରୁ ଏକ ବିଶାଳ ଶୋଭାଯାତ୍ରାରେ ସହର ପରିକ୍ରମା କରିବା ପରେ ଜେଲ ଛକ (ଡିଆରଡିଏ ନିକଟରେ) ପହଞ୍ଚିଥିଲେ । ସେଠାରେ କଳାହାଣ୍ଡି ଜିଲା ସଭାପତି ଡମ୍ବରୁଧର ଅଧକ୍ଷତାରେ ଯାଦବ ସ୍ୱାଭିମାନ ସମାବେଶ ଅନୁଷ୍ଠିତ ହୋଇଥିଲା । ସମାବେଶରେ ମୁଖ୍ୟଅତିଥି ଭାବେ ଅଖିଳ ଭାରତୀୟ ଯୁବ ଯାଦବ ମହାସଭା ଜାତୀୟ ସଭାପତି ଦିନେଶ ଯାଦବ, ରାଜ୍ୟ ସାଧାରଣ ସମ୍ପାଦକ ପ୍ରତୀପ ବେହେରା, କିର୍ତ୍ତନ ନାଏକ, ବିରଞ୍ଚି ଦର୍କା, ରାଜ୍ୟ ଯୁବ ଯାଦବ ସଭାପତି ଇଂ. ପ୍ରଦୀପ କୁମାର ବେହେରା, ପୂର୍ବତନ ବିଧାୟକ ତଥା ଉତ୍କଳ ଯାଦବ ମହାସଭାର ପୂର୍ବତନ ମହାସଚିବ ହିତେଶ ବଗର୍ତ୍ତି, ରାଜ୍ୟ ପ୍ରଦେଶ କଂଗ୍ରେସ କମିଟି ଓବିସି ସେଲ୍‌ର ଅଧକ୍ଷ ବିଷ୍ଣୁଚନ୍ଦ୍ର ବାରିକ, କଳାହାଣ୍ଡି କଂଗ୍ରେସ କୃଷକ ସେଲ୍‌ର ସଭାପତି ସଚିଦାନନ୍ଦ ମହାଖୁଡ, ଉତ୍କଳ ମହାସଭାର ଉପସଭାପତି ସକିତ ରତେ, କଂଗ୍ରେସର ଇଲାସେଲମା ନାଏକ, ଜିତେନ୍ଦ୍ର ହାତୀ, ହୃଷିକେଶ ଭୋଇ ପ୍ରମୁଖ ଯାଦବ ନେତାମାନେ ଯୋଗଦେଇ ବିଧାୟକ ମିଶ୍ର ଜଣେ ଦିବ୍ୟାଙ୍ଗଙ୍କୁ ଗାଳିଗୁଲଜ କରିବା ସହିତ ହତ୍ୟା ଧମକ ଦେବା ଘଟଣାକୁ ତୀବ୍ର ନିନ୍ଦା କରିଥିଲେ । ଏହା ସହିତ ଏହି ଘଟଣା ଏକ ମାସ ବିତିଯାଇଥିଲେ ମଧ୍ୟ ଆଜି ସୁଦ୍ଧା ବିଧାୟକ ମିଶ୍ରଙ୍କ ବିରୋଧରେ କୌଣସି ପ୍ରକାର ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯିବା ଘଟଣାକୁ ତୀବ୍ର ଅସନ୍ତୋଷ ପ୍ରକାଶ କରିଥିଲେ । ବିଧାୟକ ମିଶ୍ରଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ, ଶ୍ରେଷ୍ଠ ବିଧାୟକ ପୁରସ୍କାର ପ୍ରତ୍ୟାହାର ଏବଂ ଟଙ୍କଧର ଖର୍ସେଲଙ୍କ ନାମରେ ହୋଇଥିବା ମିଥ୍ୟା ମୋକଦ୍ଦମା ପ୍ରତ୍ୟାହାର କରା ନ ଗଲେ ଆଗାମୀ ଦିନରେ ଏହି ଆନ୍ଦୋଳନ ସାରା ଓଡିଶାକୁ ବ୍ୟାପିବ ବୋଲି ଯାଦବ ନେତାମାନେ ଚେତାବନୀ ଦେଇଥିଲେ । ଏ ସମ୍ପର୍କରେ ଜୁନାଗଡ ବିଧାୟକ କ୍ୟାପଟେନ୍ ଦିବ୍ୟଶଙ୍କର ମିଶ୍ରଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ଯାଦବ ଭାଇମାନଙ୍କ ସହ ଘଟଣା ସମ୍ପର୍କରେ ବାରମ୍ବାର ଆଲୋଚନାକରି ଆପୋଷ ସମାଧାନ ସକାଶେ ପ୍ରଚେଷ୍ଟା କରିଛି। କିନ୍ତୁ ଦୁଃଖର ବିଷୟ ମୋର କଥାକୁ ସେମାନେ ଗ୍ରହଣ ନ କରି କେତେକ ନ୍ୟସ୍ତସ୍ୱାର୍ଥ ଗୋଷ୍ଠି ରାଜନୈତିକ ଉଦ୍ଦେଶ୍ୟ ରଖି ଆନ୍ଦୋଳନ କରୁଥିବା ମୁଁ ଅନୁଭବ କରୁଛି। ପୂର୍ବରୁ ଏ ସମ୍ପର୍କରେ ଏକ ଖବରଦାତା ସମ୍ମିଳନୀରେ ମୁଁ ଘଟଣା ନେଇ ସ୍ୱୀକାରଣ ଦେଇ ଥିବା ବେଳେ ଏଭଳି ଆନ୍ଦୋଳନ ଉଚିତ ହୋଇନାହିଁ ବୋଲି ପ୍ରକାଶ କରିଛନ୍ତି। ଉତ୍କଳ ଯାଦବ ମହାସଭା ପ୍ରତିଷ୍ଠାତା ସ୍ୱର୍ଗତ ମହେଶ୍ୱର ନାୟକ ମୋର ପୂଜ୍ୟ ଗୁରୁ ଅଟନ୍ତି ଓ ତାଙ୍କ ପରିବାର ସହିତ ମୋର ପରିବାରର ସମ୍ପର୍କ ଅତ୍ୟନ୍ତ ନିବିଡ। ଯାଦବ ସମାଜ ପ୍ରତି ମୋର ବିଶେଷ ସମ୍ମାନ ରହିଛି । ଘଟଣାର ତର୍ଜମା କରି ଆପୋଷ ସମାଧାନ ଉଚିତ ହେବ ବୋଲି ସେ କହିଛନ୍ତି।

# କାଦୁଅପୂର୍ଣ୍ଣ ମୁଖ୍ୟ ରାସ୍ତାରେ ତଳି ରୋଇଲେ ମହିଳା

**କେସିଙ୍ଗା,୨୮।୮(ଡି.ଏନ.ଏ.)**

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ଅନ୍ତର୍ଗତ କାଣ୍ଡେଲ ଗ୍ରାମ ପଞ୍ଚାୟତର କାଣ୍ଡେଲ ଗ୍ରାମର ମୁଖ୍ୟ ଆରଡି ରାସ୍ତାଠାରୁ ଉପ ସ୍ୱାସ୍ଥ୍ୟ କେନ୍ଦ୍ରକୁ ସଂଯୋଗ ହୋଇଥିବା ଅଧା କି.ମି. ରାସ୍ତା କାଦୁଅରେ ଭର୍ତ୍ତି ହୋଇଛି । ଏଥିଯୋଗୁ ଯାତାୟାତରେ ଘୋର ସମସ୍ୟା ଦେଖାଦେଉଛି । ଏହି ରାସ୍ତା ଦେଇ କାଣ୍ଡେଲ, ସିରୋଳ, ସିନ୍ଧିବାହାଲି, କର୍ଲାଖୁଣ୍ଟା ଆଦି ଗ୍ରାମର ଲୋକେ ରୋଗୀଙ୍କୁ ନେଇ ଉପସ୍ୱାସ୍ଥ୍ୟ କେନ୍ଦ୍ରକୁ ଯାଇଥାନ୍ତି । ଚଳିତ ମାସରେ ଦୁଇଥର ଲଗାଣ ବର୍ଷା ଯୋଗୁ ଏହି ରାସ୍ତା ଉପରେ କାଦୁଅ ହୋଇଯାଉଛି । ଗ୍ରାମବାସୀ ବହୁବାର ପଞ୍ଚାୟତ ସରପଞ୍ଚ, ପିଇଓଙ୍କୁ ରାସ୍ତା ମରାତି ପାଇଁ ଦାବି କରିଥିଲେ । କେସିଙ୍ଗା ବ୍ଲକ ଆସିଷ୍ଟାଣ୍ଟ ଇଞ୍ଜିନିୟର, କନିଷ୍ଠ ଯନ୍ତ୍ରୀ ଉକ୍ତ ରାସ୍ତାକୁ ଗତ ୫ଦିନ ତଳେ ପରିଦର୍ଶନ କରିଥିଲେ। ରୋଗୀଙ୍କୁ ଭାରରେ ବୋହି ଏହି ରାସ୍ତା ଦେଇ ଉପସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥାନ୍ତି। ଗ୍ରାମବାସୀଙ୍କ ଅଭିଯୋଗ ଓ ଦାବି ସତ୍ତ୍ୱେ କୌଣସି ସୁଫଳ ନ ମିଳିବାରୁ ଗ୍ରାମବାସୀଙ୍କ ମିଳିତ ଉଦ୍ୟମରେ ମହିଳାମାନେ ଏକଜୁଟ ହୋଇ ଉକ୍ତ ରାସ୍ତାରେ ପ୍ରାୟ ୩୦୦ ମିଟର ପର୍ଯ୍ୟନ୍ତ ଧାନ ତଳି ରୋଇ ଥିଲେ । ଏ ନେଇ ସ୍ଥାନୀୟ ସରପଞ୍ଚ ପଙ୍କଜ ଗଉଡଙ୍କୁ ପଚାରିବାରୁ ରାଜ୍ୟ ସରକାରଙ୍କ ଫଣ୍ଡ ଆସିନାହିଁ । ଫଣ୍ଡ ଆସିଲେ ରାସ୍ତା କାମ କରାଯିବ ବୋଲି ପ୍ରକାଶ କରିଥିଲେ ।

ମୁଖ୍ୟ ରାସ୍ତାରେ ମହିଳାମାନେ ଧାନ ତଳି ଲଗାଉଛନ୍ତି ।

# ମେଗା ବୃକ୍ଷରୋପଣ କାର୍ଯ୍ୟକ୍ରମ

ବିକାଶ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁଟ୍ ତରଫରୁ ବୃକ୍ଷରୋପଣ କରାଯାଉଛି ।

**ଭବାନୀପାଟଣା,୨୮।୮(ଡି.ଏନ.ଏ.)**

ଭବାନୀପାଟଣାସ୍ଥିତ ବିକାଶ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁଟ୍ ତରଫରୁ ସ୍ଥାନୀୟ ବିକାଶ କଲେଜ ପରିସରରେ ଏକ ମେଗା ବୃକ୍ଷରୋପଣ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଭବାନୀପାଟଣା ଉପଜିଲାପାଳ ମିର୍ଜା ଟୋପୋ, ସମ୍ମାନିତ ଅତିଥି ଭାବେ ବିକାଶ ଗ୍ରୁପ୍ ଅଫ୍ ଏଜୁକେସନ ଇନ୍‌ଷ୍ଟିଚ୍ୟୁଟ୍ ପରିଚାଳନ ନିର୍ଦ୍ଦେଶକ ଡି. ଶ୍ୟାମ ଏବଂ ଅନ୍ୟତମ ନିର୍ଦ୍ଦେଶକ ବି. ରାମକୁମାର, ବିକାଶ ଗ୍ରୁପ୍ ଅଫ୍ ଏଜୁକେସନ ଇନ୍‌ଷ୍ଟିଚ୍ୟୁଟ୍ ପରିଚାଳନା ବୋର୍ଡ ସଦସ୍ୟ ତଥା ଭବାନୀପାଟଣା ବିକାଶ ନିର୍ଦ୍ଦେଶକ ଡି. ବିଜୟା, ଭବାନୀପାଟଣା ବିକାଶ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁଟ୍ ଡିଗ୍ରୀ ଏବଂ ଯୁକ୍ତ ୨ କଲେଜର ଅଧକ୍ଷ ଯୁବରାଜ ନାୟକ, ଯୁକ୍ତ ୩ ପ୍ରିନ୍ସିପାଲ ଆଲୋକ ସାହୁ, ଗୋପାଲ ସାବତ ଏବଂ ଭବାନୀପାଟଣା ରେଞ୍ଜା ଅଫିସର ଅଶୋକ ମହାପାତ୍ରଙ୍କ ସମେତ କଲେଜର ଅଧ୍ୟାପକ ଅଧ୍ୟାପିକା ଏବଂ ଛାତ୍ରଛାତ୍ରୀମାନେ ଯୋଗଦେଇ ବିଭିନ୍ନ ପ୍ରକାର ଫଳ ଏବଂ ଔଷଧିୟ ବୃକ୍ଷ ରୋପଣ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ସ୍ଥାନୀୟ ଏଚ୍‌ଡିଏଫ୍‌ସି ବ୍ୟାଙ୍କ ସହଯୋଗ କରିଥିଲେ ।

# କଳାହାଣ୍ଡିରେ ବାଜପେୟୀଙ୍କ ଚିତାଭସ୍ମ ପହଞ୍ଚିଲା

**ଭବାନୀପାଟଣା,୨୮।୮(ଡି.ଏନ.ଏ.)**

ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ଚିତାଭସ୍ମ କଳସ ରାଜ୍ୟର ସବୁ ଜିଲାକୁ ଭାଜପା ରାଜ୍ୟ ସଭାପତି ପ୍ରଦାନ କରିଛନ୍ତି । ଏହି ଚିତାଭସ୍ମ ସମସ୍ତ ଜିଲାର ବିଭିନ୍ନ ନଦୀରେ ବିସର୍ଜନ କରାଯିବ । ଏହି ଚିତାଭସ୍ମ କଳାହାଣ୍ଡି ଜିଲାରେ ପହଞ୍ଚିଛି । ଭୁବନେଶ୍ୱରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କଳାହାଣ୍ଡି ଜିଲା ଭାଜପା ଉପସଭାପତି ବଦ୍ରିନାରାୟଣ ପଟ୍ଟନାୟକ, ଜିଲା ପରିଷଦ ଅଧ୍ୟକ୍ଷା ନମିତା ରାଣୀ ସାହୁ ଏବଂ ଜିଲା ସଭାପରି ପ୍ରଦୀପ ନାଏକ ବାଜପେୟୀଙ୍କ ଏହି ଚିତାଭସ୍ମ ସମ୍ମାନ ସହିତ ରାଜ୍ୟ ସଭାପତି ବସନ୍ତ କୁମାର ପଣ୍ଡା, କେନ୍ଦ୍ର ମନ୍ତ୍ରୀ ଧମେନ୍ଦ୍ର ପ୍ରଧାନଙ୍କଠାରୁ ଗ୍ରହଣ କରିଥିଲେ । ବାଜପେୟୀ ଭାରତର ସର୍ବସମ୍ମତ ସାମାଜିକ ଚେତନା ଥିଲେ । ତେଣୁ ତାଙ୍କର ଏହି ଚିତାଭସ୍ମ କଳାହାଣ୍ଡି ଜିଲାର ତେଲ, ହାତୀ, ଉଦନ୍ତୀ, ଶଗଡା, ରେତ ଆଦି ନଦୀରେ ବିସର୍ଜନ କରାଯିବ ବୋଲି ଭାଜପା ଜିଲା ଉପସଭାପତି ବଦ୍ରି ପଟ୍ଟନାୟକ ପ୍ରକାଶ କରିଛନ୍ତି ।

# ବନ୍ୟାବିପନ୍ନଙ୍କୁ ରନ୍ଧାଖାଦ୍ୟ ପ୍ରଦାନ

**ଲାଞ୍ଜିଗଡ,୨୮।୮(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଲାଞ୍ଜିଗଡ ଅଞ୍ଚଳରେ ଗତ କିଛିଦିନ ହେଲା ଲଗାଣ ବର୍ଷାରେ ଅନେକ ଗରିବଙ୍କ ଘର ଭାଙ୍ଗି ଯାଇଛି। ବ୍ଲକ ପ୍ରଶାସନ ତରଫରୁ ବିଡିଓ ବାସୁଦେବ ନାଏକ, ଏବିଡିଓ ବିଭୁତି ଭୁଷଣ ଶତପଥୀ, ତହସିଲଦାର ସରୋଜ କୁମାର ପଟ୍ଟନାୟକ ଗାଁ ଗାଁ ବୁଲି କ୍ଷୟକ୍ଷତି ଆକଳନ କରିଛନ୍ତି । ଏଥିସହ ବନ୍ୟାବିପନ୍ନମାନଙ୍କୁ ଉଦ୍ଧାର କରି ସ୍କୁଲ ଓ ଅଙ୍ଗନୱାଡି କେନ୍ଦ୍ରଗୁଡ଼ିକରେ ରଖି ସେମାନଙ୍କୁ ରନ୍ଧାଖାଦ୍ୟ ଦିଆଯିବା ବ୍ୟବସ୍ଥା କରିଥିବା ଜଣାପଡିଛି । ଲାଞ୍ଜିଗଡ ବ୍ଲକ ଅନ୍ତର୍ଗତ ଛତ୍ରପୁର ପଞ୍ଚାୟତ ରଘୁନାଥପୁର ଗାଁରେ ୩ ଜଣଙ୍କ ଘର ଭାଙ୍ଗି ପଡ଼ିବାରୁ ସେମାନେ ଗଛମୂଳରେ ରହୁଥିଲେ । ସେମାନଙ୍କୁ ଉଦ୍ଧାର କରି ଅଙ୍ଗନୱାଡି କେନ୍ଦ୍ରରେ ରଖାଯାଇ ରୋଷେଇ କରିବା ସାମଗ୍ରୀ ଯୋଗଇ ଦିଆଯାଇଥିଲା । ସୋମବାର ଜଗନ୍ନାଥପୁର ପଞ୍ଚାୟତ ସିମେଳଭଙ୍ଗା ଓ ବଳଭଦ୍ରପୁରର ୮ଟି ଘର ଭାଙ୍ଗିଯିବା ପରେ ପରିବାର ଲୋକେ ବେସାହାରା ହୋଇପଡିଛନ୍ତି । ହେଲେ ସେମାନଙ୍କୁ ବେଦାନ୍ତ କର୍ତ୍ତୃପକ୍ଷ କରିବାକୁ ପହଞ୍ଚି ନ ଥିବା ଅଭିଯୋଗ କରିଛନ୍ତି । ଏପରିସ୍ଥଳେ ଏହି ଗାଁକୁ ଲାଞ୍ଜିଗଡ ତହସିଲଦାର ସରୋଜ କୁମାର ପଟ୍ଟନାୟକ ପହଞ୍ଚି କ୍ଷତିଗ୍ରସ୍ତ ଚାଷୀଙ୍କ ସହିତ ସହଯୋଗର ହାତ ବଢାଇଥିଲେ । ୮ଟି ପରିବାରର ୩୬ଜଣ ସଦସ୍ୟଙ୍କୁ ବଳଭଦ୍ରପୁରସ୍ଥିତ ସ୍କୁଲକୁ ସ୍ଥାନାନ୍ତର କରି ସୋମବାର ସନ୍ଧ୍ୟାରେ ଚୁଡା, ଗୁଡ, ମହମବତି, ବିଛଣା ଓ ରନ୍ଧାଖାଦ୍ୟ ମଧ୍ୟ ଯୋଗାଇ ଦିଆଯାଇଥିଲା । ମଙ୍ଗଳବାର ମଧ୍ୟ ସେମାନଙ୍କ ପାଇଁ ରନ୍ଧାଖାଦ୍ୟ ଯୋଗାଇ ଦିଆଯାଇଛି । ସେହିପରି ଲାଞ୍ଜି ପଞ୍ଚାୟତରେ ମଧ୍ୟ ଅନେକ ଘର ଭାଙ୍ଗି ଯାଇଥିବା ବେଳେ ବ୍ଲକ ପ୍ରଶାସନ ତରଫରୁ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିଭୁତି ଭୁଷଣ ଶତପଥୀ ସେମାନଙ୍କୁ ସମବେଦନା ଜଣାଇ ଅଙ୍ଗନୱାଡି କେନ୍ଦ୍ରରେ ରନ୍ଧାଖାଦ୍ୟ ଯୋଗାଇ ଦେଇଥିଲେ । ଲାଞ୍ଜି ସରପଞ୍ଚ ବିଷ୍ଣୁଚରଣ ଭୋଇ ବନ୍ୟା ବିପନ୍ନମାନଙ୍କ ପାଇଁ ବିଶେଷ ସହଯୋଗ କରିଥିଲେ । କ୍ଷୟକ୍ଷତି ଆକଳନ ପରେ ସହାୟତା ପ୍ରଦାନ କରାଯିବ ବୋଲି ତହସିଲଦାର ସରୋଜ କୁମାର ପଟ୍ଟନାୟକ ପ୍ରକାଶ କରିଛନ୍ତି ।

ବନ୍ୟାବିପନ୍ନଙ୍କୁ ଏକ କେନ୍ଦ୍ରରେ ରଖାଯାଇଛି ।

ହାଇକୋର୍ଟର ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବି

# ଭବାନୀପାଟଣା ଓକିଲ ସଂଘର କୋର୍ଟ ବର୍ଜନ

**ଭବାନୀପାଟଣା,୨୮।୮(ଡି.ଏନ.ଏ.)**

କଳାହାଣ୍ଡି ଜିଲାରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବି ନେଇ ସୋମବାର ଭବାନୀପାଟଣା ଓକିଲ ସଂଘ ପକ୍ଷରୁ ସମସ୍ତ କୋର୍ଟ ବର୍ଜନ କରାଯାଇଛି । ଏଥିଯୋଗୁ ଭବାନୀପାଟଣାର ସମସ୍ତ ବିଚାର ବିଭାଗୀୟ ଅଦାଲତ କାର୍ଯ୍ୟ ବନ୍ଦ ହୋଇଯାଇଛି । କୋର୍ଟ କାର୍ଯ୍ୟରେ ଯୋଗଦେବା ପାଇଁ ଆସିଥିବା ଜିଲା ଦୌରା ଜଜ୍‌ଙ୍କ ସମେତ ଅନ୍ୟାନ୍ୟ ବିଚାରପତିଙ୍କୁ ଓକିଲମାନେ କୋର୍ଟ ସମ୍ମୁଖରେ ବିକ୍ଷୋଭ କରିବା ଓ ପିକେଟିଂ କରିଥିଲେ । ଫଳରେ ଜିଲା ଦୌରାଜଜ୍ ସମେତ ଅନ୍ୟାନ୍ୟ ବିଚାରପତିମାନେ କୋର୍ଟ ଭିତରକୁ ଯାଇ ନ ପାରି ଦୀର୍ଘ ସମୟ ଧରି କୋର୍ଟ ବାହାରେ ଅପେକ୍ଷା କରି ଫେରି ଯାଇଥିଲେ। କଳାହାଣ୍ଡି ଓକିଲ ସଂଘ ସଭାପତି ସନ୍ତୋଷ କୁମାର ପଣ୍ଡା ଓ ସମ୍ପାଦକ ଅଶୋକ କୁମାର ପଟ୍ଟନାୟକଙ୍କ ନେତୃତ୍ୱରେ ସମସ୍ତ ଆଇନଜୀବୀମାନେ ଜିଲା ଦୌରାଜଜ୍ କୋର୍ଟ, ସିଭିଲ କୋର୍ଟ, ରାଜସ୍ୱ କୋର୍ଟ ସମ୍ମୁଖରେ ବିକ୍ଷୋଭ ପ୍ରଦାନ କରିବା ସହିତ କୋର୍ଟ ସମ୍ମୁଖରେ ଧାରଣା ଦେଇଥିଲେ । ଜଷ୍ଟିସ୍ ଯୋଶବନ୍ତ ସିଂହ କମିଶନ ରିପୋର୍ଟ ସମସ୍ତ ମାନବିନ୍ଦୁ ହାଇକୋର୍ଟର ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ପାଇଁ କଳାହାଣ୍ଡି ଜିଲା ହିଁ ଏକମାତ୍ର ଯୋଗ୍ୟ ବିବେଚିତ । କଳାହାଣ୍ଡି ଜିଲାରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ପାଇଁ କେବିକେ ଅଞ୍ଚଳ ଥିବା କଳାହାଣ୍ଡି, ବଲାଙ୍ଗୀର, ନବରଙ୍ଗପୁର, ରାୟଗଡା, ସୋନପୁର, କୋରାପୁଟ, ମାଲକାନଗିରି, ସମେତ ବରଗଡ, ବୌଦ୍ଧ ଏବଂ ଫୁଲବାଣୀ ଏଭଳି ୧୧ଟି ଜିଲା ଉପକୃତ ହେବେ । ଯେହେତୁ କଳାହାଣ୍ଡି ଜିଲା କେବିକେ ପଶ୍ଚିମ ଓଡିଶା ଏବଂ ବ୍ରହ୍ମପୁର ଆର୍‌ଡିସି ଜୋନ ଅନ୍ତର୍ଗତ । ଏଣୁ ଏଠାରେ ହାଇକୋର୍

**୧୩୯ ପ୍ରକଳ୍ପ ପାଇଁ ୨.୪ କୋଟି ମଞ୍ଜୁରି**
କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ସଦରସ୍ଥିତ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆମ ଗାଁ ଆମ ବିକାଶ କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି।

## ସଂକ୍ଷେପରେ

### ଦରଖଁଡିଆ ହେଇ ପଡ଼ିଛେ ଅଙ୍ଗନୱାଡିର ଶୌଚାଳୟ

ଖଡିଆଳ,୨୮।୮(ଡି.ଏନ.ଏ.)
ଶିଶୁମାନ୍‌କର ବୌଦ୍ଧିକ ଶିକ୍ଷାର ବିକାଶ ସଂଗେ ନିରୁଜ୍ ରହେବାର ଲାଗି ଗାଁମାନ୍‌କେ ଅଙ୍ଗନୱାଡି କେନ୍ଦ୍ର ଥାପନ୍ କରାଯାଇଛେ। ଅଙ୍ଗନୱାଡି କେନ୍ଦ୍ରମାନ୍‌କର ଭିତିଭୂମିର ବିକାଶ କରି ସବୁ ପର୍‌କାର ସୁବିଧା ସୁଯୋଗ୍ ଯୁଗେଇ ଦିଆଯାଉଥିବାର କଥା ସରକାର କହୁଛନ୍। ହେଲେ ନୂଆପଡା ଜିଲା ଖଡିଆଳ ବ୍ଲକ୍ ଜୁନାନୀ ଗାଁରେଥିବାର ଅଙ୍ଗନୱାଡି କେନ୍ଦ୍ରରେ ଗଲା ବଛ୍‌ରେ ତଲେ ୧ ଲକ୍ଷ ଟଁକା ଖରଚ୍‌ରେ ଶୌଚାଳୟ ତିଆର ହେଇଥିଲା ବେଲେ ଆଏଜ୍‌ତକ୍ ଛାତ୍ କି ଟାଁକିର ଛାତ୍ ବି ନାଇଁ ପଡିଥିବାର ଅଭିଯୋଗ୍ ହେଇଛେ। ଗଲା ୬ ମାସ୍ ତଲେ ଅଙ୍ଗନୱାଡି କେନ୍ଦ୍ରର ଛୋଟ୍ ଛୁଆମାନେ ଖେଲୁଥିଲା ସମିଆରେ ଟଁକିର ଗାତେ ପଡି ଯାଇଥିଲେ। ବାର୍‌ବାର୍ ଶୌଚାଳୟର ଛାତ୍ ପକାବାର ଲାଗି ଦାବି କଲେ ବି କେହି ନାଇଁ ଶୁନୁଥିବାର ଅଭିଯୋଗ୍ ହେଇଛେ। ମିଲିଥିବାର ସୂଚ୍‌ନା ଅନ୍‌ସାରେ ଛାତ ନାଇଁ ପଡ଼ିଥିଲା ବେଲେ ବ୍ଲକ୍ ପର୍‌ଶାସନ୍ ତର୍‌ଫୁ ବିଲ୍ କରି ଟଁକା ହେରଫେର ହେଇଥିବାର ଅଭିଯୋଗ୍ ବି ହେଇଛେ। ଏନ୍‌ତାଥି ଜିଲାପାଳ ଘଟନାର ତଦଂତ୍ କରି ପଦକ୍ଷେପ ନେବାର ସଂଗେ ଶୌଚାଳୟର ଛାତ୍ ପକାବାର ବେବସ୍‌ତା କର୍‌ବାକେ ଦାବି ହେଉଛେ।

**ମେଦିନୀପୁର ପ୍ରାଥମିକ ବିଦ୍ୟାଳୟ**

### ଶ୍ରେଣୀ ଗୃହରେ ଆଣ୍ଠୁଏ ବର୍ଷା ପାଣି

ଭବାନୀପାଟଣା,୨୮।୮(ଡି.ଏନ.ଏ.)
କଲାହାଣ୍ଡି ଜିଲା ଭବାନୀପାଟଣା ସଦର ବ୍ଲକ ମେଦିନୀପୁର ପ୍ରାଥମିକ ବିଦ୍ୟାଳୟର ଶ୍ରେଣୀ ଗୃହରେ ଆଣ୍ଠୁଏ ପାଣି ଜମି ରହିଥିବାରୁ ଶିକ୍ଷାଦାନରେ ବାଧାପ୍ରାପ୍ତ ହେଉଥିବା ଅଭିଯୋଗ ହେଉଛି। ଗତ ୨ ଦିନ ଧରି ଲଗାଣ ବର୍ଷା ପାଣି ପସି ପୋଖରୀର ରୁପ ନେଇଥିବାରୁ ଅଞ୍ଚଳବାସୀ ସେଠାରୁ ପାଣି ନିଷ୍କାସନ କରିଥିଲେ। ହେଲେ ପଞ୍ଚାୟତ କର୍ତ୍ତୃପକ୍ଷ କି ବିଭାଗୀୟ ଅଧିକାରୀ ଏଭଳି ସ୍ଥିତିରେ ବିଦ୍ୟାଳୟକୁ ଆସି ନ ଥିବା ସ୍କୁଲ କର୍ତ୍ତୃପକ୍ଷ ପ୍ରକାଶ କରିଛନ୍ତି। ବର୍ଷା ପାଣି ଜମିବା ଦ୍ୱାରା ବିଦ୍ୟାଳୟରେ ଦୁର୍ଗନ୍ଧମୟ ପରିବେଶ ସୃଷ୍ଟି ହେବା ସାଙ୍ଗକୁ ମଶାମାଛି ପ୍ରଦୁର୍ଭାବ ବଢୁଛି। ଏଭଳି ସ୍ଥିତିରେ ଛାତ୍ରୀଛାତ୍ରମାନେ ବାରଣ୍ଡାରେ ବସି ମଧ୍ୟାହ୍ନ ଭୋଜନ କରିବାକୁ ଉଚିତ୍ ମଣୁ ନ ଥିବା ବେଳେ ଶିକ୍ଷୟିତ୍ରୀମାନେ ମଧ୍ୟ ଅସନ୍ତୋଷ ପ୍ରକାଶ କରିଛନ୍ତି। ବିଭାଗୀୟ ଅଧିକାରୀ ସ୍କୁଲରେ ଲାଗି ରହିଥିବା ସମସ୍ୟା ପ୍ରତି ଦୃଷ୍ଟି ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି। ସରକାର ଶିକ୍ଷାର ବିକାଶ ପାଇଁ କୋଟି କୋଟି ଟଙ୍କା ବ୍ୟୟ କରି ଆସୁଥିବା ବେଳେ କଳାହାଣ୍ଡି ଭଳି ପଛୁଆ ଜିଲାରେ ଶିକ୍ଷା ବ୍ୟବସ୍ଥା ଦିନକୁ ଦିନ ବାଟବଣା ହେବାରେ ଲାଗିଛି। ଏମିତି ସ୍କୁଲ ଅଛି ଯେଉଁଠି ଗଛମୂଳେ ପାଠପଢା ଚାଲୁଥିବା ବେଳେ ଖୋଲା ଆକାଶ ତଳେ ଚାଲିଛି ମଧ୍ୟାହ୍ନ ଭୋଜନ। କେଉଁଠି ବିପଦସଙ୍କୁଳ ସ୍କୁଲ ଗୃହରେ ପିଲାଙ୍କ ଭବିଷ୍ୟତ ଗଢା ଚାଲିଛି । ଏହି ବିଦ୍ୟାଳୟ ୧୯୬୪ରେ ସ୍ଥାପିତ ହୋଇଥିବା ବେଳେ ଷଷ୍ଠରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପିଲା ପାଠ ପଢୁଛନ୍ତି। ଏହି ୩ଟି ଶ୍ରେଣୀରେ ୨୮୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ରଙ୍କ ପାଇଁ ୮ ଜଣ ଶିକ୍ଷକ ରହିଛନ୍ତି । ବିଦ୍ୟାଳୟରେ ଶ୍ରେଣୀଗୃହ ଅଭାବ ଯୋଗୁ ୨ଟି କୋଠରିରେ ୨୮୦ ଜଣ ଛାତ୍ରୀଛାତ୍ର ପାଠ ପଢୁଥିବା ବେଳେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅନ୍ୟପଟେ ମଧ୍ୟାହ୍ନ ଭୋଜନ ପାଇଁ ମଧ୍ୟ କୌଣସି ସୁବିଧା ନ ଥିବାରୁ ବାରଣ୍ଡାରେ ବସି ଛାତ୍ରୀଛାତ୍ରମାନେ ମଧ୍ୟାହ୍ନ ଭୋଜନ କରୁଛନ୍ତି । ଏବେ ଗ୍ରାମବାସୀ ପଞ୍ଚାୟତ କର୍ତ୍ତୃପକ୍ଷଙ୍କୁ ଅବଗତ କରିବା ସହ ସ୍କୁଲ କର୍ତ୍ତୃପକ୍ଷ ମଧ୍ୟ ବିଭାଗୀୟ ଅଧିକାରୀ ଓ ସରପଞ୍ଚଙ୍କୁ ଅବଗତ କରିଥିଲେ। ମାତ୍ର କୌଣସି ସୁଫଳ ମିଳିନାହିଁ।

### ବ୍ଲକସ୍ତରୀୟ ସ୍କୁଲ ସମୂହ କ୍ରୀଡା ସଂସଦ ବାର୍ଷିକ ବୈଠକ

ବିଜେପୁର,୨୮।୮(ଡି.ଏନ.ଏ.)
ବରଗଡ ଜିଲା ବିଜେପୁର ବ୍ଲକ ପହଞ୍ଚି ହାଇସ୍କୁଲରେ ବ୍ଲକସ୍ତରୀୟ ସ୍କୁଲ ସମୂହ କ୍ରୀଡା ସଂସଦର ବାର୍ଷିକ ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଛି । ପ୍ରଧାନ ଶିକ୍ଷକ ମନୋଜ କୁମାର ମିଶ୍ରଙ୍କ ଅଧକ୍ଷତାରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ରାଧାକାନ୍ତ ଗଡତିଆ, ଏବିଇଓ ଚିତ୍ତରଞ୍ଜନ ସାହୁ, ଭୋଜରାଜ ସାହୁ, ସଦାନନ୍ଦ ଷଡଙ୍ଗୀ ପ୍ରମୁଖ ମଞ୍ଚାସୀନ ଥିଲେ।

**ବାଇକ୍ ଧକ୍କାରେ ବୃଦ୍ଧ ମୃତ**

# କ୍ଷତିପୂରଣ ଦାବିରେ ରାସ୍ତାରୋକୋ

ଜୁନାଗଡ,୨୮।୮(ଡି.ଏନ.ଏ./ସ୍ୱ.ପ୍ର.)

କ୍ଷତିପୂରଣ ଦାବିରେ ଜୁନାଗଡ ବ୍ଲକ ସମ୍ମୁଖରେ ରାସ୍ତାରୋକୋ କରାଯାଇଛି ।

କଳାହାଣ୍ଡି ଜିଲା ଜୁନାଗଡ ସହର ଏସ୍‌ବିଆଇ ମୁଖ୍ୟ ଶାଖା ନିକଟରେ ସୋମବାର ରାତ୍ରି ସାଢେ ୮ଟାରେ ବାଇକ୍ ଧକ୍କାରେ ଘାସିରାମ ମାଝି (୫୫) ନାମକ ଜଣେ ବୃଦ୍ଧା ଗୁରୁତର ହୋଇଥିଲେ। ତାଙ୍କୁ ପ୍ରଥମେ ଜୁନାଗଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ଭବାନୀପାଟଣା ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଥିଲା। ସେଠାରେ ମଧ୍ୟ ତାଙ୍କ ସ୍ୱାସ୍ଥ୍ୟବସ୍ଥାରେ ପରିବର୍ତ୍ତନ ନ ଆସିବାରୁ ଉକ୍ତ ଦିନ ରାତିରେ ବୁର୍ଲାକୁ ନିଆଯାଉଥିବା ବେଳେ ମଙ୍ଗଳବାର ଭୋରରେ ବଲାଙ୍ଗୀରଠାରେ ତାଙ୍କର ମୃତ୍ୟୁ ହୋଇଥିଲା। ମଙ୍ଗଳବାର ସକାଳ ସ୍ଥାନୀୟ ପୋଲିସ ଉପସ୍ଥିତିରେ ସେଠାରେ ଶବ ବ୍ୟବଚ୍ଛେଦ କରାଯାଇଥିଲା। ଅପରାହ୍ନ ସାଢେ ୨ଟାରେ ମୃତଦେହ ଜୁନାଗଡରେ ପହଞ୍ଚିଲା । ପରେ ବ୍ଲକ ସମ୍ମୁଖରେ କ୍ଷତିପୂରଣ ଦାବିରେ ମୃତକଙ୍କ ସମ୍ପର୍କୀୟମାନେ ୨୬ ନଂ. ଜାତୀୟ ରାଜପଥରେ ମୃତଦେହ ରଖି ରାସ୍ତାରୋକୋ କରିଥିଲେ। ଖବର ପାଇ ଜୁନାଗଡ ବିଡିଓ ପରମବ୍ରହ୍ମ ଯୋଷୀ, ଆଇଆଇସି ରାଜେନ୍ଦ୍ର ଦେହୁରୀ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରିଥିଲେ ମଧ୍ୟ ଉକ୍ତ ଲୋକ ନିଜ ଜିଦରେ ଅଟଳ ରହିଥିଲେ। ସନ୍ଧ୍ୟା ସାଢେ ୬ଟାରେ ଦୁର୍ଘଟଣା ଘଟାଇ ଥିବା ବାଇକ୍ ଚାଳକଙ୍କ ପକ୍ଷରୁ ମୃତକଙ୍କ ପରିବାରକୁ ୨୫ ହଜାର ଟଙ୍କା ଓ ଜୁନାଗଡ ବିଡିଓ ପରମ ବ୍ରହ୍ମ ଯୋଷୀ ଜାତୀୟ ପରିବାର ମଙ୍ଗଳ ଯୋଜନାରେ ୨୦ ହଜାର, ରେଡକ୍ରସରୁ ୫ ହଜାର, ହରିଶ୍ଚନ୍ଦ୍ର ଯୋଜନାରେ ୨ ହଜାର ଟଙ୍କା ଆଦି ଯୋଗାଇ ଦେବାର ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକୋ ହଟିଥିଲା। ୪ ଘଣ୍ଟା ଧରି ରାସ୍ତାରୋକୋ ଫଳରେ ରାସ୍ତାର ଉଭୟ ପାର୍ଶ୍ୱରେ ଶତାଧିକ ଯାନାବାହନ ଅଟକି ରହିଥିଲା। ଏହି ରାସ୍ତା ଦେଇ ଯାତାୟାତ କରୁଥିବା ଲୋକମାନେ ନାହିଁନ ଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ। ପ୍ରାପ୍ତସୂଚନା ଅନୁଯାୟୀ, ସୋମବାର ରାତି ସାଢେ ୮ଟାରେ ଜୁନାଗଡ ସହର ସୁନାରୀବନ୍ଦପଡାର ଘାସିରାମ ଓ ତାଙ୍କ ସ୍ତ୍ରୀ ପୁର୍ବୀ ସହରସ୍ଥିତ ଶନି ମନ୍ଦିରରୁ କାମ ସାରି ଘରକୁ ଫେରୁଥିଲେ । ଏହି ସମୟରେ ଏସବିଆଇ ମୁଖ୍ୟ ଶାଖା ନିକଟରେ ଏକ ହୋଣ୍ଡା ବାଇକ୍ (ନଂ. ଓଡି୦୮ସି-୦୯୯୬) ଘାସିରାମଙ୍କୁ ପଛପଟୁ ଧକ୍କା ଦେଇଥିଲା। ଘାସିରାମ ରାସ୍ତାରେ ଛିଟିକି ପଡିଥିଲେ। ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇ ତାଙ୍କୁ ପ୍ରଥମେ ଜୁନାଗଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ଭବାନୀପାଟଣା ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ସେଠାରୁ ବୁର୍ଲାକୁ ନେଉଥିବା ବେଳେ ମଙ୍ଗଳବାର ପ୍ରତ୍ୟୁଷରେ ତାଙ୍କର ମୃତ୍ୟୁ ହୋଇଥିଲା। ଏପଟେ ଦୁର୍ଘଟଣା ଘଟାଇ ଥିବା ବାଇକ୍‌କୁ ଜୁନାଗଡ ପୋଲିସ ଜବତ କରିବା ସହ ଚାଳକଙ୍କୁ ଅଟକ ରଖିଥିଲା। ବାଇକ ଚାଳକ ଜଣକ ନର୍ଲା ଅଞ୍ଚଳର ବୋଲି ଜଣାପଡିଛି।

**ଆମ ଗାଁ ଆମ ବିକାଶ କାର୍ଯ୍ୟକ୍ରମ**

# ୧୩୯ ପ୍ରକଳ୍ପ ପାଇଁ ୨.୪ କୋଟି ମଞ୍ଜୁରୀ

କର୍ଲାମୁଣ୍ଡା ,୨୮।୮(ଡି.ଏନ.ଏ.)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ସଦରସ୍ଥିତ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆମ ଗାଁ ଆମ ବିକାଶ କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନଫରେନ୍ସ ମାଧ୍ୟମରେ ବ୍ଲକର ୧୨ଟି ଗ୍ରାମ ପଞ୍ଚାୟତର ୧୩୯ଟି ପ୍ରକଳ୍ପ ପାଇଁ ୨ କୋଟି ୪୦ ଲକ୍ଷ ଟଙ୍କା ଘୋଷଣା କରିଥିଲେ। କାର୍ଯ୍ୟକ୍ରମରେ ନଗର ଉନ୍ନୟନ ମନ୍ତ୍ରୀ ନିରଞ୍ଜନ ପୂଝାରୀ, ଗୃହ ନିର୍ମାଣ ନିଗମ ଅଧକ୍ଷ ଭୂପିନ୍ଦ୍ର ସିଂ, ସ୍ଥାନୀୟ ନର୍ଲା ବିଧାୟକ ଧନେଶ୍ୱର ମାଝି, ସଦର ବିଧାୟକ ଅନାମ ନାଏକ, ଲାଞ୍ଜିଗଡ ବିଧାୟକ ବଳଭଦ୍ର ମାଝି, ଜିଲାପାଳ ଗାଭାଲି ପରାଗ ହର୍ଷଦ, ବିଡିଓ କିଶୋର କୁମାର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ପ୍ରକଳ୍ପ ମଞ୍ଜୁରୀ ପାଇଁ ବ୍ଲକ ଅଧକ୍ଷା ଅମ୍ରିତା ସାହୁ ଭିଡିଓ କନଫରେନ୍ସ ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଦେଇଥିଲେ। ମ.ରାମପୁର ଜିଲା ପରିଷଦ ସଭ୍ୟ ତଥା ବିଜେଡି ନେତା ପୁଷ୍ପେନ୍ଦ୍ର ସିଂ ଦେଓ (ପୁଷ୍ପ), ତହସିଲଦାର ଶୁଭ୍ରାଂଶୁ ଶେଖର ପାଢୀ, ସିଡିପିଓ ପାର୍ବତୀ ସାହୁ, ପଞ୍ଚାୟତ ପ୍ରତିନିଧି, ଅଗ୍ନିଶମ ବିଭାଗ, ବିଭିନ୍ନ ବିଭାଗୀୟ କର୍ମଚାରୀ, ବିଜୁ ଯୁବ ବାହିନୀ, ବିଜେଡି କର୍ମୀ ଓ ଶତାଧିକ ସ୍ୱୟଂ ସହାୟକ ଗୋଷ୍ଠୀ ମହିଳାମାନେ ଯୋଗଦେଇଥିବା ବେଳେ କେସିଙ୍ଗା ଏସଡିପିଓ ଗୁପ୍ତେଶ୍ୱର ଭୋଇ ଶାନ୍ତିଶୃଙ୍ଖଳା ରକ୍ଷା କରିଥିଲେ।

ନଗର ଉନ୍ନୟନ ମନ୍ତ୍ରୀ ନିରଞ୍ଜନ ପୂଝାରୀଙ୍କ ସହ ଅନ୍ୟ ଅତିଥିମାନେ।

# ଡେଙ୍ଗୁ ସଚେତନତା କାର୍ଯ୍ୟକ୍ରମ

ଜୁନାଗଡ,୨୮।୮(ଡି.ଏନ.ଏ.)

କଳାହାଣ୍ଡି ଜିଲା ଜୁନାଗଡ ସହର ଅଗ୍ରସେନ ଭବନରେ ସୋମବାର ଡେଙ୍ଗୁ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ମାରୱାଡି ମହିଳା ସମିତି ଓ ଯୁବା ମଞ୍ଚ ପକ୍ଷରୁ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ଜୁନାଗଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଭାରପ୍ରାପ୍ତ ଅଧିକାରୀ ଡାକ୍ତର ଭଗବାନ ପଣ୍ଡା ଯୋଗଦେଇ ଡେଙ୍ଗୁର ଲକ୍ଷଣ ଓ ଏହାର ପ୍ରତିକାର ଉପରେ ସଚେତନତା କରାଇଥିଲେ। କାର୍ଯ୍ୟକ୍ରମରେ ଜୁନାଗଡ ଗୋଷ୍ଠୀ କାର୍ଯ୍ୟକ୍ରମ ପ୍ରବନ୍ଧକ ସୁମେଶ୍ୱର ନାଏକ, ମାରୱାଡି ମହିଳା ସମିତି ସଭାପତି ରିତୁ ଅଗ୍ରୱାଲ, ସମ୍ପାଦକ କାଞ୍ଚନ ଅଗ୍ରୱାଲ, କୋମଳ ଅଗ୍ରୱାଲ, ଚନ୍ଦ୍ରକଳା ଅଗ୍ରୱାଲ, ଅଙ୍ଗୁରି ମିତ୍ତଲ, କାନ୍ତା ମିତ୍ତଲ, ନିଲମ ମିତ୍ତଲ, ସୁନିତା ଇଣ୍ଡିଏନଙ୍କ ସମେତ ଯୁବା ମଞ୍ଚ ସଭାପତି ପ୍ରଣୟ ଗୋଏଲ, ସମ୍ପାଦକ ଅମିତ କୁମାର ଗୁପ୍ତା, କୋଷାଧକ୍ଷ ଅଙ୍କିତ ଶର୍ମା, କାଉନସିଲର ମୁକେଶ ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ଥିଲେ।

ଜୁନାଗଡ଼ ଅଗ୍ରସେନ ଭବନଠାରେ ଆୟୋଜିତ ସଚେତନତା କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

No. 179-D

## ରାଜ୍ୟ ସିଲେକ୍ସନ ବୋର୍ଡ, ଓଡ଼ିଶା ପୋଲିସ, କଟକ

**ଜିଲ୍ଲା କନଷ୍ଟେବଳ ଏବଂ ବାଟାଲିୟନରେ ସିପାହୀ / କନଷ୍ଟେବଳ ନିଯୁକ୍ତି ପାଇଁ ହେବାକୁ ଥିବା ଲିଖିତ ପରୀକ୍ଷାରେ ଅଂଶଗ୍ରହଣ କରୁଥିବା ଯୋଗ୍ୟ ପ୍ରାର୍ଥୀମାନଙ୍କ ପାଇଁ ସତର୍କ ସୂଚନା**

**No. 179-D:-** କିଛି ଦଲାଲ, ମଧ୍ୟସ୍ଥି ଏବଂ ଠକ ବ୍ୟକ୍ତିବିଶେଷ ଲିଖିତ ପରୀକ୍ଷାର ଅବ୍ୟବହିତ ପୂର୍ବରୁ ସମ୍ଭାବ୍ୟ ପ୍ରଶ୍ନପତ୍ର ପ୍ରାର୍ଥୀମାନଙ୍କୁ ଯୋଗାଇ ଦେବେ ବୋଲି ପ୍ରତିଶ୍ରୁତି ଦେଇ ପରୀକ୍ଷା କେନ୍ଦ୍ର ତଥା ଆଉ କୌଣସି ସ୍ଥାନରେ ଅପପ୍ରଚାର କରୁଛନ୍ତି ଯେ, ଏହି ପ୍ରଶ୍ନପତ୍ର ଆଗୁଆ ପାଇଲେ ପ୍ରାର୍ଥୀ ଲିଖିତ ପରୀକ୍ଷାରେ ଅଧିକ ନମ୍ବର ରଖିପାରିବେ ଯାହା ଚାକିରି ପାଇବା ନିଶ୍ଚିତ ଅଟେ। ପ୍ରାର୍ଥୀମାନଙ୍କୁ ସତର୍କ ସୂଚନା ଦିଆଯାଉଅଛି କି, ଏଭଳି ଦଲାଲ, ମଧ୍ୟସ୍ଥି ଏବଂ ଠକ ବ୍ୟକ୍ତିବିଶେଷଙ୍କର ଠକାମିର ଶିକାର ହୁଅନ୍ତୁ ନାହିଁ। କିଛି ବ୍ୟକ୍ତିବିଶେଷ ପୋଲିସ୍ ଅଧିକାରୀ ଭାବେ ପରିଚୟ ଦେଇ ନିଯୁକ୍ତି ପ୍ରକ୍ରିୟା ସମ୍ପର୍କିତ ସମସ୍ତ କାଗଜପତ୍ର ତଥା ପ୍ରଶ୍ନପତ୍ର ବିଷୟଗୁଡ଼ିକରେ ଧାରଣା ରହିଛି ବୋଲି ଦାବି କରୁଛନ୍ତି। ଏଭଳି ଖବର ସମ୍ପୂର୍ଣ୍ଣ ମିଥ୍ୟା ଏବଂ ଏହା ପ୍ରାର୍ଥୀମାନଙ୍କୁ ଠକିବା ତଥା ଶୋଷଣ କରିବାର ଏକ ଉପାୟ। ଏହି ପରୀକ୍ଷା ପୂର୍ଣ୍ଣ ସ୍ୱଚ୍ଛତା ଏବଂ ଯୋଗ୍ୟତାଭିତ୍ତିକ ଅଟେ। କୌଣସି ବ୍ୟକ୍ତି ଆଗୁଆ ପ୍ରଶ୍ନପତ୍ର ଯୋଗାଇ ଦେବାକୁ କହି ପ୍ରଲୋଭିତ କରୁଥିଲେ ପ୍ରାର୍ଥୀମାନେ କଦାପି ସେମାନଙ୍କୁ ଟଙ୍କା କିମ୍ବା କୌଣସି ପ୍ରକାରର ଉପହାର ଦିଅନ୍ତୁ ନାହିଁ। ଲିଖିତ ପରୀକ୍ଷାର ପ୍ରଶ୍ନପତ୍ର ପ୍ରଘଟ ହେବାର କୌଣସି ସମ୍ଭାବନା ନାହିଁ। ଏହି ଚାକିରି ପାଇବା ପାଇଁ କାହାରିକୁ ଟଙ୍କା କିମ୍ବା ଉପହାର ପ୍ରଦାନ କରିବା ଆଇନତଃ ଏକ ଧର୍ତ୍ତବ୍ୟ ଅପରାଧ ଅଟେ। ଯଦି ଏହିପରି କିଛି କାର୍ଯ୍ୟକଳାପ ପ୍ରାର୍ଥୀଙ୍କର ନଜରକୁ ଆସେ ଅଥବା ଯଦି କୌଣସି ବ୍ୟକ୍ତି ଉତ୍ପୋଚ ଦେବା ନେବା ବିଷୟରେ କହୁଥା'ନ୍ତି, ତେବେ ଏହାକୁ ତୁରନ୍ତ ରାଜ୍ୟ/ଜିଲ୍ଲା/ ବାଟାଲିୟନର ଅଧକ୍ଷ/ ସଦସ୍ୟଙ୍କୁ ଜଣାଇବା ସଙ୍ଗେ ସଙ୍ଗେ ରାଜ୍ୟ ଦୁର୍ନୀତି ନିବାରଣ ବିଭାଗଙ୍କ ଟୋଲ୍ ଫ୍ରି ଟେଲିଫୋନ୍ ନଂ. ୧୦୬୪ ଏବଂ ଟେଲିଫୋନ ନଂ. ୦୬୭୧-୨୩୦୫୯୮୮ (ଦୁର୍ନୀତି ବିଭାଗ ମୁଖ୍ୟ କାର୍ଯ୍ୟାଳୟ, କଟକ), ୦୬୭୧-୨୩୦୫୬୮୨ (କଟକ ଡିଭିଜନ), ୦୬୭୪-୨୩୯୬୬୪୮ (ଭୁବନେଶ୍ୱର ଡିଭିଜନ), ୦୬୮୦-୨୨୮୨୩୦୦ (ବ୍ରହ୍ମପୁର ଡିଭିଜନ), ୦୬୬୮-୨୨୫୫୦୦୫ (ବାଲେଶ୍ୱର ଡିଭିଜନ), ୦୬୬୩-୨୪୧୨୧୧୫ (ସମ୍ବଲପୁର ଡିଭିଜନ) ଏବଂ ୦୬୮୫-୪୨୩୩୩୩୦ (କୋରାପୁଟ୍ ଡିଭିଜନ)ରେ ଜଣାଇବେ। ଏତଦ୍‌ବ୍ୟତୀତ ନିମ୍ନରେ ଦର୍ଶାଯାଇଥିବା ରାଜ୍ୟ ସିଲେକ୍ସନ ବୋର୍ଡର e-mail ID ଏବଂ help line numberରେ ମଧ୍ୟ ଯୋଗାଯୋଗ କରିପାରିବେ।

ଅଧକ୍ଷା
ରାଜ୍ୟ ସିଲେକ୍ସନ ବୋର୍ଡ
ଓଡ଼ିଶା ପୋଲିସ, କଟକ

**ବି.ଦ୍ର.:** ରାଜ୍ୟ ସିଲେକ୍ସନ ବୋର୍ଡର ଇ-ମେଲ ଆଇଡି: opssb.odpol@nic.in
Help line number: ୦୬୭୧-୨୩୦୨୪୪୪, ୦୬୭୧-୨୩୦୧୬୬୬

12028/11/0009/1819

## ଓଡ଼ିଶା ସରକାର
## କେନ୍ଦୁଝର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ

**ଅଧିସୂଚନା**

File No.: LA Case No.- 18/2018 **1219** Dated 25.07.2018

**No. V-53:-** ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି, ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ମୟୂରଭଞ୍ଜ ଜିଲ୍ଲାର ଦେଓ ମଧ୍ୟମ ଜଳସେଚନ ପ୍ରକଳ୍ପର କେନାଲ ନିର୍ମାଣ ନିମନ୍ତେ ସରକାର (Appropriate Government) ସରକାରୀ ବ୍ୟୟରେ ମୌଜା- ହଳଦୀବଟା, ଥାନା- ପାଟଣା, ନଂ.-୧୯୬, ତହସିଲ- ସାହାରପଡ଼ା, ଜିଲ୍ଲା- କେନ୍ଦୁଝରରେ ନିମ୍ନ ତଫସିଲମତେ ପ୍ରାୟ ଏ.୨.୬୨ ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି।

ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ ୨୦୧୩ (RFCTLAR & R Act, 2013)ର ୧୧(୧) ଧାରାରେ ଭାରପ୍ରାପ୍ତ ହୋଇ ସରକାର (Appropriate Government) ଏତଦ୍ଦ୍ୱାରା ନିମ୍ନ ଅନୁସୂଚୀରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଉଛି।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ ୧୧(୧) ଧାରା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥିସହିତ ସଂଲ୍ଗ୍ନ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ।

ଯଦି ସଂଲ୍ଗ୍ନ ଜମିର କୌଣସି ସ୍ୱତ୍ୱାଧିକାରୀ / ଜମିମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟରେ ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ ଦ

ଧରିତ୍ରୀ
DHARITRI
ସମ୍ବଲପୁର,ବୁଧବାର, ୨୯ ଅଗଷ୍ଟ, ୨୦୧୮

**ଯାଦବ ସମାଜର ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ ପ୍ରସ୍ତୁତ**

ସ୍ଥାନୀୟ କଲ୍ୟାଣ ମଣ୍ଡପରେ ଯାଦବ ସମାଜ ତରଫରୁ ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ ଉତ୍ସବ ପାଳନ ସକାଶେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି ।



## ସଂକ୍ଷେପରେ

### ପୂର୍ଣ୍ଣିମାରେ ଭବାନୀ ଶଙ୍କର ମନ୍ଦିରରେ ଲକ୍ଷେ ବେଲପତ୍ର ଲାଗି

ଭବାନୀପାଟଣା,୨୮।୮(ଡି.ଏନ.ଏ.)
ଭବାନୀପାଟଣାସ୍ଥିତ ଭବାନୀ ଶଙ୍କର ମନ୍ଦିରରେ ଶ୍ରାବଣ ପୂର୍ଣ୍ଣିମା ଉପଲକ୍ଷେ ଲକ୍ଷେ ବେଲପତ୍ର ଲାଗି କରାଯାଇଛି। ଏଥିନିମନ୍ତେ ଶନିବାର ପ୍ରାୟ ୭୦ ଜଣ ଶ୍ରଦ୍ଧାଳୁ ଭବାନୀପାଟଣାଠାରୁ ୫ କି.ମି. ଦୂର ଗୁଣ୍ଡି ଡଙ୍ଗରକୁ ବେଲପତ୍ର ତୋଳି ଯାଇଥିଲେ। ଶ୍ରଦ୍ଧାଳୁମାନେ ଅପରାହ୍ନ ୫ଟା ଯାଏଁ ଡଙ୍ଗରରୁ ବେଲ ପତ୍ର ସଂଗ୍ରହ କରିଥିଲେ। ସନ୍ଧ୍ୟାରେ ମନ୍ଦିର ମଣ୍ଡପରେ ପ୍ରାୟ ୩୦ ଜଣ ଶ୍ରଦ୍ଧାଳୁ ବେଲପତ୍ର ଗଣତି କରିଥିଲେ। ସୋମବାର ଭୋରରୁ ଭବାନୀଶଙ୍କର ମହାଦେବଙ୍କ ନିତିକାନ୍ତି ଓ ଆଳତୀ ପରେ ମହାଦେବଙ୍କ ଉପରେ ୧ ଲକ୍ଷ ବେଲପତ୍ର ଲାଗି କରାଯାଇଥିଲା। ଦିନ ତମାମ ହଜାର ହଜାର ଶ୍ରଦ୍ଧାଳୁ ବେଲପତ୍ର ଲାଗି ରୂପ ଦର୍ଶନ କରିବାର ସୁଯୋଗ ପାଇଥିଲେ।

### ଚିକିତ୍ସାଧୀନ ଅବସ୍ଥାରେ କ୍ୟାନସର ପୀଡ଼ିତ ଶିକ୍ଷକଙ୍କ ମୃତ୍ୟୁ

କୋକସରା,୨୮।୮(ଡି.ଏନ.ଏ.)
କଳାହାଣ୍ଡି ଜିଲା କୋକସରା ବ୍ଲକ ଶିକ୍ଷା ବିଭାଗ ଅଧୀନରେ କାର୍ଯ୍ୟରତ ଶିକ୍ଷକ ଖୁସିରାମ ଦାସଙ୍କ ମଙ୍ଗଳବାର ଚିକିତ୍ସାଧିନ ଅବସ୍ଥାରେ ମୃତ୍ୟୁ ଘଟିଛି। କୋକସରା ବ୍ଲକ ଲଡୁଗାଁ ଗ୍ରାମର ଖୁସିରାମ କେନସର ରୋଗରେ ପୀଡିତ ହେବା ପରେ ଗତ ୧ ମାସ ହେବ କଟକରେ ଚିକିତ୍ସିତ ହେଉଥିଲେ। ଶିକ୍ଷକଙ୍କ ବିୟୋଗ ଖବର ପ୍ରଚାରିତ ହେବା ପରେ ଶେଷ ଦର୍ଶନ ଓ ପରିବାରବର୍ଗକୁ ସମବେଦନା ଜଣାଇବା ପାଇଁ ଶିକ୍ଷକ ସଂଘ ନେତା ପ୍ରେମଲାଲ ସାହୁ, ଗଗନ ପଟ୍ଟନାୟକ, ପଙ୍କଜ ପରିଡା ସହ ଅନେକ ଶିକ୍ଷକ ତାଙ୍କ ବାସଭବନରେ ପହଞ୍ଚିଥିଲେ। ପରଲୋକ ଶିକ୍ଷକ ଜଣେ ମେଳାପି, ମିଷ୍ଟଭାଷି ହୋଇଥିବାରୁ କୋକସରା ବ୍ଲକ ଶିକ୍ଷକ ମହଲରେ ଶୋକରଛାୟା ଖେଳିଯାଇଛି।

### ଗଙ୍ଗାଧର ଜୟନ୍ତୀ ପାଳିତ

ଗୁଡଭେଲା,୨୮।୮(ଡି.ଏନ.ଏ.)
ବଲାଙ୍ଗୀର ଜିଲା ତୁଷୁରାସ୍ଥିତ ତୋଷାଳୀ ମହିଳା ମହାବିଦ୍ୟାଳୟରେ ମଙ୍ଗଳବାର ଗଙ୍ଗାଧର ମେହେରଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ପୂର୍ବତନ ଜିଲା ପରିଷଦ ସଭ୍ୟା ସୌଦାମିନୀ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଅଧ୍ୟାପକ ଦାଶରଥୀ ଆଚାର୍ଯ୍ୟ ମୁଖ୍ୟବକ୍ତା ଭାବେ ଯୋଗଦେଇ ଗଙ୍ଗାଧରଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ । ପରିଚାଳନା କମିଟି ସମ୍ପାଦକ ରାଜେଶ ସରାଫ ସ୍ୱାଗତ ଭାଷଣ ଏବଂ ନିର୍ଦ୍ଦେଶକ ସଞ୍ଜୀବ ପ୍ରଧାନ ଧନ୍ୟବାଦ ଦେଇଥିଲେ ।

ସନବାହାଲି ଏକ ସମ୍ପୂର୍ଣ୍ଣ ବୁଡିଗ୍ରାମ

# ଖଦି ଘରେ ଚାଲିଛି ଅଙ୍ଗନୱାଡ଼ି କେନ୍ଦ୍ର

ନୂଆପଡା ଅଫିସ,୨୮।୮

ଖଦି ଉଦ୍ୟୋଗର ଘରେ ଚାଲିଥିବା ଅଙ୍ଗନୱାଡି କେନ୍ଦ୍ରରେ ପିଲାମାନେ ପାଠପଢୁଛନ୍ତି ।

ଲୋୟର ଇନ୍ଦ୍ର ଜଳ ସେଚନ ପ୍ରକଳ୍ପ ନିର୍ମାଣ ହେବ । ଏଥିରେ ବାସସ୍ଥାପିତ ଲୋକମାନଙ୍କୁ ସବୁ ପ୍ରକାରେ ଥଇଥାନ କରାଯିବ ବୋଲି ଥଇଥାନ ନୀତିରେ ଉଲ୍ଲେଖ ରହିଛି । ହେଲେ ଜିଲା କର୍ତ୍ତୃପକ୍ଷଙ୍କ ଉଦାସୀନତା ଯୋଗୁ ବିଭିନ୍ନ କ୍ଷେତ୍ରରେ ଅବହେଳା କରାଯାଇଥିବା ବର୍ତ୍ତମାନ ଗୋଟି ଗୋଟି କରି ଦୃଶ୍ୟମାନ ହେଉଛି । ନୂଆପଡ଼ା ଜିଲା କୋମନା ବ୍ଲକ ଅନ୍ତର୍ଗତ ଅଗ୍ରେନ ଗ୍ରାମପଞ୍ଚାୟତ ସନବାହାଲି ଏକ ସମ୍ପୂର୍ଣ୍ଣ ବୁଡିଗ୍ରାମ । ଏଠିକାର ସବୁ ଜମି ଘରକୁ ବୁଡି ଘୋଷଣା କରାଯାଇଛି । ହେଲେ ଏହି ଗାଁର ଲୋକଙ୍କୁ ଅନ୍ୟତ୍ର ଥଇଥାନ କରାଯାଇପାରି ନ ଥିବାରୁ ଲୋକେ ଗାଁ ଛାଡି ନାହାନ୍ତି । ଗ୍ରାମବାସୀଙ୍କ ସକାଶେ ଉଲ୍ଲିଖିତ ସେବା ପ୍ରଦାନରେ ଅବହେଳା କରାଯାଉଥିବା ପରିଲକ୍ଷିତ ହେଉଛି । ଏହି ଗାଁର ପ୍ରାକ ବିଦ୍ୟାଳୟ ଶିକ୍ଷା ଅର୍ଥାତ ଅଙ୍ଗନୱାଡି ବ୍ୟବସ୍ଥାକୁ ଦେଖିଲେ ସବୁ ଜଳ ଜଳ ହୋଇ ଦିଶୁଛି । ଦୁଇଟି ୱାର୍ଡ ଥିବା ସନବାହାଲି ଗାଁରେ ମୋଟ ୧୦୦ ପରିବାର ବାସ କରନ୍ତି । ଏଠିକାର କାଳିମାଟିଆ ପଡାରେ ଶିଶୁମାନଙ୍କ ସକାଶେ ଆଜକୁ ୫ବର୍ଷ ତଳେ ଏକ ଅଙ୍ଗନୱାଡି କେନ୍ଦ୍ର ମଞ୍ଜୁରୀ ହୋଇଥିଲା । ଏଠାରେ ୨୦ରୁ ଊର୍ଦ୍ଧ୍ୱ ଶିଶୁ ପାଠ ପଢୁଥିବା ବେଳେ ବର୍ତ୍ତମାନ ସୁଦ୍ଧା କୌଣସି କେନ୍ଦ୍ରର ବ୍ୟବସ୍ଥା ନାହିଁ । ଏଥିସକାଶେ ଏକ ୫ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ବ୍ଲକ ତରଫରୁ ଅଙ୍ଗନୱାଡି ଗୃହ ନିର୍ମାଣ କାମ ଚାଲିଥିଲା । ଏହା ବୁଡି ଗ୍ରାମ ବୋଲି ଏହାକୁ ଅଧାରେ ବନ୍ଦ କରି ଦିଆଗଲା । ନିଜର ଘର ନ ଥିବାରୁ ଏକ ଅସ୍ଥାୟୀ କୁଡିଆରେ ଏହି କେନ୍ଦ୍ର ଚାଲିଥିଲା । କିଛି ଦିନ ଚାଲିବା ପରେ ଏହା ଭାଙ୍ଗିଯାଇଥିଲା । ପରେ ଗ୍ରାମବାସୀ ଏହାକୁ ଖଦି ଘରେ ଚଳାଇବାକୁ ନିଷ୍ପତ୍ତି ନେଲେ । ବର୍ତ୍ତମାନ ବର୍ଷା ଦିନେ ଏହି ଘରେ ଚାଲିଛି ଅଙ୍ଗନୱାଡ଼ି କେନ୍ଦ୍ର । ଖରା ବର୍ଷା ଏହି ଘରେ ଶିଶୁମାନେ ବିପଦସଙ୍କୁଳ ଅବସ୍ଥାରେ ରହି ପାଠ ପଢୁଛନ୍ତି । ଏହା ଉପରେ କର୍ମୀ ଅଞ୍ଜନା ପୂଜାରୀ କହନ୍ତି ଆଜକୁ ୫ ବର୍ଷ ହେବ ଏପରି ହଇରାଣ ହୋଇ କେନ୍ଦ୍ର ପରିଚାଳନା କରୁଛନ୍ତି । ଏହାକୁ ସରକାରୀ ସ୍ତରରେ ଅଧିକାରୀମାନେ ଆସି ମଧ୍ୟ ବିକଳ୍ପ ବ୍ୟବସ୍ଥା କରୁନାହାନ୍ତି । ଫଳରେ ପ୍ରାକ ବିଦ୍ୟାଳୟ ଶିକ୍ଷା ବାଧାପ୍ରାପ୍ତ ହେଉଛି । ଠିକ ସମୟରେ ଖାଇବା, ପାଠ ପଢିବା ହୋଇପାରୁ ନ ଥିବା କହିଛନ୍ତି । ଗ୍ରାମବାସୀ ମଧ୍ୟ ବାରମ୍ବାର ଏହାକୁ ନେଇ ବ୍ଲକ ଏବଂ ଜିଲା କର୍ତ୍ତୃପକ୍ଷଙ୍କୁ ଜଣାଇଛନ୍ତି । ହେଲେ କେହି ଏହା ଉପରେ ଧ୍ୟାନ ଦେଉ ନ ଥିବା ଗାଁର କାର୍ତ୍ତିକ ଅହୀର, ନକୁଳ ମାଝି, ଚରଣ ମାଝି ପ୍ରମୁଖ ଅଭିଯୋଗ କରିଛନ୍ତି । ଏହା ଉପରେ ବିସ୍ତାପନ ଏବଂ ଥଇଥାନ ଅଧିକାରୀ ଡ. ହିମାଞ୍ଚଳ ମାଝିଙ୍କୁ ପଚାରିବାରେ ଏହି ଗ୍ରାମ ସମ୍ପୂର୍ଣ୍ଣ ବୁଡି ଗ୍ରାମ ଭାବେ ଘୋଷିତ ହେବା ସହ ସମସ୍ତଙ୍କୁ କ୍ଷତିପୂରଣ ରାଶି ଦିଆଯାଇଛି । ସେମାନେ ଅନ୍ୟ କୌଣସି ଜାଗାରେ ଯାଇ ରହିଲେ ସେଠାରେ ସେମାନଙ୍କୁ ଅଙ୍ଗନୱାଡି ସେବା ପ୍ରଦାନ କରାଯିବ ବୋଲି କହିଛନ୍ତି। ଗ୍ରାମବାସୀଙ୍କ କହିବାନୁଯାୟୀ ସେମାନଙ୍କ ସବୁ ପ୍ରକାର ଥଇଥାନ ପ୍ୟାକେଜ ନ ଦେବା ପର୍ଯ୍ୟନ୍ତ ଗାଁ ଛାଡିବେନାହିଁ । ସରକାରୀ ସେବାଗୁଡିକ ପ୍ରଦାନ କରିବାକୁ ଦାବି କରିଛନ୍ତି ।

**ଲୋୟର ଇନ୍ଦ୍ର ଜଳ ସେଚନ ପ୍ରକଳ୍ପ**

- ପ୍ରାକ ବିଦ୍ୟାଳୟ ଶିକ୍ଷା ବେହାଲ
- ପ୍ରଶାସନର ଦୃଷ୍ଟି ନାହିଁ
- ବାର ଦୁଆର ବୁଲୁଛନ୍ତି ଶିଶୁ

# ଯାଦବ ସମାଜର ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ ପ୍ରସ୍ତୁତି

ନୂଆପଡା ଅଫିସ,୨୮।୮

ସ୍ଥାନୀୟ କଲ୍ୟାଣ ମଣ୍ଡପରେ ଯାଦବ ସମାଜ ତରଫରୁ ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ ଉତ୍ସବ ପାଳନ ସକାଶେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏନଏସି ସଭାପତି ଜୟରାମ ଛତ୍ରିଆଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ସମସ୍ତ ୱାର୍ଡ ତଥା ଆଖପାଖ ଗାଁର ବହୁ କର୍ମକର୍ତ୍ତା ଯୋଗଦେଇଥିଲେ । ଯାଦବ ସମାଜର କିପରି ସାମାଜିକ, ସାଂସ୍କୃତିକ ଏବଂ ଆର୍ଥିକ କ୍ଷେତ୍ରରେ ପ୍ରଗତି ହେବ ସେଥିପାଇଁ ବିସ୍ତୃତ ଭାବରେ ଆଲୋଚନା ହୋଇଥିଲା । ଆଗକୁ ହେବାକୁ ଥିବା ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ ତିଥିରେ ନୂଆପଡା ସହରରେ ପ୍ରଥମ ଥର ପାଇଁ ଜିଲାସ୍ତରୀୟ କାର୍ଯ୍ୟକ୍ରମ କରାଯିବ । ଏଥିରେ ଜିଲାର ସମସ୍ତ ଜିଲାସ୍ତରୀୟ କର୍ମକର୍ତ୍ତାଙ୍କ ସହ ତୃଣ ମୂଳସ୍ତରରେ ସମାଜ ପାଇଁ କାମ କରୁଥିବା ସାମାଜିକ କର୍ମକର୍ତ୍ତାମାନଙ୍କୁ ନିମନ୍ତ୍ରଣ କରି ସାମିଲ କରାଯିବା ପାଇଁ ଚୂଡାନ୍ତ କରାଯାଇଛି । ଏହି ପୂଜା ଦିନ ସବୁ ପରିବାରର ସଦସ୍ୟ ସକ୍ରିୟ ଭାବେ ଅଂଶ ଗ୍ରହଣ କରି ଶ୍ରୀକୃଷ୍ଣଙ୍କ ପୂଜାର୍ଚ୍ଚନା କରିବାକୁ ନିଷ୍ପତ୍ତି ହୋଇଛି । ଏହି ବୈଠକକୁ ଆବାହକ ରାଟୁଲ ବାଗ ପରିଚାଳନା କରିଥିବା ବେଳେ ଭରତ ରାଉତ, ମହେଶ ନିଆଲ, ପ୍ରଦୀପ ରାଉତ, ଶରତ ହଂସ, ଗଜେନ୍ଦ୍ର ନିଆଲ, ଲାଲମନ ରାଉତ, ରିଙ୍କୁ ବଗର୍ତ୍ତି, ଅଶ୍ୱିନୀ ବାଗ, କରୁଣା କର ଚଣ୍ଡୀ, କାଉ ବାଗ, ଅଶୋକ ନାଗ ପ୍ରମୁଖ ଯୋଗ ଦେଇଥିଲେ ।

ଯାଦବ ସମାଜର ପ୍ରସ୍ତୁତି ବୈଠକରେ ଯୋଗଦେଇଥିବା କର୍ମକର୍ତ୍ତା ବୃନ୍ଦ ।

# ରୋଗୀସେବା ପାଇଁ ଲମ୍ବା ଲାଇନ୍

ଖଡିଆଳ,୨୮।୮(ଡି.ଏନ.ଏ.)

ନୂଆପଡା ଜିଲା ଖଡିଆଳ ସରକାରୀ ଡାକ୍ତରଖାନା ଉପଖଣ୍ଡସ୍ତରୀୟ ଡାକ୍ତରଖାନାର ମାନ୍ୟତା ପାଇଥିବା ବେଳେ ବର୍ତ୍ତମାନ ରୋଗୀଙ୍କ ଅନୁପାତରେ ଡାକ୍ତରଙ୍କ ସଂଖ୍ୟା କମ୍ ଥିବା ବେଳେ ରୋଗୀ ସେବା ବିପର୍ଯ୍ୟସ୍ତ ହୋଇପଡିଛି । ଗତ କିଛି ଦିନ ହେଲା ଖଡିଆଳ ସରକାରୀ ଡାକ୍ତରଖାନାରେ ଖଡିଆଳ ସମେତ ପଡୋଶୀ ସିନାପାଲି, ବୋଡେନ ବ୍ଲକ ସହିତ ବଲାଙ୍ଗୀର ଓ କଳାହାଣ୍ଡି ଜିଲା ସୀମାନ୍ତ ଅଞ୍ଚଳର ଲୋକେ ନିର୍ଭର କରନ୍ତି । କିଛି ଦିନ ହେଲା ୪୦୦ ରୁ ୫୦୦ ରୋଗୀ ଚିକିତ୍ସା ପାଇଁ ଆସୁଥିବା ଦେଖିବାକୁ ମିଳିଛି । ଫଳରେ ଅନେକ ରୋଗୀ ଚିକିତ୍ସା କରି ନ ପାରି ନିରାଶ ହୋଇ ଫେରି ଯାଉଥିବା ଦେଖିବାକୁ ମଧ୍ୟ ମିଳିଛି । ବିଶେଷ କରି ଶିଶୁ ରୋଗ ସମେତ ଜ୍ୱର, କାଶ ଆଦି ରୋଗୀଙ୍କ ସଂଖ୍ୟା ଅଧିକ ହେଉଥିବା ବେଳେ ଡାକ୍ତରଖାନାରେ ପ୍ରବଳ ଭିଡ ଲାଗିରହିଛି । ସ୍ତ୍ରୀ ରୋଗଙ୍କ ସମେତ ଶିଶୁ ରୋଗ ବିଶେଷଜ୍ଞ ଡାକ୍ତର ସମେତ ଅନ୍ୟ ୩ଜଣ ଡାକ୍ତର ବର୍ତ୍ତମାନ କାର୍ଯ୍ୟରତ ଥିବା ବେଳେ ବର୍ତ୍ତମାନ ରୋଗୀ ସଂଖ୍ୟା ଅନୁପାତରେ ନିଅଣ୍ଟ ଥିବା ଅଭିଯୋଗ ହୋଇଛି । ଏପରିସ୍ଥିତିରେ ଜିଲା ପ୍ରଶାସନ ଓ ଜିଲା ସ୍ୱାସ୍ଥ୍ୟ ବିଭାଗ ଗୁରୁତର ସହ ନେଇ ଆବଶ୍ୟକ ଡାକ୍ତର ଯୋଗାଇବା ଦିଗରେ ଦାବି ହେଉଛି ।

ଶିଶୁ ରୋଗ ଡାକ୍ତରଙ୍କଠାରେ ରୋଗୀଙ୍କ ଚିକିତ୍ସା ଲାଗି ସମ୍ପର୍କୀୟଙ୍କ ଲମ୍ବା ଲାଇନ ।

# ଘାଟିମୁଡିଆଣିକଁର ଡଙ୍ଗରଯାତ୍ରା ଉଦ୍‌ଯାପିତ୍

କୋକସରା,୨୮।୮(ଡି.ଏନ.ଏ.)

କଳାହାଣ୍ଡି ଜିଲା କୋକସରା ଗୋତୋମୁଣ୍ଡା ଗାଁର ସିମାନାରେ ଥିବାର ସାଗାଜଖୋଲ ସଂରକ୍ଷିତ ଜଂଗଲ ପାସର ଦେବୀ ଘାଟିମୁଡିଆଣି ଆର୍ ସର୍ବମଙ୍ଗଳାକଁର ବଛରକି ଡଙ୍ଗରଯାତ୍ରା ମଙ୍ଗଳବାର ଅନୁଷ୍ଠିତ୍ ହେଇଯାଇଛେ। ଇ ସମିଆରେ ଝରି ବର୍ଷା ଲାଗି ରହିଥିଲେ ବି ହଜାର ହଗାର ଭକତ୍ ପୀଠରେ ଠୋଲ୍ ହେଇ ପୂଜାପାଠ୍ କର୍‌ବାର ସଂଗେ ବଳି ଚଢ଼େଇଥିଲେ। ଯେତ୍‌ଥିର୍‌ଲାଗି ଦେବୀ ଘାଟିମୁଡିଆଣି ପୀଠ୍ ରକତ୍‌ରେ ଲାଲ୍ ହେଇଯାଇଥିଲା। ଶହ ଶହ ଭକତ୍ ପୀଠ ପାସେ ଥିବାର ଅଠରନଲାର ଖଁଡିଥି ବଳି ଦିଆଯାଇଥିବାର ପଶୁପକ୍ଷୀକୁଁ ଦେବୀକଁର ପର୍‌ସାଦ୍ ହିସାବେ ରଁଧାବଢ଼ା କରି ଖାଇଥିଲେ। ସେନ୍‌ତା ଡଙ୍ଗରଯାତ୍ରା ଜରିଆରେ ଚଲ୍‌ତି ବଛର୍‌ର ଫସଲ୍‌ରେ ଉନ୍‌ନତି, ସଣ୍ଡାପାଟ ଅଂଚଲ୍‌ରେ ବାସ୍ କରୁଥିବାର ଅଧିବାସୀମାନ୍‌କର ମଂଗଲ୍ ହେଉ ବଲି ମାନ୍‌ସିକ୍ କରି ଇ ଯାତ୍‌ରା ହେସି ବଲି ଭକତ୍‌ମାନେ କହିଛନ୍‌। ଡଙ୍ଗରଯାତ୍‌ରା ଆରମ୍ ହେଲା ଆଗ୍‌ରୁ ଦେବୀକଁର ପୂଜା ସାମାନ୍ ଦେହେରୀକଁର ଘରୁ ବଜାଗଜା ବଜେଇ ଗୁଟେ ଶୋଭାଯାତ୍‌ରାରେ ପୀଠକେ ଅନାଯାଇଥିଲା। ଦେବୀ ଘାଟିମୁଡିଆଣିକଁର ପୂଜା ଶେଷ୍ ହେଲା ଉତାରୁ ଦେହେରୀ ପାସେ ଥିବାର ସର୍ବମଙ୍ଗଳା ପୀଠକେ ଯାଇ ପୂଜା କର୍‌ବାର ସଂଗେ ଦେବୀକୁଁ ଧଳା ବୁକା ବଳି ଚଢ଼େଇ ଫିରିଥିଲେ। ୨ ଦେବୀକଁର ପୀଠରେ ପୂଜାପାଠ୍ ସଏଲା ଉତାରୁ ବରୁଆମାନେ ପୀଠ ପରିସରରେ ନାଚିଥିଲେ। ଆୟୋଜିତ୍ ଡଙ୍ଗରଯାତ୍‌ରାରେ ୨ ଦେବୀ ପୂଜକ୍ ପରିଚାଳନା କରିଥିଲା ବେଳେ ଗୋତୋମୁଣ୍ଡା ଆର୍ ଆସର ପାସର ଗାଁର ପୂଜକ୍, ଗାଁବାସୀମାନେ ସହଯୋଗ୍ କରିଥିଲେ।

ଡଙ୍ଗରଯାତ୍ରା ବେଳେ ଦେବୀକଁର ପୀଠରେ ପୂଜାପାଠ୍ ଚାଲିଛେ।

## ବିଶ୍ୱନାଥପୁରଠାରେ ଜିଲାସ୍ତରୀୟ ସମୀକ୍ଷା ଆଜି

ଲାଞ୍ଜିଗଡ଼,୨୮।୮(ଡି.ଏନ.ଏ.)

ରାଜ୍ୟ ଖାଦ୍ୟ ଓ ଯୋଗାଣ ତଥା ଖାଉଟି କଲ୍ୟାଣ ବିଭାଗର କମିଶନର ତଥା ସଚିବ ବୀର ବିକ୍ରମ ଯାଦବ ବୁଧବାର କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ଗସ୍ତରେ ଆସୁଛନ୍ତି । ଯାଦବ ବର୍ତ୍ତମାନ କଳାହାଣ୍ଡି ଜିଲାର ନୋଡ଼ାଲ ଅଫିସର ଦାୟିତ୍ୱରେ ଥିବାରୁ ତାଙ୍କ ଗସ୍ତ ଜିଲା ତଥା ବ୍ଲକ ପାଇଁ ଅତି ଗୁରୁତ୍ୱପୂର୍ଣ୍ଣ ହୋଇ ପଡିଛି । ଯାଦବଙ୍କ ଗସ୍ତ କାର୍ଯ୍ୟକ୍ରମରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ତଦାରଖ ଓ ଏକ ଜିଲାସ୍ତରୀୟ ସମୀକ୍ଷା ବୈଠକ ରହିଛି । ବୁଧବାର ସଚିବ ବ୍ଲକର କେତେକ ଅଞ୍ଚଳ ବୁଲି ଦେଖିବା ପରେ ବ୍ଲକ ମୁଖ୍ୟାଳୟ ବିଶ୍ୱନାଥପୁରଠାରେ ଜିଲାର ୧୩ଟି ଯାକ ବ୍ଲକର ବିଡିଓ ତଥା ଅନ୍ୟ ପଦାଧିକାରୀଙ୍କୁ ନେଇ ଏକ ସମୀକ୍ଷା ବୈଠକ କରିବେ ବୋଲି ଜଣାପଡିଛି । ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାର ଅଗ୍ରଗତି ସମ୍ପର୍କରେ ମଧ୍ୟ ବୈଠକରେ ଆଲୋଚନା ହେବାର ସମ୍ଭାବନା ରହିଛି । ସଚିବଙ୍କ ଗସ୍ତକୁ ନେଇ ବ୍ଲକ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି ।

# ଅଧାପନ୍ତରିଆ ଡ୍ରେନରେ ଆବର୍ଜ୍ଜନା, ମଇଳା ପାଣି

ଖଡିଆଳ,୨୮।୮(ଡି.ଏନ.ଏ.)

ଡ୍ରେନରେ ମଇଳା ପାଣି ଜମି ରହିଛି।

ବର୍ତ୍ତମାନ ସାରା ରାଜ୍ୟରେ ଡେଙ୍ଗୁ ଜ୍ୱରକୁ ନେଇ ରାଜ୍ୟବାସୀ ଆତଙ୍କିତ। ଏହି ପରିସ୍ଥିତିରେ ରାଜ୍ୟ ସରକାର ଡେଙ୍ଗୁ ରୋଗର ମୁକାବିଲା କରିବା ସହ ଡେଙ୍ଗୁ ରୋଗରୁ କିପରି ଦୂରେଇ ରହିବେ ସେଥିପାଇଁ ସଚେତନତା କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି। ଏଥିରେ କୋଟି କୋଟି ଟଙ୍କା ଖର୍ଚ୍ଚ ମଧ୍ୟ କରୁଛନ୍ତି ସରକାର। ବିଶେଷ କରି ଘରର ଆଖପାଖ ଅଞ୍ଚଳରେ ପାଣି ଜମା ନ କରିବା ପାଇଁ ନିବେଦନ କରୁଛନ୍ତି। ତେବେ ନୂଆପଡା ଜିଲା ଖଡିଆଳ ଏନଏସିରେ ସତେ ଯେମିତି ଏହା ପ୍ରହସନରେ ପରିଣତ ହୋଇଛି କହିଲେ ଅତ୍ୟୁକ୍ତ ହେବ ନାହିଁ। ସେହିପରି ଖଡିଆଳ ସହରର ରାଜା ଆର୍ତ୍ତତ୍ରାଣ ଉଚ୍ଚ ବିଦ୍ୟାଳୟ ସମ୍ମୁଖରେ ଜାତୀୟ ରାଜପଥ ବିଭାଗ ପକ୍ଷରୁ ନିର୍ମାଣ ହେଉଥିବା ଡ୍ରେନ କାମ ଅଧାପନ୍ତରିଆ ଅବସ୍ଥାରେ ପଡି ରହିଛି। ମଇଳା ପାଣି ଜମି ରହିବା ଫଳରେ ଦୁର୍ଗନ୍ଧ ହେବା ସହ ମଶା ମାଛିଙ୍କ ପ୍ରାଦୁର୍ଭାବ ବଢିବାରେ ଲାଗିଛି । ଫଳରେ ଏହା ଡେଙ୍ଗୁ କିମ୍ବା ମ୍ୟାଲେରିଆ ଜ୍ୱର, ଝାଡାବାନ୍ତି ରୋଗକୁ ନିମନ୍ତ୍ରଣ କରୁଛି କହିଲେ ଅତ୍ୟୁକ୍ତି ହେବ ନାହିଁ । ତେବେ ଏଥିପ୍ରତି ଏନଏସି କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଅଛି ନା ଜାତୀୟ ରାଜପଥ ବିଭାଗର। ସବୁ ଜାଣି ନ ଜାଣିଲା ପରି ଏନଏସି କର୍ତ୍ତୃପକ୍ଷ ଓ ଜାତୀୟ ରାଜପଥ ବିଭାଗ ନିରବଦ୍ରଷ୍ଟା ସାଜିଥିବା ଅଭିଯୋଗ ହୋଇଛି । ଯାହାକୁ ନେଇ ଲୋକଙ୍କ ମଧ୍ୟରେ ଏକ ପ୍ରକାର ଅସନ୍ତୋଷ ଦେଖାଦେଇଛି । ବର୍ତ୍ତମାନ ଅଧାପନ୍ତରିଆ ଭାବେ ପଡି ରହିଥିବା ଡ୍ରେନର ପରିମଳ ବ୍ୟବସ୍ଥା ଯେପରି ହୋଇଛି କୌଣସି ମୁହୂର୍ତ୍ତରେ ଖଡିଆଳ ସହରରେ ଡେଙ୍ଗୁ ରୋଗ ନ ବଢିବ ଯେ ତାହା ଏଡାଇ ଦିଆଯାଇ ନ ପାରେ । ଏଣୁ ଏଥିପାଇଁ ଜିଲା ପ୍ରଶାସନ ସ୍ୱତନ୍ତ୍ର ଦୃଷ୍ଟି ଦେଇ ଅଧାପନ୍ତରିଆ ଭାବେ ପଡି ରହିଥିବା ଡ୍ରେନ କାମ ସମ୍ପୂର୍ଣ୍ଣ କରିବା ଦିଗରେ ପଦକ୍ଷେପ ନେବାକୁ ସହରବାସୀ ଦାବି କରିଛନ୍ତି ।

ନିର୍ମାଣ ଅବଧି ନ ସରୁଣୁ ପ୍ରଧାନମନ୍ତ୍ରୀ ସଡକରେ ଫାଟ ଘଟଣା

# ଖବର ପ୍ରକାଶ ପରେ ପ୍ରଶାସନର ତତ୍ପରତା

ଖଡିଆଳ,୨୮।୮(ଡି.ଏନ.ଏ.)

ନୂଆପଡା ଜିଲା ଖଡିଆଳ ବ୍ଲକ ଖୁଦପେଟ୍ଟ ଗାଁଠାରୁ ବରଗାଁ ଯିବା ରାସ୍ତା ଏମଡିଆର ୧୨୧୦ରୁ ମହୁଲମୁଣ୍ଡା ଗାଁକୁ ୧.୫ କି.ମି. ରାସ୍ତା ନିର୍ମାଣ ପାଇଁ ଗ୍ରାମ ଉନ୍ନୟନ ବିଭାଗ ପକ୍ଷରୁ ପ୍ରଧାନମନ୍ତ୍ରୀ ସଡକ ଯୋଜନାରେ ସାମିଲ କରାଯାଇ ଗତ ଜାନୁୟାରୀ ୧ ତାରିଖରୁ କାମ ଆରମ୍ଭ ହୋଇଥିଲା । କାମର ଅବଧି ଜୁଲାଇ ୩୧, ୨୦୧୮ ପର୍ଯ୍ୟନ୍ତ ଥିବା ବେଳେ କାମ ଅଦ୍ୟାବଧି ସମ୍ପୂର୍ଣ୍ଣ ହୋଇଥିଲା । ଏହି କାମ ପାଇଁ ନୂଆପଡା ଜିଲା ବାବେବୀର ଗାଁର ଠିକାଦାର ଲକ୍ଷ୍ମୀଚାନ୍ଦ ଅଗ୍ରୱାଲଙ୍କ ସହ ଚୁକ୍ତିନାମା ହୋଇଥିଲା । ଠିକାଦାର ଏବଂ ବିଭାଗୀୟ ଅଧିକାରୀଙ୍କ ମଧ୍ୟଚକ୍ରିକାରେ ନିମ୍ନମାନର କାମ ହୋଇଥିବା ଯୋଗୁ ନିର୍ମାଣ ହୋଇଥିବା ରାସ୍ତାର ସ୍ଥାନେ ସ୍ଥାନେ ଫାଟି ଥିବା ବେଳେ ସ୍ଥାନେ ସ୍ଥାନେ ପିଚୁ ମଧ୍ୟ ଛାଡିବା

ପାଷାଣ୍ଡ, କାମାନ୍ଧ, କୃପଣ, ମୂର୍ଖ, ଦରିଦ୍ର, କଳଙ୍କିତ, ଚିରବ୍ୟାଧିଗ୍ରସ୍ତ, କ୍ରୋଧୀ, ପେଟ ବିକଳିଆ, ପାପୀମାନେ ବଞ୍ଚିଥାଇ ମଧ୍ୟ ମରିଥାନ୍ତି। - ତୁଳସୀ ଦାସ



## ସଂକ୍ଷେପରେ

### ଟ୍ରେନ୍ ଲାଇନରୁ ବୃଦ୍ଧଙ୍କ ମୃତଦେହ ଉଦ୍ଧାର

ଝାରସୁଗୁଡା ଅଫିସ,୨୮।୮: ଝାରସୁଗୁଡା ଜିଲା ବେଲପାହାଡ ନିକଟ ଟ୍ରେନ୍ ଲାଇନରୁ ମଙ୍ଗଳବାର ଜଣେ ବୃଦ୍ଧଙ୍କ ମୃତଦେହ ଠାବ ହୋଇଛି। ଟ୍ରେନ୍ ଧକ୍କାରେ ବୃଦ୍ଧଙ୍କ ମୃତ୍ୟୁ ହୋଇଛି। ବୃଦ୍ଧ ଜଣକ ହେଲେ ବେଲପାହାଡ ଜୁନାଡିହିର ପର୍ଶୁରାମ ପ୍ରଧାନ(୮୫)। ସୋମବାର ରାତିରେ ପର୍ଶୁରାମ ଘରୁ ବାହାରି ଯାଇ ଫେରି ନ ଥିଲେ। ମଙ୍ଗଳବାର ଟ୍ରେନ ଲାଇନରେ ତାଙ୍କର ମୃତଦେହ ପଡିଥିବା ଦେଖିବାକୁ ମିଳିଥିଲା। ଖବରପାଇ ଜିଆରପି ପୋଲିସ ମୃତଦେହ ଉଦ୍ଧାର କରି ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି।

### କୁବାପଡାରେ ଅଜଣା ଯୁବତୀଙ୍କ ମୃତଦେହ

କିର୍ମିରା, ୨୮।୮(ଡି.ଏନ.ଏ.): ଝାରସୁଗୁଡା ଜିଲା କିର୍ମିରା ବ୍ଲକ ସୁଲାହି ପଞ୍ଚାୟତ ଅନ୍ତର୍ଗତ କୁବାପଡା ଗ୍ରାମ ପାଖ କ୍ଷେତ ଭିତରେ ଜନୈକା ଅଜଣା ଯୁବତୀଙ୍କ ମୃତଦେହ ଠାବ ହୋଇଛି। ଯୁବତୀଙ୍କ ବୟସ ୨୨ରୁ ୨୫ ମଧ୍ୟରେ ହେବ ବୋଲି ଅନୁମାନ କରାଯାଉଛି। ମୃତଦେହ ପଡି ଦୁର୍ଗନ୍ଧ ହେଉଥିବାରୁ ୩-୪ ଦିନ ପୂର୍ବରୁ ହତ୍ୟା କରାଯାଇଥିବା ସନ୍ଦେହ କରାଯାଉଛି। ପାରିପାଶ୍ୱିକ ପରିସ୍ଥିତିରେ ଯୁବତୀଙ୍କୁ ବଳାତ୍କାର ପରେ ହତ୍ୟା କରାଯାଇଥିବା ସନ୍ଦେହ ହେଉଛି। ଘଟଣାସ୍ଥଳରେ ଯୁବତୀଙ୍କ ଚୁଡି ଅନ୍ତବସ୍ତ୍ର ହେୟାର କ୍ଲିପ ଓଢଣୀ ବିଭିନ୍ନ ସ୍ଥାନରେ ପଡିଛି। ଏହା ବ୍ୟତୀତ ଘଟଣାସ୍ଥଳରୁ ଚାଉମିନ ଖାଇବା ପାଇଁ ବ୍ୟବହୃତ ହେଉଥିବା କଣ୍ଟା ଚାମଚ ପଡିଥିବା ଦେଖିବାକୁ ମିଳିଛି । ଏଥିରୁ ଯୁବତୀଙ୍କୁ ଯୋଜନା ମୁତାବକ ଘଟଣାସ୍ଥଳକୁ ଡାକି ବଳାତ୍କାର ପରେ ହତ୍ୟା କରାଯାଇଥିବା ସନ୍ଦେହ କରାଯାଉଛି। ହତ୍ୟା ପରେ ଯୁବତୀଙ୍କ ପାଖରେ ଥିବା ଏକ ଗାତରେ ପୋତି ଦିଆଯାଇଥିଲା। ତେବେ ବର୍ଷା ହେବାରୁ ବର୍ଷାପାଣି ସେହି ଗାତ ଦେଇ ପ୍ରବାହିତ ହେବା ପରେ ମୋଟ ଧୋଇ ହୋଇ ମୃତଦେହ ଦେଖାଯାଇଥିଲା। ଖବର ପାଇ ବାଗଡିହି ଫାଣ୍ଡି ଅଧିକାରୀ ସଚ୍ଚିଦାନନ୍ଦ ପଟେଲ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ । ତେବେ ଗାତରେ ପୁଣି ପାଣି ପଶିଯିବାରୁ ମୃତଦେହ ବାହାର କରାଯାଇ ପାରି ନ ଥିଲା। ବୁଧବାର ମୃତଦେହ ବ୍ୟବଚ୍ଛେଦ ହେବ ବୋଲି ସୂଚନା ମିଳିଛି ।

### ପୋଲିସକୁ ଗାଳିଗୁଲଜ ଯୁବ ନେତା ଗିରଫ

ରାଉରକେଲା ଅଫିସ, ୨୮।୮- ଗୋପବନ୍ଧୁପାଲ୍ଲୀ ଅଞ୍ଚଳର ଯୁବ ନେତା ପ୍ରକାଶ ପାଶ୍ୱାନଙ୍କ ପାଇଁ ମହଙ୍ଗା ପଡିଛି ମହିଳା ପୋଲିସ ଅଧିକାରୀଙ୍କୁ ଗାଳିଗୁଲଜ, ନାଲିଆଖି ଦେଖାଇବା। ଏନେଇ ମଙ୍ଗଳବାର ପ୍ଲାଣ୍ଟସାଇଡ଼ ପୋଲିସ ଏକ ମାମଲା ନଂ. ୨୬୭/୨୦୧୮ ଓ ଦଫା ୨୯୪, ୧୮୬, ୩୫୩, ୩୫୪, ୩୦୭ ଓ ୫୦୬ ଦଫା ଆଧାରରେ ତାଙ୍କୁ ଗିରଫକରି କୋର୍ଟ ଚାଲାଣ କରିଛି। ଘଟଣା ସହରରେ ଚର୍ଚ୍ଚାର ପ୍ରସଙ୍ଗ ପାଲଟିଛି। କାରଣ ପାଶ୍ୱାନ ହେଉଛନ୍ତି ସରକାରୀ ଦଳର ଜଣେ ଦୃଢ଼ ସମର୍ଥକ। ସୂଚନାନୁସାରେ ମଙ୍ଗଳବାର ପୂର୍ବାହ୍ନରେ ରାଉରକେଲା ମହାନଗର ନିଗମ ପକ୍ଷରୁ ସହରର ପୁରୁଣା ଟ୍ୟାକ୍ସି ଷ୍ଟାଣ୍ଡ ଅଞ୍ଚଳରେ ଜବରଦଖଲ ନେଇ କାର୍ଯ୍ୟ ଜାରି ରହିଥିଲା। ଶାନ୍ତିଶୃଙ୍ଖଳା ନେଇ ସେଠାରେ ପୋଲିସ ମୁତୟନ କରାଯାଇଥିଲା। ଏଥିରେ ପ୍ଲାଣ୍ଟସାଇଟ ଅଞ୍ଚଳର ଜଣେ ମହିଳା ପୋଲିସ ଅଧିକାରୀ ବି ଉପସ୍ଥିତ ଥିଲେ। ଏତିକିବେଳେ ଯୁବ ନେତା ପାଶ୍ୱାନ ସେଠାରେ ପହଞ୍ଚିଥିଲେ ଓ ଉଚ୍ଛେଦ ସ୍ଥଳକୁ ପ୍ରବେଶ କରିବାକୁ ଚାହିଁଥିଲେ।

■ ଝିରପାଣି ବାସଚ୍ୟୁତଙ୍କ ସମସ୍ୟା ତୁଟୁନି

# ଏଡିଏମ୍‌ଙ୍କ ଅଫିସ୍ ଆଗରେ ବିକ୍ଷୋଭ

ରାଉରକେଲା ଅଫିସ, ୨୮।୮

ଷ୍ଟିଲ ସିଟି ସୀମାକୁ ଲାଗି ରହିଛି ଝିରପାଣି ଅଞ୍ଚଳ। ଏହି ଝିରପାଣି ପୁନଃବସତି କଲୋନୀରେ ବସବାସ କରୁଥିବା ଆର୍‌ଏସ୍‌ପି ବାସଚ୍ୟୁତ ପରିବାର ପକ୍ଷରୁ ବାସଚ୍ୟୁତ କ୍ରିୟାନୁଷ୍ଠାନ କମିଟି ନେତୃତ୍ୱରେ ମଙ୍ଗଳବାର ବିଭିନ୍ନ ସମସ୍ୟା ସମାଧାନ ଦାବିରେ ରାଉରକେଲା ଅତିରିକ୍ତ ଜିଲାପାଳ (ଏଡ଼ିଏମ୍) ମନୀଷା ବାନାର୍ଜୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । ପରେ ଏନେଇ ତାଙ୍କୁ ସଙ୍ଗଠନର କର୍ମକର୍ତ୍ତା ଏକ ଦାବିପତ୍ର ପ୍ରଦାନ କରିଥିଲେ। ଉପସ୍ଥିତ ନେତୃମଣ୍ଡଳୀ ଅଭିଯୋଗ କରିଥିଲେ ଯେ, ରାଉରକେଲା ଇସ୍ପାତ କାରଖାନା ନିର୍ମାଣ ପାଇଁ ସର୍ବସ୍ୱ ଦାନ କରିଥିବା ନିରୀହ ଆଦିବାସୀ ପରିବାରକୁ ଆଜି ପର୍ଯ୍ୟନ୍ତ ନ୍ୟାୟ ମିଳିନାହିଁ। ଦୀର୍ଘ ଅର୍ଦ୍ଧ ଶତାବ୍ଦୀ ପରେ ସରକାର ଏବେ ପଟ୍ଟା ଦେବାକୁ ଡାକୁଛନ୍ତି। ଏଣେ ସମସ୍ତ ବାସଚ୍ୟୁତଙ୍କୁ କ୍ଷତିପୂରଣ ଓ ଅନୁକମ୍ପା ନେଇ ଆନ୍ଦୋଳନ ଶେଷ ହେଉନି। ଏମାନଙ୍କୁ ବାରମ୍ବାର କର୍ତ୍ତୃପକ୍ଷ ଭୁଆଁବୁଲାଇ ଚାଲିଛନ୍ତି। ବାସଚ୍ୟୁତଙ୍କୁ ପ୍ରଦାନ କରାଯାଇଥିବା ୪୦।୬୦ ପ୍ଲଟରେ ଏବେ ଆଉ ପରିବାର ଚଳିପାରୁନି। ଯଦି କେହି ନିଜ ପ୍ଲଟ ସଂଲଗ୍ନ ଜାଗାକୁ ମାଡି ଟିକେ ଅଧିକ ସ୍ଥାନ ଅଧିକାର କରିଛି ତା ଉପରେ କର୍ତ୍ତୃପକ୍ଷ ଝୁଲମ କରୁଛନ୍ତି। ଏଣେ ବାସଚ୍ୟୁତଙ୍କ ନିମନ୍ତେ ଉଦ୍ଦିଷ୍ଟ ବଳକା ଜମି ଅନ୍ୟମାନଙ୍କ ଦ୍ୱାରା ବେଆଇନ ଭାବେ ଦଖଲ କରାଯାଉଛି। ଏହାକୁ ସରକାର ତଥା ଜିଲା ପ୍ରଶାସନ ଜାଣି ମଧ୍ୟ ଅଣଦେଖା କରୁଛନ୍ତି। ନିଜ ପୈତୃକ ସମ୍ପତ୍ତି ହରାଇ ବାରମ୍ବାର ଶୁଖିପିଣ୍ଡା ହେଉଥିବା ଆଦିବାସୀଙ୍କୁ ଭୂଆଁ ବୁଲା ନୀତି ଛାଡି ତୁରନ୍ତ ପ୍ରକୃତ ବାସଚ୍ୟୁତଙ୍କୁ ଆବଶ୍ୟକ ମୁତାବକ ଜମି ଯୋଗାଇ ଦିଆଯାଉ। କୋଏଲନଗରଠାରେ ଥିବା ୧୭୧ ଏକର ବଳକା ଜମିରେ ବାସଚ୍ୟୁତଙ୍କୁ ଥଇଥାନ ବ୍ୟବସ୍ଥା କରାଯାଉ। ଝିରପାଣି କଲୋନୀର ସର୍ବାଙ୍ଗୀନ ବିକାଶ କିପରି ସମ୍ଭବ ହେବ ସେ ଦିଗରେ ଧ୍ୟାନ ଦିଆଯାଉ ବୋଲି ଏଥିରେ ଉପସ୍ଥିତ ପୂର୍ବତନ ବିଧାୟକ ହାଲୁ ମୁଣ୍ଡାରୀ, ଲେଥା ତିର୍କୀ, ସୁଶୀଲ କିଣ୍ଡୋ, ବିନୋଦ ସେଠୀ, ଲବଣୀଧର ମିଶ୍ର ଓ ସୁରା ଉରାମ ପ୍ରମୁଖ ଦାବି କରିଥିଲେ। ଏ ଦିଗରେ ପ୍ରଶାସନିକ ଅବହେଳାକୁ ବରଦାସ୍ତ କରାଯିବନି। ଦରକାର ହେଲେ ରାଉରକେଲା ବନ୍ଦ ଡାକରା ଦିଆଯିବ ବୋଲି ଉପସ୍ଥିତ ନେତୃମଣ୍ଡଳୀ କହିଥିଲେ। ଏହି ବିକ୍ଷୋଭ ପୂର୍ବରୁ ଝିରପାଣି ବାସଚ୍ୟୁତ କ୍ରିୟାନୁଷ୍ଠାନ କମିଟିର କର୍ମକର୍ତ୍ତା, ବାସଚ୍ୟୁତ ପରିବାର ସଦସ୍ୟ ରାଉରକେଲା ମହାନଗର ନିଗମ କାର୍ଯ୍ୟାଳୟ ନିକଟରେ ଏକତ୍ରିତ ହୋଇଥିଲେ। ସେଠାରୁ ଶୋଭାଯାତ୍ରାରେ ଆସି ଅତିରିକ୍ତ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ବିକ୍ଷୋଭ କରିଥିଲେ।

ଝିରପାଣି ବାସଚ୍ୟୁତ କ୍ରିୟାନୁଷ୍ଠାନ କମିଟିର କର୍ମକର୍ତ୍ତା, ବାସଚ୍ୟୁତ ପରିବାର ସଦସ୍ୟ ଶୋଭାଯାତ୍ରାରେ ଯାଉଛନ୍ତି।

**ଦାବିପତ୍ର ପ୍ରଦାନ**

- ବାସଚ୍ୟୁତଙ୍କ ପାଇଁ ଉଦ୍ଦିଷ୍ଟ ବଳକା ଜମି ବେଆଇନ ଦଖଲ
- ପ୍ରକୃତ ବାସଚ୍ୟୁତଙ୍କୁ ଆବଶ୍ୟକ ଜମି ଯୋଗାଇ ଦିଆଯାଉ
- କୋଏଲନଗର ବଳକା ଜମିରେ ଥଇଥାନ କରାଯାଉ
- ଝିରପାଣି କଲୋନୀର ସର୍ବାଙ୍ଗୀନ ବିକାଶ ହେଉ

■ ଚିକିତ୍ସା ଅବହେଳା ଅଭିଯୋଗ

# ଝାରସୁଗୁଡ଼ା ସବଜେଲରେ ବିଚାରାଧୀନ ବନ୍ଦୀଙ୍କ ମୃତ୍ୟୁ

ଝାରସୁଗୁଡା ଅଫିସ,୨୮।୮

ଝାରସୁଗୁଡା ଉପକାରାଗାର (ସବ୍‌ଜେଲ)ରେ ମଙ୍ଗଳବାର ଜଣେ ବିଚାରାଧୀନ ବନ୍ଦୀଙ୍କ ମୃତ୍ୟୁ ହୋଇଛି। ମୃତ ବ୍ୟକ୍ତି ଜଣକ ହେଲେ ମୁଡକାଧୁଡାର ବିନୋଦ କିଷାନ(୩୪)। ଝାରସୁଗୁଡା ଟାଉନଥାନା ପୋଲିସ ମୃତଦେହ ଜବତ ସହ ଏକ ମାମଲା ରୁଜୁକରିଛି। ମୃତଦେହ ବ୍ୟବଚ୍ଛେଦ କରାଯାଇଛି। କାରଣ ସ୍ପଷ୍ଟ ହୋଇ ନ ଥିଲେ ମଧ୍ୟ ହୃଦଘାତରୁ ବିନୋଦଙ୍କ ମୃତ୍ୟୁ ହୋଇଥିବା ଜେଲ ଅଧୀକ୍ଷକ ଉର୍ମିଳା ମିଞ୍ଜ କହିଛନ୍ତି। ଅନ୍ୟପକ୍ଷରେ ଉପକାରାଗାର ଭିତରେ ଉପଯୁକ୍ତ ସ୍ୱାସ୍ଥ୍ୟସେବା ଅଭାବରୁ ବିନୋଦଙ୍କ ମୃତ୍ୟୁ ହୋଇଥିବା ବିଶ୍ୱସ୍ତ ସୂତ୍ରରୁ ସୂଚନା ମିଳିଛି।

ଖବର ମୁତାବକ, ବଡମାଲ ଥାନା ଅଧୀନ ମୁଡକାଧୁଡାର ଏକ ହତ୍ୟା ମାମଲାରେ ଜଡିତ ବିନୋଦ ଗତ ୨୦୧୪ରୁ ଗିରଫ ହୋଇ ବିଚାରାଧୀନ ବନ୍ଦୀ ଭାବେ ଝାରସୁଗୁଡା ଉପକାରାଗାରରେ ଥିଲେ। ସୋମବାର ସନ୍ଧ୍ୟାରେ ବିନୋଦ ଛାତି ଏବଂ ପିଠିରେ ଯନ୍ତ୍ରଣା ଅନୁଭବ କରିଥିଲେ। ହେଲେ ବିନୋଦଙ୍କ ଅସୁସ୍ଥତା ନେଇ ଜେଲ କର୍ତ୍ତୃପକ୍ଷଙ୍କ ପାଖରେ ଖବର ପହଞ୍ଚିପାରି ନ ଥିଲା। ଯନ୍ତ୍ରଣାକୁ ସାମାନ୍ୟ କରି କେତେଜଣ କର୍ମଚାରୀ ବିନୋଦଙ୍କୁ ତେଲ ମାଲିସ କରିଥିଲେ। ଏହାପରେ ମଙ୍ଗଳବାର ସକାଳେ ଜେଲ ଭିତରେ ହୋଇଥିବା ସମୂହ ପ୍ରାର୍ଥନା ପରେ ବିନୋଦ ପୁଣି ଥରେ ଅସୁସ୍ଥ ଅନୁଭବ କରିଥିଲେ। ଖବରପାଇ ଜେଲ ଅଧୀକ୍ଷକ ଉର୍ମିଳା ମିଞ୍ଜ ଏକ ଅଟୋଯୋଗେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ହସ୍ପିଟାଲ ପହଞ୍ଚିବା ବେଳକୁ ବିନୋଦଙ୍କ ମୃତ୍ୟୁ ହୋଇସାରିଥିବା କାର୍ଯ୍ୟରତ ଡାକ୍ତର ଘୋଷଣା କରିଥିଲେ। ସୂଚନାଯୋଗ୍ୟ, ଝାରସୁଗୁଡା ଉପକାରାଗାର ଭିତରେ ଅନୁମୋଦନ ହାରଠାରୁ ତିନିଗୁଣା ଅଧିକ କଏଦୀ ରହୁଛନ୍ତି। ତେଣୁ ଜେଲ ଭିତରେ ଉପଯୁକ୍ତ ରହିବା, ଖାଇବା ଏବଂ ସ୍ୱାସ୍ଥ୍ୟସେବା ମିଳୁ ନ ଥିବା ଅଭିଯୋଗ ହୋଇଛି।

# ୩୦ରୁ ଜିଲା ଫୁଟବଲ ଲିଗ୍

ଝାରସୁଗୁଡା ଅଫିସ,୨୮।୮

ଅଗଷ୍ଟ ୩୦ତାରିଖରୁ ସ୍ଥାନୀୟ ଓଏସ୍‌ଏପି ଦ୍ୱିତୀୟ ବାଟାଲିୟନ ପଡିଆରେ ଜିଲାସ୍ତରୀୟ ଫୁଟବଲ ପ୍ରତିଯୋଗିତା ଆରମ୍ଭ ହେବ। ପ୍ରତିଦିନ ଅପରାହ୍ନ ୨ଟା୩୦ ଏବଂ ୪ଟାରେ ଦୁଇଟି ମ୍ୟାଚ ଅନୁଷ୍ଠିତ ହେବ। ଏହି ପ୍ରତିଯୋଗିତାରେ ୨୪ଟି ଦଳ ଅଂଶଗ୍ରହଣ କରିବେ। ୨୪ଟି ଦଳକୁ ୮ଟି ଗ୍ରୁପ ରେ ବିଭକ୍ତ କରାଯାଇ ଲିଗ ପର୍ଯ୍ୟାୟ ମ୍ୟାଚ ଖେଳାଯିବ। ସେଥିରୁ ୧୬ଟି ଦଳ ସୁପରଲିଗ ପର୍ଯ୍ୟାୟକୁ ଉନ୍ନୀତ ହେବେ ବୋଲି ଫୁଟବଲ ସମ୍ପାଦକ ସୁଶାନ୍ତ କୁମାର ମହାନ୍ତି ସୂଚନା ଦେଇଛନ୍ତି।

## ବାଜପେୟୀଙ୍କ ଚିତାଭସ୍ମ ବେଦବ୍ୟାସରେ ବିସର୍ଜନ

ରାଉରକେଲା ଅଫିସ, ୨୮।୮

ପୂର୍ବତନ ପ୍ରଧାନମନ୍ତ୍ରୀ ତଥା ଭାରତ ରତ୍ନ ଅଟଳ ବିହାରୀ ବାଜପେୟୀଙ୍କ ଚିତାଭସ୍ମପୂର୍ଣ୍ଣ ଅସ୍ଥି କଳସ ମଙ୍ଗଳବାର ପବିତ୍ର ବେଦବ୍ୟାସ ଘାଟର ତ୍ରିବେଣୀ ସଙ୍ଗମ ଠାରେ ବିସର୍ଜନ କରାଯାଇଛି। ସକାଳ ୧୧ଟାରେ ପାନପୋଷ ସାଙ୍ଗଠନିକ ଜିଲା ସଭାପତି ଜଗବନ୍ଧୁ ବେହେରାଙ୍କ ତତ୍ତ୍ୱାବଧାନରେ ଏହି ଶୋଭାଯାତ୍ରା ବେଦବ୍ୟାସ ଅଭିମୁଖେ ବାହାର କରାଯାଇଥିଲା। ଅଟଳଜୀଙ୍କ ପୂର୍ଣ୍ଣ ତୈଳଚିତ୍ର ରଖାଯାଇଥିବା ଏକ ସୁସଜ୍ଜିତ ଗାଡିରେ ଅସ୍ଥି କଳସ ସ୍ଥାପନ କରାଯାଇଥିଲା। ରାମଧୁନ ଓ ସଂକୀର୍ତ୍ତନ କରାଯାଇ ଏକ ବିରାଟ ଶୋଭାଯାତ୍ରା ବିଶ୍ରା ଛକରୁ ବାହାର କରାଯାଇଥିଲା। ଏହି ଅବସରରେ ଦଳୀୟ କର୍ମୀ, କର୍ମକର୍ତ୍ତା ଓ ବାଜପେୟୀଙ୍କୁ ଭଲ ପାଉଥିବା ଲୋକେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଶୋଭାଯାତ୍ରା ସହର ମୁଖ୍ୟ ରାସ୍ତାଦେଇ ମଧୁସୂଦନ ମାର୍ଗ, ପୁରୁଣା ଟ୍ୟାକ୍ସି ଷ୍ଟାଣ୍ଡ, ଡେଲି ମାର୍କେଟ, ମାଲଗୋଦାମ, ପାୱାର ହାଉସ ରୋଡ, ଉଦିତନଗର ଆମ୍ବେଦକର ଛକ, ଏସଟିଆଇ, ଆଇଟିଆଇ ଓ ପାନପୋଷ ଆଦି ଅଞ୍ଚଳ ଅତିକ୍ରମ କରିଥିଲା। ଶେଷରେ ଜିଲା ସଭାପତି ବେହେରା ତ୍ରିବେଣୀ ସଙ୍ଗମରେ ଅସ୍ଥି କଳସ ବିସର୍ଜନ କରିଥିଲେ। ଭାଜପା ମୁଖପାତ୍ର ଭଗବାନ ରାଉତ ଉପସ୍ଥିତ ଥିଲେ।

■ ବରଘାଟ୍‌ରେ ବାଜପେୟୀଙ୍କ ଅସ୍ଥି ବିସର୍ଜନ

# ମୁଣ୍ଡନ ହେଲେ ଭାଜପା କର୍ମକର୍ତ୍ତା



ଅସ୍ଥି ବିସର୍ଜନ ଅବସରରେ ଉପସ୍ଥିତ ଭାଜପା କର୍ମକର୍ତ୍ତା।

ଝାରସୁଗୁଡା ଅଫିସ,୨୮।୮

ରାଷ୍ଟ୍ରନାୟକ, ବିଚକ୍ଷଣ ରାଜନୀତିଜ୍ଞ ତଥା ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ସ୍ମୃତିରେ ମଙ୍ଗଳବାର ଝାରସୁଗୁଡାରେ ତାଙ୍କର ଅସ୍ଥି କଳସ ଶୋଭାଯାତ୍ରା ହୋଇଯାଇଛି। ଝାରସୁଗୁଡା ଝଣ୍ଟାଛକ ଠାରୁ ଏକ ଶୋଭାଯାତ୍ରା ସ୍ୱର୍ଗତ ବାଜପେୟୀଙ୍କ ଅସ୍ଥି କଳସ ନେଇ ଇବ୍‌ନଦୀର ବରଘାଟଠାରେ ପହଞ୍ଚିଥିଲେ। ଭାଜପା ପକ୍ଷରୁ ଆୟୋଜିତ ଏହି ଶୋଭାଯାତ୍ରାରେ ବିଧାୟିକା ରାଧାରାଣୀ ପଣ୍ଡା, ସୁନିଲ ପଣ୍ଡା, ନେତାଜୀ ପଟ୍ଟନାୟକ, ବିମଳେନ୍ଦୁ ଭୋଳ, ନରେଶ ନାୟକ, ନିଳାମ୍ବର ଦଣ୍ଡସେନା, ଦୀପକ ପଟେଲ ପ୍ରମୁଖ ବରଘାଟ ଠାରେ ଅସ୍ଥି କଳସ ବିସର୍ଜନ କରିଥିଲେ। ଏହାସହ କେତେକ ଭାଜପା କର୍ମକର୍ତ୍ତା ବରଘାଟ ଠାରେ ମୁଣ୍ଡନ ହୋଇଥିଲେ। ବୁଧବାର ବାଜପେୟୀଙ୍କ ସ୍ମୃତିରେ ଏକ ସମୂହ ଶୋକସଭା ଅନୁଷ୍ଠିତ ହେବ।

## ଛୁରାମାଡ଼ରେ ଯୁବକ ଆହତ

ରାଉରକେଲା ଅଫିସ,୨୮।୮- ଟାଙ୍ଗରପାଲ୍ଲି ଥାନା ଅନ୍ତର୍ଗତ ରଙ୍ଗିଲା ଛକ ଅଞ୍ଚଳରେ ମଙ୍ଗଳବାର ଅପରାହ୍ନ ୪ଟାବେଳେ ଜଣେ ଅଟୋ ଚାଳକଙ୍କୁ ଛୁରାମାଡ ହୋଇଛି। ତାଙ୍କ ନାଁ ରାଜକୁମାର ସାହୁ(୨୩)। ସେ ଏଥିରେ ସାମାନ୍ୟ ଆହତ ହୋଇଥିବା ଜଣାଯାଇଛି। ଲାଠିକଟାରୁ ଆସୁଥିବା ଜଣେ ଯାତ୍ରୀଙ୍କ ସହ ଭଡା ନେଶଦେଶକୁ ନେଇ ବଚସା ପରେ ଏଭଳି ଘଟଣା ଘଟିଥିବା ସୂଚନା ମିଳିଛି। ତେବେ ଛୁରାମାଡ କରିଥିବା ଯୁବକଙ୍କୁ ପୋଲିସ ଅଟକ ରଖି ପଚରାଉଚରା କରୁଥିବା ଜଣାଯାଇଛି। ପୋଲିସ ଘଟଣାର ତଦନ୍ତ କରୁଛି। ଆହତ ରାଜକୁମାରଙ୍କୁ ପ୍ରାଥମିକ ଚିକିତ୍ସା କରାଯାଇଛି।

■ ଝିରପାଣି ବାସଚ୍ୟୁତଙ୍କ ସମସ୍ୟା ତୁଟୁନି

ବୈଠକରେ ଯୋଗ ଦେଇଥିବା ପୋଲିସ୍ ଅଧିକାରୀ ଓ ସମିତି ସଦସ୍ୟ।

■ ବନହରପାଲି ଥାନାରେ ଆମ ପୋଲିସ୍ ସମିତି କାର୍ଯ୍ୟକ୍ରମ

# ରାସ୍ତା, ଷ୍ଟ୍ରୀଟ୍ ଲାଇଟ୍‌କୁ ନେଇ ବୈଠକରେ ଉଦ୍‌ବେଗ

ଲଖନପୁର,୨୮।୮(ଡି.ଏନ୍.ଏ)

ଝାରସୁଗୁଡା ଜିଲା ବନହରପାଲି ଥାନାରେ ମଙ୍ଗଳବାର ବନ୍ଧବାହାଲ ଫାଣ୍ଡି ଅଧିକାରୀ ଲିନୁସ୍ ଲାକ୍ରାଙ୍କ ଅଧ୍ୟକ୍ଷତାରେ ଆମ ପୋଲିସ୍ ସମିତିର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରଥମେ ଗତ ବୈଠକର ପ୍ରସ୍ତାବ କାର୍ଯ୍ୟକାରିତାକୁ ନେଇ ଆଲୋଚନା ହୋଇଥିଲା। ଏନେଇ ସମିତି ସଦସ୍ୟମାନେ ନିଜର ମତାମତ ରଖିଥିଲେ। ଏଥିମଧ୍ୟରେ ତେଲେନପାଲିରୁ କୁମ୍ଭାରବନ୍ଧ ପର୍ଯ୍ୟନ୍ତ ଯାଇଥିବା ମୁଖ୍ୟରାସ୍ତା ବର୍ଷା ଋତୁରେ ଖାଲଖମାରେ ଭର୍ତ୍ତି ହୋଇ ଶୋଚନୀୟ ହୋଇପଡିଲାଣି। ଏହି ରାସ୍ତାରେ ଲୋକେ ଯାତାୟତ କଲାବେଳେ ବାରମ୍ବାର ଛୋଟବଡ ଦୁର୍ଘଟଣା ଘଟି ଧନଜୀବନ ହାନୀ ଘଟୁଛି। ସେହିଭଳି ଓପିଜିସି ତରଫରୁ ଲଗାଯାଇଥିବା ଷ୍ଟ୍ରୀଟ୍ ଲାଇଟ୍ ଦୀର୍ଘମାସ ହେଲାଣି ଜଳୁନାହିଁ। ରାସ୍ତା ଅନ୍ଧାର ରହିଛି। ଫଳରେ ଲୋକଙ୍କ ଯାତାୟତରେ ସମସ୍ୟା ସୃଷ୍ଟି ହେଉଛି। ଏନେଇ ଅଞ୍ଚଳବାସୀଙ୍କ ତରଫରୁ ଓପଜିସି କର୍ତ୍ତୃପକ୍ଷଙ୍କୁ ବାରମ୍ବାର ଜଣାଇଲେ ମଧ୍ୟ କିଛି ସୁଫଳ ମିଳୁନାହିଁ। ଫଳରେ ଏନେଇ ଆମ ପୋଲିସ୍ ସଦସ୍ୟମାନେ ବୈଠକରେ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଏନେଇ ଆମ ପୋଲିସ ସମିତି ତରଫରୁ କମ୍ପାନୀ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି । ଏହି ବୈଠକରେ ଫାଣ୍ଡି ଅଧିକାରୀ ଲାକ୍ରା, ଏଏସ୍‌ଆଇ ମନୋଜ ମିଶ୍ର, ଜିତେନ୍ଦ୍ର ସାହୁ, ହାବିଲଦାର ଉଦିତଚନ୍ଦ୍ର ନାୟକ, ସୋମନାଥ ବିଶ୍ୱାଳ, ପି.କେ ବେହେରା, ଜନ୍ମେଜୟ ଭୋଇ, ଦିଲୀପ ମହାନ୍ତି, ଯଦୁମଣି ବାରିକ, ଡୋଲାମଣି ପ୍ରଧାନ ଓ ମୁକେଶ ନାୟକ ପ୍ରମୁଖ ପୋଲିସ ଅଧିକାରୀ ଓ ସମିତି ସଦସ୍ୟ ଯୋଗ ଦେଇଥିଲେ ।

# ନିକ୍ତିମାଳରେ କାନ୍ଥ ପଡି ବୃଦ୍ଧ ମୃତ

ଲଇକେରା,୨୮।୮(ଡି.ଏନ.ଏ.)

ଲଗାଣ ବର୍ଷା ଯୋଗୁ କାନ୍ଥ ପଡି ଜଣେ ୬୫ବର୍ଷୀୟା ବୃଦ୍ଧଙ୍କ ମୃତ୍ୟୁ ହୋଇଛି। ଘଟଣାଟି ଝାରସୁଗୁଡା ଜିଲା ଲଇକେରା ଥାନା ନିକ୍ତିମାଳ ଗ୍ରାମରେ ସୋମବାର ଅପରାହ୍ନ ଦେଢଟାବେଳେ ଘଟିଛି। ପୁଡୁ କିଷାନ (୬୫) ବାହାର କାନ୍ଥ ପାର୍ଶ୍ୱରେ ଶୋଇଥିବାବେଳେ ହଠାତ୍ ଧସି ପଡିଥିଲା। ତେବେ କାନ୍ଥ ପଡି ଗୁରୁତର ହେବାରୁ ତାଙ୍କୁ ପ୍ରଥମେ ଜିଲା ମ

## ସଂକ୍ଷେପରେ

### ଛୁରାମାଡ଼ରେ ଯୁବକ ଆହତ

**ରାଉରକେଲା ଅଫିସ, ୨୮।୮-** ଟାଙ୍ଗରପାଲ୍ଲି ଥାନା ଅନ୍ତର୍ଗତ ରଙ୍ଗିଲା ଛକ ଅଞ୍ଚଳରେ ମଙ୍ଗଳବାର ଅପରାହ୍ନ ୪ଟାବେଳେ ଜଣେ ଅଟୋ ଚାଳକଙ୍କୁ ଛୁରାମାଡ ହୋଇଛି। ତାଙ୍କ ନାଁ ରାଜକୁମାର ସାହୁ(୨୩)। ସେ ଏଥିରେ ସାମାନ୍ୟ ଆହତ ହୋଇଥିବା ଜଣାଯାଇଛି। ଲାଠିକଟାରୁ ଆସୁଥିବା ଜଣେ ଯାତ୍ରୀଙ୍କ ସହ ଭଡା ନେଣଦେଣକୁ ନେଇ ବଚସା ପରେ ଏଭଳି ଘଟଣା ଘଟିଥିବା ସୂଚନା ମିଳିଛି। ତେବେ ଛୁରାମାଡ କରିଥିବା ଯୁବକଙ୍କୁ ପୋଲିସ ଅଟକ ରଖି ପଚରାଉଚରା କରୁଥିବା ଜଣାଯାଇଛି। ପୋଲିସ ଘଟଣାର ତଦନ୍ତ କରୁଛି। ଆହତ ରାଜକୁମାରଙ୍କୁ ପ୍ରାଥମିକ ଚିକିତ୍ସା କରାଯାଇଛି।

### ପୋଲିସକୁ ଗାଳିଗୁଲଜ ଗୋପବନ୍ଧୁପାଲ୍ଲୀ ଅଞ୍ଚଳର ଯୁବ ନେତା ଗିରଫ

**ରାଉରକେଲା ଅଫିସ, ୨୮।୮-** ଗୋପବନ୍ଧୁପାଲ୍ଲୀ ଅଞ୍ଚଳର ଯୁବ ନେତା ପ୍ରକାଶ ପାଶ୍ୱାନଙ୍କ ପାଇଁ ମହଙ୍ଗା ପଡିଛି ମହିଳା ପୋଲିସ ଅଧିକାରୀଙ୍କୁ ଗାଳିଗୁଲଜ, ନାଲିଆଖି ଦେଖାଇବା। ଏନେଇ ମଙ୍ଗଳବାର ପ୍ଲାଣ୍ଟସାଇଡ଼ ପୋଲିସ ଏକ ମାମଲା ନଂ. ୨୬୭/୨୦୧୮ ଓ ଦଫା ୨୯୪, ୧୮୬, ୩୫୩, ୩୫୪, ୩୦୭ ଓ ୫୦୬ ଦଫା ଆଧାରରେ ତାଙ୍କୁ ଗିରଫକରି କୋର୍ଟ ଚାଲାଣ କରିଛି। ଘଟଣା ସହରରେ ଚର୍ଚ୍ଚାର ପ୍ରସଙ୍ଗ ପାଲଟିଛି। କାରଣ ପାଶ୍ୱାନ ହେଉଛନ୍ତି ସରକାରୀ ଦଳର ଜଣେ ଦୃଢ଼ ସମର୍ଥକ। ସୂଚନାନୁସାରେ ମଙ୍ଗଳବାର ପୂର୍ବାହ୍ନରେ ରାଉରକେଲା ମହାନଗର ନିଗମ ପକ୍ଷରୁ ସହରର ପୁରୁଣା ଟ୍ୟାକ୍ସି ଷ୍ଟାଣ୍ଡ ଅଞ୍ଚଳରେ ଜବରଦଖଲ ନେଇ କାର୍ଯ୍ୟ ଜାରି ରହିଥିଲା। ଶାନ୍ତିଶୃଙ୍ଖଳା ନେଇ ସେଠାରେ ପୋଲିସ ମୁତୟନ କରାଯାଇଥିଲା। ଏଥିରେ ପ୍ଲାଣ୍ଟସାଇଡ଼ ଅଞ୍ଚଳର ଜଣେ ମହିଳା ପୋଲିସ ଅଧିକାରୀ ବି ଉପସ୍ଥିତ ଥିଲେ। ଏତିକିବେଳେ ଯୁବ ନେତା ପାଶ୍ୱାନ ସେଠାରେ ପହଞ୍ଚିଥିଲେ ଓ ଉଚ୍ଛେଦ ସ୍ଥଳକୁ ପ୍ରବେଶ କରିବାକୁ ଚାହିଁଥିଲେ। ତେବେ ଆଇନଶୃଙ୍ଖଳା ଦୃଷ୍ଟିରୁ ସେଠାକୁ କାହାକୁ ଛଡାଯାଉ ନାହିଁ ବୋଲି କହିଥିଲେ ଘଟଣା ସ୍ଥଳରେ ମୁତୟନ ଥିବା ପ୍ଲାଣ୍ଟସାଇଡ଼ ଥାନା ମହିଳା ଅଧିକାରୀ(ଏସଆଇ)। ତେବେ ଏଭଳି ପରାମର୍ଶକୁ ପାଶ୍ୱାନ ବେଖାତିର କରିବା ସହ ଘଟଣାସ୍ଥଳକୁ ଜବରଦସ୍ତ ଧସେଇ ପଶିବାକୁ ଉଦ୍ୟମ କରିଥିଲେ। ଏଥିରେ ମହିଳା ଏସଆଇ ଜଣଙ୍କ ବାଧା ଦେବାରୁ ପ୍ରକାଶ ତାଙ୍କୁ ଗାଳିଗୁଲଜ କରିଥିବା ଅଭିଯୋଗ ହୋଇଛି। ଘଟଣା ପରେ ପାଶ୍ୱାନ ନିଜେ ଆହତ ହୋଇଥିବା ଅଭିଯୋଗ ଆଣି ଅସୁସ୍ଥତା ଅନୁଭବ କରିବାରୁ ତାଙ୍କୁ ପୋଲିସ ରାଉରକେଲା ସରକାରୀ ଡାକ୍ତରଖାନାକୁ ଆଣିଥିଲା। ସ୍ୱାସ୍ଥ୍ୟ ପରୀକ୍ଷା ପରେ ତାଙ୍କୁ ଜେଲ ପଠାଇ ଦିଆଯାଇଛି।

### ରାଉରକେଲାରୁ ଉତ୍ତର ଓଡ଼ିଶାକୁ ଟ୍ରେନ୍ ଚଳାଚଳ ଦାବି

**ରାଉରକେଲା ଅଫିସ, ୨୮।୮-** ସ୍ଥାନୀୟ ଇସ୍ପାତ କାରଖାନାରେ ଉତ୍ତର ଓଡ଼ିଶାର ଭଦ୍ରକ, ବାଲେଶ୍ୱର, ମୟୁରଭଞ୍ଜ ଜିଲାର ଅନେକ ଲୋକ କାମ କରୁଛନ୍ତି। ତେଣୁ ଉତ୍ତର ଓଡ଼ିଶା ସହ ଯୋଗାଯୋଗ ପାଇଁ ରାଉରକେଲା-ବାରିପଦା ମଧ୍ୟରେ ଏକ ଏକ୍ସପ୍ରେସ ଟ୍ରେନ ଚଳାଚଳ ଦାବି ହେଉଛି।

ଝିରପାଣି ବାସଚ୍ୟୁତଙ୍କ ସମସ୍ୟା ତୁଟୁନି

# ଏଡିଏମ୍‌ଙ୍କ ଅଫିସ୍ ଆଗରେ ବିକ୍ଷୋଭ

**ରାଉରକେଲା ଅଫିସ, ୨୮।୮**

ଷ୍ଟିଲ ସିଟି ସୀମାକୁ ଲାଗି ରହିଛି ଝିରପାଣି ଅଞ୍ଚଳ। ଏହି ଝିରପାଣି ପୁନଃବସତି କଲୋନୀରେ ବସବାସ କରୁଥିବା ଆର୍‌ଏସ୍‌ପି ବାସଚ୍ୟୁତ ପରିବାର ପକ୍ଷରୁ ବାସଚ୍ୟୁତ କ୍ରିୟାନୁଷ୍ଠାନ କମିଟି ନେତୃତ୍ୱରେ ମଙ୍ଗଳବାର ବିଭିନ୍ନ ସମସ୍ୟା ସମାଧାନ ଦାବିରେ ରାଉରକେଲା ଅତିରିକ୍ତ ଜିଲାପାଳ (ଏଡ଼ିଏମ୍) ମନୀଷା ବାନାର୍ଜୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ପରେ ଏନେଇ ତାଙ୍କୁ ସଙ୍ଗଠନର କର୍ମକର୍ତ୍ତା ଏକ ଦାବିପତ୍ର ପ୍ରଦାନ କରିଥିଲେ। ଉପସ୍ଥିତ ନେତୃମଣ୍ଡଳୀ ଅଭିଯୋଗ କରିଥିଲେ ଯେ, ରାଉରକେଲା ଇସ୍ପାତ କାରଖାନା ନିର୍ମାଣ ପାଇଁ ସର୍ବସ୍ୱ ଦାନ କରିଥିବା ନିରୀହ ଆଦିବାସୀ ପରିବାରକୁ ଆଜି ପର୍ଯ୍ୟନ୍ତ ନ୍ୟାୟ ମିଳିନାହିଁ। ଦୀର୍ଘ ଅର୍ଦ୍ଧ ଶତାବ୍ଦୀ ପରେ ସରକାର ଏବେ ପଟ୍ଟା ଦେବାକୁ ଡାକୁଛନ୍ତି। ଏଣେ ସମସ୍ତ ବାସଚ୍ୟୁତଙ୍କୁ କ୍ଷତିପୂରଣ ଓ ଅନୁକମ୍ପା ନେଇ ଆନ୍ଦୋଳନ ଶେଷ ହେଉନି। ଏମାନଙ୍କୁ ବାରମ୍ବାର କର୍ତ୍ତୃପକ୍ଷ ଭୂଆଁବୁଲାଇ ଚାଲିଛନ୍ତି। ବାସଚ୍ୟୁତଙ୍କୁ ପ୍ରଦାନ କରାଯାଇଥିବା ୪୦।୬୦ ପ୍ଲଟରେ ଏବେ ଆଉ ପରିବାର ଚଳିପାରୁନି। ଯଦି କେହି ନିଜ ପ୍ଲଟ ସଂଲଗ୍ନ ଜାଗାକୁ ମାଡି ଟିକେ ଅଧିକ ସ୍ଥାନ ଅଧିକାର କରିଛି ତା ଉପରେ କର୍ତ୍ତୃପକ୍ଷ ଝୁଲମ କରୁଛନ୍ତି। ଏଣେ ବାସଚ୍ୟୁତଙ୍କ ନିମନ୍ତେ ଉଦ୍ଦିଷ୍ଟ ବଳକା ଜମି ଅନ୍ୟମାନଙ୍କ ଦ୍ୱାରା ବେଆଇନ ଭାବେ ଦଖଲ କରାଯାଉଛି। ଏହାକୁ ସରକାର ତଥା ଜିଲା ପ୍ରଶାସନ ଜାଣି ମଧ୍ୟ ଅଣଦେଖା କରୁଛନ୍ତି। ନିଜ ପୈତୃକ ସମ୍ପତ୍ତି ହରାଇ ବାରଦୁଆର ଶୁଷ୍କିପିଣ୍ଡା ହେଉଥିବା ଆଦିବାସୀଙ୍କୁ ଭୂଆଁ ବୁଲା ନୀତି ଛାଡି ତୁରନ୍ତ ପ୍ରକୃତ ବାସଚ୍ୟୁତଙ୍କୁ ଆବଶ୍ୟକ ମୁତାବକ ଜମି ଯୋଗାଇ ଦିଆଯାଉ। କୋଏଲନଗରଠାରେ ଥିବା ୧୭୧ ଏକର ବଳକା ଜମିରେ ବାସଚ୍ୟୁତଙ୍କୁ ଥଇଥାନ ବ୍ୟବସ୍ଥା କରାଯାଉ। ଝିରପାଣି କଲୋନୀର ସର୍ବାଙ୍ଗୀନ ବିକାଶ କିପରି ସମ୍ଭବ ହେବ ସେ ଦିଗରେ ଧ୍ୟାନ ଦିଆଯାଉ ବୋଲି ଏଥିରେ ଉପସ୍ଥିତ ପୂର୍ବତନ ବିଧାୟକ ହାଲୁ ମୁଣ୍ଡାରୀ, ଲେଥା ତିର୍କୀ, ସୁଶୀଲ କିଣ୍ଡୋ, ବିନୋଦ ସେଠୀ, ଲବଣୀଧର ମିଶ୍ର ଓ ସୁରା ଉରାମ ପ୍ରମୁଖ ଦାବି କରିଥିଲେ। ଏ ଦିଗରେ ପ୍ରଶାସନିକ ଅବହେଳାକୁ ବରଦାସ୍ତ କରାଯିବନି। ଦରକାର ହେଲେ ରାଉରକେଲା ବନ୍ଦ ଡାକରା ଦିଆଯିବ ବୋଲି ଉପସ୍ଥିତ ନେତୃମଣ୍ଡଳୀ କହିଥିଲେ। ଏହି ବିକ୍ଷୋଭ ପୂର୍ବରୁ ଝିରପାଣି ବାସଚ୍ୟୁତ କ୍ରିୟାନୁଷ୍ଠାନ କମିଟିର କର୍ମକର୍ତ୍ତା, ବାସଚ୍ୟୁତ ପରିବାର ସଦସ୍ୟ ରାଉରକେଲା ମହାନଗର ନିଗମ କାର୍ଯ୍ୟାଳୟ ନିକଟରେ ଏକତ୍ରିତ ହୋଇଥିଲେ। ସେଠାରୁ ଶୋଭାଯାତ୍ରାରେ ଆସି ଅତିରିକ୍ତ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ବିକ୍ଷୋଭ କରିଥିଲେ।

ଝିରପାଣି ବାସଚ୍ୟୁତ କ୍ରିୟାନୁଷ୍ଠାନ କମିଟିର କର୍ମକର୍ତ୍ତା, ବାସଚ୍ୟୁତ ପରିବାର ସଦସ୍ୟ ଶୋଭାଯାତ୍ରାରେ ଯାଉଛନ୍ତି।

**ଦାବିପତ୍ର ପ୍ରଦାନ**

- ବାସଚ୍ୟୁତଙ୍କ ପାଇଁ ଉଦ୍ଦିଷ୍ଟ ବଳକା ଜମି ବେଆଇନ ଦଖଲ
- ପ୍ରକୃତ ବାସଚ୍ୟୁତଙ୍କୁ ଆବଶ୍ୟକ ଜମି ଯୋଗାଇ ଦିଆଯାଉ
- କୋଏଲନଗର ବଳକା ଜମିରେ ଥଇଥାନ କରାଯାଉ
- ଝିରପାଣି କଲୋନୀର ସର୍ବାଙ୍ଗୀନ ବିକାଶ ହେଉ

# ବେଆଇନ ନିର୍ମାଣ ଉଚ୍ଛେଦ ନେଇ ଆର୍‌ଏମ୍‌ସିର ତତ୍ପରତା

**ରାଉରକେଲା ଅଫିସ, ୨୮।୮**

ମହାନଗର ନିଗମ ପକ୍ଷରୁ ମଙ୍ଗଳବାର ଜବରଦଖଲ ଉଚ୍ଛେଦ ଅଭିଯାନକୁ ଜୋରଦାର କରାଯାଇଛି। ପୁରୁଣା ଟ୍ୟାକ୍ସି ଷ୍ଟାଣ୍ଡ ଅଞ୍ଚଳରେ ବନ୍ଦୋବସ୍ତ ଜମି ଉପରେ ଥିବା ମ୍ୟୁନିସିପାଲ ନାଳ ଉପରେ ନିର୍ମିତ ବେଆଇନ ନିର୍ମାଣକୁ ଭାଙ୍ଗିଛି ପ୍ରଶାସନ। ନାଳ ଉପରେ ଏପରି ବେଆଇନ ନିର୍ମାଣ କାର୍ଯ୍ୟ ଦ୍ୱାରା ବର୍ଷା ଜଳ ନିସ୍କାସନରେ ସମସ୍ୟା ଲାଗି ରହିଥିଲା। ନାଳ ପାଖାପାଖି ଅଞ୍ଚଳରେ ଥିବା ବସ୍ତି ତଥା ଅନ୍ୟାନ୍ୟ ଆବାସିକ ଅଞ୍ଚଳର କୃତ୍ରିମ ବନ୍ୟା ପରିସ୍ଥିତି ସୃଷ୍ଟି ହେଉଥିଲା। ପୂର୍ବରୁ ସ୍ଥାନୀୟ ଅଞ୍ଚଳବାସୀ ରାଉରକେଲା ମହାନଗର ନିଗମ (ଆର୍‌ଏମ୍‌ସି) କମିଶନର ରଶ୍ମିତା ପଣ୍ଡାଙ୍କୁ ଭେଟି ଏହି ସମସ୍ୟାର ସମାଧାନ ନିମନ୍ତେ ନିବେଦନ କରିଥିଲେ। କମିଶନର ପଣ୍ଡା ତୁରନ୍ତ ଏ ଦିଗରେ ପଦକ୍ଷେପ ନିଆଯିବ ବୋଲି ସେମାନଙ୍କୁ ପ୍ରତିଶ୍ରୁତି ଦେବା ସହ ଏ ନେଇ କାର୍ଯ୍ୟାନୁଷ୍ଠାନ ନେବାକୁ ମହାନଗର ନିଗମ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଗତ ଶନିବାର ଉକ୍ତ ଅଞ୍ଚଳରେ ପ୍ରାଥମିକ ପର୍ଯ୍ୟାୟ ଜବରଦଖଲ ଉଚ୍ଛେଦ କରାଯାଇ ମ୍ୟୁନିସିପାଲ ନାଳ ଉପରେ ହୋଇଥିବା ବେଆଇନ ଜବରଦଖଲ ଉଚ୍ଛେଦ କରାଯାଇଥିଲା। ସେହିଦିନ ସନ୍ଧ୍ୟାରେ ମହାନଗର ନିଗମ କାର୍ଯ୍ୟାଳୟ ଠାରେ କମିଶନର ପଣ୍ଡା ବେଆଇନ ଜବରଦଖଲ ଉଚ୍ଛେଦ କାର୍ଯ୍ୟର ସମୀକ୍ଷା କରିଥିଲେ। ଏଥିରୁ ଜଣା ପଡିଥିଲା ଯେ, ମୁନିସିପାଲ ନାଳ ଉପରେ ଆହୁରି ଅନେକ ବେଆଇନ ନିର୍ମାଣ ରହିଛି। ତୁରନ୍ତ ଏ ଦିଗରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ନେବା ସହ ସମସ୍ତ ବେଆଇନ ନିର୍ମାଣକୁ ଭାଙ୍ଗିବା ପାଇଁ ସେ ନିର୍ଦ୍ଦେଶ ଦେଇଥିଲେ। ବନ୍ଦୋବସ୍ତ ପ୍ଲଟରେ ବେଆଇନ ନିର୍ମାଣ ନେଇ ୫ଜଣ ବ୍ୟକ୍ତିଙ୍କୁ ଉଚ୍ଛେଦ ନୋଟିସ ଦିଆଯାଇଥିଲା। ଏଣୁ ମଙ୍ଗଳବାର ସକାଳୁ ପୋଲିସ, ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ନିଗମର ଏନଫୋର୍ସମେଣ୍ଟ ସ୍କାଡ୍, ଲ୍ୟାଣ୍ଡଗାର୍ଡଙ୍କ ସହ ମହାନଗର ନିଗମର ଉପାୟୁକ୍ତ ସୁଷମା ବିଲୁଙ୍ଗଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବେଆଇନ ଜବରଦଖଲ ଭଙ୍ଗାଯାଇଥିଲା। ନିଗମ ପକ୍ଷରୁ ଆରମ୍ଭ ହୋଇଥିବା ଏହି ଉଚ୍ଛେଦ ଅଭିଯାନ ଆଗକୁ ଜାରିରହିବ ବୋଲି ଜଣାପଡିଛି।


ଆର୍‌ଏମ୍‌ସି ପକ୍ଷରୁ ପୁରୁଣା ଟ୍ୟାକ୍ସି ଷ୍ଟାଣ୍ଡ ଅଞ୍ଚଳରେ ଜବରଦଖଲ ଉଚ୍ଛେଦ କରାଯାଉଛି।

ଆଞ୍ଚଳିକ ଶିଳ୍ପ କେନ୍ଦ୍ର ପକ୍ଷରୁ ଅନୁଷ୍ଠିତ ଶିଳ୍ପ ସଚେତନତା ଶିବିରରେ ଉପସ୍ଥିତ ଛାତ୍ରୀଛାତ୍ର।

# ଆଞ୍ଚଳିକ ଶିଳ୍ପ କେନ୍ଦ୍ର ପକ୍ଷରୁ ସଚେତନତା ଶିବିର

**ରାଉରକେଲା ଅଫିସ, ୨୮।୮**

ଗତ ସୋମବାର ଛେଣ୍ଡଠାରେ ଥିବା ହୃଷିକେଶ ରାୟ ମହାବିଦ୍ୟାଳୟ ପରିସରରେ ଆଞ୍ଚଳିକ ଶିଳ୍ପ କେନ୍ଦ୍ର ପକ୍ଷରୁ ଏକ ଶିଳ୍ପ ସଚେତନତା ଶିବିର ଆୟୋଜିତ ହୋଇଥିଲା। ଏଥିରେ ଶିଳ୍ପ କେନ୍ଦ୍ର ମହାପ୍ରବନ୍ଧକ ଶୁଶୀଲ ମହାନ୍ତି ଅଧ୍ୟକ୍ଷତା କରିଥିଲେ। ଏହି ଅବସରରେ ସେ କହିଥିଲେ, ଶିକ୍ଷିତ ବେକାର ଯୁବତୀ ଯୁବକ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଧାନମନ୍ତ୍ରୀ କର୍ମନିଯୁକ୍ତି ଯୋଜନା, ମୁଦ୍ରା ଯୋଜନା ବଳରେ ଅତି କ୍ଷୁଦ୍ର ଓ ମଧ୍ୟମ ଋଣ ମାଧ୍ୟମରେ ଆତ୍ମନିର୍ଭରଶୀଳ ହୋଇପାରିବେ।

ସରକାରଙ୍କ ଦ୍ୱାରା ପ୍ରଚଳିତ ଶିଳ୍ପ ନୀତି ମାଧ୍ୟମରେ କୃଷି ଜମିରୁ ଶିଳ୍ପ ଜମିକୁ ପରିବର୍ତ୍ତନ ନେଇ ରିହାତି ପାଇପାରିବେ। ଏଥିସହ ଶିଳ୍ପରେ ବିନିଯୋଗ ଯନ୍ତ୍ରପାତି, ବିଜୁଳି ଓ ଋଣରେ ମଧ୍ୟ ରିହାତି ପାଇପାରିବେ ବୋଲି କୁହାଯାଇଥିଲା। ଏଥିରେ ସମ୍ମାନିତ ଅତିଥି ଭାବେ ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ ଛେଣ୍ଡ ଶାଖା ପରିଚାଳକ ଶୁଭସ୍ମିତା ପରିଡା, କୃଷି ଅଧିକାରୀ ସୁଶୀଲ ଜେନା, ସହକାରୀ ଉଦ୍ୟାନ ଅଧିକାରୀ କବିତା ରଥ ପ୍ରମୁଖ ଯୋଗଦେଇ ସରକାରୀ ଯୋଜନା ଓ ଏହାର ସଦୁପଯୋଗ ନେଇ ଆଲୋଚନା କରିଥିଲେ। ଖଦି ବୋର୍ଡ ଅଧିକାରୀ କିଶୋର ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ କଲେଜ ଅଧ୍ୟାପକ ସୁବାସ ସାମଲ ପ୍ରମୁଖ ଏଥିରେ ଉପସ୍ଥିତ ଥିଲେ।

## ବାଜପେୟୀଙ୍କ ଚିତାଭସ୍ମ ବେଦବ୍ୟାସରେ ବିସର୍ଜ୍ଜନ

**ରାଉରକେଲା ଅଫିସ, ୨୮।୮**

ପୂର୍ବତନ ପ୍ରଧାନମନ୍ତ୍ରୀ ତଥା ଭାରତ ରତ୍ନ ଅଟଳ ବିହାରୀ ବାଜପେୟୀଙ୍କ ଚିତାଭସ୍ମପୂର୍ଣ୍ଣ ଅସ୍ଥି କଳସ ମଙ୍ଗଳବାର ପବିତ୍ର ବେଦବ୍ୟାସ ଘାଟର ତ୍ରିବେଣୀ ସଙ୍ଗମ ଠାରେ ବିସର୍ଜ୍ଜନ କରାଯାଇଛି। ସକାଳ ୧୧ଟାରେ ପାନପୋଷ ସାଙ୍ଗଠନିକ ଜିଲା ସଭାପତି ଜଗବନ୍ଧୁ ବେହେରାଙ୍କ ତତ୍ତ୍ୱାବଧାନରେ ଏହି ଶୋଭାଯାତ୍ରା ବେଦବ୍ୟାସ ଅଭିମୁଖେ ବାହାର କରାଯାଇଥିଲା। ଅଟଳଜୀଙ୍କ ପୂର୍ଣ୍ଣ ତୈଳଚିତ୍ର ରଖାଯାଇଥିବା ଏକ ସୁସଜ୍ଜିତ ଗାଡିରେ ଅସ୍ଥି କଳସ ସ୍ଥାପନ କରାଯାଇଥିଲା। ରାମଧୁନ ଓ ସଂକୀର୍ତ୍ତନ କରାଯାଇ ଏକ ବିରାଟ ଶୋଭାଯାତ୍ରା ବିଶ୍ୱା ଛକରୁ ବାହାର କରାଯାଇଥିଲା। ଏହି ଅବସରରେ ଦଳୀୟ କର୍ମୀ, କର୍ମକର୍ତ୍ତା ଓ ବାଜପେୟୀଙ୍କୁ ଭଲ ପାଉଥିବା ଲୋକେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଶୋଭାଯାତ୍ରା ସହର ମୁଖ୍ୟ ରାସ୍ତାଦେଇ ମଧୁସୂଦନ ମାର୍ଗ, ପୁରୁଣା ଟ୍ୟାକ୍ସି ଷ୍ଟାଣ୍ଡ, ଡେଲି ମାର୍କେଟ, ମାଲଗୋଦାମ, ପାୱାର ହାଉସ ରୋଡ, ଉଦିତନଗର ଆମ୍ବେଦକର ଛକ, ଏସଟିଆଇ, ଆଇଟିଆଇ ଓ ପାନପୋଷ ଆଦି ଅଞ୍ଚଳ ଅତିକ୍ରମ କରିଥିଲା। ଶେଷରେ ଜିଲା ସଭାପତି ବେହେରା ତ୍ରିବେଣୀ ସଙ୍ଗମରେ ଅସ୍ଥି କଳସ ବିସର୍ଜ୍ଜନ କରିଥିଲେ। ଭାଜପା ମୁଖପାତ୍ର ଭଗବାନ ରାଉତ ଉପସ୍ଥିତ ଥିଲେ।

### ବିଚାରପତିଙ୍କ ନିଷ୍ପତ୍ତି ନେଇ ଓକିଲ ସଂଘର ଅସନ୍ତୋଷ

# ଦୁଇଦିନ ଧରି କୋର୍ଟ ବର୍ଜ୍ଜନ ଜାରି

**ରାଉରକେଲା ଅଫିସ, ୨୮।୮**

ଜଣେ ବିଚାରପତିଙ୍କ ନିଷ୍ପତ୍ତି ବିରୋଧରେ ଅସନ୍ତୋଷ ପ୍ରକାଶ କରିଛି ରାଉରକେଲା ଓକିଲ ସଂଘ। ପ୍ରତିବାଦରେ ତାଙ୍କ ଅଦାଲତକୁ ବର୍ଜ୍ଜନ କରାଯିବାକୁ ନିଷ୍ପତ୍ତି ନିଆ ଯାଇଛି। ସୂଚନାନୁସାରେ ଏସ୍‌ଡିଜେଏମ୍‌ଙ୍କ କୋର୍ଟର ଜିଆର କେଶ ନଂ. ୧୬୦୧/ ୨୦୧୮ ଭିତିରେ ମୁଦାଲା ନାମରେ ଏକ ବେଲେବୁଲ ୱାରେଣ୍ଟ ଇସ୍ୟୁ କରାଯାଇଥିଲା। ଏଥିରେ ମୁଦାଲା ୫ହଜାର ଟଙ୍କା ବ୍ୟକ୍ତିଗତ ମୁଚାଲିକା ବଳରେ ସମ୍ପୃକ୍ତ ଥାନାରୁ ବେଲରେ ଯାଇ ପାରିବେ ବୋଲି ଏଥିରେ ନିର୍ଦ୍ଦେଶ ଥିଲା। ଏହା ଜାଣିବା ପରେ ମୁଦାଲା ଗତ ୨୧।୮। ୨୦୧୮ରେ ଜଣେ ଓକିଲଙ୍କ ଦ୍ୱାରା ଏସ୍‌ଡିଜେଏମ୍‌ଙ୍କ ନିକଟରେ ଆତ୍ମସମର୍ପଣ କରି ଜାମିନ ଆବେଦନ କରିଥିଲେ। ତେବେ ବିଚାରପତି ପ୍ରକୃତ ଆଇନର ତର୍ଜମା ନ କରି ସମ୍ପୃକ୍ତ ମୁଦାଲାଙ୍କୁ ଜୁଡିସିଆରି କଷ୍ଟୋଡି ଅର୍ଥାତ ଜେଲକୁ ପଠାଇ ଦେଇଥିଲେ। ଏନେଇ ଜଣେ ଓକିଲ କେଉଁ ଆଧାରରେ ମୁଦାଲାଙ୍କୁ ଜେଲ ପଠାଗଲା ବୋଲି ଜାଣିବାକୁ ବିଚାରପତିଙ୍କଠାରୁ ଆଗ୍ରହ ପ୍ରକାଶ କରିଥିଲେ। ତେବେ ଏଥିରେ ବିଚାରପତି ବିରକ୍ତି ପ୍ରକାଶ କରିବା ସହ ସମ୍ପୃକ୍ତ ଆଇନଜୀବୀ (ଓକିଲ)ଙ୍କୁ ଖରାପ ବ୍ୟବହାର ଦେଖାଇଥିଲେ। ଏଥିରେ ଓକିଲ ଜଣଙ୍କ ଅପମାନିତ ବୋଧ କରିବା ସ୍ୱଭାବିକ ଘଟଣା।

ଇଲିଗାଲ ଡିଟେନସନ ଧର୍ତ୍ତବ୍ୟ ଅପରାଧ ଜାଣି ସୁଦ୍ଧା ନ୍ୟାୟ ବିଭାଗର ଜଣେ ବିଚାରପତିଙ୍କ ଏଭଳି ଆଚରଣ ଓକିଲମାନଙ୍କୁ ସ୍ତମ୍ଭିଭୂତ କରିଛି ବୋଲି ଏହି ବିବୃତିରେ କୁହାଯାଇଛି। ସାଧାରଣ ଲୋକଙ୍କୁ ନ୍ୟାୟ ଦେବାକୁ ଜଣେ ଆଇନଜୀବୀ ନ୍ୟାୟାଳୟର ଦ୍ୱାରସ୍ଥ ହୋଇଥିବାବେଳେ ଅନ୍ୟାୟର ଶିକାର ହୋଇଛନ୍ତି। ଏଣୁ ଓକିଲ ସଂଘ ପକ୍ଷରୁ ଡକାଯାଇଥିବା ସାଧାରଣ ପରିଷଦ ବୈଠକ ନିଷ୍ପତ୍ତି ଅନୁସାରେ ସୋମବାର ଓ ମଙ୍ଗଳବାର ୨ଦିନ ଉକ୍ତ କୋର୍ଟ ବର୍ଜ୍ଜନ କରାଯାଇଥିଲା। ଏହାର ଉପଯୁକ୍ତ ତଦନ୍ତ ସହ ନ୍ୟାୟ ପ୍ରଦାନ ନେଇ ଓଡିଶା ଉଚ୍ଚ ନ୍ୟାୟାଳୟକୁ ଅବଗତ କରାଯିବା ସତ୍ତ୍ୱେ କୌଣସି ସୁଫଳ ମିଳିଲା ନାହିଁ। ଏଣୁ ସମ୍ପୃକ୍ତ ଏସ୍‌ଡିଜେଏମ୍‌ଙ୍କ କୋର୍ଟ ବର୍ଜ୍ଜନ ନିଷ୍ପତ୍ତି ଆଗକୁ ଜାରି ରହିବ ବୋଲି ସଂଘ ପକ୍ଷରୁ ସ୍ପଷ୍ଟ କରାଯାଇଛି।

## ଫଟୋରେ ଖବର

ରାଉରକେଲା ମ୍ୟୁନିସିପାଲ ମହାବିଦ୍ୟାଳୟ ସମ୍ମୁଖ ରିଙ୍ଗ ରୋଡ଼ ଉପରେ ମଙ୍ଗଳବାର ଗୋରୁପଲ ଶୋଇରହିଥିବାରୁ ଯାନବାହନ ଚଳାଚଳରେ ବାଧାସୃଷ୍ଟି ହୋଇଛି।

# ସରକାରୀ ଯୋଜନାରୁ ବଞ୍ଚିତ ଶୀତଳପଡ଼ା

**ରାଉରକେଲା ଅଫିସ, ୨୮।୮**

ଆର୍‌ଏସ୍‌ପି ଦ୍ୱାରା ଅଧିଗୃହୀତ ଓ ପାଚେରି ଘେର ମଧ୍ୟରେ ରହିଥିବା ଅବ୍ୟବହୃତ ଜମି ଉପରେ ବସବାସ କରୁଥିବା ଶୀତଳପଡା ବାସିନ୍ଦାଙ୍କୁ ଦୀର୍ଘ ୬୦ବର୍ଷ ପରେ ବି କୌଣସି ସରକାରୀ ଯୋଜନାରେ ଅନ୍ତର୍ଭୁକ୍ତ କରାଯାଉନି। ଏନେଇ ବସ୍ତିର ଶତାଧିକ ବାସିନ୍ଦା ମଙ୍ଗଳବାର ଏକ ଶୋଭାଯାତ୍ରାରେ ଆସି ରାଉରକେଲା ଅତିରିକ୍ତ ଜିଲାପାଳ ମନୀଷା ବାନାର୍ଜୀଙ୍କୁ ଅଭିଯୋଗ କରିଥିଲେ। ଏହି ଅବସରରେ ବସ୍ତି ବାସିନ୍ଦା କହିଥିଲେ ଯେ, ସହରସାରା ସ୍ୱଚ୍ଛ ଭାରତ ମିଶନ ଜରିଆରେ ଗୋଷ୍ଠୀ ଶୌଚାଳୟ ନିର୍ମାଣ କରାଯାଉଛି। କିନ୍ତୁ ଶୀତଳପଡାବାସୀଙ୍କ ଅନୁରୋଧ ସତ୍ତ୍ୱେ ବସ୍ତିରେ ଏହି ସୁବିଧା କରାଯାଉନି। ଦାରିଦ୍

## ସଂକ୍ଷେପରେ

### କୁରାଢ଼ିରେ ହାଣି ବୃଦ୍ଧଙ୍କୁ ହତ୍ୟା

**ଲହୁଣୀପଡା,୨୮।୮(ଡି.ଏନ୍.ଏ.)-** ସୁନ୍ଦରଗଡ ଜିଲା କେ.ବଲାଙ୍ଗ ଥାନା ଅଧୀନ ଚେରଧରା ପଞ୍ଚାୟତ ସାନତନ୍ତରା ଗ୍ରାମରେ ରବିବାର ବିଳମ୍ବିତ ରାତିରେ ଜଣେ ବୃଦ୍ଧଙ୍କୁ କୁରାଢ଼ିରେ ହାଣି ହତ୍ୟା କରାଯାଇଛି। ଅନ୍ୟପକ୍ଷେ ଅଭିଯୁକ୍ତ ଜଣକ ଫେରାର ହୋଇଯାଇଥିବା ବେଳେ ହତ୍ୟାର କାରଣ ଜଣାପଡି ନାହିଁ। ମିଳିଥିବା ସୂଚନା ମୁତାବକ, ସାନତନତରା ଗ୍ରାମର ସୋନୁ ନାଏକ(୫୦) ଖାଇ ଘର ବାରଣ୍ଡାରେ ଶୋଇଥିବା ବେଳେ କେହି ଜଣେ ଦୁର୍ବୃତ୍ତ କୁରାଢ଼ିରେ ହାଣି ତାଙ୍କୁ ହତ୍ୟା କରି ଫେରାର ହୋଇଯାଇଥିଲେ। ଏନେଇ ପରିବାର ପକ୍ଷରୁ କେ. ବଲାଙ୍ଗ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ଅନ୍ୟପକ୍ଷେ ସୋନୁଙ୍କ ଘର ପାଖେ ରହୁଥିବା ଜଣେ ଯୁବକ ଘଟଣା ପରେ ଫେରାର ଥିବା ଜଣାପଡିଛି। ଅଭିଯୁକ୍ତକୁ ତୁରନ୍ତ ଗିରଫ କରାଯିବ ବୋଲି ପୋଲିସ ପକ୍ଷରୁ କୁହାଯାଇଛି।

### ମହିଳାଙ୍କ ଆତ୍ମହତ୍ୟା

**ଲହୁଣୀପଡା,୨୮।୮(ଡି.ଏନ୍.ଏ.)-** ସୁନ୍ଦରଗଡ଼ ଜିଲା ଲହୁଣୀପଡ଼ା ଥାନା ଅଧୀନ କୁଲିପୋଷ ପଞ୍ଚାୟତ ବିଜାଘାଟ ଗ୍ରାମରେ ଜଣେ ମହିଳା ବେକରେ ଶାଢ଼ି ବାନ୍ଧି ଆତ୍ମହତ୍ୟା କରିଥିବା ଜଣାପଡିଛି। ସେ ହେଲେ ଗୁରୁବାରୀ ମୁଣ୍ଡା (୩୦)। ମିଳିଥିବା ସୂଚନା ମୁତାବକ, ବିଜାଘାଟ ଗ୍ରାମରେ ଯୋଗେଶ୍ୱର ମୁଣ୍ଡା ରବିବାର ବିଳମ୍ବିତ ରାତିରେ ଘରକୁ ଆସିଥିଲେ। ହେଲେ ସ୍ତ୍ରୀ ଗୁରୁବାରୀଙ୍କୁ ପାଇ ନ ଥିଲେ। ଏନେଇ ସେ ତାଙ୍କ ପିଲାମାନଙ୍କୁ ପଚାରି ଥିଲେ। ହେଲେ ସେମାନେ ମଧ୍ୟ ସନ୍ତୋଷଜନକ ଉତ୍ତର ଦେଇ ପାରି ନ ଥିଲେ। ଏନେଇ ଯୋଗେଶ୍ୱର ଖୋଜାଖୋଜି କରିଥିଲେ। ସେତିକିବେଳେ ଘର ପଛପଟେ ଥିବା ଏକ ସୁନାରୀ ଗଛରେ ଶାଢ଼ି ବାନ୍ଧି ଗୁରୁବାରୀ ଆତ୍ମହତ୍ୟା କରିଥିବା ଦେଖିବାକୁ ପାଇଥିଲେ। ଏନେଇ ଲହୁଣୀପଡ଼ା ଥାନାକୁ ଖବର ଦିଆଯାଇଥିଲା। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ମଙ୍ଗଳବାର ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ହେଲେ ଆତ୍ମହତ୍ୟା କାରଣ ଜଣାପଡି ନାହିଁ।

### ଅସହାୟ ବୃଦ୍ଧାଙ୍କୁ ଉଦ୍ଧାର କଲା ପୋଲିସ

**ନୂଆଗାଁ,୨୮।୮(ଡି.ଏନ୍.ଏ.)-** ସୁନ୍ଦରଗଡ଼ ଜିଲା ବିଶ୍ରା ଥାନା ଅଧିକାରୀ ବିକାଶ ରଞ୍ଜନ ସ୍ୱାଇଁ ଅସହାୟଙ୍କ ପ୍ରତି ସମବେଦନା ଜଣାଇବା ସହ ମାନବିକତା ପ୍ରଦର୍ଶନ କରିଛନ୍ତି। ସୋମବାର ରାତିରେ କୌଣସି ସୂତ୍ରରୁ ଖବର ପାଇ ଥାନା ଅଧିକାରୀ ସ୍ୱାଇଁ ବିଶ୍ରା ନିକଟସ୍ଥ ସନ୍ତୋଷ ଗ୍ରାମର ରାସ୍ତା କଡରେ ଜଣେ ୬୦ବର୍ଷିୟା ବୃଦ୍ଧା ଅସହାୟ ଅବସ୍ଥାରେ ପଡିଥିବା ଖବର ପାଇଥିଲେ। ସେ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ବୃଦ୍ଧାଙ୍କୁ ଉଦ୍ଧାର କରି ବିଶ୍ରା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ମଙ୍ଗଳବାର ତାଙ୍କର କୌଣସି ସମ୍ପର୍କୀୟ ନ ଆସିବାରୁ ତାଙ୍କୁ ରାଉରକେଲାସ୍ଥିତ ଶାନ୍ତି ଭବନରେ ଛାଡି ଆସିଥିବା ଜଣାପଡିଛି। ଯଦି ତାଙ୍କର କୌଣସି ସମ୍ପର୍କୀୟ ଥାଆନ୍ତି ବିଶ୍ରା ଥାନା ସହ ଯୋଗାଯୋଗ କରିବାରୁ ଥାନା ଅଧିକାରୀ ସ୍ୱାଇଁ ନିବେଦନ କରିଛନ୍ତି।

## କେନ୍ଦ୍ର ଇସ୍ପାତ ମନ୍ତ୍ରୀଙ୍କ...

# କର୍ପୋରେଟ କ୍ରୀଡ଼ା ନୀତି ଉନ୍ମୋଚିତ

ରାଉରକେଲା ଅଫିସ, ୨୮।୮




କେନ୍ଦ୍ର ଇସ୍ପାତ ମନ୍ତ୍ରୀ ଚୌଧୁରୀ ବୀରେନ୍ଦ୍ର ସିଂ ଓ ଅନ୍ୟମାନେ କ୍ରୀଡା ନୀତି ଉନ୍ମୋଚନ କରୁଛନ୍ତି।

ଦେଶର କ୍ରୀଡା ପ୍ରତିଭାଙ୍କୁ ପୃଷ୍ଠପୋଷକତା ତଥା ଅନ୍ତର୍ଜାତୀୟ କ୍ରୀଡା ପ୍ରତିଯୋଗିତାରେ ଅଧିକ ସଂଖ୍ୟକ ମେଡାଲ ଆଶାୟୀ କ୍ରୀଡାବିତଙ୍କୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟ ନେଇ କେନ୍ଦ୍ର ଇସ୍ପାତ ମନ୍ତ୍ରଣାଳୟ ପକ୍ଷରୁ ବିଭାଗୀୟ ମନ୍ତ୍ରୀ ପ୍ରଥମ ଥର ପାଇଁ କର୍ପୋରେଟ କ୍ରୀଡା ନୀତି ଘୋଷଣା କରିଛନ୍ତି। ବିଭାଗୀୟ ମନ୍ତ୍ରୀ ଚୌଧୁରୀ ବୀରେନ୍ଦ୍ର ସିଂ ଗତ ୨୭ରେ ନୂଆଦିଲ୍ଲୀର ସ୍କୋପ ମିନାର ଠାରେ ଆୟୋଜିତ ଏକ ସ୍ୱତନ୍ତ୍ର ଉତ୍ସବରେ ଏହାକୁ ଉନ୍ମୋଚିତ କରିଥିଲେ। ଏଥିରେ ଇସ୍ପାତ ମନ୍ତ୍ରଣାଳୟ କ୍ରୀଡା କମିଟି ଅଧ୍ୟକ୍ଷ ଏଏନ ବୈଜେନ୍ଦ୍ର କୁମାର, ଇସ୍ପାତ ମନ୍ତ୍ରଣାଳୟର ସ୍ୱତନ୍ତ୍ର ସଚିବ, ଅର୍ଥ ପରାମର୍ଶଦାତା ଓ ସେଲ ଅଧ୍ୟକ୍ଷ ସରସ୍ୱତୀ ପ୍ରସାଦଙ୍କ ସମେତ ଅନ୍ୟ ବରିଷ୍ଠ ଉଧ୍ୟକାରୀ ଉପସ୍ଥିତ ଥିଲେ।

ଏହି ଅବସରରେ ଇସ୍ପାତ ମନ୍ତ୍ରୀ ବୀରେନ୍ଦ୍ର ସିଂ କହିଥିଲେ, ସମ୍ପ୍ରତି କ୍ରୀଡା ସାମାଜିକ ପରିବର୍ତ୍ତନର ବାର୍ତ୍ତାବହ ସାଜିଛି। ଏହାକୁ କ୍ୟାରିୟର ବିକଳ୍ପ ଭାବେ ଅନେକ ଗ୍ରହଣ କରୁଛନ୍ତି। କ୍ରୀଡା ଜାତୀୟ ବିକାଶର ଆଉ ଏକ ମାପଦଣ୍ଡ ବୋଲି ସେ ଉଲ୍ଲେଖ କରିଥିଲେ। ଅଧିକାରୀ ବୈଜେନ୍ଦ୍ର କହିଥିଲେ, ଏହି ନୂଆ କ୍ରୀଡା ନୀତି କ୍ରୀଡାବିତଙ୍କୁ ଉନ୍ନତ ସୁବିଧା ହାସଲ ନେଇ ସହାୟକ ହେବ। ସେମାନେ ସାମାଗ୍ରିକ ପ୍ରଶିକ୍ଷଣ, ସ୍ୱାସ୍ଥ୍ୟ, ପ୍ରତିଯୋଗିତା ମୂଳକ ଉତ୍କର୍ଷତା, ଜୀବିକା, ସାମାଜିକ ସଂଘତି ନେଇ ଉତ୍କୃତ ହେବେ ବୋଲି ସେ ମତ ପ୍ରକାଶ କରିଥିଲେ। ସେଲ ଅଧ୍ୟକ୍ଷ ପ୍ରସାଦ କରିଥିଲେ, ଏହି ନୂଆ କ୍ରୀଡା ନୀତି ନିଶ୍ଚିତ ଭାବେ ପରିବର୍ତ୍ତନ ଆଣିବ। ଦେଶର ବିଭିନ୍ନ ଭାଗରେ କ୍ରୀଡାକୁ ପ୍ରୋତ୍ସାହନ ମିଳି ପାରିବ ବୋଲି ସେ ଆଶା ବ୍ୟକ୍ତ କରିଥିଲେ। କାର୍ମିକ ବିଭାଗ ନିର୍ଦ୍ଦେଶକ ସଂଦୀପ ତୁଲା ଏଥିରେ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ଏଥିରେ କର୍ପୋରେଟ ବିଭାଗ ନିର୍ବାହୀ ନିର୍ଦ୍ଦେଶକ ଏମସି ଅଗ୍ରୱାଲ ଧନ୍ୟବାଦ ପ୍ରଦାନ କରିଥିଲେ। ଅନ୍ତର୍ଜାତୀୟ କ୍ରୀଡାବିତ ପ୍ରେମ ସିଂ ମାରାଥନ ଧାବକ, ଡଃ, ସୁନୀତା ଗୋଡ୍ରାଙ୍କ ସମେତ ଅନ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।

ଅବକାରୀ ପୋଲିସ ପକ୍ଷରୁ ଗିରଫ ଅଭିଯୁକ୍ତ ଓ ମଦ କାରବାରରେ ବ୍ୟବହୃତ ଜବତ ସାମଗ୍ରୀ।

# ଚୋରା ମଦ କାରବାର ଅଭିଯୋଗରେ ୫ ଗିରଫ

ରାଉରକେଲା ଅଫିସ,୨୮।୮

ଜିଲା ଅବକାରୀ ପୋଲିସ ପକ୍ଷରୁ ମଙ୍ଗଳବାର ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ସହରର ବିଭିନ୍ନ ସ୍ଥାନରେ ଚଢାଉ କରାଯାଇଥିଲା। ମୋଟ ୧୮୬ଲିଟର ଦେଶୀ ମହୁଲୀ ମଦ ସହ ୧୭୯୩କିଲୋ ପୋଚ ଜବତ କରାଯାଇଛି। ଏନେଇ ୫ଜଣଙ୍କୁ ଗିରଫ କରିଛି ଅବକାରୀ ପୋଲିସ। ସମସ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ବାଗବୁଡି ବସ୍ତି ବାସିନ୍ଦା କୌଶଲ୍ୟା ମୁଣ୍ଡାରୀଙ୍କ ଠାରୁ ୨୩ଲିଟର ଦେଶୀ ଓ ୨୭୫ କିଲୋ ପୋଚ, ରୁଜୁଣୀ ମୁଣ୍ଡାରୀଙ୍କଠାରୁ ୨୧ ଲିଟର ଦେଶୀ ଓ ୨୮୮କିଲୋ ପୋଚ, ପାତନ ମୁଣ୍ଡାରୀଙ୍କଠାରୁ ୪୫ ଲିଟର ଦେଶୀ ମଦ ସହ ୩୩୦ କିଲୋ ପୋଚ, ଶତ୍ରୁଘନ ମୁଣ୍ଡାରୀଙ୍କଠାରୁ ୪୨ଲିଟର ଦେଶୀ ଓ ୩୫୦କିଲୋ ପୋଚ, ମଙ୍ଗଳ ମୁଣ୍ଡାରୀଙ୍କୁ ଠାରୁ କେବଳ ୧୦ ଲିଟର ଦେଶୀ ମହୁଲି ମଦ ଜବତ କରାଯାଇଛି। ଏମାନଙ୍କ ବ୍ୟତୀତ ଗାଞ୍ଜୁ ମୁଣ୍ଡାରୀଙ୍କ ଠାରୁ ୪୫ ଲିଟର ଦେଶୀ ମଦ ସହ ୫୫୦ କିଲୋ ପୋଚ ଜବତ କରାଯାଇଛି। ମଦ କାରବାରରେ ବ୍ୟବହୃତ ହାଣ୍ଡି, ଡେକଚି ଓ ଡ୍ରମ ଆଦି ମଧ୍ୟ ଜବତ କରିଛି ପୋଲିସ। ପ୍ରାୟ ୧୦୩୫୦ କିଲୋ ପୋଚ ସହ ୮୦ଲିଟର ଦେଶୀ ମହୁଲି ନଷ୍ଟ କରାଯାଇଛି। ଏହି ଚଢାଉରେ ଜଣେ ମାଜିଷ୍ଟ୍ରେଟଙ୍କ ବ୍ୟତୀତ ଅବକାରୀ ଅଧିକାରୀ ମିହିର ସେଠୀ, ଏସ୍ଆଇ ଏସ. କେ ରାଉତ, ନାରାୟଣ ଜେନା ଓ ବିଭାଗୀୟ କର୍ମଚାରୀ ସାମିଲ ଥିଲେ।

# ଗୁରୁକୁଳ ଯୁକ୍ତ ୨ କଲେଜରେ ବକ୍ତୃତା ପ୍ରତିଯୋଗିତା

ସୁନ୍ଦରଗଡ଼,୨୮।୮(ଡି.ଏନ୍.ଏ.)

ଗୁରୁକୁଳ ଯୁକ୍ତ ୨ କଲେଜରେ ସୋମବାର ଛାତ୍ରୀଛାତ୍ରଙ୍କ ମଧ୍ୟରେ 'ଆମେ କିପରି ବଦଳିବା' ଶୀର୍ଷକ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। କୃତୀ ଛାତ୍ରୀଛାତ୍ରଙ୍କୁ କଲେଜ ସମ୍ପାଦକ ଗଣେଶଚନ୍ଦ୍ର ନାଏକ ପୁରସ୍କାର ପ୍ରଦାନ କରି ସମୟର ପରିବର୍ତ୍ତିତ ଧାରାରେ ନିଜକୁ ଖାପ ଖୁଆଇ ଲକ୍ଷ୍ୟସ୍ଥଳରେ ପହଞ୍ଚି ଜୀବନରେ ସଫଳତା ହାସଲ କରିବାକୁ ପରାମର୍ଶ ଦେଇଥିଲେ। କଠିନ ପରିଶ୍ରମ ସଫଳତାର ମାପକାଠି ବୋଲି କଲେଜ ସଭାପତି ବୀଥିକା ନାଏକ ଛାତ୍ରୀଛାତ୍ରଙ୍କୁ କହିଥିଲେ। ଏହି ଅବସରରେ ରାଜ୍ୟସ୍ତରୀୟ ଉଷୁ ପ୍ରତିଯୋଗିତାରେ ରୌପ୍ୟ ପଦକ ହାସଲ କରିଥିବା କଲେଜର ଛାତ୍ରୀ ଲିପ୍ସା ଷଡ଼ଙ୍ଗୀଙ୍କୁ କଲେଜ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ କଲେଜ ଅଧ୍ୟକ୍ଷ ସୁମିତ ନାଏକ ଧନ୍ୟବାଦ ଦେଇଥିଲେ।

## GOVERNMENT OF ODISHA
## OFFICE OF THE BLOCK DEVELOPMENT OFFICER
## SADAR BLOCK, SUNDARGARH
### INVITATION TENDER CALL NOTICE

**No. 2865** **Dt. 26.08.2018**

The Block Development Officer, Sadar, Sundargarh on behalf of Governor of Odisha invites Percentage rate bids in sealed cover for the following works from the class of eligible contractors as mentioned in Column-7 (seven).

| Sl. No. | Name of the Place | Name of the Work | Amount put to Tender in Rs. | Cost of Tender paper (Non-refundable) in Rs. | Bid security EMD 1% in Rs. | Period of Completion | Class of Contractor |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| 1 | Bhawanipur Kirei G.p | Improvement of the road from village Bhawanipur to Model School | 30,00,000/- | 6,000/- | 30,000/- | 02 (Two months) | 'C' & 'B' Class |

The bid documents and detail terms and conditions can be downloaded from District Website www.sundergarh.nic.in. The last date of receive of bid is 11.09.2018, 3.00 P.M. & date of opening is Dt. 12.09.2018 at 11.00 A.M.

**Sd./- Block Development Officer, Sadar, Sundargarh**

**No. 179-D**

## ରାଜ୍ୟ ସିଲେକ୍ସନ ବୋର୍ଡ, ଓଡ଼ିଶା ପୋଲିସ, କଟକ

**ଜିଲ୍ଲା କନଷ୍ଟେବଳ ଏବଂ ବାଟାଲିୟନରେ ସିପାହୀ / କନଷ୍ଟେବଳ ନିଯୁକ୍ତି ପାଇଁ ହେବାକୁ ଥିବା ଲିଖିତ ପରୀକ୍ଷାରେ ଅଂଶଗ୍ରହଣ କରୁଥିବା ଯୋଗ୍ୟ ପ୍ରାର୍ଥୀମାନଙ୍କ ପାଇଁ ସତର୍କ ସୂଚନା**

**No. 179-D:-** କିଛି ଦଲାଲ, ମଧ୍ୟସ୍ଥି ଏବଂ ଠକ ବ୍ୟକ୍ତିବିଶେଷ ଲିଖିତ ପରୀକ୍ଷାର ଅବ୍ୟବହିତ ପୂର୍ବରୁ ସମ୍ଭାବ୍ୟ ପ୍ରଶ୍ନପତ୍ର ପ୍ରାର୍ଥୀମାନଙ୍କୁ ଯୋଗାଇ ଦେବେ ବୋଲି ପ୍ରତିଶ୍ରୁତି ଦେଇ ପରୀକ୍ଷା କେନ୍ଦ୍ର ତଥା ଆଉ କୌଣସି ସ୍ଥାନରେ ଅପପ୍ରଚାର କରୁଛନ୍ତି ଯେ, ଏହି ପ୍ରଶ୍ନପତ୍ର ଆଗୁଆ ପାଇଲେ ପ୍ରାର୍ଥୀ ଲିଖିତ ପରୀକ୍ଷାରେ ଅଧିକ ନମ୍ବର ରଖିପାରିବେ ଯାହା ଚାକିରି ପାଇବା ନିଶ୍ଚିତ ଅଟେ। ପ୍ରାର୍ଥୀମାନଙ୍କୁ ସତର୍କ ସୂଚନା ଦିଆଯାଉଅଛି କି, ଏଭଳି ଦଲାଲ, ମଧ୍ୟସ୍ଥି ଏବଂ ଠକ ବ୍ୟକ୍ତିବିଶେଷଙ୍କର ଠକାମିର ଶିକାର ହୁଅନ୍ତୁ ନାହିଁ। କିଛି ବ୍ୟକ୍ତିବିଶେଷ ପୋଲିସ୍ ଅଧିକାରୀ ଭାବେ ପରିଚୟ ଦେଇ ନିଯୁକ୍ତି ପ୍ରକ୍ରିୟା ସମ୍ପର୍କିତ ସମସ୍ତ କାଗଜପତ୍ର ତଥା ପ୍ରଶ୍ନପତ୍ର ବିଷୟଗୁଡ଼ିକରେ ଧାରଣା ରହିଛି ବୋଲି ଦାବି କରୁଛନ୍ତି। ଏଭଳି ଖବର ସମ୍ପୂର୍ଣ୍ଣ ମିଥ୍ୟା ଏବଂ ଏହା ପ୍ରାର୍ଥୀମାନଙ୍କୁ ଠକିବା ତଥା ଶୋଷଣ କରିବାର ଏକ ଉପାୟ। ଏହି ପରୀକ୍ଷା ପୂର୍ଣ୍ଣ ସ୍ୱଚ୍ଛତା ଏବଂ ଯୋଗ୍ୟତାଭିତ୍ତିକ ଅଟେ। କୌଣସି ବ୍ୟକ୍ତି ଆଗୁଆ ପ୍ରଶ୍ନପତ୍ର ଯୋଗାଇ ଦେବାକୁ କହି ପ୍ରଲୋଭିତ କରୁଥିଲେ ପ୍ରାର୍ଥୀମାନେ କଦାପି ସେମାନଙ୍କୁ ଟଙ୍କା କିମ୍ବା କୌଣସି ପ୍ରକାରର ଉପହାର ଦିଅନ୍ତୁ ନାହିଁ। ଲିଖିତ ପରୀକ୍ଷାର ପ୍ରଶ୍ନପତ୍ର ପ୍ରଘଟ ହେବାର କୌଣସି ସମ୍ଭାବନା ନାହିଁ। ଏହି ଚାକିରି ପାଇବା ପାଇଁ କାହାରିକୁ ଟଙ୍କା କିମ୍ବା ଉପହାର ପ୍ରଦାନ କରିବା ଆଇନତଃ ଏକ ଧର୍ତ୍ତବ୍ୟ ଅପରାଧ ଅଟେ। ଯଦି ଏହିପରି କିଛି କାର୍ଯ୍ୟକଳାପ ପ୍ରାର୍ଥୀଙ୍କର ନଜରକୁ ଆସେ ଅଥବା ଯଦି କୌଣସି ବ୍ୟକ୍ତି ଉତ୍କୋଚ ଦେବା ନେବା ବିଷୟରେ କହୁଥା'ନ୍ତି, ତେବେ ଏହାକୁ ତୁରନ୍ତ ରାଜ୍ୟ/ ଜିଲ୍ଲା/ ବାଟାଲିୟନର ଅଧ୍ୟକ୍ଷ/ ସଦସ୍ୟଙ୍କୁ ଜଣାଇବା ସଙ୍ଗେ ସଙ୍ଗେ ରାଜ୍ୟ ଦୁର୍ନୀତି ନିବାରଣ ବିଭାଗଙ୍କ ଟୋଲ୍ ଫ୍ରି ଟେଲିଫୋନ୍ ନଂ. ୧୦୬୪ ଏବଂ ଟେଲିଫୋନ ନଂ. ୦୬୭୧-୨୩୦୫୯୮୮ (ଦୁର୍ନୀତି ବିଭାଗ ମୁଖ୍ୟ କାର୍ଯ୍ୟାଳୟ, କଟକ), ୦୬୭୧-୨୩୦୫୬୮୨ (କଟକ ଡିଭିଜନ), ୦୬୬୪-୨୩୯୭୬୪୮ (ଭୁବନେଶ୍ୱର ଡିଭିଜନ), ୦୬୮୦-୨୨୮୨୩୦୦ (ବ୍ରହ୍ମପୁର ଡିଭିଜନ), ୦୬୬୮-୨୨୫୫୦୦୫ (ବାଲେଶ୍ୱର ଡିଭିଜନ), ୦୬୬୩-୨୪୧୨୧୧୫ (ସମ୍ବଲପୁର ଡିଭିଜନ) ଏବଂ ୦୬୮୫-୪୨୩୩୩୩୦ (କୋରାପୁଟ୍ ଡିଭିଜନ)ରେ ଜଣାଇବେ। ଏତଦ୍ବ୍ୟତୀତ ନିମ୍ନରେ ଦର୍ଶାଯାଇଥିବା ରାଜ୍ୟ ସିଲେକ୍ସନ ବୋର୍ଡର e-mail ID ଏବଂ help line numberରେ ମଧ୍ୟ ଯୋଗାଯୋଗ କରିପାରିବେ।

**ଅଧ୍ୟକ୍ଷ**
**ରାଜ୍ୟ ସିଲେକ୍ସନ ବୋର୍ଡ**
**ଓଡ଼ିଶା ପୋଲିସ, କଟକ**

**ବି.ଦ୍ର.:** ରାଜ୍ୟ ସିଲେକ୍ସନ ବୋର୍ଡର ଇ-ମେଲ ଆଇଡି: opssb.odpol@nic.in
Help line number: ୦୬୭୧-୨୩୦୨୪୪୪, ୦୬୭୧-୨୩୦୧୬୭୭

12028/11/0009/1819

## ଓଡ଼ିଶା ସରକାର
## କେନ୍ଦୁଝର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ
### ଅଧିସୂଚନା

File No.: LA Case No.- 18/2018 **1219** Dated 25.07.2018

**No. V-53:-** ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି, ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ମୟୂରଭଞ୍ଜ ଜିଲ୍ଲାର ଦେଓ ମଧ୍ୟମ ଜଳସେଚନ ପ୍ରକଳ୍ପର କେନାଲ ନିର୍ମାଣ ନିମନ୍ତେ ସରକାର (Appropriate Government) ସରକାରୀ ବ୍ୟୟରେ ମୌଜା- ହଳଦୀବଟା, ଥାନା- ପାଟଣା, ନଂ.-୧୯୬, ତହସିଲ- ସାହାରପଡ଼ା, ଜିଲ୍ଲା- କେନ୍ଦୁଝରରେ ନିମ୍ନ ତଫସିଲମତେ ପ୍ରାୟ ଏ.୨.୬୨ ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି।

ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ ୨୦୧୩ (RFCTLAR & R Act, 2013)ର ୧୧(୧) ଧାରାରେ ଭାରପ୍ରାପ୍ତ ହୋଇ ସରକାର (Appropriate Government) ଏତଦ୍ଦ୍ୱାରା ନିମ୍ନ ଅନୁସୂଚୀରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଉଛି।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ ୧୧(୧) ଧାରା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥିସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ।

ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ / ଜମିମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟରେ ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ ଦିନ ମଧ୍ୟରେ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ।

**ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ:**

୧. ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ- ଦେଓ ମଧ୍ୟମ ଜଳସେଚନ ପ୍ରକଳ୍ପ ନିର୍ମାଣ ନିମନ୍ତେ।
୨. ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ- ନିର୍ବାହୀ ଯନ୍ତ୍ରୀ, ଦେଓ କେନାଲ ଡିଭିଜନ।
୩. କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ- ସାର୍ବଜନୀନ ଉଦ୍ଦେଶ୍ୟରେ ଦେଓ ମଧ୍ୟମ ଜଳସେଚନ ପ୍ରକଳ୍ପ ନିର୍ମାଣ ନିମନ୍ତେ କାର୍ଯ୍ୟକାରୀ କରିବା।
୪. ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ- ..... / ଉକ୍ତ ପ୍ରକଳ୍ପ ପାଇଁ ପ୍ରଯୁଜ୍ୟ ନୁହେଁ।
୫. ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସନଙ୍କ ବିବରଣୀ- ସ୍ୱତନ୍ତ୍ର ଭୂ-ଅର୍ଜନ ଓ ପୁନର୍ବସତି ଅଧିକାରୀ, ମୟୂରଭଞ୍ଜ, କରଞ୍ଜିଆ।
୬. ଜମିର ବିବରଣୀ-

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ/ସହରାଞ୍ଚଳ | ଖାତା ନଂ. | ପ୍ଲଟ୍ ନଂ. | ପ୍ଲଟ୍‌ର ମୋଟ ରକବା | ଅଧିସୂଚିତ ଜମିର ରକବା | ରୟତର ନାମ |
|---|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ | ୯ |
| କେନ୍ଦୁଝର | ସାହାରପଡ଼ା | ହଳଦୀବଟା | ଗ୍ରାମାଞ୍ଚଳ | ଏଥିସହିତ ସଂଲଗ୍ନ | ଏଥିସହିତ ସଂଲଗ୍ନ | ଏ.୯.୧୧ | ଏ.୨.୬୨ | ଏଥିସହିତ ସଂଲଗ୍ନ |

- ଉକ୍ତ ଅଧିସୂଚିତ ଜମି ରକବା ମଧ୍ୟରୁ ଏ. ..... ସଂରକ୍ଷିତ ସରକାରୀ ଜମି ପ୍ରତିବଦଳ ପାଇଁ ଉଦ୍ଦିଷ୍ଟ।

ଉକ୍ତ ଭୂମିର ଏକ ନକ୍ସା ସ୍ୱତନ୍ତ୍ର ଭୂ-ଅର୍ଜନ ଓ ପୁନର୍ବସତି ଅଧିକାରୀ, ମୟୂରଭଞ୍ଜ, କରଞ୍ଜିଆଙ୍କ କାର୍ଯ୍ୟାଳୟରେ କାର୍ଯ୍ୟଦିବସମାନଙ୍କରେ ଦେଖିବାକୁ ମିଳିପାରିବ।

ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟବିକ୍ରୟ, ହସ୍ତାନ୍ତର (ଦେଣନେଣ) କିମ୍ବା ଦାୟ ସୃଷ ିକେନ୍ଦୁଝର ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ।

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା./- ଜିଲ୍ଲାପାଳ

### ସ୍ୱତନ୍ତ୍ର ଭୂଅର୍ଜନ ଓ ପୁନର୍ବସତି ଅଧିକାରୀଙ୍କ କାର୍ଯ୍ୟାଳୟ, ମୟ

## ସଂକ୍ଷେପରେ

### ନାବାଳିକାଙ୍କୁ ବଳାତ୍କାର, ଥାନାରେ ଏତଲା

ସୁନ୍ଦରଗଡ଼,୨୮।୮(ଡି.ଏନ୍.ଏ.)- ସୁନ୍ଦରଗଡ଼ ସହରର ଜଣେ ୧୪ ବର୍ଷର ନାବାଳିକାଙ୍କୁ ବଳାତ୍କାର କରାଯାଇଥିବା ନେଇ ଅଭିଯୋଗ ହୋଇଛି। ଏ ନେଇ ନାବାଳିକାଙ୍କ ପରିବାର ଲୋକେ ମଙ୍ଗଳବାର ସନ୍ଧ୍ୟାରେ ଟାଉନ ଥାନାରେ ଏକ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ଅଭିଯୋଗକୁ ଭିତ୍ତି କରି ଏକ ମାମଲା(ନଂ.୧୭୦/୧୮) ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ପୋଲିସ ପୀଡିତା ନାବାଳିକାଙ୍କ ଡାକ୍ତରୀମାଇନା କରାଇଛି। ଅନ୍ୟପକ୍ଷେ ଅଭିଯୁକ୍ତ ବୃଦ୍ଧ ଜଣକ ଫେରାର ଥିବା ପୋଲିସ ପ୍ରକାଶ କରିଛି। ପୀଡିତା ନାବାଳିକାଙ୍କ ବୟାନ ଅନୁଯାୟୀ ତାଙ୍କ ବାପା ମା'ଙ୍କ ଅନୁପସ୍ଥିତିରେ ବୃଦ୍ଧ ଜଣକ ତାଙ୍କୁ ପ୍ରଲୋଭିତ କରି ନିକଟସ୍ଥ ଜଙ୍ଗଲକୁ ନେଇ କିଛି ଦିନ ହେଲା ବଳାତ୍କାର କରି ଆସୁଥିଲେ।

### ନୂଆଡିହିରେ ବଳିଦାନ ଦିବସ

ଲହୁଣୀପଡା,୨୮।୮(ଡି.ଏନ.ଏ.)- ଲହୁଣୀପଡା ବ୍ଲକ ଅଧୀନ ନୂଆଡିହି ଗ୍ରାମରେ ଅବସ୍ଥିତ ବାବା ଆଖଣ୍ଡଳମଣୀ ମନ୍ଦିର ପ୍ରାଙ୍ଗଣରେ ବଳିଦାନ ଦିବସ ଅନୁଷ୍ଠିତ ହୋଇଯାଇଛି। ବିଶ୍ୱ ହିନ୍ଦୁ ପରିଷଦର ପଶ୍ଚିମ ଓଡ଼ିଶା ଧର୍ମ ପ୍ରସାର ସମ୍ପାଦକ ଶାନ୍ତନୁ କୁସୁମ ସ୍ୱାମୀ ଲକ୍ଷ୍ମଣାନନ୍ଦଙ୍କ ଫଟୋଚିତ୍ରରେ ପ୍ରଦୀପ ପ୍ରଜ୍ୱଳନ କରି ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ପରେ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ଅନୁଷ୍ଠିତ ସଭାରେ ଲକ୍ଷ୍ମଣାନନ୍ଦଙ୍କ ଜୀବନୀ ଉପରେ ଆଲୋକପାତ କରାଯାଇଥିଲା। ଲକ୍ଷ୍ମଣାନନ୍ଦଙ୍କୁ ହିନ୍ଦୁତ୍ୱ ଓ ରାଷ୍ଟ୍ରପ୍ରେମର ଏକ ନିଚ୍ଛକ ପ୍ରତିଚ୍ଛବି ବୋଲି ଅତିଥିମାନେ ବର୍ଣ୍ଣନା କରିଥିଲେ। ପ୍ରାନ୍ତ ସହ ପରିଯୋଜନ ପ୍ରମୁଖ ଯୁଗଳ କିଶୋର ମହାନ୍ତଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ତପନ କିଷାନ, ରାଜୁ ସା, ତୁଲାରାମ ନାୟକ, ଜିତେନ୍ଦ୍ର ପ୍ରଧାନଙ୍କ ସମେତ ବହୁ କାର୍ଯ୍ୟ କର୍ତ୍ତା ଉପସ୍ଥିତ ଥିଲେ।

# ସେପ୍ଟେମ୍ବର ୧ରୁ ଭୋଟର ସଂଶୋଧନ କାର୍ଯ୍ୟକ୍ରମ

ସୁନ୍ଦରଗଡ଼,୨୮।୮ (ଡି.ଏନ୍.ଏ.)

**ସୁନ୍ଦରଗଡ଼ ଜିଲା**

- ୨୦୧୯ ଜାନୁୟାରୀ ୧ତାରିଖ ସୁଦ୍ଧା ୧୮ବର୍ଷ ବୟସ ହୋଇଥିବା ଯୁବତୀଯୁବକ ସାମିଲ ହୋଇପାରିବେ
- ୨୦୧୯ ଜାନୁୟାରୀ ୪ ତାରିଖରେ ଚୂଡାନ୍ତ ତାଲିକା ପ୍ରକାଶ ପାଇବ
- ୨୦୧୯ ଜାନୁୟାରୀ ୨୫ ତାରିଖ ଜାତୀୟ ମତଦାତା ଦିବସରେ ନୂତନ ଭୋଟରମାନଙ୍କୁ ଭୋଟର ପରିଚୟପତ୍ର ବଣ୍ଟବ

ଆସନ୍ତା ସେପ୍ଟେମ୍ବର ୧ତାରିଖରୁ ରାଜ୍ୟରେ ଭୋଟର ସଂଶୋଧନ କାର୍ଯ୍ୟକ୍ରମ–୨୦୧୯ ଆରମ୍ଭ ହେବାକୁ ଯାଉଛି । ଏହି ପରିପ୍ରେକ୍ଷୀରେ ସୁନ୍ଦରଗଡ଼ ଜିଲା ପ୍ରଶାସନ ପକ୍ଷରୁ ଜିଲାର ସମସ୍ତ ରାଜନୈତିକ ଦଳମାନଙ୍କୁ ନେଇ ଏକ ବୈଠକ ଜିଲା କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇଥିଲା । ସଦର ଉପଜିଲାପାଳ ବୀରେସନ ପ୍ରଧାନ, ଡେପୁଟି କଲେକ୍ଟର ତ୍ରିଦେବ କୁମାର ପ୍ରଧାନ ଉପସ୍ଥିତ ସମସ୍ତ ରାଜନୈତିକ ଦଳର ପ୍ରତିନିଧିମାନଙ୍କୁ ଭୋଟର ସଂଶୋଧନ କାର୍ଯ୍ୟକ୍ରମ ସମ୍ପର୍କରେ ସବିଶେଷ ବିବରଣୀ ପ୍ରଦାନ କରି ଏହାକୁ ସଫଳ କରିବା ପାଇଁ କହିଥିଲେ। ଯେଉଁ ବ୍ୟକ୍ତିମାନଙ୍କ ୨୦୧୯ ଜାନୁୟାରୀ ୧ତାରିଖ ସୁଦ୍ଧା ୧୮ବର୍ଷ ବୟସ ହେବ ସେମାନେ ଭୋଟର ତାଲିକାରେ ଅନ୍ତର୍ଭୁକ୍ତ ହେବା ସହ ନିଜ ନାମକୁ ଗୋଟିଏ ବୁଥରୁ ଅନ୍ୟ ବୁଥକୁ ସ୍ଥାନାନ୍ତର କରିବା ଓ ତାଲିକାରେ ତ୍ରୁଟି ଥିଲେ ସଂଶୋଧନ ପାଇଁ ଆସନ୍ତା ଅକ୍ଟୋବର ୩ୀ୧ ତାରିଖ ସୁଦ୍ଧା ସମ୍ପୃକ୍ତ ବୁଥସ୍ତରୀୟ ଅଧିକାରୀଙ୍କ ନିକଟରେ ଆବେଦନ କରିପାରିବେ ବୋଲି ଅଧିକାରୀ ଦ୍ୱୟ ସୂଚନା ଦେଇଥିଲେ। ପ୍ରକାଶ ଯେ, ଭୋଟର ସଂଶୋଧନ କାର୍ଯ୍ୟକ୍ରମର ଚୂଡାନ୍ତ ତାଲିକା ଆସନ୍ତା ୨୦୧୯ ଜାନୁୟାରୀ ୪ ତାରିଖରେ ପ୍ରକାଶ ପାଇବ। ସେହିପରି ନୂତନ ଭୋଟରମାନଙ୍କର ଭୋଟର ପରିଚୟପତ୍ର ଆସନ୍ତା ୨୦୧୯ ଜାନୁୟାରୀ ୨୫ ତାରିଖ ଜାତୀୟ ମତଦାତା ଦିବସରେ ବଣ୍ଟନ କରାଯିବ। ବୈଠକରେ ବିଜେଡି ପକ୍ଷରୁ ପକ୍ଷରୁ ପଞ୍ଚା ବାର୍ଲା, କଂଗ୍ରେସ ଜିଲା ସଭାପତି ବେଣୁମାଧବ ତ୍ରିପାଠୀ, ଭାଜପାର ପ୍ରଦୀପ ମହାନ୍ତି, ବହୁଜନସମାଜ ପାର୍ଟିର ହର୍ଷବର୍ଦ୍ଧନ ଛତ୍ରିଆ ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା କାର୍ଯ୍ୟାଳୟ ମୁଖ୍ୟ କିରାଣି ଲୀଳାଧର କାଲୋ, ସୁଦାମ ପଟେଲ, ଚନ୍ଦ୍ରମଣି ମିଶ୍ର, ପ୍ରଫୁଲ୍ଲ ପଟେଲ, ପ୍ରଫୁଲ୍ଲ ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଭାଲୁମୁଣ୍ଡାରୁ ଅଜଗର ଉଦ୍ଧାର

ବାଲିଶଙ୍କରା, ୨୮।୮ (ଡି.ଏନ୍.ଏ.)

ବାଲିଶଙ୍କରା ବ୍ଲକ ତିଲେଇକାନୀ ପଞ୍ଚାୟତ ଅଧୀନ ଭାଲୁମୁଣ୍ଡା ଗ୍ରାମର ବିଶେଶ୍ୱର କୁଜୁରଙ୍କ ଚାଷଜମିରୁ ଏକ ଅଜଗର ସାପ ସୋମବାର ଉଦ୍ଧାର କରାଯାଇଥିଲା। ମିଳିଥିବା ସୂଚନା ମୁତାବକ, ବିଶେଶ୍ୱର ନିଜ ଚାଷ ଜମିରେ ଧାନ ବେଉଷଣ କରୁଥିଲେ। ସେତିକିବେଳେ ଏକ ଅଜଗର ସାପ ତାଙ୍କ ଗୋଡରେ ଛନ୍ଦି ହୋଇଯାଇଥିଲା। ଫଳରେ ସେ ତଳେ ପଡିଯାଇ ଚିତ୍କାର କରିଥିଲେ। ପାଟି ଶୁଣି ଅନ୍ୟ ଜମିରେ ଧାନ ବେଉଷଣ କରୁଥିବା ଗ୍ରାମର ରମେଶ କୁଜୁର, ସୁଶିଲ କୁଜୁର, ଉଦିତ କୁଜୁର, ଲଲିତ କୁଜୁର ଘଟଣା ସ୍ଥଳରେ ପହଞ୍ଚି ସାପକୁ କୌଶଳ କ୍ରମେ ଘଉଡାଇ ଥିଲେ। ପରେ ବିଶେଶ୍ୱରଙ୍କୁ ଉଦ୍ଧାର କରିଥିଲେ। ଖବର ପାଇ ଭାଲୁମୁଣ୍ଡା ଗ୍ରାମର ଅବସରପ୍ରାପ୍ତ ଶିକ୍ଷକ ବିନୟ କୁମାର ମିଞ୍ଜ, ସରପଞ୍ଚ ତିଲେଇକାନୀ ସୁଚିତା କୁଜୁର, ପ୍ରଦୀପ କୁଜୁର, କଲିନ୍ଦ୍ର ଆପଙ୍ଗ, ବିରବର ସିଂ, ବିନୟ କୁଜୁର, ଇଭା କୁଜୁର, ମଧୁମିତା କୁଜୁର ପ୍ରମୁଖ ଗ୍ରାମବାସୀ ମିଶି ସାପକୁ ଧରି ନିକଟସ୍ଥ ନଦୀରେ ଛାଡି ଦେଇଥିଲେ।

## ବାଙ୍କୀବାହାଲ–ସୁନ୍ଦରଗଡ଼ ଭାରୀଯାନ ଚଳାଚଳ କଟକଣା, ସମୟ ଅବଧି ବୃଦ୍ଧି

ସୁନ୍ଦରଗଡ଼,୨୮।୮ (ଡି.ଏନ୍.ଏ.)

ହେମଗିର ବାଙ୍କୀବାହାଲ– ସୁନ୍ଦରଗଡ଼ ରାସ୍ତାରେ ଭାରୀଯାନ ଚଳାଚଳ ଉପରେ ରହିଥିବା କଟକଣା ସମୟ ଅବଧିର ପୁନର୍ବାର ବୃଦ୍ଧି କରାଯାଇଛି। ଗତ ୨୯ତାରିଖରୁ ଆସନ୍ତା ସେପ୍ଟେମ୍ବର ୨୬ପର୍ଯ୍ୟନ୍ତ ସମୟ ବୃଦ୍ଧି କରାଯାଇଥିବା ଜିଲାପାଳ ତଥା ଆଞ୍ଚଳିକ ପରିବହନ ପ୍ରାଧିକରଣ ଅଧ୍ୟକ୍ଷ ସୁରେନ୍ଦ୍ର କୁମାର ମୀନା ସୂଚନା ଦେଇଛନ୍ତି। ଏହି କଟକଣା ସକାଳ ୯ଟା ୩୦ମିନିଟରୁ ସକାଳ ୧୦ଟା ୩୦ମିନିଟ ଏବଂ ଅପରାହ୍ନ ୩ଟା ୩୦ମିନିଟରୁ ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ ବଳବତ୍ତର ରହିବ । ଏହି କଟକଣା କେବଳ ଭାରୀଯାନ ଯଥା ମଲ୍ଟି ଏକ୍ସେଲ ଯାନ ପାଇଁ ପ୍ରଯୁଜ୍ୟ। ଏହି କଟକଣା ପୁନଃ ଆଦେଶ ପର୍ଯ୍ୟନ୍ତ ବଳବତ୍ତର ରହିବ।

## ଜିଲାସ୍ତରୀୟ ରେଡ୍‌କ୍ରସ ଶିବିର

ସୁନ୍ଦରଗଡ଼,୨୮।୮(ଡି.ଏନ୍.ଏ.)

ସୁନ୍ଦରଗଡ଼ ସରକାରୀ କଲେଜରେ ସୋମବାର ଯୁବ ରେଡ୍‌କ୍ରସର ଜିଲାସ୍ତରୀୟ କମିଟି ବୈଠକ ଅନୁଷ୍ଠିତ ହୋଇଛି। କଲେଜ ଅଧ୍ୟକ୍ଷ ତଥା ଯୁବ ରେଡ୍‌କ୍ରସ ଜିଲା ଅଧ୍ୟକ୍ଷ ଡ. କିଶୋର କୁମାର ଦାଶ ରେଡ୍‌କ୍ରସ ପ୍ରତିଷ୍ଠାତା ହେନେରୀ ଡୁନାଣ୍ଟଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ଶିବିରକୁ ଉଦ୍‌ଘାଟନ କରିଥିଲେ। ଯୁବ ରେଡ୍‌କ୍ରସ ଜିଲା କୋଅର୍ଡିନେଟର ବିପିନ ଚୌଧୁରୀ ରେଡ୍‌କ୍ରସର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଜିଲା ଯୁବ ରେଡ୍‌କ୍ରସ ଅଫିସର ପ୍ରଦୀପ କୁମାର ସାହୁ ଜିଲାସ୍ତରୀୟ ଗଠନମୂଳକ କାର୍ଯ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ଜିଲା କନ୍‌ଭେନର ଡ. ହରପ୍ରସାଦ ମହାପାତ୍ର ରେଡ୍‌କ୍ରସର କାର୍ଯ୍ୟାବଳୀ ସମ୍ପର୍କରେ ସୂଚନା ଦେଇଥିଲେ। ବିଭିନ୍ନ ବିକାଶମୂଳକ କାର୍ଯ୍ୟରେ ଯୁବ ରେଡ୍‌କ୍ରସ ଓ ସାମାଜିକ ଅନୁଷ୍ଠାନଗୁଡ଼ିକ ମଧ୍ୟରେ ସମନ୍ୱୟ ରହିବା ଆବଶ୍ୟକ ବୋଲି ସାମାଜିକ କର୍ମୀ ସୁରୁ ମିଶ୍ର ମତବ୍ୟକ୍ତ କରିଥିଲେ। ବୈଠକରେ ଜିଲାର ପ୍ରାୟ ୫୦ କଲେଜର ଅଧ୍ୟକ୍ଷ ଓ କାଉନସେଲର ଉପସ୍ଥିତ ରହି ନିଜ ମତାମତ ଉପସ୍ଥାପନ କରିଥିଲେ। ମହାବିଦ୍ୟାଳୟର ରେଡ୍‌କ୍ରସ ସ୍ୱେଚ୍ଛାସେବୀ ଶୋଭା ଖାଖା ଧନ୍ୟବାଦ ଦେଇଥିଲେ। ଏହି ଅବସରରେ କଲେଜ ପକ୍ଷରୁ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କଲେଜର ସମସ୍ତ ଅଧ୍ୟାପିକା, ଅଧ୍ୟାପକ ଓ କର୍ମଚାରୀ ସହଯୋଗ କରିଥିଲେ।

### ସୋଲାର ଷ୍ଟ୍ରିଟ୍ ଲାଇଟ ନିମ୍ନମାନର ଅଭିଯୋଗ

## ମାସିକ ବୈଠକ ବର୍ଜନ ନିଷ୍ପତ୍ତି ନେଲେ ୱାର୍ଡମେମ୍ବର

ବଡଗାଁ,୨୮।୮ (ଡି.ଏନ୍.ଏ.)

ସୁନ୍ଦରଗଡ଼ ଜିଲା ବଡଗାଁ ବ୍ଲକର ବିଭିନ୍ନ ପଞ୍ଚାୟତରେ ସିଏଫ୍‌ସି ପାଣ୍ଠି ଅନୁଦାନରେ ସୋଲାର ଷ୍ଟ୍ରିଟ ଲାଇଟ ଲଗାଯାଇଥିଲା। ହେଲେ ନିମ୍ନମାନର ଲାଇଟ ଲଗାଯିବାର ସପ୍ତାହେ ମଧ୍ୟରେ ଏହା ଖରାପ ହୋଇଯାଇଥିବା ଅଭିଯୋଗ ହୋଇଛି। ଏନେଇ ସରପଞ୍ଚ ଓ ୱାର୍ଡମେମ୍ବର ପଞ୍ଚାୟତ ଅଧିକାରୀଙ୍କୁ ଜଣାଇଥିଲେ। ହେଲେ କୌଣସି ସୁଫଳ ମିଳି ନ ଥିଲା। କିଛି ମାସ ତଳେ ୨ଟି ପର୍ଯ୍ୟାୟରେ ଏହି ସୋଲାର ଷ୍ଟ୍ରିଟ୍ ଲାଇଟ ଲଗାଯାଇଥିଲା। କିଛି ଦିନ ଜଳିଥିବା ବେଳେ ପରବର୍ତ୍ତୀ ସମୟରେ ଲାଇଟି ଜଳି ନ ଥିଲା। ଏନେଇ ଗ୍ରାମବାସୀ ପ୍ରଶାସନିକ ଅଧିକାରୀଙ୍କୁ ଜଣାଇଥିଲେ। ହେଲେ ପ୍ରଶାସନିକ ଅଧିକାରୀମାନେ ମଧ୍ୟ ଏଥିପ୍ରତି ଦୃଷ୍ଟି ଦେଇ ନ ଥିଲେ। ଫଳରେ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ମଙ୍ଗଳବାର ବରଙ୍ଗାକଛର ପଞ୍ଚାୟତରେ ଅନୁଷ୍ଠିତ ମାସିକ ବୈଠକରେ ୱାର୍ଡସଭ୍ୟାସଭ୍ୟମାନେ ଘଟଣା ସଂକ୍ରାନ୍ତରେ ଅଭିଯୋଗ କରିଥିଲେ। ଦୀର୍ଘମାସ ହେଲା ଅଧିକାରୀମାନଙ୍କୁ ଜଣାଇଥିଲେ ମଧ୍ୟ କେହି ଏହାର ସମାଧାନ ଦିଗ ପ୍ରତି ଚେଷ୍ଟା କରୁ ନ ଥିବା ବୈଠକରେ ଅବଗତ କରାଇଥିଲେ। ମରାମତି କିମ୍ବା ନୂତନ ଲାଇଟ ଲଗା ନ ଯିବା ପର୍ଯ୍ୟନ୍ତ ସମସ୍ତ ୱାର୍ଡ ସଭ୍ୟାସଭ୍ୟ ମାସିକ ବୈଠକ ବର୍ଜନ କରିବେ ବୋଲି ଏକ ପ୍ରସ୍ତାବ ଗୃହୀତ କରି ଜିପିଓଙ୍କୁ ଲିଖିତ ଜଣାଇଛନ୍ତି। ଏଥିରେ ନାଏବ ସରପଞ୍ଚ ଦାଶରଥି ବେହେରା, ମମିତା କିସାନ, ହେମନ୍ତ ରୋହିଦାସ, ଫୁଲମନୀ ବାଗ, ପ୍ରିସିଲା ଗୁଡିଆ, ଜି. ବାଗ, ସରୋଜିନୀ ପୁରାଲେ, ଉମାବତୀ ଡନସନା, ଗୀତା ଟପ୍ପୋଙ୍କ ଦସ୍ତଖତ ରହିଛି। ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି।

## ବିଜୁ ଗ୍ରାମାଞ୍ଚଳ ହକି ଟୁର୍ନାମେଣ୍ଟ ଉଦ୍‌ଯାପିତ

ନୂଆଗାଁ,୨୮।୮ (ଡି.ଏନ୍.ଏ.)

ସୁନ୍ଦରଗଡ଼ ଜିଲା ରାଉରକେଲା ନିକଟସ୍ଥ ଝିରିପାଣି ୟଙ୍ଗ ଆଦିବାସୀ ବ୍ଲକ ଖେଳପଡିଆରେ ବିଜୁ ପଟ୍ଟନାୟକ ଗ୍ରାମାଞ୍ଚଳ ହକି ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ ଭେଟେରାନ ରାଉରକେଲା ଆସୋସିଏଶନ ଏବଂ ମାରି ଆମ ଗ୍ରୁପ ହମିରପୁର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଭେଟେରାନ ରାଉରକେଲା ଆସୋସିଏଶନ ଦଳ ୨–୧ ଗୋଲରେ ବିଜୟ ଲାଭ କରିଥିଲା। ଚାମ୍ପିୟନ ଦଳ ଭାବେ ଭେଟେରାନ ରାଉରକେଲା ଆସୋସିଏଶନ ଦଳକୁ ପୁରସ୍କାର ସ୍ୱରୂପ ୩ ହଜାର ଟଙ୍କା ପ୍ରଦାନ କରାଯାଇଥିବା ବେଳେ ରନର୍ସ ଅପ ମାରିଆମ ଗ୍ରୁପ ହମିରପୁର ଦଳକୁ ୨ ହଜାର ଟଙ୍କା କମିଟି ପକ୍ଷରୁ ପ୍ରଦାନ କରାଯାଇଥିଲା। ଗତ୨୨ ତାରିଖରୁ ଆରମ୍ଭ ହୋଇଥିବା ନକ୍‌ଆଉଟ ହକି ଟୁର୍ନାମେଣ୍ଟରେ ମୋଟ ୩୪ଟି ଦଳ ଭାଗ ନେଇଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ସୁନ୍ଦରଗଡ ଜିଲା ପରିଷଦ ଅଧ୍ୟକ୍ଷା ଏଂନ୍ନା ଏକ୍କା ଯୋଗ ଦେଇଥିବା ବେଳେ ହକିର ପୂର୍ବତନ କୋଚ ସେଲବେଷ୍ଟର ଟପ୍ପୋ, ପାନପୋଷ ହକି ହଷ୍ଟେଲ ସୁପରିଣ୍ଟେଣ୍ଡେଣ୍ଟ ମିଲଟେନ ବିଲୁଙ୍ଗ, ସଲ୍ ଏକାଡେମୀର କୋଚ ରାଜୁ ସାଇନି, ପିଟର ତିର୍କୀ ପ୍ରମୁଖ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଗ୍ରାମାଞ୍ଚଳ କ୍ରୀଡା ଯୋଗୁ ଅଞ୍ଚଳର କ୍ରୀଡାର ବିକାଶ ସାଙ୍ଗକୁ ଭାଇଚାରା ସୃଷ୍ଟି ହୋଇପାରିବ ବୋଲି ଅତିଥିମାନେ ମତ ପ୍ରକାଶ କରିଥିଲେ। ଟୁର୍ନାମେଣ୍ଟ ଆୟୋଜନରେ ସଭାପତି ପାୱାର ଖାଖା, ସମ୍ପାଦକ ଜୀବନ ବାଗ, ସଞ୍ଜୟ ରାବଣା, ଜୟମାସି ତିର୍କୀ, ସୁଶୀଲ ସାମଦ ପ୍ରମୁଖ କମିଟି ସଦସ୍ୟମାନଙ୍କୁ ପ୍ରଶଂସା କରିଥିଲେ। ଶେଷରେ କ୍ରୀଡା ସମ୍ପାଦକ ଜୀବନ ବାଡା ଧନ୍ୟବାଦ ଦେଇଥିଲେ।

ବିଜୁ ପଟ୍ଟନାୟକ ଗ୍ରାମାଞ୍ଚଳ ହକି ଟୁର୍ନାମେଣ୍ଟ ଉଦ୍‌ଯାପନୀ ଉତ୍ସବରେ ଅତିଥିଙ୍କ ସହ ଉଭୟ ଦଳର ଖେଳାଳିମାନେ।

## ୧୭ ବର୍ଷର ସେବା ଭୁଲି ପାରୁନାହାନ୍ତି ଅଞ୍ଚଳବାସୀ

ଲେଫ୍ରିପଡ଼ା,୨୮।୮(ଡି.ଏନ୍.ଏ.)

**ପଦୋନ୍ନତିରେ ଯିବେ ଡା. କୁଜୁର**

ଦୀର୍ଘ ୧୭ ବର୍ଷ ହେଲା ଆଦିବାସୀ ଅଧ୍ୟୁଷିତ ଲେଫ୍ରିପଡ଼ା ବ୍ଲକ ଅନ୍ତର୍ଗତ ଦୁର୍ଗମ ଉପରଘାଟି ଗୁଣ୍ଡିଆଡିହି, ଅଲାପକା, ହୁରମେଇ ଏବଂ ମଶାବିରା ପଞ୍ଚାୟତବାସୀଙ୍କୁ ଡାକ୍ତରୀ ସେବା ଯୋଗାଇ ଆସୁଥିଲେ ଡାକ୍ତର ଫ୍ରାଙ୍କଲିନ କୁଜୁର। ସେ ଗୁଣ୍ଡିଆଡିହି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ନିଯୁକ୍ତ ହୋଇ ଅଞ୍ଚଳବାସୀଙ୍କ ହୃଦୟରେ ରହିଥିବାବେଳେ ତାଙ୍କ ପଦୋନ୍ନତିରେ ଲୋକେ ଖୁସି ହୋଇଥିଲେ ମଧ୍ୟ ବଦଳିକୁ ସହଜରେ ଗ୍ରହଣ କରିପାରୁନାହାନ୍ତି।

ଯେଉଁ ସମୟରେ ଅଞ୍ଚଳ ପାଇଁ ରାସ୍ତାଟିଏ ନ ଥିଲା, ଲୋକେ ବହୁ ସମସ୍ୟା ଭିତରେ ରହୁଥିଲେ, ସେ ସମୟରେ ଏଠାରେ ଡାକ୍ତର କୁଜୁର ନିଯୁକ୍ତ ହୋଇ ଦିନରାତି ସେବା ଯୋଗାଇ ଦେଉଥିଲେ। ଏଭଳି ଜଣେ ଡାକ୍ତରଙ୍କ ବଦଳିରେ ଅଞ୍ଚଳବାସୀ ବେଶ୍ ଦୁଃଖ ପ୍ରକାଶ କରିଛନ୍ତି। ଦୁର୍ଗମ ଅଞ୍ଚଳରେ ଡାକ୍ତରୀ ସେବା ଯୋଗାଇବା, ଏପରିକି ପାଦଚଲା ରାସ୍ତାରେ ଯାଇ ଲୋକଙ୍କୁ ସେବା ଯୋଗାଇବା, ତାଙ୍କ ଉଦ୍ୟମରେ ଗୁଣ୍ଡିଆଡିହି ଡାକ୍ତରଖାନାର ଉନ୍ନତି ସହ ରାତି ସମୟରେ ଆସୁଥିବା ରୋଗୀଙ୍କୁ ଚିକିତ୍ସା କରିବାରେ ଡା. କୁଜୁର କେବେ କୁଣ୍ଠାବୋଧ କରି ନ ଥିବା ଅଞ୍ଚଳବାସୀ କହିଛନ୍ତି। ତେବେ ତାଙ୍କ ପଦୋନ୍ନତି ଓ ବଦଳି ଖବର ପ୍ରଚାରିତ ହେବା ପରେ ଡା. କୁଜୁରଙ୍କୁ ଭେଟିବା ପାଇଁ ଲୋକେ ନିୟମିତ ଆସୁଛନ୍ତି। ଏହି ପରିପ୍ରେକ୍ଷୀରେ ଆୟୋଜିତ ଏକ ବିଦାୟକାଳୀନ ସଭାରେ ଡା. କୁଜୁରଙ୍କୁ ସମସ୍ତେ ସମ୍ବର୍ଦ୍ଧିତ କରିଥିଲେ। ଏଥିରେ ଦେବେନ୍ଦ୍ର ନାଗ, ତିଲେଶ୍ୱର ବାରିକ, ଦୁତିଆ ନାଏକ, ଡ. ଶ୍ରୀକାନ୍ତ ଟପୋ, ମହିମା ତିର୍କୀ, ସାଲମି ଲାକ୍ରା, ପ୍ରଫୁଲ୍ଲ କୁମାର ପ୍ରଧାନ, ପୁର୍ଣ୍ଣ ସାଙ୍କ ସମେତ ବହୁ ସଂଖ୍ୟାରେ ଅଞ୍ଚଳବାସୀ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ ଡା. କୁଜୁର ପଦୋନ୍ନତି ପାଇ କିରକେଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ମେଡିକାଲ ଅଫିସର ଭାବେ ବଦଳି ହୋଇଥିବା ପ୍ରକାଶ କରିଛନ୍ତି।

### ବିମଳାଗଡ଼-ତାଳଚେର ରେଳପଥ କାର୍ଯ୍ୟ ତ୍ୱରାନ୍ୱିତ ଦାବି

## ୩୦ରେ ଆନ୍ଦୋଳନ ନିଷ୍ପତ୍ତି

ବଣାଇଁ,୨୮।୮(ସ୍ୱ.ପ୍ର.)

ପ୍ରସ୍ତାବିତ ବିମଳାଗଡ଼– ତାଳଚେର ରେଳପଥ ନିର୍ମାଣରେ ଅହେତୁକ ବିଳମ୍ବ ହୋଇଛି। ରାଜ୍ୟ ଏବଂ କେନ୍ଦ୍ର ସରକାରଙ୍କ ଟାଳଟୁଳ ନୀତିକୁ ଦାୟୀ କରି ସିପିଆଇଏମ୍ ପକ୍ଷରୁ ଅଗଷ୍ଟ ୩୦ ତାରିଖରେ ଗଣବିକ୍ଷୋଭ କରିବା ସହ ଆଇନ ଅମାନ୍ୟ ଆନ୍ଦୋଳନ କରାଯିବ ବୋଲି ଆୟୋଜିତ ଖବରଦାତା ସମ୍ମିଳନୀରେ ବଣାଇଁ ବିଧାୟକ ଲକ୍ଷ୍ମଣ ମୁଣ୍ଡା, ସିପିଆଇଏମ୍ ଜିଲା ସମ୍ପାଦକ ପ୍ରମୋଦ ସାମଲ ପ୍ରମୁଖ ସୂଚନା ଦେଇଛନ୍ତି। ଦୀର୍ଘ ବର୍ଷ ହେଲା ପ୍ରସ୍ତାବିତ ଏହି ପ୍ରକଳ୍ପରେ ବିମଳାଗଡଠାରୁ ତାଳଚେର ପର୍ଯ୍ୟନ୍ତ ପ୍ରାୟ ୧୪୯.୩ କିଲୋମିଟରର ରେଳପଥ ନିର୍ମାଣ ହେବାକୁ ଥିବା ବେଳେ ଏହି ରେଳପଥ ମଧ୍ୟରେ ପ୍ରାୟ ୧୬ଟି ଷ୍ଟେସନ ହେବାକୁ ଥିବା ଜଣାପଡିଛି। ପ୍ରସ୍ତାବିତ ଷ୍ଟେସନ ମଧ୍ୟରେ ବିମଳାଗଡ଼, ଗୋପନା, କଲେଇପୋଷ, କୁର୍ତ୍ତା, ମଝୁଲଡିହା, ଆମ୍ବଗାଁ, ବାରକୋଟ, କଲା, ଗୋଳାବନ୍ଧ, ପାଲକଲହଡା, ଶ୍ରୀରାମପୁର, ଖମାର, ପାରବିଲ, ସମଲ ଓ ତାଳଚେର ରହିଥିବା ସମ୍ମିଳନୀରେ ପ୍ରକାଶ କରାଯାଇଛି। ପ୍ରକଳ୍ପ ଯୋଗୁ କେବଳ ସରକାର ବା ବ୍ୟବସାୟୀଙ୍କ ଅର୍ଥନୈତିକ ସ୍ଥିତିରେ ଅଭିବୃଦ୍ଧି ଘଟିବ ତା' ନୁହେଁ ବରଂ ଯାତାୟାତ କ୍ଷେତ୍ରରେ ମଧ୍ୟ ଏକ ବୈପ୍ଳବିକ ପରିବର୍ତ୍ତନ ଆସିବ। ହେଲେ ସରକାରଙ୍କ ଅବହେଳା ଯୋଗୁ ପ୍ରକଳ୍ପ କାର୍ଯ୍ୟ ମନ୍ଥର ଗତିରେ ଚାଲିଛି। ଏହାର ପ୍ରତିବାଦ ସ୍ୱରୂପ ସିପିଆଇଏମ୍ ପକ୍ଷରୁ ବିଭିନ୍ନ ସମୟରେ ଦାବି ଉପସ୍ଥାପନ ସତ୍ତ୍ୱେ ସୁଫଳ ନ ମିଳିବାରୁ ଆସନ୍ତା ୩୦ ତାରିଖରେ ଗଣବିକ୍ଷୋଭ ଏବଂ ଆଇନ ଅମାନ୍ୟ ଆନ୍